# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୧୨+୮

୨୦୨୬ର ଶୁଭେଚ୍ଛା

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧/୨୦୨୬ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, January 1/2026 Page 20 | ₹ 7.00 | SAMBALPUR

୫୨ଶ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 39 | ମୂଲ୍ୟ ₹୭/-






KP GROUP Quality Since 1965
Safal
ନବ ବର୍ଷର
ହାର୍ଦ୍ଦିକ ଶୁଭକାମନା
KP GROUP Quality Since 1965
CELEBRATING 60 YEARS
Safal
TM
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health


ନୂଆବର୍ଷ ୨୦୨୬କୁ ସ୍ୱାଗତ କରିବା ଅବସରରେ ଅଷ୍ଟ୍ରେଲିଆର ସିଡ୍‌ନୀ ହାର୍ବର ବ୍ରିଜ୍ ନିକଟରେ ଆୟୋଜିତ ଆତସବାଜି ।

## ନିର୍ଦ୍ଦିଷ୍ଟ ବର୍ଗଙ୍କ ମହଙ୍ଗା ଭତ୍ତା ୫% ବଢ଼ିଲା

**ଭୁବନେଶ୍ୱର,୩୧।୧୨ (ରବିନାରାୟଣ ଜେନା)**

ନୂଆବର୍ଷ ଅବ୍ୟବହିତ ପୂର୍ବରୁ ରାଜ୍ୟର ବିଭିନ୍ନ ବର୍ଗର ସରକାରୀ କର୍ମଚାରୀଙ୍କୁ ସରକାର ମହଙ୍ଗା ଭତ୍ତା ଉପହାର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଅର୍ଥ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱବିଦ୍ୟାଳୟର ନିୟମିତ ଶିକ୍ଷକ/ଅଣଶିକ୍ଷକ, ନ୍ୟାୟିକ ଅଧିକାରୀ (ସବ୍‌ଅର୍ଡିନେଟ), ୱାର୍କଚାର୍ଜ କର୍ମଚାରୀ ଓ ଅନ୍ୟାନ୍ୟ ବର୍ଗଙ୍କ ପାଇଁ ୫ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଭାରତୀୟ ସଂସ୍କୃତିରେ ପରିବର୍ତ୍ତନ

# ଭାରତ-ପାକ୍ ସଂଘର୍ଷ ରୋକିବାରେ ଚାଇନାର 'ମଧ୍ୟସ୍ଥତା' ଦାବି

ଗତ ମେ' ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ସାମରିକ ସଂଘର୍ଷକୁ ରୋକିବାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟସ୍ଥତା କରିଥିବା ନେଇ ଇତିମଧ୍ୟରେ ପ୍ରାୟ ୬୫ ଥର ଦାବି କଲେଣି। ଏବେ ଅନୁରୂପ 'ମଧ୍ୟସ୍ଥତା' ଦାବି କରିଛି ଚାଇନା। ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ମଙ୍ଗଳବାର କହିଛନ୍ତି, ବେଜିଂର ମଧ୍ୟସ୍ଥତା ଯୋଗୁ ହିଁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ସମ୍ଭବ ହୋଇଛି। ଏହି ବୟାନକୁ ନେଇ ପୁଣିଥରେ ଭାରତରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରି ସ୍ପଷ୍ଟୀକରଣ ମାଗିଛି। ଗୋଟିଏ ପଟେ ଭାରତୀୟ ସେନା 'ଅପରେଶନ ସିନ୍ଦୂର' ମାଧ୍ୟମରେ ପାକିସ୍ତାନକୁ ଜବାବ ଦେଉଥିବାବେଳେ ଅନ୍ୟପଟେ ଚାଇନା ପାକିସ୍ତାନକୁ ସାମରିକ ସହାୟତା ଯୋଗାଉଥିଲା। ଏଭଳି ସ୍ଥିତିରେ ଚାଇନାର ମଧ୍ୟସ୍ଥତା ଦାବି ଭାରତର ସାର୍ବଭୌମତ୍ୱ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି କଂଗ୍ରେସ କହିଛି। ଭାରତ ସରକାରଙ୍କ ପକ୍ଷରୁ ଚାଇନା ମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ତେବେ ଯୁଦ୍ଧ ରୋକିବାରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ହୋଇନାହିଁ ବୋଲି ଭାରତ ସରକାର ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ କୁହାଯାଇଥିଲା।

**ନୂଆଦିଲ୍ଲୀ,୩୧।୧୨**

୨୦୨୫ରେ ଭାରତ-ପାକିସ୍ତାନ ମଧ୍ୟରେ ଅନେକ ସଂଘର୍ଷ ଅଟକାଇବା ପାଇଁ ଚାଇନା ମଧ୍ୟସ୍ଥତା କରିଥିବା ବେଜିଂ ପକ୍ଷରୁ ଦାବି କରାଯାଇଛି। ଗତ ମେ'ରେ ଦୁଇଦେଶ ମଧ୍ୟରେ ସଂଘର୍ଷ ବେଳେ ମଧ୍ୟ ଆମେ ମଧ୍ୟସ୍ଥତା କରିଥିଲୁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟସ୍ଥତା ଦାବିକୁ ଭାରତ ପକ୍ଷରୁ ଅସ୍ୱୀକାର କରାଯାଇଥିବାବେଳେ ୱାଙ୍ଗ୍ ୟିଙ୍କ ଏପରି ଦାବି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ଗତ ୫ ବର୍ଷରେ ପାକିସ୍ତାନ ଆମଦାନୀ କରିଥିବା ମୋଟ ସାମରିକ ହାର୍ଡୱେର୍‌ର ୮୧% ହେଉଛି ଚାଇନା ଦ୍ୱାରା ନିର୍ମିତ।

ବେଜିଂରେ 'ଅନ୍ତର୍ଜାତୀୟ ସ୍ଥିତି ଓ ଚାଇନାର ବହିର୍ବ୍ୟାପାର ସମ୍ପର୍କ' ସନ୍ଦର୍ଭରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇ ଚାଇନାର ବରିଷ୍ଠ କୂଟନୀତିଜ୍ଞ ୱାଙ୍ଗ୍ ୟି କହିଛନ୍ତି, ଚଳିତବର୍ଷ ସ୍ଥାନୀୟ ଯୁଦ୍ଧ ଓ ସୀମାପାର ସଂଘର୍ଷ ବହୁ ପରିମାଣରେ ବଢ଼ିଯାଇଛି। ଏପରି କି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠୁ ଏତେମାତ୍ରାରେ ଯୁଦ୍ଧ ଓ ସଂଘର୍ଷ କେବେ ଦେଖିବାକୁ ମିଳି ନ ଥିଲା। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଆମେ ☞ପୃଷ୍ଠା-୨










# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱ ଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଚଣ୍ଡୀ ଆହୂତି, ସ୍ଥାନ: ବାଲିଅନ୍ତା –ବେଣ୍ଣୁପୁରର କୁଶଗାଡିଆ ମଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୨୯ତମ ବାର୍ଷିକ ରୁଦ୍ର ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ରୁଦ୍ରାଭିଷେକ, ସ୍ଥାନ: ବାଲିଅନ୍ତା ବ୍ଲକ ବଇଡୁଆର ସିଦ୍ଧେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାକନକ, ସୃଜନାନୁଷ୍ଠାନ ପକ୍ଷରୁ 'ମା' ପରି କିଏ ହେବ' କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠ ଓ ମହୋତ୍ସବର ସପ୍ତମ ଦିବସ, ସ୍ଥାନ: ମା' ଦୁର୍ଗା ମନ୍ଦିର, ଚୌଧୁରୀ ବଜାର, ସମୟ: ଅପରାହ୍ନ ୪ଟା।
- ରାମକୃଷ୍ଣ ପରମହଂସ ଦେବଙ୍କ କଳ୍ପତରୁ ଉତ୍ସବ ଉପଲକ୍ଷେ ଆଧ୍ୟାତ୍ମିକ ସଭା, ସ୍ଥାନ: ରାମକୃଷ୍ଣ କୁଟୀର, ବଙ୍ଗାଳିସାହି, ସମୟ: ଅପରାହ୍ନ ୫ଟା ୩୦।
- ଅଷ୍ଟବିଂଶତମ ବାର୍ଷିକ ଅଖଣ୍ଡ ଭଜନ ମହୋତ୍ସବର ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ଶ୍ରୀଶ୍ରୀ ପତିତପାବନଜୀଉ ମନ୍ଦିର ସମ୍ମୁଖ, ଦୋଳମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ୩୧ତମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ନିମାପଡ଼ା ଚଅଁରପଦା ପତିତପାବନ ସେବା ସଂଘ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପତିରାଜପୁର ମେଳା କମିଟିର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ପତିରାଜପୁର ମେଳା ପଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ସବ ଉତ୍ତର ଓଡ଼ିଶା ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଭୋଗରାଇ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଥାନା ଛକ ହେଲିପ୍ୟାଡ ପଡ଼ିଆ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଶ୍ରୀଚୈତନ୍ୟ ଆଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ନିକଟ, ମୋଟେଲ ଛକ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆଗରପଡ଼ା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ରାତି ୮ ଟା।

## ମୟୂରଭଞ୍ଜ

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ମା' ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସାରସକଣା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତିଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ନୂତନ ଆଞ୍ଚଳିକ କେନ୍ଦ୍ର ଏବଂ ଦକ୍ଷତା କେନ୍ଦ୍ର ଶୁଭ ଉଦ୍‌ଘାଟନ, ସ୍ଥାନ:ରାଇରଙ୍ଗପୁର ପିସିଏମ କଲ୍ୟାଣ ମଣ୍ଡପ ପରିସର,ସମୟ:ପୂର୍ବାହ୍ନ ୧୦ଟା୪୫ ।

## ଗଞ୍ଜାମ

- ଗାଁ କଳା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା ବ୍ଲକ ଆଦିପୁର, ସମୟ: ସନ୍ଧ୍ୟା ୬ଟା।
- ଭଜନ ସମାରୋହ, ପ୍ରବଚନ, ସ୍ଥାନ: ବୁଗୁଡ଼ା ବ୍ଲକ କରଚୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ଇଂରାଜୀ ନବବର୍ଷ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଶିବ ମନ୍ଦିର ପାଖ କ୍ଲବ, ମଧୁବନ ପାରାଦୀପ, ସମୟ: ସକାଳ ୮ ଟା।

## କେନ୍ଦ୍ରାପଡ଼ା

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର, ରାଧାମାଳିପୁର, ରାଜନଗର, ସମୟ: ସକାଳ ୯ଟା ।
- ବିଶ୍ୱ ପ୍ରାର୍ଥନା ଦିବସ ପାଳନ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା ।
- ବାଦୀପାଲା ମହୋତ୍ସବ, ସ୍ଥାନ:ମା' ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଚ୍ଚାମୁଣ୍ଡାଇ, ସମୟ: ସକାଳ ୯ଟା ।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମଣିକୁଣ୍ଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ କୁସୁମା, ସମୟ : ପୂର୍ବାହ୍ନ ୧୧ଟା।
- ମଡର୍ଣ୍ଣ ରେକର୍ଡ ରୁମ ଓ କମ୍ପ୍ୟୁଟର ସେଲ ଉଦ୍‌ଘାଟନ, ସ୍ଥାନ : ବିଞ୍ଝାରପୁର ସବରେଜିଷ୍ଟ୍ରାର କାର୍ଯ୍ୟାଳୟ, ସମୟ : ମଧ୍ୟାହ୍ନ ୧୨ଟା।
- ଧର୍ମଶାଳା ମହୋତ୍ସବରେ ଜ୍ୟୋତିପ୍ରକାଶ ଓଝାଙ୍କ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡିଆ, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ:ଭାପୁର ବ୍ଲକ ସୁନାର ତଇଲା, ମାଳବେରଣୀ,କଇଁଫୁଲିଆ, ଭାପୁର ଜଗନ୍ନାଥ ମନ୍ଦିର, ସମୟ:ସକାଳ ୬ରୁ ସନ୍ଧ୍ୟା ୬ ଟା ।
- ଘୋଡଲାଗି ପର୍ବର ୩୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୩୬ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦ ।
- ରାମଚରିତ ମାନସର ସପ୍ତମ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ସତ୍ୟ, ଅହିଂସା, ଧର୍ମ ଓ ଉତ୍କର୍ଷତା ସମ୍ବଳିତ ସମାବେଶ, ସ୍ଥାନ:ଓଡଗାଁ ବ୍ଲକ ରୋହିବାଙ୍କ ଜୟମଙ୍ଗଳ ପ୍ରସାଦ ତପୋବନ, ସମୟ: ପୂର୍ବାହ୍ନ ୧୧ଟା ।
- ବାଲି ଚଲାଖିଆ ପର୍ବ, ସ୍ଥାନ: କଣ୍ଟିଲୋର ମହାନଦୀ ବାଲୁକା ଶଯ୍ୟା ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର

- କଳ୍ପତରୁ ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ ଗରୁଡଗୁଡ଼ାସ୍ଥିତ ରାମକୃଷ୍ଣ ମିଶନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପାଣି ପଞ୍ଚାୟତ ପକ୍ଷ ୨୦୨୬ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ସ୍ଥିତ ହାୱା ମଇଦାନ, ସମୟ : ସକାଳ ୭ଟା।
- ସମ୍ବଲପୁର ଲୋକ ମହୋତ୍ସବ–୨୦୨୬ ଆୟୋଜନ କମିଟିର ବୈଠକ, ସ୍ଥାନ: ଅଇଠାପାଲିସ୍ଥିତ ବୀର୍ସା ମଇଦାନ ସ୍ଥିତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ–୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜନ୍ମ ବାର୍ଷିକ ସମାରୋହ, ସ୍ଥାନ: ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଡ଼କ ସୁରକ୍ଷା ମାସ–୨୦୨୬ର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାଉରକେଲା

- ଜଗନ୍ନାଥ ମନ୍ଦିରରେ ବିଶେଷ ପୂଜା, ସ୍ଥାନ: ସେକ୍ଟର –୩ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୭ଟା।
- ସୁନ୍ଦରଗଡ଼ ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ଆର୍‌ଏମ୍‌ସି କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜେଏସ୍‌ପି ପକ୍ଷରୁ ନବବର୍ଷ ପାଳନ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦

## ସୁନ୍ଦରଗଡ଼

- ଦ୍ୱିଦିବସୀୟ ୭୯ତମ ସୁନ୍ଦରଗଡ ଜିଲା ପ୍ରତିଷ୍ଠା ଦିବସ ତଥା ସୁନ୍ଦରଗଡ ଦିବସ ସମାରୋହ ପାଇଁ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ଓ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ସମଲେଇ ମନ୍ଦିର, ସମୟ: ସକାଳ ୮ଟା।
- ସୁନ୍ଦରଗଡ ଜିଲା ପ୍ରତିଷ୍ଠା ଦିବସ ପାଇଁ ଆଲୋଚନା ଚକ୍ର, ସ୍ଥାନ: ବିକାଶ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସୁନ୍ଦରଗଡ ଜିଲା ପ୍ରତିଷ୍ଠା ଦିବସ ତଥା ସୁନ୍ଦରଗଡ ଦିବସ ସମାରୋହ ପାଇଁ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର, ସୁନ୍ଦରଗଡ଼, ସମୟ: ଅପରାହ୍ନ ୫ଟା ।

## ଦେବଗଡ଼

- ୩୩ତମ ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ଅପରାହ୍ନ ୪ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ୨୬ତମ ଆଞ୍ଚଳିକ ମହାନଦୀ ବାଲି ଉତ୍ସବରେ ଗଙ୍ଗା ଆଳତୀ, ସାମୂହିକ ହନୁମାନ ଚାଳିଶା ପାଠ ଓ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ହିକୁଡି ସ୍ଥିତ ସୋନପୁର ସରକାରୀ ଆଇଟିଆଇ ଖେଳ ପଡିଆ, ସମୟ: ସକାଳ ୬ଟା ୩୦।
- ସୁବର୍ଣ୍ଣପୁର ପଏଁରୀ ତିହାର–୨୦୨୬ ଶୁଭାରମ୍ଭ ପାଇଁ ମଶାଲ ଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ:ସକାଳ ୯ଟା।
- ସୁବର୍ଣ୍ଣପୁର ପଏଁରୀ ତିହାର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ:ସନ୍ଧ୍ୟା ୬ଟା।

## ନୂଆପଡ଼ା

- ମଦର ଟେରେସା ସେବା ସଂଗଠନ ପକ୍ଷରୁ ବଟବୃକ୍ଷ ଚାରା ରୋପଣ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ସକାଳ ୮ଟା ୩୦।

## ଝାରସୁଗୁଡ଼ା

- ଦୁଲଦୁଲି ପାଇଁ ପୂଜା କାର୍ଯ୍ୟକ୍ରମ, ସ୍ଥାନ:କନକ ଦୁର୍ଗା ମନ୍ଦିର, ସମୟ:ସକାଳ ୮ ଟା।
- ଜିଲା ଲୋକ ମହୋତ୍ସବ, ସ୍ଥାନ:ବିଟିଏମ୍ ପଡ଼ିଆ, ସମୟ:ସନ୍ଧ୍ୟା ୫ଟା।

# ନିର୍ମାଣ ହେବ ୧୦ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ

**ଭୁବନେଶ୍ୱର, ୩୧।୧୨(ସୁନିତ୍ ମିଶ୍ର)** ରାଜ୍ୟରେ ୧୦ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ହେବ। ପ୍ରାଥମିକ ଭାବେ ୪ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ସରକାର ଅନୁମୋଦନ କରିଛନ୍ତି। ଆଉ ୬ ଲକ୍ଷ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସମ୍ପର୍କରେ ନିଷ୍ପତ୍ତି ହୋଇଛି। ସେହିଭଳି ଧାନକିଣାରୁ ଉତ୍ପାଦିତ ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବା ବିଷୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଲୋଚନା କରିଛନ୍ତି। ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିଛନ୍ତି। ଲୋକସେବା ଭବନ ସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ସଞ୍ଜୟ ସିଂହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଜାରି ରହିଥିବା ଖରିଫ ଧାନକିଣା ଋତୁରେ ଏ ପର୍ଯ୍ୟନ୍ତ ୧୮ ଜିଲାର ପ୍ରାୟ ୨ ଲକ୍ଷ ୨୮ ହଜାର ଚାଷୀଙ୍କ ଠାରୁ ପ୍ରାୟ ୧୦ ଲକ୍ଷ ମେଟ୍ରିକ ଟନ ଧାନ କିଣାଯାଇଛି। ଏ ବାବଦକୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପାଖାପାଖି ୧୭୯୦ କୋଟି ଟଙ୍କା ଓ ଇନପୁଟ ସହାୟତା ବାବଦକୁ ୫୫୨ କୋଟି ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ଧାନ କିଣାକୁ ତ୍ୱରାନ୍ୱିତ କରିବା ସହ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଅନିୟମିତତାର ଅଭିଯୋଗ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକର ବହୁତ ଗୁରୁ**
**ଧଣ୍ଡ ସାପ ପ୍ରାୟ ଟେକଇ ମେରୁ।**

ନିମ୍ନସ୍ତରର ବ୍ୟକ୍ତି ହଠାତ୍ ଉଚ୍ଚ ପଦପଦବୀ ବା ଧନ ସମ୍ପଦର ଅଧିକାରୀ ହୋଇଗଲେ ଗର୍ବରେ ଫାଟିପଡ଼ିଥାନ୍ତି। ନିଜକୁ ଖୁବ ଉଚ୍ଚ ବୋଲି ଦେଖେଇ ହୋଇ କାହାକୁ ଖାତିର କରି ନ ଥାନ୍ତି। ଏପରି ହୀନ ଆଚରଣ ଦେଖାଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଗଡ଼ ମଗଡ଼ ଖାଏ ଯେ,**
**ଶଗଡ଼ ଭଳିଆ ହୁଏ ସେ ।**

ଯିଏ ମୋଟା ରୋଟା ଖାଦ୍ୟ ଖାଏ, ସେ ବହୁ ବଳୁଆ ହେବାର ଦେଖାଯାଏ। ଏପରି ଖାଦ୍ୟ ଖାଉଥିବା ବ୍ୟକ୍ତି ଶଗଡ଼ ଭଳି ବୋଝ ବୋହିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଭାରତ-ପାକ୍ ସଂଘର୍ଷ ...

ସେସବୁର ଲକ୍ଷଣ ଓ ମୂଳ କାରଣ ପର୍ଯ୍ୟନ୍ତ ଯାଇଥିଲୁ। ମ୍ୟାନ୍‌ମାର ଗୃହଯୁଦ୍ଧ, ଇରାନ୍‌ର ଆଣବିକ ପ୍ରସଙ୍ଗ ଓ ଭାରତ–ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଆମେ ମଧ୍ୟସ୍ଥତା କରିଥିଲୁ। ଏପରି କି ପାଲେଷ୍ଟାଇନ୍–ଇସ୍ରାଏଲ୍ ଏବଂ କାମ୍ବୋଡିଆ ଓ ଥାଇଲାଣ୍ଡ ସଂଘର୍ଷରେ ମଧ୍ୟ ଚାଇନା ମଧ୍ୟସ୍ଥତାକରି ଶାନ୍ତି ଉଦ୍ୟମ ଚଳାଇଥିବା ସେ ପ୍ରକାଶ କରିଛନ୍ତି। ଆମେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିଥିବାରୁ ଇତିହାସର କଷଟି ପଥରରେ ଚାଇନାର ସିଦ୍ଧାନ୍ତ ଓ ଅଧ୍ୟବସାୟ ଲିପିବଦ୍ଧ ହୋଇ ରହିବ।

ଗତ ଏପ୍ରିଲ ୨୨ରେ ଜମ୍ମୁ–କଶ୍ମୀରର ପହଲଗାମସ୍ଥିତ ବୈସରନ୍ ଉପତ୍ୟକାରେ ଇସ୍‌ଲାମିକ୍ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏକେ–୪୭ ଧାରୀମାନେ ଧର୍ମ ପଚାରି ହିନ୍ଦୁମାନଙ୍କୁ ଗୁଳି କରିଥିଲେ। ଏଥିରେ ୨୫ ହିନ୍ଦୁ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ଅପରେଟରଙ୍କ ମୃତ୍ୟୁ ଘଟିଥିଲା। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତୀୟ ନାଗରିକଙ୍କ ଉପରେ ହୋଇଥିବା ଏହି ସବୁଠୁ ଘାତକ ଆକ୍ରମଣ ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର–ଇ–ତୋଇବା (ଏଲ୍‌ଇଟି)ର ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ନିଜକୁ ଦାୟୀ କରିଥିଲା। ସେତେବେଳେ ପାକିସ୍ତାନ ଉପରେ ପ୍ରତିଶୋଧ ନେବା ପାଇଁ ଭାରତର ବିଭିନ୍ନ ମହଲରେ ଦାବି ଜୋର୍ ଧରିବା ସହ ସରକାରଙ୍କ ଉପରେ ଏକପ୍ରକାର ଚାପ ସୃଷ୍ଟି ହୋଇଥିଲା। ମେ' ୭ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ପାକିସ୍ତାନ ଏବଂ ପାକ୍–ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ସେମାନଙ୍କ ଭିତ୍ତିଭୂମି ଉପରେ ଜୋର୍‌ଦାର ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ କେତେଜଣ ଆତଙ୍କବାଦୀ ନିହତ ହୋଇଥିଲେ, ସେମାନଙ୍କ ସଂଖ୍ୟା ଏଯାଏ ସ୍ପଷ୍ଟ ହୋଇ ନାହିଁ। ଅନ୍ୟପକ୍ଷେ ପାକିସ୍ତାନ ମଧ୍ୟ ଏହାର ଜବାବ ଦେବାକୁ ଯାଇ ବହୁସଂଖ୍ୟକ ଡ୍ରୋନ୍ ବ୍ୟବହାର କରିଥିଲା। ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ସମ୍ଭାଳି ନ ପାରି ୮୭ ଘଣ୍ଟା ପରେ ପାକିସ୍ତାନର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ) ପକ୍ଷରୁ ଭାରତୀୟ ପ୍ରତିପକ୍ଷଙ୍କୁ ଆଲୋଚନା ପାଇଁ ଅନୁରୋଧ କରାଯାଇଥିଲା। ଭାରତ ଏଥିରେ ସହମତି ପ୍ରକାଶ କରିବା ପରେ ଉଭୟ ପକ୍ଷ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ମେ' ୧୦ ଅପରାହ୍ନ ୫ରେ ଅସ୍ତ୍ରବିରତି ଲାଗୁ ହୋଇଥିଲା। କିନ୍ତୁ ଏହା ପୂର୍ବରୁ ଅସ୍ତ୍ରବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଘୋଷଣା କରିଥିଲେ। ଟ୍ରମ୍ପ ଉଚ୍ଚ ଟାରିଫ୍ ଭୟ ଦେଖାଇ ଯୁଦ୍ଧ ବନ୍ଦ କରାଇଥିବା ନେଇ ସେବେଠୁ ଅଦ୍ୟାବଧି ୬୫ ଥର ଦାବି କଲେଣି, ଯାହାକୁ ଭାରତ ଖଣ୍ଡନ କରିଆସୁଛି। ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମେତ ଅନ୍ୟ ସମସ୍ତ ବିବାଦ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ନୂଆଦିଲ୍ଲୀ ଏଥିରେ କୌଣସି ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ କିମ୍ବା ମଧ୍ୟସ୍ଥତାକୁ ଅଗ୍ରାହ୍ୟ କରେ। ଭବିଷ୍ୟତରେ ମଧ୍ୟ ଯାହାକିଛି ସମାଧାନ ହେବ, ତାହା ଭାରତ ଓ ପାକିସ୍ତାନ ମଧ୍ୟରେ ଆପୋସ ଆଲୋଚନା ଜରିଆରେ ହିଁ ହେବ ବୋଲି ନୂଆଦିଲ୍ଲୀ ନିଜ ସ୍ପଷ୍ଟ ଆଭିମୁଖ୍ୟକୁ ବହୁବାର ଦୋହରାଇ ସାରିଛି। ଏ ସମ୍ପର୍କରେ ଚାଇନା ଭଲ ଭାବେ ଅବଗତ ଥିବା ସତ୍ତ୍ୱେ ଭାରତ–ପାକିସ୍ତାନ ସଂଘର୍ଷ ଅଟକାଇଥିବା ଦାବି କରିବା ଦେଖି ଅନେକେ ଆଶ୍ଚର୍ଯ୍ୟ ହୋଇଛନ୍ତି।

ଅପରେଶନ୍ ସିନ୍ଦୂର ବେଳେ ପାକିସ୍ତାନ ତା'ର ସବୁଦିନିଆ ବନ୍ଧୁ ପାକିସ୍ତାନକୁ ପିଏଲ୍–୧୫ ମିଶାଇଲଠାରୁ ନେଇ ଜେ–୧୦ ଏୟାରକ୍ରାଫ୍ଟ ପର୍ଯ୍ୟନ୍ତ ସାମରିକ ଅସ୍ତ୍ର ଯୋଗାଇଥିଲା। ଏପରି କି ଭାରତକୁ କେଉଁ ପଟୁ କେମିତି ଆକ୍ରମଣ କଲେ ଅଧିକ ଧନଜୀବନ ନଷ୍ଟ ଓ କ୍ଷୟକ୍ଷତି ହୋଇପାରିବ, ତାହା ମଧ୍ୟ ପାକିସ୍ତାନକୁ ସେହି ସମୟରେ ଚାଇନାଠାରୁ ରଣନୈତିକ ମାର୍ଗଦର୍ଶନ କରାଯାଇଥିଲା। ଜୁଲାଇରେ ଭାରତର ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (କାପାବିଲିଟି ଡେଭେଲପ୍‌ମେଣ୍ଟ ଆଣ୍ଡ ସଷ୍ଟେନ୍ସ) ରାହୁଲ ଆର୍. ସିଂ ଗୋଇନ୍ଦା ତଥ୍ୟ ଆଧାରରେ ଏହି ବିଷୟ ପ୍ରଘଟ କରିଥିଲେ। ଅଗଷ୍ଟରେ ୱାଙ୍ଗ୍ ୟି ଭାରତ ଗସ୍ତରେ ଆସି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଓ ବହିର୍ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କରଙ୍କୁ ଭେଟିଥିଲେ। ଅଗଷ୍ଟ ଶେଷ ଆଡ଼କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମିଟ୍‌ରେ ଯୋଗଦେବା ପାଇଁ ଚାଇନାର ତିଆଞ୍ଜିନ୍ ସହରକୁ ଯାଇଥିଲେ। ଏହି ପରିପ୍ରେକ୍ଷୀରେ ଭାରତ–ଚାଇନା ସମ୍ପର୍କରେ ସୁଧାର ଆସୁଥିବାବେଳେ ୱାଙ୍ଗ୍ ୟି କାହିଁକି ଏପରି ଦାବି କରି ନୂଆଦିଲ୍ଲୀକୁ ଅକଳରେ ପକାଇବାକୁ ଚେଷ୍ଟା କରିଛନ୍ତି ତାହା ଅନେକଙ୍କ ପାଇଁ ଅବୁଝା।

ୱାଙ୍ଗ୍ ୟିଙ୍କ ମନ୍ତବ୍ୟ ଉପରେ ଭାରତ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବାବେଳେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାକୁ ପଛାଇନାହିଁ। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ X ରେ ପୋଷ୍ଟ କରି କହିଛନ୍ତି, ୱାଙ୍ଗ୍ ୟିଙ୍କ ମନ୍ତବ୍ୟ ଚିନ୍ତାଜନକ। ଏହି ପ୍ରସଙ୍ଗରେ ଭାରତୀୟମାନେ ସ୍ପଷ୍ଟତା ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ନୀରବତା ଭଙ୍ଗ କରି ମୁହଁ ଖୋଲନ୍ତୁ। ମୋଦିଙ୍କ ତଥାକଥିତ ଭଲ ବନ୍ଧୁ ଟ୍ରମ୍ପ ଭାରତ–ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରି ଯୁଦ୍ଧ ଅଟକାଇଥିବା ବିଷୟ ୭ ଦେଶରେ ୬୫ ଥର କହିଲେଣି। ଜୁଲାଇ ୪ରେ ଭାରତୀୟ ସେନାର ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ଆର୍. ଅପରେଶନ୍ ସିନ୍ଦୂର ବେଳେ ଭାରତ କିପରି ଚାଇନାକୁ ସାମ୍ନା କରିଥିଲା ତାହା କହିଥିଲେ। ତେଣୁ ଚାଇନା ବହିର୍ବ୍ୟାପାର ମନ୍ତ୍ରୀଙ୍କ ଦାବିକୁ ପ୍ରଧାନମନ୍ତ୍ରୀ ମୋଦି ଖଣ୍ଡନ କରନ୍ତୁ ବୋଲି ଜୟରାମ ଦାବି କରିଛନ୍ତି। ଇତିମଧ୍ୟରେ ୨୦୨୬ରେ ଭାରତ–ପାକିସ୍ତାନ ମଧ୍ୟରେ ପୁନର୍ବାର ଯୁଦ୍ଧ ହୋଇପାରେ ବୋଲି ଆମେରିକା ପକ୍ଷରୁ ଦାବି କରାଯାଇଛି। ସମାନ ସମୟରେ ଚାଇନା ପଟୁ ଆସିଥିବା ଏହି ଦାବି ଉପରେ ଭାରତର ପ୍ରତିକ୍ରିୟାକୁ ଅନେକେ ଅପେକ୍ଷା କରିଛନ୍ତି। କାରଣ ୱାଙ୍ଗ୍ ୟି ହେଉଛନ୍ତି ସେହି ବ୍ୟକ୍ତି, ଯିଏକି ଅପରେଶନ୍ ସିନ୍ଦୂର ବେଳେ ମେ' ୯ ତାରିଖ ରାତିରେ ପାକିସ୍ତାନକୁ ଭାରତ ବିରୋଧରେ ଉସୁକାଇଥିଲେ। ଚାଇନାର ସବୁଦିନିଆ ରଣନୈତିକ ସହଯୋଗୀ ପାକିସ୍ତାନକୁ ସମର୍ଥନ ଜାରି ରଖିବା ନେଇ ବେଜିଂର ଆଭିମୁଖ୍ୟକୁ ସେ ସେତେବେଳେ ଦୋହରାଇଥିଲେ।

## ନିର୍ଦ୍ଦିଷ୍ଟ ବର୍ଗଙ୍କ ...

ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ୨୦୨୫ ଅକ୍ଟୋବର ୫ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ବର୍ଗଙ୍କ ଦରମା ସଂଶୋଧିତ ହାରରେ ମିଳିବ। ଏହି ବର୍ଗର କର୍ମଚାରୀମାନେ ମହଙ୍ଗାଭତ୍ତା ୨୫୨% ପାଉଥିବାବେଳେ ବଢ଼ା ମହଙ୍ଗା ଭତ୍ତା ପିଛିଲା ଭାବେ ଜୁଲାଇ ୨୦୨୫ରୁ ୨୫୭% ପାଇବେ। ଅର୍ଥ ବିଭାଗ ପ୍ରମୁଖ ସଚିବ ଦର୍ଶାଇଛନ୍ତି, ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ, ଯେଉଁମାନେ ନିୟମିତ ହୋଇଛନ୍ତି ଏବଂ ଓଆର୍‌ଏସ୍‌ପି ନିୟମ–୨୦୦୮ ଅନୁଯାୟୀ ଦରମା ପାଉଛନ୍ତି, ସେମାନେ ଏହି ମହଙ୍ଗା ଭତ୍ତା ପିଛିଲା ଭାବେ ପାଇବାକୁ ଯୋଗ୍ୟ। ସେହିପରି ନ୍ୟାୟିକ ଅଧିକାରୀ(ସବ୍‌ଅର୍ଡିନେଟ)ମାନଙ୍କ ସହିତ ୱାର୍କଚାର୍ଜ କର୍ମଚାରୀ ଏବଂ ଅନ୍ୟାନ୍ୟ ବର୍ଗର କର୍ମଚାରୀ, ଯେଉଁମାନେ ଏହିସବୁ ସର୍ତ୍ତ ପୂରଣ କରୁଥିବେ ସେମାନେ ମଧ୍ୟ ଏହି ୫ପ୍ରତିଶତ ବଢ଼ା ମହଙ୍ଗା ଭତ୍ତା ପାଇବାକୁ ଯୋଗ୍ୟ ହେବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ନୂଆ ବର୍ଷରେ ଭାଗ୍ୟସ୍ଥାନରେ ରାଜଯୋଗ। କର୍ମକ୍ଷେତ୍ରରେ ଆଦରଣୀୟ ହେବେ। ଉଚ୍ଚାରୋହୀ ମଙ୍ଗଳ ଯୋଗୁ ଦେହ ଭଲ ରହିବ। ଧନସ୍ଥାନରେ ଚନ୍ଦ୍ର ସୁସ୍ୱାଦୁ ଭୋଜନ ପରଷିବେ। ପାରିବାରିକ ଶାନ୍ତି ସାଙ୍ଗକୁ ବନ୍ଧୁମିଳନର ସୁଯୋଗ ଜୁଟିବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ପଡ଼ୋଶୀଙ୍କ କୁସ୍ୱାରଟନା,ଦର୍ଶନୀୟସ୍ଥାନକୁ ଯାତ୍ରା କରିବେ।

**ବୃଷ** – ରାଶିରେ ଉଚ୍ଚସ୍ଥ ଚନ୍ଦ୍ର ଯୋଗୁ ମନ ପ୍ରଫୁଲ୍ଲ ରହିବ। ଦର୍ଶନୀୟସ୍ଥାନ ଭ୍ରମଣ, ମନୋରଞ୍ଜନ କାର୍ଯ୍ୟକ୍ରମ, ସୁସ୍ୱାଦୁ ଭୋଜନରେ ଆପ୍ୟାୟିତହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ମିଳିବ। ଭ୍ରାତୃସମ୍ପର୍କରେ ଉନ୍ନତି, ବନ୍ଧୁମିଳନରୁ ଉତ୍ସାହ, ବ୍ୟବସାୟରେ ଅର୍ଥଲାଭଘଟିବ। କର୍ମକ୍ଷେତ୍ରରେ ମତାନ୍ତର, କ୍ରନିକ୍‌ରୋଗରେ ପୀଡା, କିଣାବିକାରେ ଠକାମିରେ ପଡିପାରନ୍ତି।

**ମିଥୁନ** – ବୃହସ୍ପତି ନୂତନ ଦିଗ୍‌ଦର୍ଶନ ଦେବେ। ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବନ୍ଧୁଙ୍କ ଆଦର ଅଭ୍ୟର୍ଥନା, ପାରିବାରିକ ସହମତିରୁ ଖୁସି ରହିବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ମିଳିବ, ପରିବହନରେ ଉନ୍ନତି କରିବେ, କରଜଦାତାଙ୍କ ଚାପ ବଢ଼ିବ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନସ୍ତାପ କରିପାରନ୍ତି।

**କର୍କଟ** – ଆଜି ଲାଭସ୍ଥାନରେ ଚନ୍ଦ୍ର ଯୋଗୁ ମନ ଯେମିତି, କାମ ସେମିତି ହେବ । ହାତ ଖାଲି ରହିବନି। ଖୋଜୁଥିବା ଜିନିଷ ପାଖକୁ ଆସିବ। ପ୍ରତୀକ୍ଷାର ଅନ୍ତ ଘଟିବ। ଦୀର୍ଘଦିନର ଆଶା ପୂରଣ ହେବ। ବନ୍ଧୁଟି ଦେଖେଇ ଶିଖେଇ କଟୁକଥା କହିପାରେ। ସ୍ୱାସ୍ଥ୍ୟହାନି, ପାରିବାରିକ ଅସ୍ଥିରତା, ସମ୍ପର୍କୀୟଙ୍କ ଅସହଯୋଗରୁ ଅଶାନ୍ତି ରହିପାରନ୍ତି।

**ସିଂହ** – ଆଜି ଚନ୍ଦ୍ରଙ୍କ ଚତୁର୍ଥରେ କେତୁ ଯୋଗୁ ମନ ଭଲ ରହିବନାହିଁ। ଆଶା ଅନୁସାରେ ଫଳ ମିଳିବନି। ପରିବାରରେ ସାଧାରଣ କଥାରେ କଳହ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ପ୍ରଶଂସା, ପୂର୍ବବିବାଦର ସମାଧାନ, ସାହିତ୍ୟକୃତିରୁ ସମ୍ବର୍ଦ୍ଧନା ମିଳିବ। ଭ୍ରମଣ, ନୂଆ ଯୋଜନାର ପରିକଳ୍ପନା, ଋଣ ପରିଶୋଧର ଆଲୋଚନା କରିପାରନ୍ତି।

**କନ୍ୟା** – ଆଜି ଖର୍ଚ୍ଚ ବଢ଼ିବ। ସହକର୍ମୀଙ୍କ ସହଯୋଗ ଓ ପାରିବାରିକ ସହାନୁଭୂତିରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବିବାଦୀୟ ପରିସ୍ଥିତିକୁ ସୁଧାରିବେ। ବ୍ୟବସାୟ ଭଲ ହେବ। ବିଜାତୀୟ ବ୍ୟକ୍ତିଙ୍କ ସହ କଳହର ଆଶଙ୍କା ରହିଛି। ଦେହକୁ ଜଗିରଖି ଚଳିବା ଭଲ। ବନ୍ଧୁଙ୍କୁ ଭରସା କରି ପସ୍ତେଇବେ।

**ତୁଳା** – ପଦସ୍ଥ ବ୍ୟକ୍ତିଙ୍କ ପରାମର୍ଶ, ନୂଆ ଯୋଜନାର ଖସଡା, ଆନୁଷ୍ଠାନିକ କର୍ମାରମ୍ଭରୁ ଖୁସି ରହିବେ। ଅଷ୍ଟମଚନ୍ଦ୍ର ଯୋଗୁ ମନ ସ୍ଥିର ରହିବନି କିନ୍ତୁ ରୋଜଗାର ଭଲ ହେବ। ପରିବାରରେ ମତପାର୍ଥକ୍ୟ, ଯାତ୍ରା ସମୟରେ ସମସ୍ୟା, ପିଲାଙ୍କ ଅଳିରୁ ଭାବାନ୍ତର ସୃଷ୍ଟିହେବ। ଭ୍ରାତୃ ବିବାଦ ଦେଖାଦେଇ ପାରେ। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବିଛା** – ଆପଣଙ୍କ ରାଶି ପାଇଁ ଭାଗ୍ୟାଧିପ ଉଚ୍ଚରେ। ଯାହା ଚାହୁଁଛନ୍ତି ତାହା ପାଇବେ। ନୂଆ କାମ ପାଇଁ ପରିବାରରେ ଆଲୋଚନା କରିପାରନ୍ତି। ଋଣ ପରିଶୋଧ ଚିନ୍ତା ବଢ଼ିବ। ସମ୍ପର୍କ ରଖୁ ନ ଥିବା ଆତ୍ମୀୟଙ୍କ ଉପରେ ଦୁଃଖ କରିବେ। ବ୍ୟବସାୟ ମନ୍ଦ ହେବନି, ଦୈହିକ ସୁସ୍ଥତା ରହିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୂତ ହେବେ।

**ଧନୁ** – ଆଜି ବିପରୀତ ରାଜଯୋଗ। ସମସ୍ୟା ସମାଧାନ କରିବେ। ଚନ୍ଦ୍ରଙ୍କ ପ୍ରତି ଶନି ଦୃଷ୍ଟିରୁ ନିରୁତ୍ସାହିତ ହେବେ। ଥଣ୍ଡା, କାଶ ଦେଖାଦେବ। ସମ୍ପର୍କୀୟଙ୍କ ସଦ୍‌ଭାବରୁ କାର୍ଯ୍ୟସିଦ୍ଧି। ପରିବାରରେ ଉତ୍ତମ ବୁଝାମଣା। ସାମାଜିକ ସମ୍ମାନ ପାଇବେ। ମୂଲ୍ୟବାନ୍ ଜିନିଷ କିଣିପାରନ୍ତି। ନୂଆ ବନ୍ଧୁ ଘରକୁ ଆସିପାରନ୍ତି। ଭ୍ରାତୃ ସମ୍ପର୍କରେ ଅବନତି। ଦୂରଯାତ୍ରା କରିବେ।

**ମକର** – ବନ୍ଧୁଙ୍କ ସାହାଯ୍ୟ ମିଳିବ। ନୂଆ ଭାବନାକୁ ରୂପାୟିତ କରିବେ। ଆର୍ଥିକ ପରିସ୍ଥିତିକୁ ସୁଧାରି ନେବେ। ସ୍ଥାନ ପରିବର୍ତ୍ତନରୁ ଦୁଶ୍ଚିନ୍ତା ବଢ଼ିବ। ଆଲୋଚନା ପରିସରରେ ବିତର୍କ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟିର ଆଶଙ୍କା ରହିଛି।

**କୁମ୍ଭ** – ଧନସ୍ଥାନରେ ଶନି ଯୋଗୁ ଅର୍ଥସଙ୍କଟ ଦେଖାଦେବ। ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ। ସ୍ଥଗିତ କର୍ମାରମ୍ଭ କରିପାରନ୍ତି। ଦର୍ଶନୀୟସ୍ଥାନ ଭ୍ରମଣର ସୁଯୋଗ ଜୁଟିବ। ଋଣଭାର ବୃଦ୍ଧିରୁ ମାନସିକ ଅସ୍ଥିରତା । ପରୋକ୍ଷ ଶତ୍ରୁତାରୁ ମନସ୍ତାପ। ବନ୍ଧୁମିଳନରେ ମଜାମଉଜର ସୁଯୋଗ ପାଇପାରନ୍ତି।

**ମୀନ** – ନୂଆ କାମ ଆରମ୍ଭ କରିପାରନ୍ତି। ମାନସିକ ଅସ୍ଥିରତା ଦୂରେଇଯିବ। ଆରୋଗ୍ୟରୁ ଆଶ୍ୱସ୍ତି ଅନୁଭବ କରିବେ। ଚେଷ୍ଟା କରୁଥିବା କାମରେ ଅଗ୍ରଗତି ଘଟିବ। ପାରିବାରିକ ସମର୍ଥନରୁ ଉପକୃତ ହେବେ। ପଡ଼ୋଶୀ କୁସ୍ୱାରଟନା କରିପାରନ୍ତି। ମନୋରଞ୍ଜନରୁ ଦୂରେଇ ରହିବେ। ସନ୍ତାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ଓ ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ।

ଆଜି ଇଂଲିଶ ନବବର୍ଷ–୨୦୨୬ ମସିହାର ପ୍ରଥମ ଦିବସ, ପୌଷ ଶୁକ୍ଳ ତ୍ରୟୋଦଶୀ ଗୁରୁବାର। ରାଶିନକ୍ଷତ୍ର–ରୋହିଣୀ/ବୃଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬.୨୫ ଗତେ ଘ.୦୭.୫୧ ମଧ୍ୟେ ରାହୁ କାଳ।

## ସ୍ୱପ୍ନର ଓଡ଼ିଶା ସାକାର କରିବାକୁ ଉଦ୍ୟମ କରିବି



ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ ଲାଗି ସଂକଳ୍ପ ନିଆଯାଇଛି। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସବୁମତେ ଉଦ୍ୟମ ଜାରି ରଖିବି। ରାଜ୍ୟର ବିକାଶରେ ମହିଳାମାନେ କିଭଳି ସହଭାଗୀ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବି। ଏହାସହିତ ଯୁବବର୍ଗ ଏବଂ ସବୁବର୍ଗଙ୍କ ବିକାଶକୁ ନେଇ କାର୍ଯ୍ୟ କରାଯିବ। ମୋର ପ୍ରଥମ କର୍ତ୍ତବ୍ୟ ହେବ ସ୍ୱପ୍ନର ଓଡ଼ିଶା ଗଠନ। ଏଥିପାଇଁ ଅନେକ ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ତେବେ ସମସ୍ତେ ମିଳିମିଶି ରାଜ୍ୟର ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କାର୍ଯ୍ୟକଲେ ତାହା ନିଶ୍ଚିତ ସାକାର ହୋଇପାରିବ।

-ଅନୁ ଗର୍ଗ, ନବନିଯୁକ୍ତ ମୁଖ୍ୟ ଶାସନ ସଚିବ

## ମାଓବାଦୀମୁକ୍ତ ଓଡ଼ିଶା ଲକ୍ଷ୍ୟ



ଆମର ପ୍ରଥମ ଲକ୍ଷ୍ୟ ରହିବ ମାଓବାଦୀଙ୍କୁ ଓଡ଼ିଶାରୁ ଶେଷ କରିବା। ସେଥିପାଇଁ ଆମକୁ କାର୍ଯ୍ୟ କରିବାକୁ ପଡୁଛି । ଆମେ ମାଓବାଦୀଙ୍କୁ କହୁଛୁ, ସେମାନେ ୨୦୨୬ରେ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ନଚେତ୍ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ। ଆହୁରି ମଧ ସାଇବର ଠକେଇ ରୋକିବା ଉପରେ ଗୁରୁତ୍ୱ ଦିଆଯାଉଛି। ଯେଉଁମାନେ କିଛି ଅଘଟଣ କରିବାକୁ ଯୋଜନା କରୁଛନ୍ତି, ସେମାନେ ସାବଧାନ ହୋଇଯାଆନ୍ତୁ। ଜାଣିନିଅନ୍ତୁ ଯେ, ପୋଲିସ ସେମାନଙ୍କ ଉପରେ ନଜର ରଖିଛନ୍ତି।

-ୱାଇ. ବି. ଖୁରାନିଆ, ପୋଲିସ ମହାନିର୍ଦ୍ଦେଶକ(ଡିଜିପି), ଓଡ଼ିଶା

## ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଗଠନକୁ ଅଧିକ ଗୁରୁତ୍ୱ



ଇଂଲିଶ୍ ନବବର୍ଷ-୨୦୨୬ରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନକୁ ଅଧିକ ଗୁରୁତ୍ୱ ଦିଆଯିବ। ବିଦ୍ୟାର ପ୍ରକୃତ ଉପଯୋଗିତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଗତଦିନରେ ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଚଳିତବର୍ଷ ୧୫ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ରହିଛି। ଏହାସହିତ ପାଠ୍ୟଖସଡ଼ାରେ ଯେଭଳି ରାଜ୍ୟ ତଥା ଦେଶର ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ରହିପାରିବ, ତାହା ଉପରେ ମଧ ତର୍ଜମା କରାଯିବ। ବିଶେଷକରି ଜନସାଧାରଣଙ୍କ ଶୃଙ୍ଖଳିତ ମାଟ୍ରିକ୍ ପରୀକ୍ଷା ପ୍ରତି ଆଗ୍ରହ ରହୁଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସ୍ୱଚ୍ଛତା ଉପାୟ ଅବଲମ୍ବନ କରାଯିବ। ରାଜ୍ୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ନବବର୍ଷର ଶୁଭେଚ୍ଛା।

- ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

## ସାଇବର ଠକେଇ ନିୟନ୍ତ୍ରଣ ଉପରେ ଫୋକସ୍ ରହିବ



୨୦୨୬ ପୋଲିସ ପାଇଁ ଚ୍ୟାଲେଞ୍ଜ ହେବ। ମହିଳା ସୁରକ୍ଷା ଓ ସାଇବର ଠକେଇ ନିୟନ୍ତ୍ରଣ ଉପରେ ଫୋକସ ରହିବ। ଯେଉଁମାନେ ଆଇନକୁ ହାତକୁ ନେଇ ବିଶୃଙ୍ଖଳା ଓ ଆପରାଧିକ କାର୍ଯ୍ୟ କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିଶା ମାଫିଆଙ୍କୁ ସାବାଡ଼ କରାଯିବ। ତେବେ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ। ବିଶେଷକରି ଅଭିଯୋଗକାରୀଙ୍କୁ କିପରି ତ୍ୱରିତ ନ୍ୟାୟ ମିଳିପାରିବ, ସେଦିଗରେ କାର୍ଯ୍ୟ କରିବାକୁ ୨୦୨୬ରୁ ନୂଆ କିଛି ଯୋଜନା ହେବ।

-ସୁରେଶ ଦେବଦତ୍ତ ସିଂ, କଟକ-ଭୁବନେଶ୍ୱର ପୋଲିସ କମିଶନର

## ଶିଶୁଙ୍କୁ ମୋବାଇଲର କୁପ୍ରଭାବ ଉପରେ ସଚେତନ କରାଯିବ



ନୂଆବର୍ଷରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଶିଶୁମାନଙ୍କୁ ମୋବାଇଲ କିମ୍ବା ଅନ୍‌ଲାଇନ ମାଧମରେ ଘଟୁଥିବା କୁପ୍ରଭାବଗୁଡ଼ିକ ଉପରେ ସଚେତନ କରାଯିବ। ବିଶେଷକରି ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଷଷ୍ଠ ଶ୍ରେଣୀଠାରୁ ଯୁକ୍ତ ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମୋବାଇଲ ଏବଂ ଅନ୍‌ଲାଇନ ଗେମ୍‌ର କୁପ୍ରଭାବ ସମ୍ପର୍କରେ ଶିକ୍ଷା ଦିଆଯିବ; ଯଦ୍ୱାରା ପିଲାମାନେ ଅନୈତିକ କାର୍ଯ୍ୟ, ଠକେଇର ଶିକାର ଏବଂ ଅପରାଧଜନିତ ଘଟଣାଠାରୁ ଦୂରେଇ ପାରିବେ। ଏଥିସହ ଶିଶୁ ଶ୍ରମିକମୁକ୍ତ କରିବା ପାଇଁ ଜିଲାସ୍ତରୀୟ କର୍ମଶାଳା କରିବାକୁ ଯୋଜନା ରହିଛି। ସରକାରଙ୍କ ସହିତ ଆଲୋଚନା କରି ମେଣ୍ଟାଲ ହେଲ୍‌ଥକୁ ନେଇ ଶିଶୁମାନଙ୍କୁ ମଧ ସଚେତନ କରାଯିବାକୁ ଲକ୍ଷ୍ୟ ରହିଛି। ଏଭଳି ୩ଟି କାର୍ଯ୍ୟକୁ ଆୟୋଗ ଗୁରୁତ୍ୱ ଭାବେ ନେଇ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ରଖିଛି।

- ବବିତା ପାତ୍ର, ଅଧକ୍ଷା, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

## ସଂଘର୍ଷର ବର୍ଷ ହେବ: କାଡାମ



ଇଂଲିଶ୍ ନବବର୍ଷ-୨୦୨୬ କଂଗ୍ରେସ ପାଇଁ ସଂଘର୍ଷର ବର୍ଷ ହେବ। କଂଗ୍ରେସ ସବୁବେଳେ ମହିଳା, ଆଦିବାସୀ ଓ ଅବହେଳିତଙ୍କ ସ୍ୱର ହୋଇ ରହିଛି। ରାଜ୍ୟରେ ଯେପରି ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି, ତାକୁ ନେଇ କଂଗ୍ରେସ ପକ୍ଷରୁ ବ୍ୟାପକ ରଣନୀତି ପ୍ରସ୍ତୁତ ହୋଇଛି। ନୂଆବର୍ଷରେ ନାରୀଙ୍କୁ ନ୍ୟାୟ ଏବଂ ଆଦିବାସୀ ବର୍ଗଙ୍କ ପାଇଁ ପେସା' ଆଇନ ଲାଗୁ କରିବା ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ତାଙ୍କ ହକ୍ ଦେବା ପାଇଁ କଂଗ୍ରେସ ସଂଘର୍ଷ ଜାରି ରଖିବ। ଏଥିପାଇଁ ବିଭିନ୍ନ ସମୟରେ ପର୍ଯ୍ୟାୟକ୍ରମେ ଭିନ୍ନ ଧରଣର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କାଡାମ କହିଛନ୍ତି।

-ରାମଚନ୍ଦ୍ର କାଡାମ, କଂଗ୍ରେସ ବିଧାୟକ ଦଳ ନେତା

## ପ୍ରଦୂଷଣକୁ ରୋକିବା ବଡ଼ ଚାଲେଞ୍ଜ ହେବ



୨୦୨୬ରେ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ବିଏମ୍‌ସି ପକ୍ଷରୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ସହରରେ ପ୍ରଦୂଷଣ ରୋକିବା ଏବଂ ପରିମଳ ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ପାଇଁ ଚେଷ୍ଟା କରାଯିବ। ବିଏମ୍‌ସି ସୈନିକ ସ୍କୁଲ ନିକଟସ୍ଥ ଟିଟିଏସ୍‌କୁ ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛି। ତାକୁ ସେଠାରୁ ହଟାଇବା ସହିତ ବାୟମାଇନିଂ କରି ସେ ଜାଗାକୁ ଉଦ୍ଧାର କରାଯିବ। ବିଏମ୍‌ସି ଲୋକଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଚେଷ୍ଟା କରିବ। ବିଏମ୍‌ସି ପକ୍ଷରୁ ରାଜସ୍ୱ ବଢ଼ାଇବା ପାଇଁ ଚେଷ୍ଟା କରାଯାଉଛି। ଏଥିପାଇଁ ଅନେକ ପଦକ୍ଷେପ ମଧ ଗ୍ରହଣ କରାଯାଉଛି। ନୂଆବର୍ଷରେ ଦୟା ନଦୀ ଓ ଗଙ୍ଗୁଆ ନଦୀର ପୁନଃ ଉଦ୍ଧାର ପାଇଁ ସରକାରଙ୍କ ନିକଟରେ ନିବେଦନ କରାଯିବ।

- ସୁଲୋଚନା ଦାସ, ମେୟର, ଭୁବନେଶ୍ୱର

## ପ୍ରତ୍ୟେକ ବ୍ଲକରେ ସାଇବର ସଚେତନତା କାର୍ଯ୍ୟକ୍ରମ କରାଯିବ



ରାଜ୍ୟରେ ମହିଳାଙ୍କ ସୁରକ୍ଷାକୁ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ମହିଳାମାନେ ଯେପରି ସୁରକ୍ଷିତ ଜୀବନଯାପନ କରିପାରିବେ, ସେ ନେଇ ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଧାନ ଦିଆଯାଉଛି। ଏହି କାର୍ଯ୍ୟକ୍ରମକୁ ୨୦୨୬ରେ ତ୍ୱରାନ୍ୱିତ କରାଯିବ। ପ୍ରତ୍ୟେକ ମହିଳା ଲିଙ୍ଗଭିତ୍ତିକ ଓ ଅନ୍ୟାନ୍ୟ ମହିଳା ବିରୋଧୀ ହିଂସା ସମ୍ପର୍କରେ ସ୍ୱର ଉତ୍ତୋଳନ କରିବା ସହ ମହିଳା ଆୟୋଗ ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରନ୍ତୁ । ପ୍ରତିଦିନ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଆୟୋଗ ତରଫରୁ ବ୍ଲକ ଓ ଜିଲାସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମରେ ସାଇବର ଅପରାଧ ନିରାକାରଣ ସଚେତନତା କାର୍ଯ୍ୟକ୍ରମ କରାଯିବ। ଆୟୋଗକୁ ଆସୁଥିବା ମାମଲାଗୁଡିକର ତୁରନ୍ତ ସମାଧାନ କରିବାକୁ ଯୋଜନା କରାଯାଉଛି। ଏଥିସହ ସମାଧାନକୁ ତ୍ୱରିତ କରିବା ପାଇଁ ମହିଳାଙ୍କ ଅଭିଯୋଗ ଶୁଣାଣି ସହ ପ୍ରତ୍ୟେକ ଜିଲାରେ ଶିବିର ଅଦାଲତ କରାଯିବ।

-ଶୋଭନା ମହାନ୍ତି, ଅଧକ୍ଷା, ରାଜ୍ୟ ମହିଳା ଆୟୋଗ

## ତ୍ୱରିତ ନ୍ୟାୟ ମୂଳ ଲକ୍ଷ୍ୟ



ରାଜ୍ୟବାସୀଙ୍କୁ କିଭଳି ତ୍ୱରିତ ନ୍ୟାୟ ମିଳିପାରିବ, ତାହା ଆମର ମୂଳ ଲକ୍ଷ୍ୟ ରହିବ। ଆଇନ ଉପରେ ଜନସାଧାରଣଙ୍କ ଭରସା ବଜାୟ ରଖିବାକୁ ଉଦ୍ଦେଶ୍ୟ ନେଇ କାମ କରାଯିବ। ଏବର୍ଷ ମଧ କ୍ରାଇମବ୍ରାଞ୍ଚକୁ ସବୁବର୍ଷ ଭଳି ଅଧିକ ସକ୍ରିୟ କରାଯିବ। ସମସ୍ତ ଓଡ଼ିସାବାସୀଙ୍କୁ ନୂଆବର୍ଷର ଅଭିନନ୍ଦନ। ଜଗନ୍ନାଥଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ରହୁ।

- ବିନୟତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଡିଜି

## ନୂତନ ସମ୍ଭାବନା, ଉନ୍ମାଦନାର ବର୍ଷ ହେଉ



ସମଗ୍ର ଭାରତ ତଥା ରାଜ୍ୟବାସୀଙ୍କୁ ଇଂରାଜୀ ନବବର୍ଷ-୨୦୨୬ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ନୂଆ ବର୍ଷ ସମସ୍ତଙ୍କ ପାଇଁ ନୂତନ ସମ୍ଭାବନା, ସକରାତ୍ମକତା ଏବଂ ଉଲ୍ଲାସର ସହିତ ଆସୁ। ୨୦୨୬ କେବଳ ଏକ କ୍ୟାଲେଣ୍ଡର ପରିବର୍ତ୍ତନ ନୁହେଁ ବରଂ ଏହା ସାଢ଼େ ଚାରି କୋଟି ଓଡ଼ିଆଙ୍କ ପାଇଁ ନୂତନ ସମ୍ଭାବନା ଓ ଉନ୍ମାଦନାର ବର୍ଷ ହେଉ। 'ବିକଶିତ ଓଡ଼ିଶା' ସଂକଳ୍ପରେ ୨୦୨୬ ଏକ ନୂତନ ସମ୍ଭାବନାର ବର୍ଷ ହେବ। ତେଣୁ ଆମକୁ ସକରାତ୍ମକ ଚିନ୍ତାଧାରା ସହ ଏହି ନୂତନ ଆରମ୍ଭକୁ ସ୍ୱାଗତ କରିବାକୁ ହେବ। ୨୦୩୬ରେ ଭାଷା ଭିତ୍ତିରେ ଓଡ଼ିଶା ଗଠନର ଶତବାର୍ଷିକୀ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ଏହି ଅମୃତ କାଳରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

## ମାଓବାଦୀ ଅପରେଶନ ତୀବ୍ରତର ହେବ



ଗୃହମନ୍ତ୍ରୀ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରିବାକୁ ଯେଉଁ ଟାର୍ଗେଟ୍ ଦେଇଛନ୍ତି ତାହା ଉପରେ କାମ ଜାରି ରହିବ। ନୂଆବର୍ଷରେ ମାଓବାଦୀ ଅପରେଶନ ଆହୁରି ଅଧିକ ତୀବ୍ରତର ହେବ। ମାଓବାଦୀମୁକ୍ତ ଓଡ଼ିଶା ଲକ୍ଷ୍ୟ ନେଇ କାମ ଜାରି ରହିଛି। ରାଜ୍ୟରେ ମାର୍ଚ୍ଚ ଶେଷ ସୁଦ୍ଧା ମାଓବାଦୀ ମୁକ୍ତ କରିବାକୁ ସବୁ ପ୍ରକାର ପ୍ରଚେଷ୍ଟା କରାଯିବ।

- ସଞ୍ଜୀବ ପଣ୍ଡା, ଆଣ୍ଟି ନକ୍ସଲ ଏଡିଜି









ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ- ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। -ଶ୍ରୀଅରବିନ୍ଦ





# ଭାରତୀୟ ସଂସ୍କୃତିରେ ପରିବର୍ତ୍ତନ

ଦେବଦତ୍ତ ପଟ୍ଟନାୟକ

ଆକ୍ରମଣ ଏବଂ ଦେଶାନ୍ତର ଗମନ ମଧ୍ୟରେ ପାର୍ଥକ୍ୟ ରହିଛି। ସାଧାରଣତଃ କୌଣସି ଦେଶ ଉପରେ ଆକ୍ରମଣକରି ଆକ୍ରମଣକାରୀ ସେଠାରୁ ଧନ ଲୁଟିନିଏ ଏବଂ ଲୋକଙ୍କୁ ତାହାର ପ୍ରଜା ବୋଲି ଗଣିଥାଏ। ଏଭଳି ଆକ୍ରମଣ ଦେଶର ଅର୍ଥନୈତିକ ତଥା ରାଜନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣକରି ସଂସ୍କୃତିକୁ ବଦଳାଇ ଦେଇପାରେ। ଅନ୍ୟପକ୍ଷରେ ଦେଶାନ୍ତର ଗମନ ଅର୍ଥାତ୍ ଲୋକେ ସେମାନଙ୍କ ମୂଳ ସ୍ଥାନରୁ ନୂତନ ସ୍ଥାନକୁ ଯାଇ ସେଠାକାର ପରିବେଶ ସହ ଖାପଖୁଆଇ ଜୀବନ ନିର୍ବାହ କରିଥାନ୍ତି। ହେଲେ ସମୟକ୍ରମେ ପ୍ରବାସୀ ଓ ମୂଳବାସୀଙ୍କ ସଂସ୍କୃତି ମଧ୍ୟରେ ବିଭେଦ ଦେଖାଦେଇ ଉତ୍ତେଜନା ପ୍ରକାଶ ପାଏ। ଏହା ଏବେ କେତେକ ଦେଶରେ ଦେଖାଗଲାଣି। ଉଦାହରଣ ସ୍ୱରୂପ, ମୁସଲମାନ ପ୍ରବାସୀମାନେ ବ୍ରିଟେନ୍‌ରେ ହିଂସା ସୃଷ୍ଟିକରିବା ସହ ଅନେକ ୟୁରୋପୀୟ ଦେଶରେ ଅଶାନ୍ତିର କାରଣ ପାଲଟୁଥିବା ଦେଖାଗଲାଣି। ଆକ୍ରମଣ କହିଲେ ଲୁଣ୍ଠନ, ଉପନିବେଶବାଦ ଏବଂ ସାମ୍ରାଜ୍ୟବାଦ ପ୍ରତିଷ୍ଠାକୁ ସୂଚିତକରେ। ଲୁଣ୍ଠନକାରୀ ଆକ୍ରମଣକରି ଧନ ନେଇ ଚାଲିଯାଆନ୍ତି , ସେମାନେ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣକରି ରଖିବାକୁ ଚାହାନ୍ତି ନାହିଁ, ଯାହା ଘଟିଥିଲା ଗଜ୍‌ନୀର ମହମ୍ମଦଙ୍କ କ୍ଷେତ୍ରରେ। ଆଜକୁ ହଜାରେ ବର୍ଷ ପୂର୍ବେ ସେ ଭାରତକୁ ଲୁଣ୍ଠନକରି ଚାଲିଯାଇଥିଲେ। ଉପନିବେଶବାଦୀମାନେ କୌଣସି ଦେଶକୁ ପ୍ରବେଶକରି ସେଠାକର ରାଜନୈତିକ ଓ ଆର୍ଥିକ ବ୍ୟବସ୍ଥା ନିୟନ୍ତ୍ରଣକୁ ନେଇ ଶାସକ ପାଲଟିଯାଆନ୍ତି। ଉଦାହାଣ ସ୍ୱରୂପ ତୁର୍କୀର ସମ୍ରାଟ ମୁଇଜାଦ୍-ଦିନ୍ ମହମ୍ମଦ ଘୋରୀଙ୍କ ମୃତ୍ୟୁ ପରେ ତାଙ୍କ ସେନାଧକ୍ଷ ମାମୁଲୁକ କୁତୁବୁଦ୍ଦିନ୍ ଆଇବେକ୍‌ଙ୍କ ଦିଲ୍ଲୀ ସୁଲତାନ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ମୋଗଲଙ୍କର ରାଜପୁତଙ୍କ ସହ ସମ୍ପର୍କ ବଢ଼ିଲା, ଏପରିକି ବୈବାହିକ ସମ୍ପର୍କ ବୃଦ୍ଧିପାଇଲା। ଫଳରେ ମୋଗଲମାନେ ନିଜକୁ ବିଦେଶୀ ମନେ ନ କରି ସ୍ଥାନୀୟ ଲୋକ ବୋଲି ଭାବିନେଲେ। ଏଭଳି ଭାବନାକୁ ଭାରତର ଅନେକ ମୂଳ ଭାରତୀୟ ଗ୍ରହଣ କରିପାରୁ ନ ଥିଲେ। ସାମ୍ରାଜ୍ୟବାଦୀମାନେ ନିଜ ଦେଶକୁ ଧନ ଆଣିବା ସକାଶେ ଦୂର ଦେଶରେ ଶାସନ କରନ୍ତି , ଯାହା ବ୍ରିଟେନ ଏବଂ ଇଟାଲୀ କ୍ଷେତ୍ରରେ ଦେଖିବାକୁ ମିଳିଛି।

ଭାରତକୁ ବିଭିନ୍ନ ସମୟରେ ଅନ୍ୟ ଦେଶର ଲୋକେ ଆସିଛନ୍ତି। ଆଦି ମାନବ ଆଫ୍ରିକାର ମୂଳ ବାସିନ୍ଦା ଏବଂ ସେମାନେ ୬୦,୦୦୦ ବର୍ଷ ପୂର୍ବେ ସେଠାରୁ ଆସି ପ୍ରଥମେ ଭାରତରେ ପହଞ୍ଚିଥିଲେ। ୧୦,୦୦୦ ବର୍ଷ ପୂର୍ବେ ଇରାନୀୟ କୃଷକଙ୍କ ପୂର୍ବପୁରୁଷମାନେ ଭାରତ ଆସିଥିଲେ। ସେମାନେ ଭାରତରେ ଗହମ ଓ ବାର୍ଲି ଚାଷ ଆରମ୍ଭ କରିଥିଲେ।



ସେହିଭଳି ୪,୦୦୦ ବର୍ଷ ପୂର୍ବେ ଦକ୍ଷିଣ ପୂର୍ବ ଏସିଆରୁ 'ମୁଣ୍ଡା'ମାନେ ଭାରତକୁ ଆସି ରୁଆ ପ୍ରଣାଳୀରେ ଧାନଚାଷ ଆରମ୍ଭ କରିଥିଲେ। ଏହାପରେ ପାଖାପାଖି ୩,୫୦୦ ବର୍ଷ ପୂର୍ବେ ଆର୍ଯ୍ୟମାନେ ଘୋଡ଼ା ନେଇ ଭାରତକୁ ଆସିଥିଲେ। ବିଶେଷକରି ଏହିସବୁ ଦେଶାନ୍ତର ଗମନ ଆନୁବଂଶିକ ଓ ଭାଷା ଅଧ୍ୟୟନରୁ ଜାଣିବାକୁ ମିଳେ।

ଖ୍ରୀଷ୍ଟପୂର୍ବ ୬ଷ୍ଠରୁ ୪ର୍ଥ ଶତାବ୍ଦୀ ମଧ୍ୟରେ ପାରସ୍ୟ ସମ୍ରାଟ ସାଇରସ୍ ଦି ଗ୍ରେଟ୍ ଏବଂ ପରେ ଡାରିଅସ୍ ୱାନ୍ କ୍ରମାଗତ ଉତ୍ତର-ପଶ୍ଚିମ ଭାରତ ଉପରେ ଆକ୍ରମଣ କରି ଦଖଲ କରିନେଇଥିଲେ। ଏହାସହ ମୌର୍ଯ୍ୟ ଏବଂ ଗୁପ୍ତ ସାମ୍ରାଜ୍ୟ ପାରସ୍ୟ ପ୍ରଶାସନର କେନ୍ଦ୍ରୀଭୂତ ଅମଲାତନ୍ତ୍ର ବ୍ୟବସ୍ଥାକୁ ଗ୍ରହଣ କରିଥିଲେ। ସେହି ସମୟରେ ବ୍ରାହ୍ମୀ ଲିପି ଉଦ୍ଭାବନ ହୋଇଥିଲା ଏବଂ ତାହା ଭାରତରୁ ଦକ୍ଷିଣ ପୂର୍ବ ଏସିଆକୁ ବ୍ୟାପିଥିଲା। ଏହି ସମୟରେ ରାଜାମାନେ ପାର୍ସୀ ସମ୍ରାଟଙ୍କ ଭଳି ନିଜ ଶକ୍ତି ସୂଚିତ କରିବା ଲାଗି ସ୍ତମ୍ଭ ନିର୍ମାଣ କରିଥିଲେ। ପରେ ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ବିଦେଶରୁ ଅନେକ ଜନଜାତି ଯଥା ଗ୍ରୀକ୍ସ (ଯବନ), ସ୍କିଥିଆନ (ସାକସ୍), ପାର୍ଥିଆନ (ପଲ୍ଲଭ) ଏବଂ ୟୁହେ-ଚି (କୁଶାଣ) ଭାରତକୁ ଆସିଥିଲେ। ସେମାନେ ଗଙ୍ଗା ନଦୀ ଅବବାହିକାରୁ ହିନ୍ଦୁକୁଶ ପର୍ବତ ଦେଇ ଇରାନ ପର୍ଯ୍ୟନ୍ତ ବ୍ୟାପିଥିବା ବାଣିଜ୍ୟ ପଥକୁ ନିୟନ୍ତ୍ରଣ କରିବାକୁ ଚାହିଁଥିଲେ। ଏମାନଙ୍କ ମଧ୍ୟରୁ ଅନେକେ ବୌଦ୍ଧ ଓ ଜୈନ ଧର୍ମ ଗ୍ରହଣ କରିବା ସହ ବାଣିଜ୍ୟ କାରବାରକୁ ସୁଗମ କରିବା ସକାଶେ ମୁଦ୍ରା ପ୍ରଚଳନ କରିପାରିଥିଲେ। ପଞ୍ଚମ ଶତାବ୍ଦୀରେ ଗୁପ୍ତ ସାମ୍ରାଜ୍ୟ ସମୟରେ ହୁଣ (ହୁନ୍)ମାନେ ମଧ୍ୟ-ଏସିଆରୁ ଭାରତକୁ ଆସିଥିଲେ। ସେମାନେ ଗୁପ୍ତ ସାମ୍ରାଜ୍ୟକୁ ଦୁର୍ବଳ କରିଦେବା ସହ ବୌଦ୍ଧମଠଗୁଡ଼ିକର ପତନର କାରଣ ହୋଇଥିଲେ। ସେହି ସମୟରେ ଭାରତର ବାଣିଜ୍ୟିକ ଭାଗୀଦାରି ରୋମ୍ ସାମ୍ରାଜ୍ୟର ପତନ ମଧ୍ୟ ଘଟିଥିଲା। ଫଳରେ ବ୍ୟବସାୟୀଙ୍କ ଗୁରୁତ୍ୱ କମିଗଲା ଓ କୃଷିର ଉନ୍ନତି ଘଟିଲା। ସମୟକ୍ରମେ ବୌଦ୍ଧଧର୍ମ -ବାଣିଜ୍ୟ ଆଧାରିତ ସଂସ୍କୃତି ବ୍ରାହ୍ମଣକୈନ୍ଦ୍ରିକ କୃଷ ତଥା ମନ୍ଦିର ସଂସ୍କୃତିକୁ ପରିବର୍ତ୍ତନ ହୋଇଥିଲା। ଫଳରେ ସଂସ୍କୃତ ଦରବାରି ଭାଷା ହୋଇ ଆଫଗାନିସ୍ତାନ ଓ ଭିଏତ୍‌ନାମକୁ ବ୍ୟାପିଥିଲା।

ସପ୍ତମ ଶତାବ୍ଦୀରେ ଆରବରେ ଇସ୍‌ଲାମର ଉତ୍‌ଥାନ ଘଟିଥିଲା। ନାବିକମାନଙ୍କ ଦ୍ୱାରା ଏହା ଉପକୂଳ ଭାରତରେ ପହଞ୍ଚିଥିଲା, ଯେଉଁଥିପାଇଁ ଗୁଜରାଟ, କୋଙ୍କଣ ଏବଂ କେରଳର ପଶ୍ଚିମ ଉପକୂଳରେ ପୁରାତନ ମସ୍‌ଜିଦ ଦେଖିବାକୁ ମିଳେ। ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ମଧ୍ୟ-ଏସୀୟ ସେନାଧକ୍ଷମାନେ ପ୍ରଥମେ ଇସ୍‌ଲାମ ଧର୍ମ ଗ୍ରହଣକରି ଦିଲ୍ଲୀ ସହରରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ଏବଂ ଅର୍ଥନୈତିକ ବ୍ୟବସ୍ଥା ହାତକୁ ନେଇଥିଲେ। ସେମାନେ ମଧ୍ୟ ଆଇନ ବ୍ୟବସ୍ଥାକୁ ନିୟନ୍ତ୍ରଣକୁ ନେଇଥିଲେ, ଯାହା ଏକ ପ୍ରକାର ଆକ୍ରମଣ ଥିଲା । ଏଭଳି ପଦକ୍ଷେପ ସବୁ ଥିଲା ଏକ ନୂତନ ଚିନ୍ତାଧାରା । ଏତିକିବେଳେ ସଂସ୍କୃତ ପରିବର୍ତ୍ତେ ପାର୍ସୀ ଦରବାରି ଭାଷା ହୋଇଥିଲା । ତୁର୍କୀ, ପାର୍ସୀ ଏବଂ ଆଫଗାନଙ୍କ ସପକ୍ଷରେ ବ୍ରାହ୍ମଣମାନେ ରହିବା ଯୋଗୁ ମନ୍ଦିର ପ୍ରତି ଲୋକଙ୍କ ସମର୍ଥନ କମିବାକୁ ଲାଗିଲା ଏବଂ ମସ୍‌ଜିଦ ଏବଂ ରାଜକୀୟ କବର ନିର୍ମାଣ ବୃଦ୍ଧିପାଇଥିଲା। ଅଧିକ ବିକେନ୍ଦ୍ରୀକୃତ ପୁରାତନ ରାଜମଣ୍ଡଳ ବ୍ୟବସ୍ଥା ବଦଳରେ କେନ୍ଦ୍ରୀକୃତ ପାର୍ସୀ ବ୍ୟବସ୍ଥା ସାମ୍ନାକୁ ଆସିଥିଲା। ତୁର୍କୀମାନେ କାଗଜ ଏବଂ କଲମର ବ୍ୟବହାର ଜାଣିଥିଲେ। ଫଳରେ ଭାରତରେ ପୂର୍ବରୁ ବ୍ୟବହାର କରାଯାଉଥିବା ପଥର, ତମ୍ବା ଗଛଛାଲି ଏବଂ ବରଡ଼ାପତ୍ର ବଦଳରେ ଅଧିକ ବ୍ୟବହାର ହେଲା।

ଗୋଆ ୧୫୧୦ରେ ବିଜାପୁର ସାମ୍ରାଜ୍ୟ ଅଧୀନକୁ ଚାଲିଗଲା ପରେ ପର୍ତ୍ତୁଗୀଜ ଉପନିବେଶବାଦ ଆରମ୍ଭ ହୋଇଥିଲା। ପର୍ତ୍ତୁଗୀଜମାନେ ପଶ୍ଚିମ ଉପକୂଳ ଏବଂ ପଶ୍ଚିମ ସମୁଦ୍ରକୁ ନିୟନ୍ତ୍ରଣକୁ ନେଇଗଲେ ଓ ଟିକସ ଆଦାୟକଲେ, ଯାହା ପୂର୍ବରୁ କେବେ ବି ଏଭଳି ଘଟି ନ ଥିଲା। ସେମାନେ ଖ୍ରୀଷ୍ଟିଆନ ମିଶନ ଏବଂ ପ୍ରିଣ୍ଟିଂ ପ୍ରେସ୍ ଆରମ୍ଭ କରିଥିଲେ ଓ ସ୍ଥାନୀୟ ଭାଷାଗୁଡ଼ିକ ଅନୁବାଦ ଲେଖା ପ୍ରକାଶ କରିଥିଲେ। ପର୍ତ୍ତୁଗୀଜଙ୍କୁ ଡଚ୍, ଫ୍ରାନ୍ସ ଏବଂ ଇଂଲଣ୍ଡ ଅନୁସରଣକରି ଗଣିତ, ପ୍ରମାଣ ଆଧାରିତ ନୂତନ ବିଜ୍ଞାନ ଚିନ୍ତାଧାରାକୁ ସାମ୍ନାକୁ ଆଣିଥିଲେ। ପର୍ତ୍ତୁଗୀଜମାନେ ଶିଳ୍ପ ବିପ୍ଳବ ଆଣିଥିଲେ । ସମଗ୍ର ବିଶ୍ୱରେ ପୁରାତନ କୃଷି ଏବଂ ସାମନ୍ତବାଦ ବ୍ୟବସ୍ଥାର ପରିବର୍ତ୍ତନ ଆଣିଥିଲେ, ଯାହା ବିଶେଷକରି ଅଷ୍ଟାଦଶ ଶତାବ୍ଦୀରେ ତୀବ୍ର ହୋଇଥିଲା ଯେତେବେଳେ ଦିଲ୍ଲୀକୁ ଇରାନର ନାଦିର ଶାହା ଲୁଣ୍ଠନ କରିଥିଲେ। ତା'ପରେ ଅହମ୍ମଦ ଶାହା ଅବ୍‌ଦଲି ଆସିଥିଲେ। ଏହିସବୁ ଘଟଣାରୁ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ମୋଗଲ ସାମ୍ରାଜ୍ୟର ଦୁର୍ବଳତାକୁ ପରଖି ଉପନିବେଶବାଦର ପ୍ରସାର କରିପାରିଥିଲା। ଏହିଭଳି ଭାବେ ବିଭିନ୍ନ ସମୟରେ ଭାରତକୁ ବହୁ ସ୍ଥାନରୁ ଲୋକେ ଆସି ଆକ୍ରମଣ କରିଥିଲେ ଏବଂ ଭାରତୀୟ ସଂସ୍କୃତିର ପରିବର୍ତ୍ତନ ଘଟାଇଥିଲେ।

-devduttofficial@gmail.com

# ଆନନ୍ଦାନୁଭୂତି



ଇଂ. ସଚ୍ଚିଦାନନ୍ଦ ନନ୍ଦ

ଉପନିଷଦ ଯୁଗର ଦିବ୍ୟଦ୍ରଷ୍ଟା ମହାନ୍ ଋଷିଗଣ ମାନବ ଜୀବନର ଅନ୍ତିମ ଲକ୍ଷ୍ୟ ନିର୍ଦ୍ଧାରଣକରି କହିଛନ୍ତି,'ପରମାନନ୍ଦ ପ୍ରାପ୍ତି କରିବା।' ସାଧୁସନ୍ଥ ଓ ଦିବ୍ୟ ପୁରୁଷଗଣ ମନୁଷ୍ୟକୁ ଜୀବନର ଅନ୍ତିମ ଲକ୍ଷ୍ୟ ହାସଲକରି ପରମାନନ୍ଦ ପ୍ରାପ୍ତ ହେବାକୁ କହିଆସିଛନ୍ତି। ଦେଖିବାକୁ ଗଲେ ଭଗବାନ୍‌ଙ୍କ ସହ ସଂଯୁକ୍ତ ନ ହୋଇ କେହି କେବେ ଆନନ୍ଦ ଲାଭ କରିନାହାନ୍ତି। ଏହାର ଉପର ସୋପାନଗୁଡ଼ିକୁ ଆରୋହଣ କରିବା ଆହୁରି କଷ୍ଟକର। ସେଗୁଡ଼ିକ ହେଉଛି - ନିତ୍ୟାନନ୍ଦ, ସତାନନ୍ଦ, ରସାନନ୍ଦ, ପରମାନନ୍ଦ, ପ୍ରେମାନନ୍ଦ, ସଚ୍ଚିଦାନନ୍ଦ ଓ ବ୍ରହ୍ମାନନ୍ଦ ସ୍ତର। ଥରେ ସେ ଶିଢ଼ିରେ ପାଦ ଦେଲେ ତାହା ସାଧକକୁ ଆପେ ଆପେ ସର୍ବୋଚ୍ଚ ଆନନ୍ଦ ସ୍ତରକୁ ଘେନିଯାଏ। ଯାହା ଶାସ୍ତ୍ରମାନେ ଘୋଷଣା କରିଛନ୍ତି, ଯାହା ଆପ୍ତବାକ୍ୟ କହେ, ଅବତାର ପୁରୁଷମାନେ ଯାହା କହିଛନ୍ତି ମାନବ ମୂଳତଃ ବ୍ରହ୍ମକୁ ନିଜ ଭିତରେ ଧାରଣକରି ଚାଲିଛି ଏବଂ ତାହା ଉପଲବ୍ଧି କଲେ ଯାଇ ବ୍ରହ୍ମାନନ୍ଦ ସ୍ତରରେ ପହଞ୍ଚିବ। ଆମ୍ଭେମାନେ ମୂଳତଃ ଆତ୍ମା, ଏହି ଉପଲବ୍ଧି ଆସିବା ଦରକାର। ନ ହେଲେ ଆନନ୍ଦ ଅନ୍ୟ କେଉଁଠାରୁ ମିଳିପାରିବ ନାହିଁ। ଏଥିପାଇଁ ଆତ୍ମା ସହ ସଂଯୋଗ ସ୍ଥାପନ ଦରକାର। ଯେମିତି ରାସ୍ତାରେ ଥିବା ବତିଖୁଣ୍ଟ ସହ ଆମ ଘରର ବିଦ୍ୟୁତ୍ ବ୍ୟବସ୍ଥା ସଂଯୁକ୍ତ ନ ହେଲେ ରାସ୍ତା ଖୁଣ୍ଟ ଯେତେ ପାଖରେ ଥିଲେ ମଧ୍ୟ ଘର ଆଲୋକିତ ହୋଇପାରେ ନାହିଁ, ଠିକ୍ ସେହିଭଳି ଶ୍ରେଷ୍ଠ ଆନନ୍ଦର ଉତ୍ସ ଆମ ଅନ୍ତରରେ ବିଦ୍ୟମାନ ଥିଲେ ବି ତାହା ସହ ସଂଯୁକ୍ତ ନ ହେଲେ ଆନନ୍ଦାନୁଭୂତି ଆମ ପାଇଁ ସୁଦୂରପରାହତ ହୋଇଯିବ। ଉତ୍ସ ସହ ସଂଯୁକ୍ତ ହେବା ଅର୍ଥ ନାମ ମାଧ୍ୟମରେ ନାମୀ ସହ ସଂଯୁକ୍ତ ହେବା। ନାମ ଓ ନାମୀ ଏକ, ଅଭିନ୍ନ ଓ ସମାନ ଶକ୍ତି ବିଶିଷ୍ଟ।

ଓଡ଼ିଶାର ପ୍ରାଚୀନ କବିମାନେ ତାଙ୍କ ରଚନାରେ କହିଥିଲେ, 'ହରିନାମେ କି ରସ ଅଛି, ପାନକଲା ଲୋକ ସନା ଜାଣିଛି।' କି ରସ ଅଛି ଅର୍ଥ ଆନନ୍ଦ ରସ ଅଛି। ରସ ହିଁ ଆନନ୍ଦର ଅନ୍ୟ ନାମ। କେବଳ ନାମରେ ଆନନ୍ଦ ଥାଏ। ଅନ୍ୟ ଜଣେ କବି କହିଲେ - ବନ୍ଧ୍ୟା ନାରୀ ବୀରପୁତ୍ରର ଜନନୀ ହୋଇଛନ୍ତି। ଦିନେ କେବେ ଏହା ସମ୍ଭବ ହୋଇପାରେ ; କିନ୍ତୁ ହରି ନାମ ବିନା ଜଣେ ଆନନ୍ଦ ପାଇଛନ୍ତି ଏହା ଅସମ୍ଭବ। ଧଳା ରଙ୍ଗର କୁଆ ଦିନେ କେବେ ଦେଖିବାକୁ ମିଳିପାରେ, କିନ୍ତୁ ହରିନାମ ବିନା ଆନନ୍ଦ କେବେହେଲେ ମିଳିପାରିବ ନାହିଁ।

ଭାଗବତ ବାଣୀ 'ଶ୍ରୀକୃଷ୍ଣ ପରମ ମଙ୍ଗଳ, ସକଳ ଆନନ୍ଦର ମୂଳ'। ଏଠାରେ ଶ୍ରୀକୃଷ୍ଣ ଅର୍ଥ ପରଂବ୍ରହ୍ମଙ୍କର ଯେକୌଣସି ନାମ, ରୂପ ବିଶିଷ୍ଟ ଶକ୍ତି। ତାହା ହିଁ ପରମ ମଙ୍ଗଳ। ତାହା ହିଁ ସକଳ ଆନନ୍ଦର ମୂଳ। କେତେ ସୁନ୍ଦର ଭାବେ ଆନନ୍ଦର ଠିକଣା ବତାଇ ଦିଆଯାଇଛି ଏଠାରେ। ସାଧକ କେବଳ ସେ ଠିକଣାରେ ପହଞ୍ଚିବା ଦରକାର। ଏ ଦିଗରେ ଥିବା ବାଧା ପ୍ରତିବନ୍ଧକ ଆପେ ଆପେ ଶିଥିଳ ହୋଇଯିବ, ଶିକୁଳି ଫିଟିଯିବ ଗୋଟିଏ ସାଧନାରେ। ତାହା ହେଉଛି ନାମ ପ୍ରୀତିରେ ନାମୀଙ୍କୁ ପାଇବାର ବ୍ୟାକୁଳତାରେ। ଭଗବାନ ବାବା ତାଙ୍କ ବାଣୀରେ କହିଛନ୍ତି, ତୁମେ ଆନନ୍ଦ ପାଇବା ପାଇଁ ଯେତିକି ମାତ୍ରାରେ ବ୍ୟାକୁଳ, ମୁଁ ଆନନ୍ଦ ଦେବା ପାଇଁ ସେତିକି ମାତ୍ରାରେ ବ୍ୟାକୁଳ ହୁଏ। ତେଣୁ ଆନନ୍ଦ ପାଇବା, କେତେ ଶୀଘ୍ର ପାଇବା, କେତେ ମାତ୍ରାରେ ପାଇବା ତାହା ନିର୍ଭରକରେ ମନୁଷ୍ୟ ଉପରେ, ତା'ବ୍ୟାକୁଳତାର ମାତ୍ରା ଉପରେ। ଗୀତାରେ ଆଉ ଏକ ବିକଳ୍ପ ଦିଆଯାଇଛି। କୁହାଯାଇଛି - ଜପ, ଧ୍ୟାନ, କର୍ମଫଳ ତ୍ୟାଗ ଯଦି ସମ୍ଭବ ନ ହେଉଛି ତେବେ 'ମଦର୍ଥମ୍ କୁରୁ କର୍ମାଣୀ'। ତାଙ୍କ ପାଇଁ କାମ କରିବା ଅର୍ଥ ତାଙ୍କ ନିର୍ଦ୍ଦେଶ ମାନି କର୍ମମୟ ଜୀବନ ଅତିବାହିତ କରିବା। ସେ ପ୍ରକାର ଜୀବନରେ ଆଉ କିଛି ଭାବିବା, ଭୁଲ୍ ଠିକ୍ ବିଚାରକରିବା, କେଉଁ ସମୟରେ, କେଉଁ ସ୍ଥାନରେ, କେଉଁ ପରିସ୍ଥିତିରେ କ'ଣ କରିବା - ଏ ସବୁ ଚିନ୍ତା କରିବା ଦରକାର ନାହିଁ। ଭଗବାନ୍‌ଙ୍କ ବାଣୀ ପାଳନ କରିବା ହିଁ ସେବା, ତାହା ହିଁ ପରୋପକାର, ତାହା ସର୍ବଶ୍ରେଷ୍ଠ ପୂଜା। ଭାଗବତ କୃପା ମିଳେ ତାଙ୍କ ନିର୍ଦ୍ଦେଶରେ ଜୀବନ ବିତାଇବା ଦ୍ୱାରା। ଭଗବତ କୃପା ମିଳିଗଲେ ଆଉ କ'ଣ ପାଇବାକୁ ବାକି ରହେ? ଆନନ୍ଦର ମୂଳ ପାଖରେ ଯିଏ ପହଞ୍ଚିପାରିଛି ସେ ତା'ର ସ୍ୱରୂପ ସନ୍ଧାନ ପାଇବାକୁ ଆଉ ବିଳମ୍ବ ହେବ ନାହିଁ। ସ୍ୱରୂପ କ'ଣ ? ପ୍ରତ୍ୟେକଙ୍କର ସ୍ୱରୂପ ହେଉଛି ସଚ୍ଚିଦାନନ୍ଦ, ଅସ୍ତି ଜାତି ପ୍ରିୟମ୍, ସତ୍ୟଂ ଶିବଂ ସୁନ୍ଦରମ୍। ଜଗତଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କ ମୋହମୁଦ୍‌ଗର କାବ୍ୟରେ ଲେଖିଲେ - ମନ ଯଦି ପରଂବ୍ରହ୍ମଙ୍କଠାରେ ରମଣ କରୁଥାଏ ତେବେ ସେ ପରମାନନ୍ଦରେ କାଳ କଟାଇବ।

**ଅଲିଶା ବଜାର, କଟକ**
**ମୋ:୯୩୩୭୨୪୨୯୫୫**

## ଏଇ ଭାରତରେ

ଦିଲ୍ଲୀର ଦୁଇଭାଇ ବିହାନ ଓ ନାଭ ଅଗ୍ରୱାଲ ବର୍ଜ୍ୟ ରିସାଇକେଲିଂ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ୧୪ଟି ସହରରେ ୧ ମିଲିୟନ(୧୦ ଲକ୍ଷ) କେ.ଜି ବର୍ଜ୍ୟ ରିସାଇକେଲିଂ କରିସାରିଲେଣି। ଦିଲ୍ଲୀରେ ଲୋକେ ପୋଡ଼ି ଦେଉଥିବା ବର୍ଜ୍ୟ ବାୟୁ ପ୍ରଦୂଷଣ କରୁଥିବା ଅନୁଭବକରି ୨୦୧୭ରେ ସେମାନେ ବର୍ଜ୍ୟ ସଂଗ୍ରହ ଆରମ୍ଭ କରିଥିଲେ। ପ୍ରଥମେ ତାଙ୍କ ଘରୁ ବାହାରୁଥିବା କମ୍ ପରିମାଣ ବର୍ଜ୍ୟକୁ ରିସାଇକେଲ ଲାଗି ନେବାକୁ ମନା କରିଦେଇଥିଲେ। ପରେ ଦୁଇଭାଇ ୧୫ଟି ପରିବାରରୁ ବର୍ଜ୍ୟ ସଂଗ୍ରହକରି ରିସାଇକେଲିଂ ପାଇଁ ପଠାଇଥିଲେ। ୨୦୧୮ରେ ସେମାନେ 'ୱାନ୍ ଷ୍ଟେପ୍ ଗ୍ରୀନର୍' ଷ୍ଟାର୍ଟଅପ୍ ଗଠନ କରିଥିଲେ ଏବଂ ସେତେବେଳେ ବିହାନଙ୍କୁ ୧୪ ଓ ନାଭଙ୍କୁ ୧୧ ବର୍ଷ ହୋଇଥିଲା। ଏହି ଷ୍ଟାର୍ଟଅପ୍ ମାଧ୍ୟମରେ ଯୁବକଦ୍ୱୟ ୧୪ଟି ସହରର ଘରକୁ ଘର ଯାଇ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଏହାସହ ସ୍କୁଲ ଓ କାର୍ଯ୍ୟାଳୟଗୁଡ଼ିକରୁ ମଧ୍ୟ ବର୍ଜ୍ୟ ସଂଗ୍ରହ କରାଯାଉଛି। ବିଶେଷକରି ପ୍ଲାଷ୍ଟିକ୍, କାର୍ଡବୋର୍ଡ, ଧାତୁ, ଗ୍ଲାସ୍ ଏବଂ ଇ- ବର୍ଜ୍ୟ ସଂଗ୍ରହକରି ରିସାଇକେଲିଂ କେନ୍ଦ୍ରକୁ ପଠାଯାଉଛି। ସଂଗୃହୀତ ବର୍ଜ୍ୟକୁ ଅଲଗା କରିବା କାମ କରି ଅନେକ ହଜାର ମହିଳାଙ୍କୁ ରୋଜଗାର ମିଳୁଛି। ଏହି ଷ୍ଟାର୍ଟଅପ୍ ମଧ୍ୟ ୭୩,୦୦୦ରୁ ଅଧିକ ଗଛ ଲଗାଇବାରେ ସହଯୋଗ କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧ ଜାନୁଆରୀ ୧୯୭୭

- ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ରପ୍ତାନି ଦ୍ରବ୍ୟ ଉପରେ ଶିଳ୍ପୋନ୍ନତ ଦେଶଗୁଡ଼ିକ ବାଣିଜ୍ୟ ଶୁଳ୍କରେ ରିହାତି ଦେବେ ବୋଲି ଘୋଷଣା କରିଛନ୍ତି।
- କାଲଟେକ୍ସ ଅଏଲ ରିଫାଇନିଂ (ଇଣ୍ଡିଆ) ଲିମିଟେଡ୍‌ର ଅଂଶ ହାତକୁ ନେବା ଏବଂ ଏହାର ସମସ୍ତ ଅଧିକାର ଓ ତତ୍‌ସମ୍ପର୍କୀୟ କାଗଜପତ୍ର ହସ୍ତାନ୍ତର ନିମନ୍ତେ ରାଷ୍ଟ୍ରପତି ଏକ ଆଦେଶ ଜାରି କରିଛନ୍ତି।
- ଭାରତ ଓ ରୁଷ ମଧ୍ୟରେ ୯୦୦୦ ନିୟୁତ ଟଙ୍କା ମୂଲ୍ୟର ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 2 | 4 |
| | | 8 | | 2 | | 9 | 7 | |
| | | | 1 | | | | | 6 |
| | | 4 | | | 6 | | 9 | |
| | | | 3 | | | 8 | | |
| 8 | | | | | 5 | | 6 | 7 |
| | | | | | | | | |
| | | 7 | 2 | 3 | | | | |
| | | 2 | | 8 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 7 | 3 | 8 | 4 | 1 | 6 | 5 |
| 5 | 3 | 6 | 1 | 2 | 9 | 4 | 8 | 7 |
| 1 | 4 | 8 | 7 | 6 | 5 | 3 | 9 | 2 |
| 9 | 1 | 4 | 6 | 5 | 7 | 8 | 2 | 3 |
| 3 | 7 | 5 | 2 | 1 | 8 | 9 | 4 | 6 |
| 6 | 8 | 2 | 4 | 9 | 3 | 7 | 5 | 1 |
| 7 | 2 | 3 | 8 | 4 | 6 | 5 | 1 | 9 |
| 8 | 5 | 1 | 9 | 3 | 2 | 6 | 7 | 4 |
| 4 | 6 | 9 | 5 | 7 | 1 | 2 | 3 | 8 |

ଗତକାଲିର ଉତ୍ତର

# ବିଶ୍ୱ ଓ ବର୍ଷାନ୍ତର



ଡ. ପ୍ରଫୁଲ୍ଲ କୁମାର ସାହୁ

କାଳର ଅନ୍ୟନାମ ସମୟ। ଅନନ୍ତ ସମୟର ଅସରନ୍ତି ଯାତ୍ରାରେ ଗୋଟିଏ ବର୍ଷ ବିତିବା ଓ ଆଉ ଗୋଟିଏ ବର୍ଷ ଆସିବା ଏକ ଚିରନ୍ତନ ପ୍ରକ୍ରିୟା। ଏହା ସତ୍ତ୍ୱେ ପରିବର୍ତ୍ତର ସନ୍ଧିକ୍ଷଣ ପ୍ରାଣରେ ଭରିଦିଏ ଏକ ଉଲ୍ଲାସମୟ ଶିହରଣ। କାରଣ ଜୀବନର ପ୍ରାୟତଃ ସବୁ କ୍ଷେତ୍ରରେ ନୂଆ ପ୍ରତି ଥାଏ ଏକ ବିଶେଷ ଉନ୍ମାଦନା। ବର୍ଷ ହେଉ କି ବୟସ, ନୂଆ ସର୍ବଦା ପ୍ରାଣରେ ଭରିଦିଏ ହର୍ଷ, ଉଲ୍ଲାସ ଓ ଆହ୍ଲାଦ। ତାକୁ ସ୍ୱାଗତ କରିବା ପାଇଁ ବ୍ୟାକୁଳ ହୁଏ ମନ।

ଅନ୍ତର୍ଜାତୀୟ ନୂଆବର୍ଷ ବ୍ୟତୀତ ଭିନ୍ନ ଭିନ୍ନ ଦେଶରେ ଅଲଗା ଅଲଗା ସମୟରେ ପାଳନ ହୁଏ ନିଜସ୍ୱ ନୂଆବର୍ଷ। କାରଣ ସମୟ ଗଣନା ପଦ୍ଧତିରେ ରହିଛି ଭିନ୍ନତା। ଏହି କାରଣରୁ ଗ୍ରୀକ, ମିଶର ମେସୋପଟାମିଆ, ବେବିଲୋନ, ସୁମେରିଆନ ଓ ଭାରତୀୟ ସଭ୍ୟତାରେ ଘଡ଼ି ଓ କ୍ୟାଲେଣ୍ଡରରେ ରହିଛି ଅନେକ ଭିନ୍ନତା। ଇତିହାସ କହେ ପାଶ୍ଚାତ୍ୟ କାଳଗଣନା ପ୍ରଥମେ ରୋମରେ ଆରମ୍ଭ ହୋଇଥିଲା ଏବଂ ସେତେବେଳେ ସେଠାକାର ବିଦ୍ୱାନ୍‌ମାନଙ୍କ ସିଦ୍ଧାନ୍ତ ଅନୁସାରେ ବର୍ଷକ ଥିଲା ୩୦୪ ଦିନ। ପରବର୍ତ୍ତୀ ସମୟରେ ପୋପ୍ ଗ୍ରେଗେରୀ ଜୁଲିଅସ (୧୩ତମ)ଙ୍କ ସମୟରେ ସେଥିରେ ଥିବା ତ୍ରୁଟି ସଂଶୋଧିତ ହୋଇ ପ୍ରକାଶ ପାଇଲା ଗ୍ରେଗେରିଆନ କ୍ୟାଲେଣ୍ଡର। ପୃଥିବୀ ସୂର୍ଯ୍ୟକୁ ଥରେ ପ୍ରଦକ୍ଷଣ କରିବା ପାଇଁ ୩୬୦ ଦିନ ସମୟ ନିଏ ବୋଲି ଏହି କ୍ୟାଲେଣ୍ଡର କହିଲା, ଯାହା ଭାରତୀୟ କାଳଗଣନା ଅନୁଯାୟୀ ତ୍ରୁଟିଯୁକ୍ତ। ଭାରତୀୟ ଜ୍ୟୋତିର୍ବିଜ୍ଞାନର ପ୍ରାଚୀନ ଗ୍ରନ୍ଥ 'ସୂର୍ଯ୍ୟ ସିଦ୍ଧାନ୍ତ' ଅନୁସାରେ ବର୍ଷକ ୩୬୦ ଦିନ ନୁହେଁ, ୩୬୫ ଦିନ ୧୫ ଘଣ୍ଟା ୩୧ ବିପଲ। ଗ୍ରେଗେରିଆନ କ୍ୟାଲେଣ୍ଡରରେ ତିଥି ଓ ମାସର କ୍ଷୟ ବୃଦ୍ଧି ନାହିଁ, ଯାହା ରହିଛି ଭାରତୀୟ କାଳ ଗଣନାରେ। ଏଥିରୁ ବୁଝିବାକୁ ହେବ ଯେ ପାଶ୍ଚାତ୍ୟ ତୁଳନାରେ ଭାରତୀୟ କାଳଗଣନା ପଦ୍ଧତି ଅଧିକ ସୂକ୍ଷ୍ମ ଓ ତ୍ରୁଟିଶୂନ୍ୟ। ଭାରତୀୟ ପରମ୍ପରାରେ ମେଷ ସଂକ୍ରାନ୍ତି (ବିଷୁବ ସଂକ୍ରାନ୍ତି)ରୁ ଆରମ୍ଭ ହୁଏ ନୂଆବର୍ଷ। ମାତ୍ର ବୈଶ୍ୱିକ ସମ୍ପର୍କ ଆଧାରରେ ପାଶ୍ଚାତ୍ୟ କାଳଗଣନା ସହିତ ସବୁଦେଶ ଅଭ୍ୟସ୍ତ ହୋଇଥିବାରୁ ଜାନୁଆରୀ ପହିଲାରେ ପାଳନ ହେଉଛି ନୂଆବର୍ଷ। ସମଗ୍ର ବିଶ୍ୱ ଏହାକୁ ପାଳନ କରୁଥିବାରୁ ଆମେ ମଧ୍ୟ ପାଳନ କରୁଛୁ ଖୁବ୍ ଉତ୍ସାହ ଓ ଉଦ୍ଦୀପନାର ସହ। ଏଭଳି ଅନୁକରଣ ଦ୍ୱାରା ହିଁ ପଲ୍ଲବିତ ଓ ପୁଷ୍ପିତ ହୁଏ ସଂସ୍କୃତି। ମାତ୍ର କୌଣସି ବାହ୍ୟ ସଂସ୍କୃତି ଭାରିପଡ଼ିବା କାରଣରୁ ଯଦି ତାକୁ ବଦଳେଇବାକୁ ଚେଷ୍ଟା କରାଯାଏ, ତେବେ ବିକଳିଉଠେ ଜାତିର ସାଂସ୍କୃତିକ ଆତ୍ମା। ଇଂଲିଶ ନୂଆବର୍ଷ ପାଳନ କରିବାର ମାତ୍ରାଧିକ ମୋହ ଯୋଗୁ ଏବେ ବିକୃତାୟନର ସମ୍ମୁଖୀନ ହେଉଛି ଓଡ଼ିଆ ସଂସ୍କୃତି।

ଇଂଲିଶ ନୂଆବର୍ଷ ପାଳନ କରିବାର ଉଦ୍ଦେଶ୍ୟ ଏହା ଥିଲା ଯେ ଝରକା ଦେଇ ଆମ ଘର ଭିତରକୁ ପାଶ୍ଚାତ୍ୟ ସଂସ୍କୃତିର ମଳୟ ପ୍ରବେଶ କରୁ ଏବଂ ଏଠାରେ ମିଳନ ହେଉ ବିଭିନ୍ନ ସଭ୍ୟତା ଓ ସଂସ୍କୃତିର। ଏହି ଅନୁକରଣ ମାଧ୍ୟମରେ ଆସିଥିଲେ ଆସିପାରିଥାନ୍ତା ଅନେକ ମୂଲ୍ୟବାନ୍ ସାଂସ୍କୃତିକ ବିଭବ। କହିବାର କଥା ଥାଇଲାଣ୍ଡରେ ଅସହାୟଙ୍କୁ ଭୋଜନ ସହିତ ନୂତନ ବସ୍ତ୍ର ଦାନକରିବା ନୂଆବର୍ଷର ପରମ୍ପରା। ନୂଆବର୍ଷରେ ବ୍ରାଜିଲବାସୀ ରଙ୍ଗିନ ପୋଷାକ ବଦଳରେ ସାଦା ପୋଷାକ ପିନ୍ଧନ୍ତି, ଯାହା ଶୁଦ୍ଧତା ଓ ସରଳତାର ପ୍ରତୀକ। ନୂଆବର୍ଷ ଦିନ ସ୍ପେନ୍‌ରେ ପାଳନ ହୁଏ ୧୨ ଅଙ୍ଗୁର ଉତ୍ସବ। ସେଠାରେ ଲୋକେ ସେଦିନ ୧୨ଟି ଲେଖା ଅଙ୍ଗୁର ଖାଆନ୍ତି ଏବଂ ପ୍ରତିଟି ଅଙ୍ଗୁର ସହିତ ଥାଏ ଗୋଟିଏ ସଙ୍କଳ୍ପ ନେବାର ବିଧି। ସେହି ପ୍ରତିବଦ୍ଧତା ନେଇ ସେମାନେ କାମ କରନ୍ତି ବର୍ଷ ତମାମ। ରୋମ ଭଳି କେତେକ ଦେଶରେ ଆଡ଼ମ୍ବରପୂର୍ଣ୍ଣ ଭାବରେ ନବବର୍ଷ ପାଳନ କରିବା ଏକ ଅପରାଧ। ଅଥଚ ଆମେ ଏଠି ଇଂଲିଶ ନୂଆବର୍ଷକୁ ସ୍ୱାଗତ କରୁଛୁ ମହା ଆଡ଼ମ୍ବରରେ ଜିରୋନାଇଟ୍ ସେଲିବ୍ରେଶନରେ ଖର୍ଚ୍ଚ କରୁଛୁ ଆଖିବୁଜା ଟଙ୍କା।



ଇଂଲିଶ ନୂଆବର୍ଷରେ ଋତୁ ପରିବର୍ତ୍ତନ ହୁଏ ନାହିଁ କି ବଦଳେ ନାହିଁ ଗ୍ରହ ନକ୍ଷତ୍ରଙ୍କ ସ୍ଥିତି। କେବଳ କ୍ୟାଲେଣ୍ଡର ଓ ଡାଏରି ବଦଳେ ଏବଂ ହ୍ୱାଟ୍ସଆପ୍, ଫେସ୍‌ବୁକ, ଟୁଇଟର ଓ ଏସ୍‌ଏମ୍‌ଏସ୍ ଆଦି ଜରିଆରେ ଚାଲେ ପରସ୍ପରକୁ ଅଭିନନ୍ଦନ ଜଣାଇବାର ଔପଚାରିକତା। କିଏ ସାଙ୍ଗସାଥୀ ମେଳରେ ବଣଭୋଜି କରେ ତ ଆଉ କିଏ ଫୁଲତୋଡ଼ା ଧରି ନେତା, ମନ୍ତ୍ରୀ ଓ ହାକିମଙ୍କ ଘର ଆଗରେ ଧାଡ଼ିବାନ୍ଧେ ଟିକେ ଅନୁକମ୍ପା ପାଇଁ।

ଅନ୍ୟପକ୍ଷରେ ଓଡ଼ିଆ ନୂଆବର୍ଷରେ ଥାଏ ଏକ ପାରିବେଶିକ ପ୍ରଭାବ ଓ ଆଧ୍ୟାତ୍ମିକ ମହକ। ସୌରବୃତ୍ତର ପ୍ରଥମ ବିନ୍ଦୁରେ ସୂର୍ଯ୍ୟଙ୍କର ସ୍ଥିତି ହିଁ ମହାବିଷୁବ ସଂକ୍ରାନ୍ତିର ପୁଣ୍ୟ ମୁହୂର୍ତ୍ତ। ସେଦିନ ଚଉରାମୂଳେ ଦୀପଜାଳି ବୃନ୍ଦାବତୀଙ୍କ ପାଖରେ ଅର୍ପଣ କରାଯାଏ ସୁଆଦିଆ ପଣା। ମନ୍ଦିରରେ ପାଞ୍ଜି ଗଣନା ହେବା ସହିତ ଘିଅ, ଦୀପ, ଧୂପ ଓ ଝୁଣାର ମହକରେ ସୃଷ୍ଟିହୁଏ ଭକ୍ତିମୟ ପରିବେଶ। ଅସହାୟଙ୍କୁ ଅନ୍ନବସ୍ତ୍ର ଦାନ କରନ୍ତି ଅନେକ ଧର୍ମପ୍ରାଣ ଲୋକ। ଓଡ଼ିଆ ନୂଆବର୍ଷରୁ ଆରମ୍ଭ ହୁଏ ଆର୍ଥିକ ବର୍ଷ ଓ ପିଲାଙ୍କ ପାଠପଢ଼ା। ଇଂଲିଶ କ୍ୟାଲେଣ୍ଡର ଅନୁସାରେ ସିନା ସରକାରୀ କାମହୁଏ ଓ ଚାକିରିଆ ଦରମା ନିଅନ୍ତି, ହେଲେ ଓଡ଼ିଆ ପାଞ୍ଜି ଅନୁସାରେ ପାଳନହୁଏ ପର୍ବପର୍ବାଣି।

ପ୍ରତ୍ୟେକ ଉତ୍ସବ ପାଳନର ଲକ୍ଷ୍ୟ ଆନନ୍ଦ ପ୍ରତି ଅଭିପ୍ରେତ। ତାହା ହିଁ ଅସଲ ଆନନ୍ଦ, ଯାହା ଅନ୍ତରକୁ ଭିଜେଇ ଦିଏ ଏବଂ ହୃଦୟରୁ ହୃଦୟକୁ ସଞ୍ଚରିଯାଏ ଆହ୍ଲାଦପଣ। ଆନନ୍ଦର ଭାଷା କେବେ ହିଂସାର ନୁହେଁ କି ପ୍ରଦୂଷଣର ନୁହେଁ, ତାହା ସ୍ନେହ, ପ୍ରେମ ଓ ଆତ୍ମୀୟତାର। ଓଡ଼ିଆ ନୂଆବର୍ଷରେ ନ ଥାଏ ମଦ ମାଂସର ବନ୍ୟା। ଥାଏ କେବଳ ଭଲପାଇବା ଓ ଭାଇଚାରା। ଅନ୍ୟପକ୍ଷରେ ଇଂଲିଶ ନୂଆବର୍ଷରେ ଆମର ଆନନ୍ଦ ପାଇଁ ବଳିପଡ଼ନ୍ତି ଶହଶହ କୁକୁଡ଼ା ଓ ଛେଳି। ନୂଆବର୍ଷର ନୂଆ ସକାଳରେ ମଙ୍ଗଳ ଆଳତି ପରିବର୍ତ୍ତେ ପରିବେଶକୁ ଦୂଷିତ କରେ ହାଣମୁହଁକୁ ଯାଉଥିବା ଅସୁମାରି ପଶୁପକ୍ଷୀଙ୍କ ଆର୍ତ୍ତଚିତ୍କାର। ସେମାନଙ୍କୁ ହତ୍ୟାକରି ଆମେ ଯେଉଁ ଆନନ୍ଦ ଲାଭକରୁ ତାହା ବିମଳ ଆନନ୍ଦ ନୁହେଁ, ବୀଭତ୍ସ ଆନନ୍ଦ। ନିଷ୍ଠୁରତାର ଏକ ପ୍ରମତ୍ତପଣ।

ନୂଆବର୍ଷ ନୂଆ କିଛି କରିବା ନିମନ୍ତେ ଶୁଭ ସଙ୍କଳ୍ପର କ୍ଷଣ। ବଦଗୁଣ ପରିତ୍ୟାଗ ନିମନ୍ତେ ପ୍ରତିବଦ୍ଧତାର ସମୟ। ସମୟର କାଳଖଣ୍ଡରେ ଏମିତି ସଙ୍କଳ୍ପ ନେବାର ହିଁ ପରିବର୍ତ୍ତନର ବାର୍ତ୍ତାବହ। କାରଣ ସାଧାରଣ ସଙ୍କଳ୍ପଟିଏ ତିଆରି କରିପାରେ ଅସାମାନ୍ୟ ଉଦାହରଣ। ଗତକାଲିର ସ୍ୱପ୍ନ ପାଲଟି ଯାଇପାରେ ଆସନ୍ତାକାଲିର ସମ୍ଭାବନା। ମାତ୍ର ଆମର ଏଠି ନୂଆବର୍ଷରେ ଯେଉଁ ସଙ୍କଳ୍ପ ନିଆଯାଏ, ତାକୁ କାର୍ଯ୍ୟକାରୀ କରିବାକୁ ନ ଥାଏ କାହାରି ପ୍ରତିବଦ୍ଧତା। ତେଣୁ ବର୍ଷାନ୍ତର କେବଳ ସଙ୍କଳ୍ପ ନେବାର ଏକ 'କା' ମାତ୍ର।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ପାଠକ ଶ୍ରେଷ୍ଠ ବିଚାରକ

### ଅଭିଭାବକଙ୍କ ତାଗିଦା ଜରୁରୀ

ମହାଶୟ,

ଏବେ ସହରରେ ୩ ଚକିଆ ଗାଡ଼ି ସଂଖ୍ୟା ବଢ଼ିଚାଲିଛି। ଦୁଇଚକିଆ ଯାନଗୁଡ଼ିକର ଚଳାଚଳ ନିମନ୍ତେ ଯୁବପିଢ଼ିଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗି ରହିଛି। ଯୁବତୀଯୁବକମାନେ ସଡ଼କ ସୁରକ୍ଷା ଆଇନକୁ ବେଖାତିର କରୁଛନ୍ତି। ପ୍ରତି ଘରେ ୩ଟିରୁ ଅଧିକ ୨ ଚକିଆ ଯାନ ଥିବା ଦୃଷ୍ଟିଗୋଚର ହେଉଛି। ଯୁବପିଢ଼ି ଧାର୍ଯ୍ୟ ବୟସସୀମାକୁ ମଧ୍ୟ ଉଲ୍ଲଂଘନ କରୁଛନ୍ତି। ସ୍କୁଲ ଏବଂ କଲେଜରେ ନୂଆକରି ପାଦ ଥାପୁଥିବା ଯୁବବର୍ଗ ଆଜି ବିନା ଲାଇସେନ୍ସ, ବିନା ହେଲ୍‌ମେଟ୍‌ରେ ୨ ଚକିଆରେ ୩ ଜଣଙ୍କୁ ବସାଇ ଚଳପ୍ରଚଳ କରୁଛନ୍ତି। ରନ୍‌ୱେରେ ଡ୍ରାଇଭକରି ଯିବା ଆସିବା କରୁଥିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରଶ୍ନ ଉଠେ, ପିଲାମାନଙ୍କର ଏହି ବେପରୁଆ ଗାଡ଼ି ଚାଳନା ଯୋଗୁ କ୍ଷତିରେ ପଡୁଥିବା ଜନଜୀବନ ଆଜି କେତେ ସୁରକ୍ଷିତ ? ସରକାର ଯଥାଶୀଘ୍ର ଯୁବବର୍ଗର ଚାଳକଙ୍କ ନିମନ୍ତେ କଡ଼ାକଡ଼ି ଆଇନ ପ୍ରଣୟନ କରନ୍ତୁ। ପ୍ରତି ସାପ୍ତାହିକ କିମ୍ବା ଦୈନନ୍ଦିନ ଅନ୍ତରରେ ଏହି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶିବିର ଆୟୋଜନ କରାଯିବା ଆବଶ୍ୟକ । ଏହି ଶିବିର ସମସ୍ତ ସହରରେ କରାଯିବାର ଆୟୋଜନ କରନ୍ତୁ। ହୁଏତ ଦୁର୍ଘଟଣାର ହାର ନିଶ୍ଚିତଭାବେ କମ୍ ହୋଇପାରିବ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକ ରୋଡ୍, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେହି ମୋର ହେଲା ପ୍ରିୟ
ସବୁଠାରୁ କମନୀୟ
ସେହି ମୋର ଅନାଗତ ରାଗିଣୀ
ଯାହା କେବେ ଏ ଜୀବନେ ବାଜିନି ।
-(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଦୁଇଟି 'ପ୍ରଳୟ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର,୩୧।୧୨(ବାଞ୍ଛାନିଧି ଦେ):** ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆରଡିଓ) ପକ୍ଷରୁ ଏକାଥରକେ ଦ୍ୱରିତ କ୍ରମାନ୍ୱୟରେ ଦୁଇଟି ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଶର୍ଟ ରେଞ୍ଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ କରାଯାଇଛି। ଏକ ମୋବାଇଲ ଲଞ୍ଚର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି କ୍ଷେପଣାସ୍ତ୍ର ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ଗୋଟିଏ ପରେ ଗୋଟିଏ ଉତ୍‌କ୍ଷେପଣ ହୋଇଥିଲା। ଏହି ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚାନ୍ଦିପୁରସ୍ଥିତ ଆଇଟିଆର୍ ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣର ତଥ୍ୟ ବିଶ୍ଲେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ଶହରୁ ୧ହଜାର କି.ଗ୍ରା.ର ଯୁଦ୍ଧାସ୍ତ୍ର ଧାରଣ କରି ଏହା ୩୫୦–୫୦୦ କି.ମି. ପର୍ଯ୍ୟନ୍ତ ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ। ମିଶାଇଲ୍ ଗାଇଡ୍ ସିଷ୍ଟମରେ ଆର୍ଟ ନେଭିଗେଶନ୍ ସିଷ୍ଟମ୍ ଏବଂ ଇଣ୍ଟିଗ୍ରେଟେଡ୍ ଆଭିଓନିକ୍ସ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ବାୟୁସେନା ଓ ସ୍ଥଳସେନା, ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଅନ୍ୟ ସହଯୋଗୀ ସଂସ୍ଥାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।













# ଏମ୍ସରେ ପ୍ରଥମ ଯକୃତ ପ୍ରତିରୋପଣ ସଫଳ

**ବଡ଼ ଭାଇଙ୍କୁ ଯକୃତ ଦାନ କଲେ ସାନ**

**ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା)**

ଏମ୍ସ ଭୁବନେଶ୍ୱରରେ ଡିସେମ୍ବର ୨୦ରେ ହୋଇଥିବା ପ୍ରଥମ ଲିଭର (ଯକୃତ) ପ୍ରତିରୋପଣ ସଫଳ ହୋଇଛି। ସାନଭାଇର ଯକୃତ ଗ୍ରହଣ କରି ବଡ଼ଭାଇ ନୂଆ ଜୀବନ ପାଇଛନ୍ତି। ପୁରୀ ଜିଲା ପିପିଲି ଅଞ୍ଚଳର ୩୭ ବର୍ଷୀୟ ଯୁବକ ନିଜର ଅସୁସ୍ଥ ଯକୃତ କାରଣରୁ ଲକ୍ଷାଧିକ ଟଙ୍କା ବ୍ୟୟ କରି ଏକପ୍ରକାର ଅସହାୟ ହୋଇପଡ଼ିଥିଲେ। ସୁସ୍ଥ ହେବାର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ଉନ୍ନତ ଚିକିତ୍ସା ପାଇଁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ବିଭିନ୍ନ ହସ୍ପିଟାଲ ପକ୍ଷରୁ କୁହାଯିବା ପରେ ସେ ମାନସିକ ସ୍ତରରେ ଭାଙ୍ଗିପଡିଥିଲେ। ଶେଷରେ ଏମ୍ସରେ ଆୟୁଷ୍ମାନ୍ ଭାରତ ଯୋଜନା ମାଧ୍ୟମରେ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ ତାଙ୍କ ଯକୃତ ପ୍ରତିରୋପଣ କରାଯାଇଛି। ୩୦ ବର୍ଷୀୟ ସାନଭାଇ ଯକୃତ ପ୍ରଦାନ କରିଛନ୍ତି। ପ୍ରତିରୋପଣ ପରେ ଉଭୟ ଭାଇ ସୁସ୍ଥ ଅଛନ୍ତି। ସାନଭାଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ବେଳେ ଆଉ କିଛିଦିନ ମଧ୍ୟରେ ବଡ଼ଭାଇ ମଧ୍ୟ ଡିସ୍‌ଚାର୍ଜ ହେବେ ବୋଲି ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଚଳିତବର୍ଷ ଏମ୍‌ସରେ ଏକ ସ୍ୱତନ୍ତ୍ର ଯକୃତ ପ୍ରତିରୋପଣ ଓପିଡି ଆରମ୍ଭ ହୋଇଥିବାବେଳେ ୧୦ ଶଯ୍ୟା ବିଶିଷ୍ଟ ଅତ୍ୟନ୍ତ ଉନ୍ନତ ପ୍ରତିରୋପଣ ଇଣ୍ଟେନ୍‌ସିଭ କେୟାର ୟୁନିଟ୍ (ଆଇସିୟୁ) ୨୦୨୫ ନଭେମ୍ବରରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ତେବେ ସଫଳ ହୋଇଥିବା ଏହି ପ୍ରଥମ ଯକୃତ ପ୍ରତିରୋପଣ ପାଇଁ ୫୦ରୁ ଅଧିକ ସଦସ୍ୟଙ୍କୁ ନେଇ ଗଠିତ ଅସ୍ତ୍ରୋପଚାର ଦଳକୁ ପ୍ରାୟ ୧୪ ଘଣ୍ଟା ସମୟ ଲାଗିଥିଲା। ଏମ୍ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋସର୍ଜରି ବିଭାଗ ମୁଖ୍ୟ ଡା. ବ୍ରହ୍ମଦତ୍ତ ପଟ୍ଟନାୟକ, ଡା. ତନ୍ମୟ ଦତ୍ତ ଏବଂ ଡା. ସୁନୀତା ଗୁପ୍ତାଙ୍କ ନେତୃତ୍ୱରେ ନୂଆଦିଲ୍ଲୀର ଆଇଏଲ୍‌ବିଏସ୍‌ର ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର ମୁଖ୍ୟ ପ୍ରଫେସର ଡା. ବିନୟେନ୍ଦ୍ର ପାମେଚା ଏବଂ ତାଙ୍କ ବିଶେଷଜ୍ଞ ଦଳର ମାର୍ଗଦର୍ଶନରେ ଏହି ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଏମ୍ସ ଭୁବନେଶ୍ୱର ପେଡିଆଟ୍ରିକ୍ସ ସର୍ଜରି ବିଭାଗର ଡା. ସୁବ୍ରତ କୁମାର ସାହୁ ଶଲ୍ୟଚିକିତ୍ସା ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଡିଡିଏ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଶିଶୁ ଚିକିତ୍ସା ବିଭାଗ ମୁଖ୍ୟ ତଥା ଓଟି କମିଟି ଅଧ୍ୟକ୍ଷ ଡା. ମନୋଜ କୁମାର ମହାନ୍ତିଙ୍କ ପକ୍ଷରୁ ସହଯୋଗ ମିଳିଥିଲା। ଆନାସ୍ଥେସିଓଲୋଜି ଓ କ୍ରିଟିକାଲ କେୟାର ମୁଖ୍ୟ ଡା. ସତ୍ୟଜିତ ମିଶ୍ର, ଡା. ଶ୍ରୀତମ ସ୍ୱରୂପ ଜେନା ଏବଂ ଡା. ପ୍ରସନ୍ନ କୁମାର ଦାସ ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ଡା. ତାରା ପ୍ରସାଦ ତ୍ରିପାଠୀ ଓ ଡା. ରଞ୍ଜନ କୁମାର ପଟେଲଙ୍କ ଦ୍ୱାରା ରେଡିଓଲୋଜିକାଲ ସହାୟତା ସୁନିଶ୍ଚିତ କରାଯାଇଥିଲା। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡା. ମାନସ କୁମାର ପାଣିଗ୍ରାହୀ ଓ ଡା. ହେମନ୍ତ କୁମାର ନାୟକ ଏହି ପ୍ରକ୍ରିୟାରେ ବିଶେଷ ଭୂମିକା ନିର୍ବାହ କରିଥିଲେ। ଡା. ସୋମନାଥ ମୁଖାର୍ଜୀ, ଡା. ଅଂଶୁମାନ ସାହୁ ଓ ଟିମ ପକ୍ଷରୁ ରକ୍ତଭଣ୍ଡାର ସେବା ଯୋଗାଇ ଦିଆଯାଇଥିଲା। ନର୍ସିଂ ଅଧୀକ୍ଷକ ଡା. ଭି. ମହାଲିଙ୍ଗମ୍‌ଙ୍କ ନେତୃତ୍ୱରେ ନର୍ସିଂ ଓ କ୍ରିଟିକାଲ କେୟାର ନର୍ସିଂ ବୃତ୍ତିଗତଙ୍କ ଏକ ପ୍ରତିବଦ୍ଧ ଦଳ ଦ୍ୱାରା ସାମଗ୍ରିକ ନର୍ସିଂ ସେବା ପ୍ରତିରୋପଣର ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଦୀପକ ନାରାୟଣଙ୍କ ଦ୍ୱାରା ଅଙ୍ଗ ପ୍ରତିରୋପଣ ରୋଗୀ ପରାମର୍ଶ ପ୍ରକ୍ରିୟା ସମନ୍ୱିତ କରାଯାଇଛି। ପ୍ରକାଶ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବୈଷୟିକ ସହାୟତା ଯୋଗାଇ ଦିଆଯାଇଥିଲା ବୋଲି ପ୍ରଫେସର ବିଶ୍ୱାସ କହିଛନ୍ତି।













# ୧୮ ମାସରେ ଓଡ଼ିଶାରେ ଅପରାଧ ଅହେତୁକ ଭାବେ ବଢ଼ିଛି: ବିଜେଡି

**ଭୁବନେଶ୍ୱର, ୩୧।୧୨ (ସୁନିତ୍ ମିଶ୍ର)**

ଭାଜପା ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହ ଓଡ଼ିଶା ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ ହୋଇଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟାରେ ଏହି ସମୟ ଭିତରେ ଅହେତୁକ ବୃଦ୍ଧି ପାଇଛି ବୋଲି ବିଜେଡି ତଥ୍ୟ ରଖିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଦଳର ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଆଇନ ଶୃଙ୍ଖଳା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତାର ଏକ ଲମ୍ବା ତାଲିକା ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଗତ ୧୮ ମାସର ଶାସନରେ ଓଡ଼ିଶା କେବଳ ନିଜ ରାଜ୍ୟ ଭିତରେ ନୁହେଁ ବରଂ ଜାତୀୟ ସ୍ତରରେ ଗୋଟିଏ କ୍ଷେତ୍ରରେ ନିନ୍ଦା ଓ ଲଜ୍ଜା ପାଇଛି, ଯାହା ହେଉଛି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା। ଜୁନ୍ ୨୦୨୪ରେ ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ମୂଳଦୁଆ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଦ୍ୱାରା ପଡ଼ିଥିଲା। ପୁରୀ ସ୍ଥିତ ରାଜ୍ୟପାଳଙ୍କ ବାସଭବନ ଭିତରେ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ସହ ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ ବାଧ୍ୟ କରାଯାଇଥିଲା। ଏହି ନିନ୍ଦନୀୟ ଘଟଣାକୁ ରାଜ୍ୟ ସରକାର ଚାପିଦେଇଥିଲେ। ସେହିପରି ଭାଜପା କର୍ମୀମାନଙ୍କ ଦ୍ୱାରା ବିଏମ୍‌ସି କମିଶନରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣା ମଧ୍ୟ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ଏହାଛଡ଼ା ଅପରାଧ କ୍ଷେତ୍ରରେ ଓଡ଼ିଶା ଦେଶର ଅଷ୍ଟମ ଅପରାଧପ୍ରବଣ ରାଜ୍ୟ ଭାବେ ଚିହ୍ନିତହୋଇ ଏକ ଅଲୋଡ଼ା କୀର୍ତ୍ତିମାନ ହାସଲ କରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି ଉପସ୍ଥିତ ଥିଲେ।






## ସଂକ୍ଷେପରେ

### ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ

**ଖଡ଼ିଆଳ,୩୧।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଦେଓବାହାଲ ୩୫୩ ଜାତୀୟ ରାଜପଥ ଉପରେ ବୁଧବାର ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଡ଼ିଆଳ ଦଳପଡାର ବବଲୁ ପ୍ରଧାନ। ଏଥିରେ ବାଇକ୍ ଚାଳକ ଗୁରୁତର ଅଛନ୍ତି। ତାଙ୍କ ପରିଚୟ ମିଳି ପାରିନାହିଁ। ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଓ ମୃତକଙ୍କୁ ହସ୍ପିଟାଲ ଆଣିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ଧର୍ମେଶ ପାଇଲେ ଗୁରୁ ଆଚାର୍ଯ୍ୟ ସର୍ବଶ୍ରେଷ୍ଠ ସମ୍ମାନ



**ଖଡ଼ିଆଳ,୩୧।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ସହରର ଲାଲ ସାହେବ ପଡ଼ାସ୍ଥିତ ଧର୍ମେଶ ଡ୍ୟାନ୍ସ ଏକାଡେମୀ ନିର୍ଦ୍ଦେଶକ ଧର୍ମେଶ ମେହେର ଗୁରୁ ଆଚାର୍ଯ୍ୟ ସର୍ବଶ୍ରେଷ୍ଠ ସମ୍ମାନ ୨୦୨୫ରେ ସମ୍ମାନିତ ହୋଇଛନ୍ତି। ଚଳିତ ଡିସେମ୍ବରରେ ଦୁର୍ଗ ରାୟପୁରରେ ଆୟୋଜିତ ନାଟ୍ୟ ନର୍ତ୍ତନ ଡ୍ୟାନ୍ସ ଫେଷ୍ଟିଭାଲରେ ଧର୍ମେଶଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଧର୍ମେଶ ଜଣେ ଜଣାଶୁଣା ନୃତ୍ୟ ଗୁରୁ, କରାଟେ ଗୁରୁ, ଜୁମ୍ବା ଟ୍ରେନର ଓ ଯୋଗ ଗୁରୁ ଭାବେ ରାଜ୍ୟରେ ପରିଚିତ। ସେ ବିଭିନ୍ନ ଲୋକ ମହୋତ୍ସବ ସମେତ ଅନୁଷ୍ଠାନ ପକ୍ଷରୁ ଡ୍ୟାନ୍ସ ପ୍ରତିଯୋଗିତା ଓ ଟିଭି ଶୋ'ରେ ଯୋଗଦେଇ ଅନେକ ସଫଳତା ଅର୍ଜନ କରିଛନ୍ତି। ଏଥିସହ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନୃତ୍ୟ, କରାଟେ ଶିକ୍ଷା ଦେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନିଜ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଆଗକୁ ବଢାଇବାର ପ୍ରୟାସ ପାଇଁ ସେ ଜନମାନସରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି।

### କଂସବଧ ସହ ଦଣ୍ଡପାଟ ଧନୁଯାତ୍ରା ଉଦ୍‌ଯାପିତ

**ବେହେରା,୩୧।୧୨(ଭୂପେଶ ତିୱାରୀ):** କଳାହାଣ୍ଡିଜିଲା ଦଣ୍ଡପାଟ ଅଞ୍ଚଳର କେନ୍ଦ୍ରସ୍ଥଳୀ ବେହେରା ଗ୍ରାମରେ ଚାଲିଥିବା ଧନୁଯାତ୍ରା ମହୋତ୍ସବ ୭ଦିନ ପରେ ଉଦ୍‌ଯାପିତ ହୋଇଯାଇଛି। ମଞ୍ଚରେ କୃଷ୍ଣ ବଳରାମ ଦ୍ୱାରା ଶିବଧନୁ ଭଗ୍ନ ସହ କଂସାସୁର ବଧ ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପଞ୍ଚମ ସନ୍ଧ୍ୟାରେ ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ, ଷଷ୍ଠ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଲୋପାମୁଦ୍ରା ଦାସ ଓ ଅବିନାଶ ଦାସଙ୍କ ଗୀତରେ କମ୍ପିଉଠିଥିଲା ମଞ୍ଚ। କଂସଙ୍କ ଡାକରାରେ ପଞ୍ଚମ ସନ୍ଧ୍ୟାରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ସମେତ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ଚନ୍ଦ୍ର ପାଟଯୋଷୀ ଯୋଗଦେଇଥିଲେ। କଳା କ୍ଷେତ୍ରରେ ଘୁମୁରା ଗୀତ ପାଇଁ କୌଶିକ ଖମାରୀ, ଘୁମୁରା ଗୀତ ଗାନ ପାଇଁ ନରେନ୍ଦ୍ର ବିଶି, ରକ୍ତଦାନ ପାଇଁ ଘନଶ୍ୟାମ ମଶ୍ରା, ପ୍ରକୃତି ସମ୍ମାନରେ ସୁଧୀର ରଞ୍ଜନ ଗୋପାଳ, ଯୁବ କବି ରିଖିରାମ ମେହେର, ସେବା ପାଇଁ ତ୍ରିଲୋକ ସିଂହଙ୍କୁ ସମ୍ମାନିତ କରାଯାଇଥିଲା।



ଥୁଆମୂଳ ରାମପୁର ବ୍ଲକ କୋଷାବରାସ୍ଥିତ 'ହେଲୋ ପଏଣ୍ଟ'ଠାରେ ବୁଧବାର ରାଜାରାଣୀ ଝାମୁଯାତ୍ରାରେ ସମବେତ ଶ୍ରଦ୍ଧାଳୁ।

# କଣ୍ଟା ଦୋଳିରେ ଝୁଲିଲେ, ନିଆଁରେ ଚାଲିଲେ କାଳିଶି

**ଥୁଆମୂଳ ରାମପୁର, ୩୧।୧୨ (ଦୁର୍ଗା କୀର୍ତ୍ତି)**

**'ରାଜାରାଣୀ ଝାମୁ ଯାତ୍ରା' ଉଦ୍‌ଯାପିତ**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କୋଷାବରାସ୍ଥିତ 'ହେଲୋ ପଏଣ୍ଟ'ଠାରେ ବୁଧବାର ପାରମ୍ପରିକ ରାଜାରାଣୀ (ମାଳିଚଗା) ଝାମୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଆଦିବାସୀଙ୍କ ନିଆରା ପର୍ବ 'ଟୋକିମରା'ର ଅନ୍ତିମ ଦିନରେ ଆୟୋଜିତ ଏହି ୬୦ ବର୍ଷର ପୁରାତନ ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଠାରେ 'ରାଜା' ଓ 'ରାଣୀ' ନାମକ ଦୁଇଟି ପାହାଡ଼କୁ ଦେବଦେବୀ ରୂପେ ଆରାଧନା କରାଯାଏ। ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ଦେବୀଙ୍କ କାଳିଶିମାନେ କଣ୍ଟା ଦୋଳିରେ ଝୁଲିବା ସହ ନିଆଁ ଉପରେ ଚାଲି 'ଝାମୁ ଯାତ୍ରା' ସମ୍ପନ୍ନ କରିବା। ଏହି ଅବସରରେ ପୂଜା କମିଟି ଓ ପତିତପାବନ କ୍ଲବ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମାଣିକ୍ୟ ଚନ୍ଦ୍ର ନାଏକ, ସନାତନ ମାଝୀ, କ୍ରିଷ୍ଣା ମାଝୀ, କପିଳାସ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ 'ଖଣ୍ଡୁଆଳ ବୁଢ଼ାରାଜା ଡ୍ୟାନ୍ସ ଗ୍ରୁପ' ପ୍ରଥମ ସ୍ଥାନ ଅଧିକାର କରିଥିଲା। ତେବେ ଏହି ପର୍ଯ୍ୟଟନ ସ୍ଥଳୀରେ ସର୍ବନିମ୍ନ ମୌଳିକ ସୁବିଧାର ଘୋର ଅଭାବ ପରିଲକ୍ଷିତ ହୋଇଛି। ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳ ସମସ୍ୟା ଦୂର କରିବା ସହ ଏଠାରେ ଏକ ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି କୈଳାଶ ଚନ୍ଦ୍ର ନାଏକ, ସମ୍ପାଦକ ରଜନୀକାନ୍ତ ମାଝୀଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ।




ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି।

## କେସିଙ୍ଗା ପଞ୍ଚାୟତ ସମିତି ବୈଠକରେ ଉଠିଲା ଝାଡ଼ାବାନ୍ତି ପ୍ରସଙ୍ଗ

**କେସିଙ୍ଗା,୩୧।୧୨(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତିର ୧୦ମ ବୈଠକ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ବୁଧବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ବିଦ୍ୟୁତ୍, ଉଦ୍ୟାନ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନା, ପାନୀୟଜଳ, ରାସ୍ତା ଘାଟ ଭଳି ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ବିଡିଓ ଜନ୍ମେଜୟ ସ୍ୱାଇଁ ଓ ସରପଞ୍ଚ, ସମିତି ମେମ୍ବରଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବେଲଖଣ୍ଡି ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଶାନ୍ତ ବାଗ ବେଲଖଣ୍ଡି ଗ୍ରାମ କଲୋନୀପଡ଼ାରେ ୪ଦିନ ବ୍ୟାପୀ ଝାଡ଼ାବାନ୍ତି ଲାଗିରହିଥିବାବେଳେ ମେଡିକାଲରେ ଚିକିତ୍ସା ଅବହେଳା କରିଥିବା ପ୍ରସଙ୍ଗ ଉଠାଇଥିଲେ। ସୂଚନାଯୋଗ୍ୟ କଲୋନୀପଡ଼ାର ସୁବାସ ଛତ୍ରିଆଙ୍କ ଘରେ ଗତ ରବିବାର ଭୋଜିର ଆୟୋଜନ ହୋଇଥିଲା। ଆମନ୍ତ୍ରଣ କ୍ରମେ ସୁବାସଙ୍କ ଶତାଧିକ ବନ୍ଧୁ, ପରିଜନ ଭୋଜିରେ ଚିକେନ, ମାଛ ଆଦି ଖାଇଥିଲେ। ହେଲେ ସେହି ରାତିରେ ଲୋକଙ୍କ ଝାଡାବାନ୍ତି ଆରମ୍ଭ ହୋଇଥିଲା। ସରପଞ୍ଚ ବାଗ ବେଲଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ଦେଇଥିଲେ ମଧ ଡାକ୍ତର, କର୍ମଚାରୀ ଠିକ୍ ଭାବେ ଚିକିତ୍ସା ନ କରି ଫେରିଯାଇଥିବା ଅଭିଯୋଗ କରିଥିଲେ। ଏହାର ଉତ୍ତରରେ ବେଲଖଣ୍ଡି ହସ୍ପିଟାଲର ମେଡିକାଲ ଅଫିସର ଡା. ପ୍ରତିଭା ରାୟ କହିଲେ ଯେ, ସମସ୍ତ ରୋଗୀଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ରୋଗୀ ସଂଖ୍ୟା ଅଧିକ ହେବାରୁ ବିଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ପ୍ରକାଶ କରିଥିଲେ। ବୁଧବାର ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଭବାନୀପାଟଣାର ଏକ ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚି ଚିକିତ୍ସା କରୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୀଳାବତୀ ତାଣ୍ଡି (୪୩), ବିନୋଦିନି ତାଣ୍ଡି (୫୯), ସମୀକ୍ଷା ନାଏକ (୨୨), କୁମୁଦିନି ଛତ୍ରିଆ (୫୬)ଙ୍କ ସମେତ ୧୨ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

## ନୂଆପଡ଼ା ଜିଲା ଭାଜପା କମିଟି ଗଠିତ

**ନୂଆପଡ଼ା,୩୧।୧୨ (ମକାରୁ ବେମାଲ)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ନୂଆପଡ଼ା ଜିଲା ଭାଜପାର ନୂତନ କମିଟି ଗଠିତ ହୋଇଯାଇଛି। କମଲେଶ ଦୀକ୍ଷିତ ସଭାପତି, ଉପସଭାପତି ଭାବେ ଦିଲୀପ ନିର୍ମଳକର, ଡା. ସୋନିଆ ଜୈନ, ଅବନୀ ରଞ୍ଜନ ଯୋଷୀ, ବିକ୍ରମ ଆଡବଙ୍ଗ, ଦେବଦେବ ପ୍ରସାଦ ସିଂଦେଓ, ସଂଦୀପ ଶର୍ମା, ରାନ୍ଦ୍ରନନ୍ଦ ମନହିରା, ଦୃଷ୍ଟି ଚରଣ ମାଝୀ ଓ ସମ୍ପାଦକ ଭାବେ ଭବନେଶ୍ୱରୀ ଦଣ୍ଡସେନା, କାଳିଆ ପ୍ରଧାନ, ପ୍ରିୟ ରଞ୍ଜନ ମେହେର, ଥାନ ସିଂ ଠାକୁର, ପୂର୍ଣ୍ଣମୀ ମାଝୀ, ସବିତା ଶବର, ସଙ୍ଗୀତା ମାଝୀ, ଅଶା ଜୈନ, ସାଧାରଣ ସମ୍ପାଦକ ଭାବେ ତୁଲସ ପଟେଲ, ଅଜିତ ଚଲାନ, ଅଭିନନ୍ଦନ ପଣ୍ଡା, କୋଷାଧ୍ୟକ୍ଷ ଭାବେ ଚନ୍ଦ୍ରହାସ ସାହୁ, ସୋସିଆଲ ମିଡିଆରେ ଅର୍ଜୁନ ଜଗତ, ମିଡିଆ ସେଲରେ ରାହୁଲ ଯାଦବ, ଆଇଟି ସେଲରେ ଅଭିଜିତ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି।

## ନୂଆପଡ଼ାରେ ପ୍ଲାଷ୍ଟିକ୍ ଶାଗୁଦାନା ବିକ୍ରି ଅଭିଯୋଗ

**ନୂଆପଡ଼ା,୩୧।୧୨ (ମକାରୁ ବେମାଲ)**

ନୂଆପଡ଼ା ସହରରେ ପ୍ଲାଷ୍ଟିକ ଶାଗୁଦାନା ବିକ୍ରୟ ହେଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଟାନୱାଟ ପଞ୍ଚାୟତ ଝିଲମିଲା ଗାଁର ଜ୍ୟୋତିର୍ମୟ ପୁହାଣ ନୂଆପଡ଼ା ଇରିଗେସନ ଛକରେ ଥିବା ଗୁପ୍ତା କିରାନା ଦୋକାନରୁ ମଙ୍ଗଳବାର ଜିବିଏସ୍ କମ୍ପାନୀର ୨ ପ୍ୟାକେଟ ଶାଗୁଦାନା କିଣିଥିଲେ। ତାହାକୁ ସେ ପାଣିରେ ଭିଜାଇ ରାତିତମାମ ରଖିଥିଲେ। ପରଦିନ ତାହା ୯୦ ପ୍ରତିଶତ ଭିଜି ନ ଥିଲା କି ଫୁଲି ନ ଥିବା ଦେଖାଯାଇଥିଲା। ପୁଣି ତାହାକୁ ଗ୍ରାଇଣ୍ଡର କରିବାରୁ ତାହା ଗୁଣ୍ଡ ହୋଇ ନ ଥିଲା। ତେଣୁ ଏହା ପ୍ଲାଷ୍ଟିକ ଶାଗୁଦାନା ହୋଇଥିବ ସନ୍ଦେହ କରି ସେ ନୂଆପଡା ଖାଦ୍ୟ ନିରୀକ୍ଷକଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ନୂଆପଡା ଖାଦ୍ୟ ନିରୀକ୍ଷକ କୃଷ୍ଣ ପ୍ରିୟା ଗୁପ୍ତା କିରାନା ଦୋକାନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ତାଙ୍କୁ ପଚାରିବାରୁ ଶାଗୁଦାନା ବିଷୟରେ ଆମ ପାଖକୁ ଅଭିଯୋଗ ଆସିଛି। ଯେଉଁ ଦୋକାନରୁ କିଣାଯାଇଥିଲା, ସେଠାକୁ ଯାଇ ଆମେ ସାମ୍ପଲ ସଂଗ୍ରହ କରିଛୁ। ଏହାକୁ ଲାବରେଟୋରିକୁ ପଠାଇ ଯାଞ୍ଚ କରିବା ପରେ ସତ୍ୟାସତ୍ୟ ଜଣା ପଡିବ ବୋଲି କହିଥିଲେ। ଦୋକାନୀଙ୍କୁ ପଚାରିବାରୁ ଆମେ ରାୟପୁର ଜିବିଏସ୍ କମ୍ପାନୀରୁ ପ୍ୟାକେଟ ଫୁଡ୍ ଆଣି ବିକ୍ରୟ କରୁଛୁ। ନକଲି କିମ୍ବା ଅସଲି ଜାଣିନାହୁଁ।

## ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରାଯାଉ

**ଲାଞ୍ଜିଗଡ଼, ୩୧।୧୨(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ଲାଖବାହାଲି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ୨)ରେ ପରିଣତ କରିବା ପାଇଁ ୬ଟି ପଞ୍ଚାୟତର ଲୋକେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବ୍ଲକର ପାହାଡ଼ପଦର, ମାଲିଯୁବାଙ୍ଗ, ଲାଖବାହାଲି ହାଲି, ବେନଗାଁ, ବିଜେପୁର, ଲାଞ୍ଜି ଆଦି ଗ୍ରାମପଞ୍ଚାୟତର ଛାତ୍ରୀଛାତ୍ର ହାଇସ୍କୁଲ ଶିକ୍ଷା ପରେ ଉଚ୍ଚଶିକ୍ଷା ପାଇଁ ୬୦ କି.ମି. ଦୂର ବିଶ୍ୱନାଥପୁର, ୩୦ କି.ମି. ଲାଞ୍ଜିଗଡ଼, ୬୫ କି.ମି. ଅମ୍ବାଦଳା, ୩୦ କି.ମି. ଦୂର କଲ୍ୟାଣସିଂହପୁର କିମ୍ବା ୧୨୦ କି.ମି. ଦୂର ଭବାନୀପାଟଣା ଉପରେ ନିର୍ଭର କରିଥାନ୍ତି। ଦୂରତା କାରଣରୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଘାଟି ଅଞ୍ଚଳର ଲାଖବାହାଲି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବା ପାଇଁ ଲାଖବାହାଲି ଯୁବକ ସଂଘ ନେତୃତ୍ୱରେ ୬ ପଞ୍ଚାୟତର ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହାସହିତ ଏଡ଼ିଏମ୍ ତନ୍ମୟ ଦରୱାନ, ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି, ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଲାଖବାହାଲି ସରପଞ୍ଚ ପଦ୍ମିନୀ ମାଝୀ, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ବିଜେପୁର ସରପଞ୍ଚ ଜନନୀ ମାଝୀ, ମାଲିଯୁବଙ୍ଗ ସରପଞ୍ଚ ସମେତ ସାମାଜିକ କର୍ମୀ ଖଗେଶ୍ୱର ନାଏକ, ବୈଦ୍ୟନାଥ ନାଏକ, କାକିଲ ନାଏକ, ଶିବ ମାଝୀ, ଲାଖବାହାଲି ଯୁବଶକ୍ତି ସଂଘର ଅନିଲ ନାଏକ, ବଳଭଦ୍ର ଶିବରାମ ନାଏକ, ସୁରେଶ ନାଏକ, ନିବାସ ନାଏକ, ଡମେ ମାଝୀ ସମେତ ଘାଟି ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

## ୫୮ ତମ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

**ରିଷିଡ଼ା,୩୧।୧୨(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମାତୃପୁରୀ ଶ୍ରୀଅରବିନ୍ଦ ସତ୍‌ସଙ୍ଗ ବିହାରଠାରେ ୫୮ ତମ ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁରଲୀଧର ରଣା ମୁଖ୍ୟ ଅତିଥି, ନବଜୀବନ ଶିକ୍ଷା ସଂସଦ ସଂଯୋଜକ ବ୍ରଜମୋହନ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଜୟ ସେନାପତି ସଭାପତିତ୍ୱ କରିଥିଲେ। ଅତିଥିମାନେ ମା'ଙ୍କ ନିର୍ଦ୍ଦେଶକୁ ଆମ ଚଳଣି ଭିତରେ ଫୁଟାଇ ତୋଳିବା ହେଉଛି ତାଙ୍କୁ ପ୍ରକୃତ ଭଲପାଇବା। ପ୍ରତ୍ୟେକ କର୍ମ ଭିତରେ ତାଙ୍କ କୁହା କଥା ବାସ୍ତବାୟିତ କରିବା ହେଲା ଆମର ପ୍ରକୃତ କର୍ମ। ଆମର ଆଚାର ଆଚରଣ ହିଁ ଆମେ ତାଙ୍କ ସନ୍ତାନ ବୋଲି ପରିଚୟ ଦେଇଥାଏ ବୋଲି କହିଥିଲେ। କମିଟି ସଦସ୍ୟ ଡମ୍ବରୁଧର ପାତ୍ର, ପଦ୍ମ କିଶୋର ସାହୁ, ଚିନ୍ମୟ ରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ବୋଡ଼େନ,୩୧।୧୨ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ବିନୋପୁର ଗ୍ରାମ ନିକଟସ୍ଥ ଫୋରୱେ ରାସ୍ତା ଉପରେ ବୁଧବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଡ଼େନ ଗ୍ରାମର ବିଷ୍ଣୁ ନାଗ (୨୪)। ସକାଳ ସମୟରେ ଏଭଳି ଘଟଣା ଦେଖି ସ୍ଥାନୀୟ ଲୋକେ ଥାନାକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରାସ୍ତା କଡ଼ର ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ବୁଢ଼ିକୋମନା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା




ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା,୩୧।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ବୁଢ଼ିକୋମନା ପଞ୍ଚାୟତ ମହାବିଦ୍ୟାଳୟଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ଅଭିମନ୍ୟୁ ମୁଣ୍ଡଙ୍କ ନେତୃତ୍ୱରେ ଗାଁ ଅଧିଷ୍ଠାତ୍ରୀ ଦେବୀ ବସ୍ତ୍ରାଣୀ ଗୁଡିରୁ ଛାତ୍ରମାନେ ମଶାଲ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପରେ ଖେଳ ପଡିଆରେ ପହଞ୍ଚି ସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଶିତିକଣ୍ଠ ପଣ୍ଡା କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପିକା ସଂଘମିତ୍ରା ନାୟକ, ଅଧ୍ୟାପକ ପରିତୋଷ ସାହୁ, ରାଜକୁମାର ସୁନାନୀ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଅତିଥି ଓ ପୋଲିସ ଅଧିକାରୀ ମିନତି ବଡନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ, ଲମ୍ଫ ଓ ଉଚ୍ଚଡିଆଁ, କବାଡି, ଖୋଖୋ, ରଶିଡିଆଁ, ଶର୍ଟପୁଟ ଥ୍ରୋ ଭଳି ୨୩ ପ୍ରକାର ଖେଳ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ମହିଳା ବର୍ଗରେ ପ୍ରଜ୍ଞା ପରମିତା ଶଗରିଆ ଓ ପୁରୁଷ ବର୍ଗରେ ଦୁର୍ଯ୍ୟୋଧନ ସୁନାନୀ ଚାମ୍ପିୟନ ହୋଇଥିଲେ। ଖେଳ ଶିକ୍ଷକ ପ୍ରକାଶ ଚନ୍ଦ୍ର ହୋତା ଖେଳ ପରିଚାଳନା କରିଥିଲେ।

## ଜୋନ୍‌ସ୍ତରୀୟ କ୍ରିକେଟ୍: ଭୋଜପୁର ଚାମ୍ପିୟନ

**ଖଡ଼ିଆଳ,୩୧।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦେଓବାହାଲ ଗ୍ରାମଠାରେ ଚାଲିଥିବା ୪ନଂ. ଜିଲା ପରିଷଦ ଜୋନସ୍ତରୀୟ ପ୍ରଥମ ୟୁନିଟି କପ୍ କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୩୨ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଭୋଜପୁର ଓ ବରଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଭୋଜପୁର ଦଳ ଚାମ୍ପିୟନ ହୋଇଛି। ଭୋଜପୁର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୬୭ ରନ କରିଥିଲା। ଜବାବରେ ବରଗାଁ ଦଳ ସମସ୍ତ ଉଇକେଟ ହରାଇ ୭୦ ରନ କରି ପରାଜିତ ହୋଇଛି। ଖେଳ ପରିଚାଳନା କରିଥିଲେ ବସନ୍ତ ଶବର ଓ ଆଲୋକ ବାଗ। ଖଡ଼ିଆଳ ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ବିଶିଷ୍ଟ ଅତିଥି ଓ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ସିନାପାଲି ବ୍ଲକ ଉପାଧ୍ୟକ୍ଷା ମିନା ଘିଡେଲା, ଜିଲା କଳାକାର ସଂଘ ସଭାପତି ଅର୍ଜୁନ ଛତ୍ରିଆ, ସରପଞ୍ଚ ସଂଘ ସଭାପତି ସନ୍ତୋଷ ମିଶ୍ର, ବରିଷ୍ଠ ଖବରଦାତା କୁନୁ କରୁଆ, ସାନମହେଶ୍ୱର ସରପଞ୍ଚ ଆଲ୍ଲାଦିନି ବେହେରା, ଶରଧାପୁର ସରପଞ୍ଚ ଉମେଶ କୈବର୍ତ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।




ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା ଉଦ୍‌ଯାପିତ

**ଭବାନୀପାଟଣା, ୩୧।୧୨(ଉତ୍ତମ କୁମାର ଦାଶ)**




କଳାହାଣ୍ଡି ଜିଲା ଭବାନୀପାଟଣା ସହର ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନୀରଦ ଚନ୍ଦ୍ର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ବକ୍ତା ଓ ଡ଼ିଡ଼ିଏମ୍ ନାବାର୍ଡ ମହେଶ୍ୱର ଦାସ, ମତ୍ସ୍ୟ ଯୁଗ୍ମ ନିର୍ଦ୍ଦେଶକ ନୀଳାମ୍ବର କିଲ୍ଲାକା, ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ବିଭାଗରେ ସଫଳ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ରାଶି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ଲାପଡା ପ୍ରାଣୀ ଚିକିତ୍ସକ ଡା. ସୁଦେବୀ ଭଞ୍ଜ, ବିଶ୍ୱନାଥପୁର ପ୍ରାଣୀ ଚିକିତ୍ସକ ଡା. ତେଜସ୍ୱିନୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ଦୁଇଦିନିଆ ଏହି ଜିଲାସ୍ତରୀୟ ମେଳାକୁ ଜିଲା ତାଲିମ ସଂଯୋଜକ ଡ଼. କେଦାରନାଥ ଖମାରୀ ପରିଚାଳନା କରିଥିଲେ। ପରେ କ୍ଷୀରସିନ୍ଧୁ ନାଏକ ଓ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମେଳାରେ ମତ୍ସ୍ୟ, ପ୍ରାଣିସମ୍ପଦ ତଥା ଅନ୍ୟାନ୍ୟ ବିଭାଗର ୩୨ ଷ୍ଟଲ ସହ ୨୪ ଜୀବନ୍ତ ପ୍ରାଣୀ ସମ୍ପଦର ପ୍ରଦର୍ଶନୀ ହୋଇଥିଲା।

**ବରଗଡ଼ ଧନୁଯାତ୍ରା ମହୋତ୍ସବ**


ହାଟପଦା ଦୁର୍ଗା ମନ୍ଦିରରେ କଂସ ମହାରାଜ।


ବେନିଭାଇ ଶ୍ରୀକୃଷ୍ଣ, ବଳରାମଙ୍କୁ ମହାମନ୍ତ୍ରୀ ଅକ୍ରୁର ଭେଟୁଛନ୍ତି।

## ବେନିଭାଇଙ୍କୁ ଭେଟିଲେ ଅକ୍ରୁର

**ବରଗଡ଼,୩୧।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବର ବୁଧବାର ଥିଲା ଅଷ୍ଟମ ଦିବସ। ଏହି ଦିବସରୁ ନିଶାମଣି ହାଇସ୍କୁଲ ସମ୍ମୁଖ ପଡ଼ିଆର ମଞ୍ଚ(ରଙ୍ଗମହଲ) ରାଜ ଦରବାର ପାଲଟିଛି। ଅନ୍ୟପଟେ ହାଟପଦାସ୍ଥିତ ରାଜ ଦରବାର ରଙ୍ଗମହଲ ହୋଇଛି। ଉଭୟ ମଥୁରାନଗରୀ ଏବଂ ଗୋପପୁର ଦୃଶ୍ୟାଭିନୟ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ଅନ୍ୟଦିନ ଭଳି ରାଜମହଲରୁ ମଥୁରାଧିପତି କଂସ ମହାରାଜ ମଥୁରା ପରିଭ୍ରମଣରେ ବାହାରିଥିଲେ। ସ୍ଥାନୀୟ ଦୁର୍ଗା ମନ୍ଦିରକୁ ମହାରାଜ ଯାଇଥିଲେ। ପରିଭ୍ରମଣ ସାରି ସେ ରଙ୍ଗମହଲକୁ ଆସିଥିଲେ ଏବଂ ନାଚଗୀତରେ ମସ୍‌ଗୁଲ ହୋଇଥିଲେ। ଏହାପରେ ରାଜ ଦରବାରରେ ସେ ପହଞ୍ଚିଥିଲେ। ଗୋପପୁର ପ୍ରେରିତ ରାକ୍ଷସୀ, ରାକ୍ଷସ ନିଧନ ଖବର ପାଇ ମର୍ମାହତ କଂସ ମହାରାଜ ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା ପାଇଁ ନିଜ ସୈନ୍ୟ, ସାମନ୍ତଙ୍କ ସହିତ ଯୁଦ୍ଧାଭ୍ୟାସ କରିଥିଲେ। ଅନ୍ୟପଟେ ଗୋପାଳ ବାଳକଙ୍କ ଗହଣରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମ ଗୋପପୁର ପରିକ୍ରମା କରି ବୃନ୍ଦାବନ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଅନ୍ଧ ବ୍ରାହ୍ମଣ ଶ୍ରୀକୃଷ୍ଣଙ୍କୁ ଭେଟିବା ପାଇଁ ଯାଇଥିଲେ। ସେହିପରି କଂସ ମହାରାଜଙ୍କ ନିର୍ଦ୍ଦେଶକ୍ରମେ ମହାମନ୍ତ୍ରୀ ଅକ୍ରୁର ଗୋପପୁର ଯାଇଥିଲେ। ଗୋପପୁର ଯିବା ବାଟରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଗୋପପୁରରେ ପହଞ୍ଚିବା ପରେ ଶ୍ରୀକୃଷ୍ଣ, ବଳରାମଙ୍କ ସହିତ ଅକ୍ରୁରଙ୍କ ସାକ୍ଷାତ୍ ହୋଇଥିଲା। ଏହି ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା ଏବଂ ବହୁ ଦର୍ଶକଙ୍କ ଭିଡ଼ ହୋଇଥିଲା।

# ଘେଁସ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ରେ ସାମିଲ

**୧୫ କୋଟି ବିନିଯୋଗରେ ଘେଁସର ବିକାଶ ହେବ**

**ମଥୁରାନଗରୀ/ ସୋହେଲା,୩୧।୧୨ (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ଘେଁସଠାରେ ବୁଧବାର ରାଜ୍ୟସ୍ତରୀୟ ବୀରତା ଦିବସ ଏବଂ ଶହୀଦ ମାଧୋ ସିଂହଙ୍କ ସ୍ମୃତି ସମାରୋହ ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଘେଁସ ଗ୍ରାମରେ ଶହୀଦଙ୍କ ସ୍ମାରକୀ ପ୍ରତିଷ୍ଠା ହେବ ଏବଂ ଏଥିରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ସହିତ ଏକ ସ୍ୱାଗତ ତୋରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି। ଏଥିପାଇଁ ୬.୨୬ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ରେ ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରୁଛନ୍ତି। ଏହି ଯୋଜନାରେ ୧୫ କୋଟି ଟଙ୍କା ବିନିଯୋଗରେ ଶହୀଦ ମାଧୋ ସିଂହଙ୍କ ଜନ୍ମପୀଠ ଓ ଗ୍ରାମର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଘେଁସ କଲେଜକୁ ଶହୀଦ ମାଧୋ ସିଂହ ସ୍ମାରକୀ ମହାବିଦ୍ୟାଳୟ ନାମରେ ନାମିତ କରାଗଲା ବୋଲି ଘୋଷଣା କରିଛନ୍ତି। ଏଥିସହିତ ୪ କୋଟି ୪୦ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟରେ ୧୦୦ ଆସନ ବିଶିଷ୍ଟ ଏକ ଆଧୁନିକ ଅର୍ବାନ ମଡର୍ନ ଗର୍ଲ୍ସ ହଷ୍ଟେଲ ମଧ ନିର୍ମାଣ କରାଯିବ ଏବଂ ଘେଁସ କଲେଜକୁ ସମ୍ପୂର୍ଣ୍ଣ ନୂଆରୂପରେ ବିକାଶ କରାଯିବ ବୋଲି ସେ ଘୋଷଣା କରିଥିଲେ। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ମାଧୋ ସିଂହଙ୍କ ପରି ଦେଶଭକ୍ତ ସମ୍ପୂର୍ଣ୍ଣ ମାନବ ସମାଜକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ତ୍ୟାଗ କେବଳ ଓଡ଼ିଶା ନୁହେଁ, ସାରା ଭାରତ ଏପରିକି ବିଶ୍ୱ ଇତିହାସରେ ବିରଳ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଦେଶ ପାଇଁ ସେ ନିଜ ଜୀବନ ସହିତ ନିଜର ଚାରିପୁଅ ଓ ଜାମାତା ମଧ ବଳିଦାନ ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆଦିବାସୀ କେବଳ ଯୁଦ୍ଧ ନୁହେଁ, ସମାଜ ଗଠନ ଦିଗରେ, ସାମାଜିକ ଶୃଙ୍ଖଳା ରକ୍ଷା ଦିଗରେ ନିଜର ଯୋଗଦାନ ଦେଇଆସିଛନ୍ତି। ଶହୀଦ ମାଧୋ ସିଂହଙ୍କୁ ନିଜର ଆଦର୍ଶ ମନେକରି ବିଂଝାଲ ଜାତି ତାଙ୍କ ବୀରତା ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆଗାମୀ ପିଢ଼ି ସହିତ ପରିଚିତ କରାଇବାର ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି ବୋଲି କହିବା ସହିତ ଆଦିବାସୀ କଲ୍ୟାଣ ସଂଘକୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଥିଲେ। ଘେଁସର ଏହି ମହାନାୟକଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ତାଙ୍କ ଜନ୍ମପୀଠ ଘେଁସକୁ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ରେ ସାମିଲ କରାଯାଇଛି। ଏହା ମାଧ୍ୟମରେ ଶହୀଦଙ୍କ ଜନ୍ମପୀଠର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍କୁଲ ଡ୍ରପ୍‌ଆଉଟ ହାର ରୋକିବା ପାଇଁ 'ଶହୀଦ ମାଧୋ ସିଂହ ହାତଖର୍ଚ୍ଚ' ଯୋଜନା ପ୍ରସ୍ତୁତ ହୋଇଛି। ଏହି ଯୋଜନାରେ ଛାତ୍ରୀଛାତ୍ରମାନଙ୍କୁ ନବମ ଓ ଏକାଦଶ ଶ୍ରେଣୀରେ ଅଧ୍ୟୟନ ପାଇଁ ଏକକାଳୀନ ସହାୟତା ରାଶି ଭାବରେ ଛାତ୍ରୀଛାତ୍ର ପିଛା ୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଘେଁସ ଗ୍ରାମ ପଞ୍ଚାୟତର ମଧ ୧୦୦ଜଣ ଛାତ୍ରୀଛାତ୍ର ଏହି ଯୋଜନାରେ ସାମିଲ ହୋଇଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ପରିସମାପ୍ତି ପରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂହଙ୍କ ବାସଭବନ ପରିସରରେ ତାଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଶିଷ୍ଟ କୋଶଳୀ କବି ପଦ୍ମଶ୍ରୀ ଡ. ହଳଧର ନାଗ, ଶହୀଦ ମାଧୋ ସିଂହଙ୍କ ଦାୟାଦ ଲୋକେଶ୍ୱର ସିଂ ବରିହା, ଦିଶା କମିଟି ବରଗଡ଼ର ସଦସ୍ୟ ଗୋବର୍ଦ୍ଧନ ଭୁଏ, ଜିଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବରଗଡ଼ ବୀର ଛକ (ହଳଦୀପାଲି)ରେ ଆୟୋଜିତ ଜିଲାସ୍ତରୀୟ ବୀରତା ଦିବସ ଅବସରରେ ନାଟ୍ୟକାର, ସାହିତ୍ୟିକ ଚୂଡ଼ାମଣି ରଥ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଶହୀଦ ଓ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱ ଓ ବରିଷ୍ଠ ନାଗରିକ ସଂଘ ସଦସ୍ୟ କେଦାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ରଥ ଶହୀଦ ବୀର ମାଧୋ ସିଂହ ଓ ତାଙ୍କ ପରିବାରର ବଳିଦାନ ଆଜିର ଯୁବ ପିଢ଼ିକୁ ଦେଶ ମାତୃକାର ସେବା କରିବାକୁ ନିଶ୍ଚିତ ପ୍ରବର୍ତ୍ତାଇବ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍‌ଲା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଝାଙ୍କର ସ୍ୱାଗତ ଭାଷଣ ଓ ଉପ ସଭାପତି ରବି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଭାବରେ ବରଗଡ ବିଡିଓ ବି. ଡୁଙ୍ଗ୍‌ଡୁଙ୍ଗ୍, ଭେଡେନ ଜମିଦାର ଶହୀଦ ମନୋହର ସିଂହଙ୍କ ଦାୟାଦ ଅଶୋକ ସିଂହ ଓ ଜ୍ୟୋତ୍ସ୍ନାମୟୀ ସିଂହ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଗୋବିନ୍ଦ ଦାଶ, ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବୀରେନ୍ଦ୍ର ପ୍ରଧାନ, ମାଧୋ ସିଂହଙ୍କ ଭୂମିକାରେ ଥିବା ପାଣ୍ଡବ କର୍ଣ୍ଣ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅମୂଲ୍ୟ ଭୋଇଙ୍କ ଦ୍ୱାରା ନିର୍ମିତ ଶହୀଦ ବୀର ମାଧୋ ସିଂହଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଶହୀଦ ବୀର ମାଧୋ ସିଂହ ଭୂମିକାରେ ଥିବା କର୍ଣ୍ଣ, ହଟେ ସିଂହ ଭୂମିକାରେ ଥିବା ବୀରବଲ ମହାକୁଡ଼, କୁଞ୍ଜଲ ସିଂହ ଭୂମିକାରେ ଥିବା ଅନନ୍ତ ମେହେର, ଐରୀ ସିଂହ ଭୂମିକାରେ ଥିବା କ୍ଷୀରୋଦ ବାଗ, ବୈରୀ ସିଂହ ଭୂମିକାରେ ଥିବା ଠାକୁର ବିଶାଳଙ୍କ ସମେତ ମନୋହର ସିଂହଙ୍କ ଦାୟାଦ, ମାଧୋ ସିଂହଙ୍କ ମୂର୍ତ୍ତି ତିଆରି କରିଥିବା ମୂର୍ତ୍ତିକାର ଅମୂଲ୍ୟ ଭୋଇ, ଏ. ଇ. ମିଶନ ସ୍କୁଲର ଚେୟାରମ୍ୟାନ୍ ଯଶବୀର ସିଂହ ଶୈନି, ବରଗଡ଼ ଫିଜିକାଲ ଏକାଡେମୀ ମୁଖ୍ୟ ସୁରେଶ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଗଛରେ ପିଟିହେଲା ତୀର୍ଥଯାତ୍ରୀ ବସ, ୨ ଗୁରୁତର

**ବୌଦ୍ଧ,୩୧।୧୨(ଅଜିତ କୁମାର ବାରିକ)**



ବୌଦ୍ଧ ସହର ବାଇପାସ୍‌ର ରଇଠାଣୀ ଛକ ନିକଟରେ ବୁଧବାର ଭୋର୍‌ରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଯାତ୍ରୀ ଗୁରୁତର ଆହତ ହୋଇଥିବାବେଳେ ବସ୍‌ରେ ଥିବା ଅନ୍ୟ ୪୦ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଗୁରୁତର ଦୁଇ ଯାତ୍ରୀ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରୁ ୪୦ ଜଣ ଯାତ୍ରୀଙ୍କୁ ନେଇ ଏକ ଘରୋଇ ବସ୍ ସମ୍ବଲପୁରକୁ ସମଲେଶ୍ୱରୀ ଦର୍ଶନ ପାଇଁ ଯାଉଥିଲା। ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ଭୋର୍‌ରେ ବସ୍‌ଟି ବୌଦ୍ଧ ବାଇପାସ୍‌ର ରଇଠାଣୀ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ଧକ୍କା ହୋଇଥିଲା। ଦ୍ରୁତଗତି, କୁହୁଡ଼ି ଯୋଗୁ ବସ୍‌ଟି ଦୁଇଟି ଗଛରେ ପିଟି ହେବା ପରେ ତୃତୀୟ ଗଛରେ ମାଡ଼ହୋଇ ଅଟକି ଯାଇଥିଲା। ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କୃଷକ ସଂଗଠନ କର୍ମକର୍ତ୍ତା ଅଟକ


ଥାନାରେ ଅଟକ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ କର୍ମକର୍ତ୍ତା।

**ପଦ୍ମପୁର,୩୧।୧୨(ପ୍ରଦୀପ୍ତ ଦାଶ)**

ବୀରତା ଦିବସ ପାଳନ ଉପଲକ୍ଷେ ଘେଁସରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମ ସମୟରେ ରାଜବୋରାସମ୍ବର କୃଷକ ସଂଗଠନର କର୍ମକର୍ତ୍ତାଙ୍କୁ ପଦ୍ମପୁର ପୋଲିସ ଅଟକ ରଖିଛି। ଆଇନ ପରାମର୍ଶଦାତା ଅଜିତ ଶତପଥି ସହିତ ଦେବରାଜ ସାହୁ, କୈଳାଶ ବାରିକ, କାହ୍ନୁଚରଣ ମେହେର, ପ୍ରକାଶ ଦାଶ, ରୁକ୍ମଣ ବରିହା, ଟଙ୍କଧର କର୍ଣ୍ଣା ଓ କ୍ଷୀରଧର ରଣା ପ୍ରମୁଖ ରହିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ପୂର୍ବ ସତକର୍ତ୍ତାମୂଳକ ଭାବେ ଏହି କର୍ମକର୍ତ୍ତାମାନଙ୍କୁ ଥାନାରେ ଅଟକ ରଖାଯାଇଛି। ତେବେ ଏହି ଅଟକକୁ ନେଇ କୃଷକ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିବା ସୂଚନା ମିଳିଛି।

## କୁଲତା ସମାଜର ନୂତନ କର୍ମକର୍ତ୍ତା ଚୟନ

**ଝାରବନ୍ଧ,୩୧।୧୨(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ଚଣ୍ଡୀଭଟା ବାବା ବିଶା ଶହେ କୁଲକୁଲତା ସମାଜର ନୂତନ କର୍ମକର୍ତ୍ତା ଚୟନ ଗାଁ କଲ୍ୟାଣମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଣ୍ଡୀଭଟା କେନ୍ଦ୍ରର ସମସ୍ତ ଜାତିଭାଇ ଉପସ୍ଥିତ ଥିଲେ। ପୁରୁଣା କମିଟିକୁ ପାଞ୍ଚବର୍ଷ ପୂରିଯାଇଥିବାରୁ ଏକ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ବାସୁଦେବ ପ୍ରଧାନ, ଉପସଭାପତି ଭାରତ ବିଶ୍ୱାଳ, ଦୂବରାଜ ସାହୁ, ସମ୍ପାଦକ ଭାବେ ସୁରେନ୍ଦ୍ର ପ୍ରଧାନ, ସହସମ୍ପାଦକ ଦୂର୍ବାଦଳ ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି।

# ନୂଆପଡ଼ାରେ ପ୍ଲାଷ୍ଟିକ୍ ଶାଗୁଦାନା ବିକ୍ରି ଅଭିଯୋଗ

**ନୂଆପଡ଼ା,୩୧।୧୨ (ମକାରୁ ବେମାଲ)**

ନୂଆପଡ଼ା ସହରରେ ପ୍ଲାଷ୍ଟିକ ଶାଗୁଦାନା ବିକ୍ରୟ ହେଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଟାନୱାଟ ପଞ୍ଚାୟତ ଝିଲମିଲା ଗାଁର ଜ୍ୟୋତିର୍ମୟ ପୁହାଣ ନୂଆପଡ଼ା ଇରିଗେସନ ଛକରେ ଥିବା ଗୁପ୍ତା କିରାନା ଦୋକାନରୁ ମଙ୍ଗଳବାର ଜିବିଏସ୍ କମ୍ପାନୀର ୨ ପ୍ୟାକେଟ ଶାଗୁଦାନା କିଣିଥିଲେ। ତାହାକୁ ସେ ପାଣିରେ ଭିଜାଇ ରାତିତମାମ ରଖିଥିଲେ। ପରଦିନ ତାହା ୯୦ ପ୍ରତିଶତ ଭିଜି ନ ଥିଲା କି ଫୁଲି ନ ଥିବା ଦେଖାଯାଇଥିଲା। ପୁଣି ତାହାକୁ ଗ୍ରାଇଣ୍ଡର କରିବାରୁ ତାହା ଗୁଣ୍ଡ ହୋଇ ନ ଥିଲା। ତେଣୁ ଏହା ପ୍ଲାଷ୍ଟିକ ଶାଗୁଦାନା ହୋଇଥିବ ସନ୍ଦେହ କରି ସେ ନୂଆପଡା ଖାଦ୍ୟ ନିରୀକ୍ଷକଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ନୂଆପଡା ଖାଦ୍ୟ ନିରୀକ୍ଷକ କୃଷ୍ଣ ପ୍ରିୟା ଗୁପ୍ତା କିରାନା ଦୋକାନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ତାଙ୍କୁ ପଚାରିବାରୁ ଶାଗୁଦାନା ବିଷୟରେ ଆମ ପାଖକୁ ଅଭିଯୋଗ ଆସିଛି। ଯେଉଁ ଦୋକାନରୁ କିଣାଯାଇଥିଲା, ସେଠାକୁ ଯାଇ ଆମେ ସାମ୍ପଲ ସଂଗ୍ରହ କରିଛୁ। ଏହାକୁ ଲାବରେଟୋରିକୁ ପଠାଇ ଯାଞ୍ଚ କରିବା ପରେ ସତ୍ୟାସତ୍ୟ ଜଣା ପଡିବ ବୋଲି କହିଥିଲେ। ଦୋକାନୀଙ୍କୁ ପଚାରିବାରୁ ଆମେ ରାୟପୁର ଜିବିଏସ୍ କମ୍ପାନୀରୁ ପ୍ୟାକେଟ ଫୁଡ୍ ଆଣି ବିକ୍ରୟ କରୁଛୁ। ନକଲି କିମ୍ବା ଅସଲି ଜାଣିନାହୁଁ।



## ଗାଡ଼ି ଧକ୍କାରେ ଯୁବକ ମୃତ

**ବୋଡ଼େନ,୩୧।୧୨ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ବିନୋପୁର ଗ୍ରାମ ନିକଟସ୍ଥ ଫୋରୱେ ରାସ୍ତା ଉପରେ ବୁଧବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଡ଼େନ ଗ୍ରାମର ବିଷ୍ଣୁ ନାଗ। ସ୍ଥାନୀୟ ଲୋକେ ଥାନାକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମା' ସମଲେଇ ପୁସ୍ତକ ଉନ୍ମୋଚିତ

**ବରପାଲି, ୩୧।୧୨(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ୭୪ ମାଟ୍ରିକ୍ ବ୍ୟାଚ୍ ଛାତ୍ରମାନଙ୍କୁ ନେଇ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଧବାର ଅଧିଷ୍ଠାତ୍ରୀ ଦେବୀଙ୍କ ଉପରେ ଆଧାରିତ 'ମା' ସମଲେଇ' ପୁସ୍ତକ ପଦ୍ମଶ୍ରୀ ହଳଧର ନାଗଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକକୁ ବରପାଲି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବିନୋଦାନନ୍ଦ ସାହୁ ଐତିହାସିକ ଦୃଷ୍ଟିକୋଣ ଓ ଜନଶ୍ରୁତିକୁ ନେଇ ଲେଖିଛନ୍ତି। ଏହି ସଭାରେ ଅତିଥିଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଗୋବିନ୍ଦଚନ୍ଦ୍ର ଦାଶ, ବାସୁଦେବ ପତି, ଇନ୍ଦ୍ରମଣି ବେହେରା, ମୁରଲୀଧର ସାହୁ ପ୍ରମୁଖ ଯୋଗଦାନକରି ସମସ୍ତଙ୍କର ଶୁଭକାମନା କରିଥିଲେ। ଏହି ଅବସରରେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବରପାଲିର ତେଜଶ୍ ପ୍ରଧାନ ଓ ଚିତ୍ରେଶ ବାରିକ ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରପାଲିର ସଞ୍ଜନା ମେହେର ଏବଂ ଆରାଧ୍ୟା ଭୋଇଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାରରେ ଏହି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଯତୀନ୍ଦ୍ର କୁମାର ସାହୁଙ୍କ ସ୍ମୃତିରେ ତାଙ୍କ ପୁତ୍ରବଧୂ ମମତା ସାହୁ ପୁରସ୍କୃତ କରିଥିଲେ। ଉକ୍ତ ସଭାରେ ଲରମ୍ଭା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ସାହୁ, ବରପାଲି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୁମୁଦଚନ୍ଦ୍ର ଦାଶ, ଆଡ୍‌ଭୋକେଟ୍ ସୁରେଶଚନ୍ଦ୍ର ଖଟୁଆ, ସୁରେଶଚନ୍ଦ୍ର ଅଗ୍ରୱାଲ୍, ସୁରେଶଚନ୍ଦ୍ର ମେହେର, ସୁରେଶଚନ୍ଦ୍ର ରଣା, ସୁରେଶ କୁମାର ସାହୁ, ଦେବରାଜ ମେହେର, ନାରାୟଣ ସାହୁ, କମ୍ବୁପାଣି ବେହେରା, ଅଶ୍ୱିନୀ କୁମାର ମେହେର, ସନାତନ ମିଶ୍ର, କଳ୍ପବଟ ସାହୁ, ଶ୍ୟାମଲାଲ୍ ରାଉତ, ବଜରଙ୍ଗୀ ପୃଷ୍ଟି ପ୍ରମୁଖ ସପରିବାର ଯୋଗଦାନ କରିଥିଲେ। ସଭାକାର୍ଯ୍ୟ ପୂର୍ବରୁ ବରପାଲି ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅଚ୍ୟୁତାନନ୍ଦ ଶତପଥୀଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।


ମା' ସମଲେଇ' ପୁସ୍ତକକୁ ପଦ୍ମଶ୍ରୀ ହଳଧର ନାଗ୍ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

# କଣ୍ଟାମାଳ କଲେଜରେ ରାଜ୍ୟସ୍ତରୀୟ ସେମିନାର

**ଜାତୀୟ ଶିକ୍ଷାନୀତି-୨୦୨୦ ଶୀର୍ଷକ ଆଲୋଚନାଚକ୍ର**

**ଘଣ୍ଟାପଡ଼ା, ୩୧।୧୨(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ପିଏମ୍-ଉଷା ସହାୟତାରେ ଓ କଣ୍ଟାମାଳ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ଏକ ଦିବସୀୟ ରାଜ୍ୟସ୍ତରୀୟ ସେମିନାରରେ ଜାତୀୟ ଶିକ୍ଷାନୀତି -୨୦୨୦ ଶୀର୍ଷକକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅନୋଜ କୁମାର ଭୁକ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସେମିନାରର ଉଦ୍‌ଘାଟନୀ ସମାରୋହରେ ବୌଦ୍ଧ ଉପଜିଲାପାଳ ବିନୟ କୁମାର ଭୋଇ ମୁଖ୍ୟଅତିଥି ଓ ପ୍ରଫେସର ଉମାଚରଣ ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଓମପ୍ରକାଶ ମିଶ୍ର, ସହପ୍ରଫେସର ଅଜିତ କୁମାର ପ୍ରଧାନ, ନୋଡାଲ ଅଫିସର ଅଧ୍ୟାପକ ପୌଲସ୍ତି ପ୍ରଧାନ, ସଂଯୋଜକ ଅଧ୍ୟାପକ ରବୀନ୍ଦ୍ର କୁମାର ପ୍ରଧାନ, ସଂଯୋଜିକା ଡ. ରିଙ୍କି ସେଠ କିନୋଟ ବକ୍ତା ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି -୨୦୨୦ ଉପରେ ଆଲୋକପାତ କରିଥିଲେ। ଏଥିରେ ଅଧ୍ୟାପକ ଦୀପକ କୁମାର ମେହେର ଅତିଥି ପରିଚୟ ଓ ଅଧ୍ୟାପକ ବସନ୍ତ ଖଟୁଆ ସଭା ପରିଚାଳନା କରିଥିଲେ। ପରେ ପୂର୍ବତନ ଅଧ୍ୟକ୍ଷ ଭବାନୀ ଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପ୍ରଫେସର ଉମାଚରଣ ପତି ମୁଖ୍ୟବକ୍ତା ଭାବେ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ସେହିପରି ଦ୍ୱିତୀୟ ଓ ତୃତୀୟ ଅଧିବେଶନରେ ସନ୍ତୋଷ କୁମାର ବିଶି ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ଅଜିତ କୁମାର ପ୍ରଧାନ, ଅଧ୍ୟାପକ ଦେବଦାସ ମହାପାତ୍ର, ଅଧ୍ୟାପିକା ଡ. ଇତିଶ୍ରୀ ଦାଶ, ଅଧ୍ୟାପିକା କୁମାରୀ ସୌଦାମିନୀ, ଅଧ୍ୟାପିକା ଝିଲ୍ଲୀରାଣୀ ବେହେରା ପ୍ରମୁଖ ଗବେଷକ ଭାବେ ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶିବଦତ୍ତ ପୁରୋହିତ ସଭାକୁ ସଂଯୋଜନା କରିଥିଲେ। ଆୟୋଜିତ ଅନଲାଇନ ସେସନକୁ ଅଧ୍ୟାପକ ସମୀର କୁମାର ମେହେର ଓ ଅଧ୍ୟାପକ ଅଞ୍ଜୁମ ଲୋମଗା ପରିଚାଳନା କରିଥିଲେ। ରାଜ୍ୟସ୍ତରୀୟ ଏହି ଆଲୋଚନାଚକ୍ରରେ ୩୦ଟି ମହାବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରୀଛାତ୍ର ଯୋଗଦେଇ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଶେଷରେ ଓଡ଼ିଆ ଅଧ୍ୟାପିକା ପ୍ରିତିଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ରାଜ୍ୟସ୍ତରୀୟ ସେମିନାରରେ ଉପସ୍ଥିତ ଅତିଥି।

## ସଙ୍ଗୀତ ଶିଳ୍ପୀ ସମାଜର ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ

ରାଉରକେଲା,୩୧।୧୨ (ବିପ୍ଳବରଞ୍ଜନ ଦାଶ):

କବି ଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ, ସଭାପତି ଶରତ ଧଳଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଙ୍ଗୀତ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ତବଲା ବାଦକ ଗୁରୁ ରଞ୍ଜନ ସାହୁ ଓ ଗୁରୁ ନରେନ୍ଦ୍ର ନାୟକ ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଗୁରୁ ପ୍ରଭାତି ଦାସଙ୍କ ନିର୍ଦ୍ଦେଶନାରେ ଆରାଧ୍ୟା ପଣ୍ଡା, ଅର୍ପିତା ଦତ୍ତ, ଅଦିତି ଦାସ, ଗନଗୁନ ମହାରଣା, ତାପସୀ ନାୟକ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶନାରେ ରବୀନ୍ଦ୍ର ତନ୍ତୀ, ରୋହିତ ଜଗଦଲ୍ଲା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସ୍ନେହଲତା ବେହେରା, କଲ୍ୟାଣୀ ତ୍ରିପାଠୀ, ସୁଚିତ୍ରା ନାହାକ, ପ୍ରତ୍ୟୁଷା ରାଉଳ, ଅନୁଜ ଡିଣ୍ଡା ଦେବାଞ୍ଜଳୀ ବେହେରା, ଦିବ୍ୟାଞ୍ଜଳୀ ବେହେରା, ସ୍ନେହା ସାହୁ, ନିଶା ନାଏକ, ଅନୁଶିଖା ମଣ୍ଡଳ,ଐଶାଳି ପାତ୍ର, କିରଣ ବାଲା ସାହୁ, ରୋଜାଲିନ୍ ବେହେରା, ଦିବ୍ୟ ରଞ୍ଜନ ବେହେରା,ଯୋାୟା ମିଶ୍ର ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଥ ସମ୍ପାଦକ ଅମର ନାୟକ, ରମାକାନ୍ତ ବେହେରା, ବିଜୟ ବେହେରା, ପ୍ରଦୀପ ରାଉଳ, ସୁଶିଲ ପଣ୍ଡା, ଦିଲ୍ଲୀପ ବରିହା ପ୍ରମୁଖ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଜିରୋନାଇଟ୍, ନବବର୍ଷ ଅବ୍ୟବହିତ ପୂର୍ବରୁ ବୁଧବାର ସନ୍ଧ୍ୟାରେ ରାଉରକେଲା ଇନ୍ଦିରା ଗାନ୍ଧୀ ପାର୍କରେ ଭିଡ଼ ଲାଗିଛି।

# ଜିରୋନାଇଟ୍, ନବବର୍ଷ କାର୍ଯ୍ୟକ୍ରମରେ ମସ୍‌ଗୁଲ ସହରବାସୀ

ରାଉରକେଲା,୩୧।୧୨(ସଙ୍ଗୀତା ଜେନା)

ରାଉରକେଲାରେ ବୁଧବାର ରାତି ୧୨ଟାରେ 'ଜିରୋନାଇଟ୍' ସେଲିବ୍ରେଶନ କରାଯାଇଛି। ଜିରୋନାଇଟ୍' ସେଲିବ୍ରେସନ ଓ ନବବର୍ଷ ୨୦୨୬କୁ ସ୍ୱାଗତ ପାଇଁ ମସଗୁଲ ହୋଇଥିଲେ ସହରବାସୀ। ଏଥିପାଇଁ ଇସ୍ପାତ ସହର ରାଉରକେଲାରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପାନପୋଷ ବ୍ରାହ୍ମଣୀ କ୍ଲବ, ସେକ୍ଟର-୨୦ ରାଉରକେଲା କ୍ଲବ,ସେକ୍ଟର-୨ ଜର୍ମାନୀ କ୍ଲବ ସମେତ ଛୋଟବଡ଼ ହୋଟେଲରେ ସାଂସ୍କୃତିକ ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ କରାଯାଇଛି। ଡିଜେ ନାଇଟ୍, ଅର୍କେଷ୍ଟ୍ରା, ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ର୍ୟାମ୍ପ ସୋ ଆଦିର ବ୍ୟବସ୍ଥା କରାଯାଇଥିଲା। ଭୋଜିଭାତ ସାଙ୍ଗକୁ ବିଭିନ୍ନ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। କେତେକ କ୍ଲବରେ ବାହାର ରାଜ୍ୟରୁ କଳାକାରମାନଙ୍କୁ ନେଇ ବିଶେଷ ଆୟୋଜନ କରାଯାଇଥିଲା। ବ୍ରାହ୍ମଣୀ କ୍ଲବ, ଇସ୍ପାତ କାରଖାନା ପରିଚାଳିତ ରାଉରକେଲା କ୍ଲବ, ସେକ୍ଟର-୨ ଜର୍ମାନୀ କ୍ଲବ ଆଦିରେ ବାହାର ରାଜ୍ୟର ଓ ସ୍ଥାନୀୟ କଳାକାରମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ବ୍ୟତୀତ ସେକ୍ଟର ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୀତର ଆସର ଆୟୋଜନ କରାଯାଇଥିଲା। ରାତି ୯ଟାରୁ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଇସ୍ପାତ ସହରରେ ବିଶେଷ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଅଗ୍ନିକାଣ୍ଡ ଓ ବିଭିନ୍ନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ଅଗ୍ନିଶମ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସହରର ପ୍ରମୁଖ କ୍ଲବ ଓ ହୋଟେଲରେ କର୍ମଚାରୀଙ୍କୁ ସଚେତନ କରିଥିଲେ। ବିଶେଷ ଭାବେ ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ତାଲିମ ଦେଇଥିଲେ। ଜରୁରୀକାଳୀନ ପରିସ୍ଥିତିରେ ୧୧୨ ନମ୍ବରରେ ଡାଏଲ କରିବାକୁ ପରାମର୍ଶ ଦିଆଯାଇଥିଲା। ହୋଟେଲଗୁଡ଼ିକରେ ଥିବା କିଚେନ୍ ଗୁଡ଼ିକରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାର ବର୍ତ୍ତିବା ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ନଦୀକୂଳ, ଜଳାଶୟ ନିକଟରେ ପିକନିକ୍ ଓ ଭୋଜିଭାତ ଆୟୋଜନ ଉପରେ ସ୍ୱତନ୍ତ୍ର ଦୃଷ୍ଟି ନିକ୍ଷେପ କରାଯାଇଥିଲା। ଲିଡିଙ୍ଗ ଫାୟାର ମ୍ୟାନ୍ ସଂଗ୍ରାମ ହାଁସଦାଙ୍କ ନେତୃତ୍ୱରେ ଟିମ୍ ଏହି ସଚେତନତା କରିଥିଲେ।

**ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା**

## ଅତିରିକ୍ତ ଜିଲାପାଳଙ୍କୁ ଡ୍ରାଇଭର ମହାସଂଘର ଦାବିପତ୍ର

ରାଉରକେଲା, ୩୧।୧୨(ବିପ୍ଳବ ରଞ୍ଜନ ଦାଶ)

ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇ ଦେବାକୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କଠାରେ ଦାବି ହୋଇଛି। ଡ୍ରାଇଭର ମହାସଂଘ ପକ୍ଷରୁ ଏନେଇ ଏକ ଦାବିପତ୍ର ବୁଧବାର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ଡ୍ରାଇଭର ମହାସଂଘ ସୁନ୍ଦରଗଡ ଜିଲା ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଓଡ଼ିଶା ଡ୍ରାଇଭର ମହାସଂଘର ଏକ କାର୍ଯ୍ୟାଳୟ ରାଉରକେଲା ପାୱାର ହାଉସ୍ ରୋଡ ସ୍ଥିତ ପାର୍କିଂରେ ରହିଥିବାବେଳେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶରେ ଅନ୍ୟାନ୍ୟ ବେଆଇନ ଦୋକାନ ସହିତ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ରାଉରକେଲା ପ୍ରଶାସନ ପକ୍ଷରୁ ଡ୍ରାଇଭର ମହାସଂଘ ପାଇଁ ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେଣୁ ପ୍ରତିଶ୍ରୁତି ଅନୁଯାୟୀ ବାଲୁଘାଟଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ପାଇଁ ସେମାନେ ଚୟନ କରିଥିବା ଜମିକୁ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ବି.ମାହାନ୍ତ ଏବଂ ସମ୍ପାଦକ ହରିଓମ କେଶରୀଙ୍କ ସମେତ ଡ୍ରାଇଭର ମହାସଂଘର ଅନ୍ୟ କର୍ମକର୍ତ୍ତା ଯାଇଥିଲେ।



ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

## ହିନ୍ଦ୍ ମଜଦୁର ସଭାର କଳା ଦିବସ

ରାଉରକେଲା, ୩୧।୧୨(ସଙ୍ଗୀତା ଜେନା)

ହିନ୍ଦ୍ ମଜଦୁର ସଭା ତରଫରୁ ରାଉରକେଲା ବିଶ୍ରା ଛକ ନିକଟରେ ବୁଧବାର କଳା ଦିବସ ପାଳନ କରାଯାଇଛି। ହିନ୍ଦ୍ ମଜଦୁର ସଭା ତରଫରୁ ରାଉରକେଲା ମଜଦୁର ସଭା, ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା, ସୁନ୍ଦରଗଡ଼ ଅନ୍ଅରଗାନାଇଜ୍ ୱାର୍କର୍ସ ଆସୋସିଏଶନ ଓ ନିଖିଳ ଓଡ଼ିଶା ଗୃହ ମଜଦୁର ସଭା ଏବଂ ଆମ୍ବେଦକର ଅସଙ୍ଗଠିତ ମଜଦୁର ସଭା ମିଳିତ ଆନୁକୂଲ୍ୟରେ ଏହା ପାଳନ କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନା ତରଫରୁ ୧୯୯୪ ମସିହା ଡିସେମ୍ବର ୩୧ ତାରିଖ ମାତ୍ର ୩୪୩୭ ଠିକା ଶ୍ରମିକମାନଙ୍କୁ ରାଉରକେଲା ଇସ୍ପାତ କାରଖାନାରେ ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି ଦେଇ, ଅବଶିଷ୍ଟ ୭୩୦୦ ରୁ ଅଧିକ ଠିକା ଶ୍ରମିକଙ୍କୁ ପରବର୍ତ୍ତୀ ସମୟରେ ନିୟମିତ ଭାବରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ସୁଯୋଗ ଦିଆଯିବା ବାହାନା କରି କାରଖାନାରୁ ବାହାର କରି ଛଟେଇ କରି ଦିଆଯାଇଥିଲା। ସେହି ଦିନକୁ ହିନ୍ଦ ମଜଦୁର ସଭା ତରଫରୁ ୨୦୦୦ମସିହାରୁ କଳା ଦିବସ ଭାବେ ପାଳନ କରାଯାଉଛି। ଛଟେଇ ଠିକା ଶ୍ରମିକ ଓ ତାଙ୍କର ପରିବାର ସଦସ୍ୟମାନେ କଳାବ୍ୟାଜ୍ ପରିଧାନ ପୂର୍ବକ ମାନବ ଶୃଙ୍ଖଳ କରି ଦିବସକୁ କଳା ଦିବସ ପାଳନ କରିଥିଲେ। ଏହି ଅବସରରେ ଇସ୍ପାତ କାରଖାନାରେ ବର୍ତ୍ତମାନ ପରିସ୍ଥିତିରେ ରାଉରକେଲା ଇସ୍ପାତ କାରଖାନାର ନିୟମିତ ଉତ୍ପାଦନ ଓ ଉତ୍ପାଦକତା ଭିତ୍ତିକ ସ୍ଥାୟୀ କାମରେ ନିୟୋଜିତ ଥିବା ୧୮ ହଜାରରୁ ଅଧିକ ଠିକା ଶ୍ରମିକଙ୍କୁ ଉଚିତ ପ୍ରାପ୍ୟ ବ୍ୟାଙ୍କ ଜରିଆରେ ପ୍ରଦାନ କରିବା ପରେ ପୁଣି ଫେରେଇ ନେବା, ଟଙ୍କା ଫେରସ୍ତ ନ ଦେଲେ ଗେଟ ପାସ ବନ୍ଦ କରିବା ଭଳି ଶ୍ରମ ଆଇନଉଲ୍ଲଂଘନ କାର୍ଯ୍ୟକରୁଥିବା ଠିକା ସଂସ୍ଥାକୁ କଳାତାଲିକାଭୁକ୍ତ କରାଯାଉ, ସ୍ଥାୟୀ କାର୍ଯ୍ୟରେ ନିୟୋଜିତ ଠିକା ଶ୍ରମିକଙ୍କୁ କ୍ରମାନ୍ୱୟରେ ସ୍ଥାୟୀ ନିଯୁକ୍ତି ଦିଆଯାଉ ଓ କାର୍ଯ୍ୟରତ ଥିବା ଠିକା ଶ୍ରମିକଙ୍କ ନିଯୁକ୍ତି ଦିନ କାରଖାନାରେ ପ୍ରବେଶ ପୂର୍ବରୁ ସେମାନଙ୍କୁ ଗେଟ୍ ପାସ ସହିତ ଇଏସ୍ଆଇ ଇ ପେହେଚାନ୍ କାର୍ଡ ପ୍ରଦାନ ପ୍ରଦାନ କରାଯାଉ ବୋଲି ହିନ୍ଦ୍ ମଜଦୁର ସଭାର ରାଜ୍ୟସମ୍ପାଦକ ଦିଗମ୍ବର ମହାନ୍ତି ଦାବି କରିଛନ୍ତି। ବର୍ତ୍ତମାନ ଚାଲିଥିବା ପ୍ଲେଟପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଓ ଆଗାମୀ ଦିନରେ ରାଉରକେଲା ଇସ୍ପାତ କାରଖାନାରେ ସମ୍ପ୍ରସାରଣ କାର୍ଯ୍ୟରେ କେବଳ ସ୍ଥାନୀୟ ଲୋକେ ଓ ଓଡ଼ିଆ ଲୋକଙ୍କ ନିଯୁକ୍ତି ରାଉରକେଲା ଇସ୍ପାତ କାରଖାନାର କର୍ତ୍ତୃପକ୍ଷଙ୍କ ପ୍ରଥମ ଦାୟିତ୍ୱ ହେବା ଉଚିତ। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ଜରୁରୀ ବୋଲି ନେତାମାନେ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିଖିଳ ଓଡିଶା ଗୃହ ମଜଦୁର ସଭାର ବୃନ୍ଦା ବାରିକ, ଚନ୍ଦ୍ରା ରାଓ, ମିଲି ମଲ୍ଲିକ, ପ୍ରମିଳା କିଣ୍ଡୋ, ମୁକ୍ତା ବାଗ, ସିରିୟା ବାଗ, ବୟୋଜ୍ୟେଷ୍ଠ ଶ୍ରମିକ ନେତା ହରେକୃଷ୍ଣ ପାଢୀ, ଶଶଧର ନାୟକ,ଦିଗମ୍ବର ମହାନ୍ତି, ଜଗବନ୍ଧୁ ଜେନା, ନଟବର ପାତ୍ର, ପ୍ରତାପ ଦାସ, ଅନାଦି ଭୋଳ, ରଞ୍ଜିତ ପାତ୍ର, ହାବିଲ ମୁଣ୍ଡା, ବିଫୋ ଓରାମ, ବିମଳ ବେହୁରିଆ, କାହ୍ନୁଚରଣ ବେହେରା, ହରି ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ନେତୃତ୍ୱ ନେଇଥିଲେ।




ରାଉରକେଲା ବିଶ୍ରା ଛକ ନିକଟରେ କଳା ଦିବସ ପାଳନ କରାଯାଉଛି।

## ହେମୋଫରଫ୍ୟୁଜନ ଡାଏଲିସିସ୍ ମାଧ୍ୟମରେ ଗୁରୁତର ରୋଗୀଙ୍କ ଜୀବନ ରକ୍ଷା

ରାଉରକେଲା,୩୧।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଆଇଜିଏଚ୍ (ଇସ୍ପାତ ଜେନେରାଲ ହସ୍ପିଟାଲ)ର ଅଭିଜ୍ଞ ଡାକ୍ତରୀ ଦଳ ହେମୋଫରଫ୍ୟୁଜନ ଡାଏଲିସିସ୍ ମାଧ୍ୟମରେ ଗୁରୁତ୍ୱର ବିଷକ୍ରିୟାରେ ପୀଡିତ ଜଣେ ରୋଗୀଙ୍କର ଜୀବନ ବଞ୍ଚାଇଛନ୍ତି। ରୋଗୀ ଜଣଙ୍କୁ ଅଚେତ ଅବସ୍ଥାରେ ଆଇଜିଏଚ୍‌କୁ ଅଣାଯାଇଥିଲା। ତୁରନ୍ତ ଇଣ୍ଟେନସିଭ କେୟାର ୟୁନିଟ୍‌ରେ ଭର୍ତ୍ତି କରାଯାଇଥିଲା। ତାଙ୍କର ପାରାକ୍ୱାଟ୍ ଜନିତ ବିଷକ୍ରିୟା ଚିହ୍ନଟ ହୋଇଥିଲା। ଯାହା ଏକ ପ୍ରାଣଘାତକ ବିଷକ୍ରିୟା। ଏହାର ତୁରନ୍ତ ଚିକିତ୍ସା ନ କରିଲେ ରୋଗୀଙ୍କ ଶତ ପ୍ରତିଶତ ମୃତ୍ୟୁ ହେବାର ସମ୍ଭାବନା ଥାଏ। ଏହି ପାରାକ୍ୱାଟ୍ ବିଷକ୍ରିୟାର କୌଣସି ପ୍ରତିଷେଧକ ନ ଥିବାବେଳେ ଏହାର ଏକମାତ୍ର ପ୍ରଭାବଶାଳୀ ଜୀବନ ରକ୍ଷାକାରୀ ହସ୍ତକ୍ଷେପ ହେଉଛି ହେମୋଫରଫ୍ୟୁଜନ ଡିଏଲିସିସ। ଯାହା ରକ୍ତ ପ୍ରବାହରୁ ବିଷାକ୍ତ ପଦାର୍ଥକୁ ନିଷ୍କାସନ କରିବା ପାଇଁ ୨୪ଘଣ୍ଟା ମଧ୍ୟରେ ଆରମ୍ଭ କରାଯିବା ଆବଶ୍ୟକ। ହେମୋଫରଫ୍ୟୁଜନ ଏକ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଏବଂ ଉନ୍ନତ ଡାଏଲସିସ କୌଶଳ ଯେଉଁଥିରେ ଶରୀରରୁ ଆବଶ୍ୟକୀୟ ପ୍ରୋଟିନ ସଂରକ୍ଷଣ କରି ବିଷାକ୍ତ ପଦାର୍ଥକୁ ଏକ ସ୍ୱତନ୍ତ୍ର ଡାଏଲସିସ ମାଧ୍ୟମରେ ରକ୍ତରୁ ବାହାର କରାଯାଏ। ଏହି ପ୍ରକ୍ରିୟା ପାଇଁ ବିଶେଷ ଉପକରଣ, ବିଶେଷଜ୍ଞତା ଏବଂ ଠିକ ତଦାରଖ ଆବଶ୍ୟକ ହୋଇଥାଏ। ସମୟର ଗୁରୁତ୍ୱକୁ ବିଚାର କରି ଆଇଜିଏଚର ମୁଖ୍ୟ ନେଫ୍ରୋଲୋଜିଷ୍ଟ ଡା. ଏସ.କେ ରାଉତ ତାଙ୍କ ଉତ୍ସର୍ଗିକୃତ ଦଳଙ୍କ ସହିତ ହସ୍ପିଟାଲରେ ଉପଲବ୍ଧ ସୁବିଧା ବ୍ୟବହାର କରି ଏହି ଜଟିଳ ଚିକିତ୍ସା କରିଥିଲେ। ପରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଥିଲା। ଏନେଇ ଦୀର୍ଘ ୧୦ଦିନ ଧରି କଠିନ ଚିକିତ୍ସା ସେବା ପ୍ରଦାନ କରିବାକୁ ପଡିଥିଲା। ଏହି ସଫଳ ଚିକିତ୍ସାରେ ସିଷ୍ଟର ଅନିତା, ମୁନିତା, ଟେକ୍ନିସିଆନ ଧନଞ୍ଜୟ, ଶ୍ରାବଣୀ, ମହିମା ଏବଂ କୃତ୍ରିମ କିଡନୀ ୟୁନିଟର ଅନ୍ୟ ସଦସ୍ୟ ସାମିଲ ଥିଲେ। ଏନେଇ ଡା. ରାଉତ କହିଛନ୍ତି, ଏଭଳି ବିଷକ୍ରିୟା ମାମଲା ପରିଚାଳନା ପାଇଁ ଆଇଜିଏଚ ସମ୍ପୂର୍ଣ୍ଣ ସକ୍ଷମ। ମାତ୍ର ରୋଗୀଙ୍କୁ ଠିକ ସମୟରେ ଆଣିବା ଜରୁରୀ। ଏଭଳି କରାଗଲେ ରୋଗୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ରେଫର ହେବା ପ୍ରକ୍ରିୟା ଦୂର ହେବ ବୋଲି କହିଥିଲେ। ଉଲ୍ଲେଖନୀୟ ଯେ, ଆଇଜିଏଚର କୃତ୍ରିମ କିଡନୀ ୟୁନିଟ୍ ୧୯୮୪ରେ ସ୍ଥାପିତ ହୋଇଥିଲା। ସେବେଠାରୁ ଏହି ୟୁନିଟ ରାଉରକେଲା ଓ ଏହାର ପାର୍ଶ୍ୱାଞ୍ଚଳର ରୋଗୀମାନଙ୍କୁ ସେବା ଯୋଗାଇ ଆସୁଛି। ଏଥିସହିତ ବୃକକ ସମ୍ବନ୍ଧୀୟ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାର କ୍ଷମତା ବହନ କରୁଛି।




ଉଦ୍‌ଯାପନୀ ସମାରୋହରେ ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥି।

## ଆଦର୍ଶ ପରିଷଦର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ରାଉରକେଲା, ୩୧।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଅଗ୍ରଣୀ ଭାଷା, ସାହିତ୍ୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ସମାରୋହ ସେକ୍ଟର-୭ ସ୍ଥିତ ମଧୁ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଓଡ଼ିଆ ଭାଷା ସଚେତନତା ପ୍ରତିଯୋଗିତା ଭାଷା ଓ ସାହିତ୍ୟ ଭିତିକ କାର୍ଯ୍ୟକ୍ରମ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡିଶାର ବରପୁତ୍ରମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର, ବୃକ୍ଷଚାରା ବଣ୍ଟନ ଓ ଦିବସ ତମାମ ନିଃଶୁଳ୍କ ସ୍ୱାସ୍ଥ୍ୟଶିବିର ଆୟୋଜନ କରାଯାଇଥିଲା। ପରିଷଦର ସଭାପତି ବରଦା ପ୍ରସନ୍ନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରୌପ୍ୟ ଜୟନ୍ତୀ ପାଳନ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଉରକେଲାର ସହ ବନ ସଂରକ୍ଷକ ସୁରଜିତ ସାହୁ ଯୋଗଦାନ କରିଥିଲେ। ସ୍ଥାନୀୟ ଡିଏଫ୍‌ଓଙ୍କ ନେତୃତ୍ୱରେ ରାଉରକେଲା ବନଖଣ୍ଡରେ ଚାଲିଥିବା ଜଙ୍ଗଲସୃଷ୍ଟି, ବନ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ସଚେତନ ହେବାକୁ ମୁଖ୍ୟ ଅତିଥି ସାହୁ ଆହ୍ୱାନ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ବିଶ୍ରା ମହାବିଦ୍ୟାଳୟର ଅଧ୍ୟାପକ ଡ.ନଗେନ ଦାସ ଆଲୋଚକ ଭାବେ ଯୋଗଦାନ କରି 'ଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ଭୂମିକା' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଆଲୋଚନାର ଶୀର୍ଷକ ଉପରେ ସମୀକ୍ଷା କରି ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଦାଶ ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଫ୍ଲାଇଙ୍ଗ କଲର୍ସ, ରାଇମ୍‌ସ ଆବୃତି, କୌତୁକବେଶ, ଲୋକନୃତ୍ୟ ଏବଂ ଅଣଶାସ୍ତ୍ରୀୟ ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଦ୍ୱିବେଦୀ, ସରୋଜ ଷଡଙ୍ଗୀ, ଶୈଳେନ୍ଦ୍ର ରାଉତ, ଉମେଶ ଷଡଙ୍ଗୀ, ସୁନନ୍ଦା ପାତ୍ର, ସସ୍ମିତା ଦାସ, ଅର୍ଚ୍ଚନା ସାହୁ, ସୁଚିତ୍ରା ପାଣି, ବନଲତା ବେହେରା, ଅଜିତା ପ୍ରଧାନ, ଅଂଶୁମାନ ପାତ୍ର, ମନୋଜ କୁମାର ନାୟକ, ବିଜୟ କୁମାର ସାହୁ, ଅମନଦୀପ ପାତ୍ର, ସୌମ୍ୟରନ ଭୋଳ, ସୌମ୍ୟରନ ପରିଡା, ଚିତ୍ତ ସେଠୀ, ବିଜୁ ବାରିକ, ସୌମ୍ୟ ଷଡଙ୍ଗୀ, ବଂଶିକା ଷଡଙ୍ଗୀ, ଦିନେଶ ସିଂହ, ନିକିତା ରାଉତ, ଶେଷ ବଘାର, ରାଜୀବ ବାଗ, ଧନୟ ଦଣ୍ଡପାଟ, ଦୈତାରୀ ସାହୁ, ସଲୀଲ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିଷଦର ସାଧାରଣ ସମ୍ପାଦକ ସତ୍ୟସୁନ୍ଦର ପାତ୍ର ଧନ୍ୟବାଦ ପ୍ରସ୍ତାବ ଆଗତ କରିବା ସହ ନୂତନ ବର୍ଷରେ ପରିଷଦ ସହ ଯୋଡିହେବା ପାଇଁ ଯୁବସମାଜକୁ ଆହ୍ୱାନ ଜଣାଇଥିଲେ।

## ଅନୁକରଣୀୟ ପ୍ରୟାସ ପାଇଁ ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା,୩୧।୧୨(ବିପ୍ଳବ ରଞ୍ଜନ ଦାଶ)

**ଆର୍‌ଏସ୍‌ପିର ସିଣ୍ଟରିଂ ପ୍ଲାଣ୍ଟ-୩ ରେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ପୁରସ୍କୃତ**

ଆର୍‌ଏସ୍‌ପିର ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ସମ୍ମିଳନୀ ହଲରେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ଠିକା ଶ୍ରମିକଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏସପି-୩ ବିଭାଗର ଜିଏମ୍ ଇନଚାର୍ଜ କଲ୍ୟାଣ ସମଜଦାର ଅଧ୍ୟକ୍ଷତା କରି ବିଭାଗରେ ନିୟୋଜିତ ୨୦ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କର କଠିନ ପରିଶ୍ରମ, ନିଷ୍ଠା ଏବଂ ପ୍ଲାଣ୍ଟର କାର୍ଯ୍ୟଦକ୍ଷତାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଏମ ମେକାନିକାଲ୍ ଅନୁଗ୍ରହ ଏକ୍କା, ଜିଏମ୍ ଇଲେକ୍ଟ୍ରିକାଲ କାମେଶ୍ୱର ସିଂହ, ଜିଏମ୍ ଅପରେଶନ ସୌଭାଗ୍ୟ କୁମାର ମହାନ୍ତି, ଏଚଆର ସିଏଲସି ବିଭାଗର ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ର, ସିଣ୍ଟରିଂ ପ୍ଲାଣ୍ଟ-୩ ର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧନ କରି ସମଜଦାର ପୁରସ୍କୃତ କର୍ମଚାରୀଙ୍କୁ ସୁରକ୍ଷିତ କାର୍ଯ୍ୟ ପଦ୍ଧତିକୁ ନିରନ୍ତର ପାଳନ ପୂର୍ବକ ମୁଖ୍ୟ ମରାମତି, ନିର୍ଦ୍ଧାରିତ ସଟଡାଉନ, ଗୁରୁତ୍ୱପୂର୍ଣ୍ଣକାର୍ଯ୍ୟ, ରକ୍ଷଣାବେକ୍ଷଣ ଏବଂ ହାଉସକିପିଂ କାର୍ଯ୍ୟଧାରା ଅବଧିରେ ସେମାନଙ୍କର ଉତ୍ସର୍ଗୀକୃତ ଏବଂ ଆନ୍ତରିକ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେ ସିଣ୍ଟରିଂ ପ୍ଲାଣ୍ଟ-୩ର ପ୍ରକୃତ 'ପ୍ରଗତିର ଅଂଶୀଦାର' ଭାବରେ ଠିକା ଶ୍ରମିକଙ୍କୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ଏଜିଏମ୍ ଆଶିଷ କୁମାର ଶରଣ ସଂଯୋଜନା କରିଥିଲେ।



ପୁରସ୍କୃତ ଶ୍ରମିକଙ୍କ ଗହଣରେ ଅଧିକାରୀମାନେ।

## ଜିଲା ଭାଜପା ପଦାଧିକାରୀ ତାଲିକା ପ୍ରସ୍ତୁତିରେ ଅନିୟମିତତା

**ଅଭିଯୋଗକୁ ଖଣ୍ଡନ କଲେ ଜିଲା ଭାଜପା ସଭାପତି ପୂର୍ଣ୍ଣିମା କେରକେଟା**

ରାଉରକେଲା, ୩୧।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷ ସାଙ୍ଗଠନିକ ଜିଲାରେ ଭାଜପା ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ରାଉରକେଲା ଭାଜପା ଦଳୀୟ ପଦାଧିକାରୀଙ୍କ ନାମ ତାଲିକା ପ୍ରକାଶ ପାଇଛି। ପ୍ରକାଶ ପାଇଥିବା ନାମ ତାଲିକା ବିରୋଧରେ ରାଉରକେଲା ଭାଜପା ନେତା ଓ କର୍ମୀ ଗର୍ଜିବା ସହିତ ଏହାର ତ୍ୱରିତ୍ ସଂଶୋଧନ କରିବା ଦାବି କରିଛନ୍ତି। ଏନେଇ ସେକ୍ଟର-୩ ସ୍ଥିତ ଜିଲା ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ସ୍ଥାନୀୟ ଭାଜପା ନେତା ଓ କର୍ମୀମାନଙ୍କ ଏକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଭାଜପାର ପୂର୍ବତନ ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଜେନା ଏବଂ ଅନ୍ୟମାନେ ସାମିଲ ହୋଇ କହିଥିଲେ, ଭାଜପା ହେଉଛି ଏକ ଗଣତାନ୍ତ୍ରିକ ଦଳ, ଜନସାଧାରଣଙ୍କର ଦଳ ଏବଂ ସମସ୍ତ ଭାରତବାସୀଙ୍କ ଏକ ରାଜନୈତିକ ଦଳ। ମାତ୍ର ଭାଜପା ଜିଲା ସଭାପତି ସ୍ଥାନୀୟ ଏମ୍‌ପି, ବିଧାୟକ, କାର୍ଯ୍ୟକାରିଣୀ ସଦସ୍ୟ ଏବଂ ବରିଷ୍ଠ ନେତାଙ୍କ ପରାମର୍ଶ ନ ନେଇ କେତେଜଣଙ୍କୁ ଭାଜପା ଜିଲା କମିଟିରେ ବିଭିନ୍ନ ପଦବୀରେ ପଦସ୍ଥ କରିଛନ୍ତି। ଯାହାକୁ ସେମାନେ ଘୋର ବିରୋଧ କରୁଛନ୍ତି। ଏହାର ସ୍ଥାୟୀ ସମାଧାନ ନ ହେଲେ ଆଗକୁ ଜିଲାବ୍ୟାପୀ ଏହାର ବିରୋଧ କରାଯିବ ବୋଲି କହିଥିବାବେଳେ ସମ୍ମିଳିତ ସମସ୍ତ ଭାଜପା ନେତା ଓ କର୍ମୀ ଏଥିରେ ନିଜ ସହମତି ପ୍ରକାଶ କରି ପ୍ରକାଶ ପାଇଥିବା ଜିଲା ଭାଜପା ପଦାଧିକାରୀ ତାଲିକା ତୁରନ୍ତ ସଂଶୋଧନ କରିବା ଦାବି କରିଛନ୍ତି। ତେବେ ଏହି ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ପ୍ରମିଳା ଦାଶ, ଗଙ୍ଗାଧର ଦାଶ, ଅଶୋକ ଲେଙ୍କା, ମନୋରଞ୍ଜନ ମୁନୀ, ଦିଲ୍ଲୀପ ଦାସ, ଦିଲ୍ଲୀପ ପଟ୍ଟନାୟକ, ହଳପାଣି ମାଝୀ, ଗୌତମ ବାଡା, ସୁଶାନ୍ତ ମହାପାତ୍ର, ମଳୟ ରଞ୍ଜନ ମହାପାତ୍ର, ପ୍ରକାଶ ପାଶୱାନ ଓ ମୁରଲୀ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପଟେ ଏହାର ଦୃଢ ଖଣ୍ଡନ କରି ଭାଜପା ଜିଲା ସଭାପତି ପୂର୍ଣ୍ଣିମା କେରକେଟା କହିଛନ୍ତି, ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ଭାବେ ନିର୍ବାଚିତ ହେବା ପରଠାରୁ ଜିଲାରେ ଭାଜପା ସଙ୍ଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି। ସଭାପତି ଦାୟିତ୍ୱ ପାଇବା ପରେ ଜିଲାର ଭାଜପା ପଦାଧିକାରୀଙ୍କ ନାମ ତାଲିକା ଦଳର ନୀତିନିୟମ ମୁତାବକ କରାଯାଇଛି। ଏନେଇ ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ, ରଘୁନାଥପାଲି ବିଧାୟକ, ପୂର୍ବତନ ବିଧାୟକ ଶଙ୍କର ଓରାମ ଓ ଅନ୍ୟ ବରିଷ୍ଠ ନେତାଙ୍କ ପରାମର୍ଶ ଅନୁଯାୟୀ ତାଲିକା ପ୍ରସ୍ତୁତ କରି ଜିଲା ପ୍ରଭାରୀଙ୍କ ସହମତି ଓ ରାଜ୍ୟ ଭାଜପା ସଭାପତିଙ୍କ ଅନୁମୋଦନ କ୍ରମେ ତାଲିକା ପ୍ରକାଶ ପାଇଛି। ଏଥିରେ କୌଣସି ପ୍ରକାର ଅନୈତିକ କାର୍ଯ୍ୟ ହୋଇନାହିଁ। କରାଯାଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ, କପୋଳକଳ୍ପିତ ଓ ମନଗଢା ବୋଲି ଉଲ୍ଲେଖ କରିବା ସହ ଯେଉଁମାନେ ଏଭଳି ଅହଂ ଭାବନା ରଖି ଦଳରେ କାମ କରୁଛନ୍ତି ସେମାନେ ଏଭଳି କାର୍ଯ୍ୟର ପୁନରାବୃତ୍ତି ନ କରନ୍ତୁ ବୋଲି କହିଥିଲେ।



ସମ୍ମିଳିତ ଭାଜପା କର୍ମକର୍ତ୍ତା, କର୍ମୀ।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ

ସମ୍ବଲପୁର,୩୧।୧୨(ପ୍ରମୋଦ ବହିଦାର)



ବରେଇପାଲି ମଣ୍ଡିରେ ବୁଧବାର ଚାଷୀଙ୍କ ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ ବୁଝାଶୁଝା କରୁଛି।

■ବହୁ ଚାଷୀଙ୍କୁ ମିଳିନି ଟୋକନ
■ଭୁଲ ତଥ୍ୟ ଦେଇ ଚାଷୀଙ୍କୁ ଭ୍ରମିତ କରୁଛନ୍ତି ଯୋଗାଣମନ୍ତ୍ରୀ

ଧାନ ବିକ୍ରିରେ ଚାଷୀଙ୍କ ସମସ୍ୟାକୁ ନେଇ ପୁଣିଥରେ ସମ୍ବଲପୁର ଜିଲାର ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବରେଇପାଲି ଆର୍‌ଏମ୍‌ସି, ସେରସୁଆଁତଲ ଧମା ଆଦି ତିନୋଟି ଧାନ ସଂଗ୍ରହ(ମଣ୍ଡି)ରେ ବୁଧବାର ପୂର୍ବାହ୍ନରେ ଅଞ୍ଚଳର ଚାଷୀମାନେ ଏକତ୍ରିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବାକୁ ଉଦ୍ୟମ କରିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାକୁ ରୋକିଥିଲା। ଅପରପକ୍ଷରେ ଧାନ ବିକ୍ରିପାଇଁ ଚାଷୀଙ୍କୁ ଟୋକନ ମିଳିବା ସମସ୍ୟା, ମିଲରେ ଧାନର କଟ୍‌ନୀ ଛଟନୀ ତଥା ବିହନ ନିଗମକୁ ବିହନ ବିକ୍ରୟ ପାଇଁ ପୂର୍ବରୁ ଲାଇସେନ୍ସପ୍ରାପ୍ତ ଚାଷୀଙ୍କ ଟୋକନ ବ୍ଲକ ବିରୋଧରେ ଜିଲା କୃଷକ ସୁରକ୍ଷା ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇଥିଲା। କୃଷକ ସୁରକ୍ଷା ସମନ୍ୱୟ ସମିତିର ଜିଲା ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଚଳିତ ଖରିଫ ଧାନ ସଂଗ୍ରହରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଛି। ବହୁସଂଖ୍ୟାରେ ଚାଷୀ ଅମଳ କରି ମଧ୍ୟ ଧାନ ବିକ୍ରି କରି ପାରିନାହାନ୍ତି। ଏଭଳି ପରିସ୍ଥିତିରେ ଯୋଗାଣମନ୍ତ୍ରୀ ଚଳିତ ଖରିଫ୍ ଧାନ ସଂଗ୍ରହ ଦ୍ରୁତଗତିରେ ଓ ସୁରୁଖୁରୁରେ ଚାଲିଛି। ପୂର୍ବବର୍ଷ ଅପେକ୍ଷା ଦୁଇଗଣ ଧାନ ସଂଗ୍ରହ ହୋଇସାରିଛି। ମାତ୍ର କେତେକ ଚାଷୀଙ୍କ ଆନ୍ଦୋଳନ କରିବା ଏକ ଅଭ୍ୟାସ ବୋଲି ଦେଇଥିବା ବୟାନ ଦୁର୍ଭାଗ୍ୟଜନକ। ଏଭଳି ମିଥ୍ୟା ତଥ୍ୟ ସମ୍ବଳିତ ବୟାନ ଦେଇ ସେ ରାଜ୍ୟର ଚାଷୀଙ୍କୁ ଭ୍ରମିତ କରୁଛନ୍ତି। ଯୋଗାଣ ମନ୍ତ୍ରୀଙ୍କ ଏଭଳି ବୟାନ ଓ ଚାଷୀଙ୍କ ଧାନ ବିକ୍ରି ସମସ୍ୟାକୁ ନେଇ ନୀରବଦ୍ରଷ୍ଟା ସାଜିଥିବା ମୁଖ୍ୟମନ୍ତ୍ରୀ ସମାନ ଭାବେ ଦୋଷୀ। ସେ କହିଛନ୍ତି, କ୍ଷୁଦ୍ରଚାଷୀ ବା ପ୍ରାୟ ୭ ଏକର ଜମିରେ ଚାଷ କରିଥିବା ଚାଷୀଙ୍କୁ ୨ଟି ଲେଖାଏ ଟୋକନ ମିଳିଛି। ମାତ୍ର ୭ ଏକରରୁ ଅଧିକ ଜମିଧାରୀ ବଡ଼ ଚାଷୀ ଓ ଭାଗଚାଷୀମାନଙ୍କୁ ଏପର୍ଯ୍ୟନ୍ତ ଆବଶ୍ୟକ ପରିମାଣର ଟୋକନ ମିଳି ନାହିଁ। ଟୋକନ ମିଳିବା ବିଳମ୍ବ ହେଉଥିବାରୁ ଉପାର୍ଜିତ ଧାନ ନଷ୍ଟ ସାଙ୍ଗକୁ ଚାଷୀଙ୍କ ପାଇଁ ରବି ଚାଷ ପ୍ରସ୍ତୁତିରେ ବାଧକ ସୃଷ୍ଟି ହେଉଛି। ଯଦ୍ୱାରା ଅଧିକାଂଶ ଚାଷୀ ଧାନବିକ୍ରିରେ ଅନିଶ୍ଚିତତାକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି। ସେହିପରି ବିହନ ନିଗମକୁ ବିହନ ବିକ୍ରୟ ପାଇଁ ଆଗରୁ ପାଇଥବା ଲାଇସେନ୍ସ ନବୀକରଣ ହୋଇ ନ ଥିବା ସତ୍ତ୍ୱେ ଜିଲାର ୨୭ ଜଣ ଚାଷୀଙ୍କ ଟୋକନ୍‌କୁ ବ୍ଲକ କରି ଦିଆଯାଇଛି। ଯଦ୍ୱାରା ସେମାନେ ନିଜ ଉପାର୍ଜିତ ଧାନ ବିକ୍ରିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବର୍ତ୍ତମାନ ସମ୍ପୂର୍ଣ୍ଣ ଶୁଖିଲା ବା ଏଫ୍‌ଏକ୍ୟୁ ମାନର ଧାନ ନେଲେ ମଧ୍ୟ ମିଲର୍ସ କୁଇଣ୍ଟାଲ ପ୍ରତି ୨ କେଜି ପର୍ଯ୍ୟନ୍ତ କଟ୍‌ନୀ ଛଟନୀ କରୁଥିବା ବେଳେ ଜିଲା ପ୍ରଶାସନ ବା ଯୋଗାଣ ବିଭାଗ ଏହାର ପ୍ରତିକାର ବ୍ୟବସ୍ଥା କରୁ ନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ବୁଧବାର ଜିଲାର ତିନୋଟି ସ୍ଥାନରେ ଏଭଳି ଆନ୍ଦୋଳନ ହେଉଥିବା ବେଳେ ଆଗକୁ ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଜିଲାର ଅନ୍ୟାନ୍ୟ ମଣ୍ଡିରେ ଏଭଳି ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ସଙ୍ଗଠନ ସଭାପତି ଠାକୁର।

ଅପରପକ୍ଷରେ ବିହନ ବିକ୍ରୟ ପାଇଁ ଲାଇସେନ୍ସପ୍ରାପ୍ତ ଜଲାର ୨୭ ଜଣ ଚାଷୀଙ୍କ ଟୋକନ ବ୍ଲକ ସମସ୍ୟା ନେଇ ସଙ୍ଗଠନର ପୂର୍ବତନ ସଭାପତି ଉମେଶ ମିଶ୍ରଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଜିଲାପାଳଙ୍କ ତ୍ୱରିତ ପଦକ୍ଷେପ ସ୍ୱରୂପ ଜିଲା ସମବାୟ ସମିତି ଉପନିବନ୍ଧକ(ଡିଆର୍‌ସିଏସ୍) ଲକ୍ଷ୍ମୀଧର ରାଉତଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି ମିଶ୍ର। ସେ କହିଛନ୍ତି, ଜିଲାରେ ଧାନ ସଂଗ୍ରହରେ ଜାରି ରହିଥିବା ସମସ୍ୟାକୁ ନେଇ ଗତ ଡିସେମ୍ବର ୨୯ରେ ବରେଇପାଲି ଆର୍‌ଏମ୍‌ସି ମଣ୍ଡିରେ ଜିଲା କୃଷକ ସୁରକ୍ଷା ସମନ୍ୱୟ ସମିତି ପକ୍ଷରୁ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ପର୍ଯ୍ୟାୟ କ୍ରମେ ଆଗକୁ ଅନ୍ୟାନ୍ୟ ମଣ୍ଡିରେ ମଧ୍ୟ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ସେ କହିଛନ୍ତି। ବରେଇପାଲି ମଣ୍ଡିରେ ଉମେଶ କୁମାର ମିଶ୍ର, ସରୋଜ, ମୁରାରୀ ପୁରୋହିତ, ଭୈରବ ପ୍ରଧାନ, ଦିଲୀପ ସାହୁ, ସନ୍ତୋଷ ପ୍ରଧାନ, ସେରସୁଆଁତଲରେ ଦେବେନ୍ଦ୍ର ପ୍ରଧାନ, ଜଗଦାନନ୍ତ ନାଏକ, ସାନ୍ତନୁ ପ୍ରଧାନ, ବିପିନ ଭୋଇ ଏବଂ ଧମାରେ ଦିଲୀପ ମହାପାତ୍ର, ନନ୍ଦଲାଲ ତ୍ରିପାଠି ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଗୋବିନ୍ଦପୁର-କରଲାଖମନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ମନ୍ତ୍ରୀ ରବିନାରାୟଣ ନାଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କୁଚିଣ୍ଡା,୩୧।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁରଠାରୁ କରଲାଖମନ(ଭାୟା- ଗୁର୍ଲା, କୁଟାରିମାଲ, ପାଣ୍ଡୁପଡ଼ା, କାଲିଆପଡ଼ା, ବଡ଼ଫିରିଙ୍ଗିବାହାଲ ଓ ମହୁଲମୁଣ୍ଡା) ରାସ୍ତାର ପ୍ରଶସ୍ତିକରଣ ଏବଂ ସଶକ୍ତିକରଣ କାର୍ଯ୍ୟର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ୪୧.୬୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୩୩.୭୦୦ କି.ମି ରାସ୍ତା ଅଞ୍ଚଳର ଯାତାୟାତକୁ ସୁଗମ କରିବା ସହ ଆର୍ଥିକ ଓ ସାମାଜିକ ବିକାଶରେ ସହାୟକ ହେବ। ଜନସାଧାରଣଙ୍କ ଦୀର୍ଘଦିନର ଦାବିକୁ ସରକାର ପ୍ରାଥମିକତା ଦେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ସମ୍ବଲପୁର ପୂର୍ତ୍ତବିଭାଜନ(ଗୃହ ଓ କୋଠାବାଡ଼ି) ଅଧୀକ୍ଷଣ ଯନ୍ତ୍ରୀ ଜଗତଜିତ ବେହେରା, ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାଶ, ଏମ୍‌ପି ପ୍ରତିନିଧି ନରେଶ ସିଂ ଠାକୁର, ବିଡ଼ିଓ ପୁଷ୍ପକ ପ୍ରଧାନ, ଭାଜପା ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲ, ମନ୍ତ୍ରୀ ପ୍ରତିନିଧି ସୁନୀଲ ଦାସ, ବରିଷ୍ଠ ଭାଜପା ନେତା ପ୍ରମୋଦ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କୁମାର ଚନ୍ଦ୍ର ପଟେଲ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ପୂର୍ତ୍ତବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ନାଏକ, କନିଷ୍ଠ ଯନ୍ତ୍ରୀ ଗିରିଧାରୀ ନାଏକ ସହଯୋଗ କରିଥିଲେ।

## ହରିନାମ ମହାମନ୍ତ୍ର ଧ୍ୱନିରେ ନବବର୍ଷକୁ ସ୍ୱାଗତ

କୁଚିଣ୍ଡା, ୩୧।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ପତ୍ରାପାଲିରେ ବୁଧବାର ସନ୍ଧ୍ୟାରେ ଇଂରାଜୀ ନବବର୍ଷକୁ ଠାକୁର ପୂଜାସହ ହରିନାମ ମହାମନ୍ତ୍ର, ଭଜନ କୀର୍ତ୍ତନରେ ସ୍ୱାଗତ କରିଛନ୍ତି। ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ କ୍ଷିତିଜ୍ୟୋତି ଆଶ୍ରମ ପତ୍ରାପାଲି ଶାଖା ପରିବାର ପକ୍ଷରୁ ପ୍ରତିବର୍ଷ ନୂତନ ବର୍ଷ ଆଗମନକୁ ଏଭଳି ସ୍ୱାଗତ କରାଯାଇଥାଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାକାର ଭାବେ ସନାତନ ଧର୍ମର ଭାତୃତ୍ୱକୁ ରକ୍ଷାକରି ହିନ୍ଦୁ ପରମ୍ପରା ରୀତିନୀତିରେ ଠାକୁର ଶ୍ରୀ କେଶବ ଚନ୍ଦ୍ରଙ୍କ ପୂଜା ଓ ସତସଙ୍ଗ ସାଙ୍ଗକୁ ହରିନାମ ମହାମନ୍ତ୍ର ଧ୍ୱନିରେ ନୂତନ ବର୍ଷ ଆଗମନକୁ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳକ ଅଭିମନ୍ୟୁ ବୁଢ଼ା, ଯଦୁମଣି କୁସୁମ, ଉମେଶ କିଡିଣ୍ଡିଆ, ସୁରେନ୍ଦ୍ର ସଂହସିଆ, ସତ୍ୟନାରାୟଣ ବୁଢା, ଯଶପାଲ ସିଂ, ସୁମିତ୍ରା କୁସୁମ, ପ୍ରଶାନ୍ତ କୁସୁମ, ଭୋଲେଶ୍ୱର କୁସୁମ, ଅତୁଲ୍ୟ ଚାନ୍ଦ, ସିଲୁ ସୁନାନୀ, ରିଙ୍କୁ କୁସୁମଙ୍କ ସମେତ ପଡ଼ାବାସୀ ସାମିଲ ହୋଇଥିଲେ।

# ଅନ୍ଧାରୀ କପ୍ କ୍ରିକେଟ୍: ଜଗନ୍ନାଥପ୍ରସାଦ ଚାମ୍ପିୟନ

ନାକଟିଦେଉଳ,୩୧।୧୨(ବୈକୁଣ୍ଠନାଥ ସାହୁ)



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ୟୁଥସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବଳମ ଖେଳ ପଡିଆରେ ଗତ ୨୪ ତାରିଖଠାରୁ ଚାଲିଥିବା ଅନ୍ଧାରୀ କପ କ୍ରିକେଟ ଟୁର୍ନାମେଣ୍ଟ ବୁଧୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ୧୬ଟି କ୍ରିକେଟ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ବାଟଗାଁ ଏବଂ ଜଗନ୍ନାଥ ପ୍ରସାଦ ମଧ୍ୟରେ ହୋଇଥିଲା। ଟସ୍ ଜିଣି ବାଟଗାଁ ଦଳ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ ଉଇକେଟ ହରାଇ ୧୫୨ ରନ କରିଥିଲା। ଜବାବରେ ଜଗନ୍ନାଥ ପ୍ରସାଦ କ୍ରିକେଟ କ୍ଲବ ୧୯.୩ଓଭରରେ ୮ ଉଇକେଟ ହରାଇ ୧୫୩ ରନ କରି ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ଜଗନ୍ନାଥ ପ୍ରସାଦର କାହ୍ନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ବାଟଗାଁର ଦୀପକଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ପିଣ୍ଟୁ ପ୍ରଧାନ ଏବଂ ସୁମନ ପ୍ରଧାନ ପରିଚାଳନା କରିଥିଲେ।ସମାଜସେବୀ ରମେଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ସାହେବୀ ସରପଞ୍ଚ ରାମ ପ୍ରସାଦ ସାହୁ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ବିଜେଡି ଯୁବ ନେତା ଧିରେନ କୁମାର ସାହୁ, ଗ୍ରାମର ବରିଷ୍ଠ ନାଗରିକ ଚିତ୍ତରଞ୍ଜନ ସାହୁ, ନିମାଇଁ ଚରଣ ସାହୁ ଯୋଗଦେଇ ବିଜେତା ଜଗନ୍ନାଥ ପ୍ରସାଦ ଏବଂ ଉପବିଜେତା ବାଟଗାଁ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ । ଆକାଶ କୁମାର ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୀତୁନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ୟୁଥ ସ୍ପୋର୍ଟିଂ କ୍ଲବର ଅମିତ ସାହୁ, ସମୀର କୁମାର ସେଠୀ, ମନୋଜ କୁମାର ସାହୁ, ବାଦଲ ନାଏକ ଏବଂ ଲୋକନାଥ ସାହୁଙ୍କ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ ।

## ଡବ୍ଲ୍ୟୁଓପିସିଟି ସମନ୍ୱୟ ସମ୍ମିଳନୀ ଜାନୁଆରୀ ୧୧ରେ

ସମ୍ବଲପୁର,୩୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁରରେ ୨୦୨୬ ଜାନୁଆରୀ ୧୧ରେ ବେସରକାରୀ କଲେଜ ଶିକ୍ଷକ ସମନ୍ୱୟ କମିଟି ପଶ୍ଚିମ ଓଡ଼ିଶାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ସ୍ଥାନୀୟ ସାଂସ୍କୃତିକ ସମାଜ ଭବନରେ ପଶ୍ଚିମ ଓଡ଼ିଶା ବେରକାରୀ ଶିକ୍ଷକ(ଡବ୍ଲ୍ୟୁଓପିସିଟି) ସମନ୍ୱୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ଅବିଭକ୍ତ ସମ୍ବଲପୁର ଜିଲା ସହ ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼, ବୌଦ୍ଧ, କୋରାପୁଟ ଆଦି ଜିଲାର ବେସରକାରୀ କଲେଜ ଓ କନିଷ୍ଠ କଲେଜଗୁଡିକର ଶିକ୍ଷକ ଓ କର୍ମଚାରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ସମନ୍ୱୟ କମିଟି ମୁଖ୍ୟ ସଂଯୋଜକ ପ୍ରଫେସର ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। ସମନ୍ୱୟ କମିଟି ସଭାପତି ଡ. ସୁଦର୍ଶନ ପାଣିଗ୍ରାହୀ, ମୁଖ୍ୟ ଉପଦେଷ୍ଟା ଡ. ଅଶୋକ ବହିଦାର, ଆବାହକ ଡ. ବସନ୍ତ କୁମାର ଦାଶ ଓ ଯୁଗ୍ମ ସଂଯୋଜକ ଡ. ଅଶ୍ୱିନୀ କୁମାର ସୁପକାରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ବୈଠକରେ ସର୍ବସମ୍ମିତକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ୨୦୦୮ ଜୁନ ୧ ପରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ, ବ୍ଲକ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ଓ ପ୍ରତ୍ୟକ୍ଷ ଦରମା ସରକାରୀତୁଲ୍ୟ ଗ୍ରାଚ୍ୟୁଇଟି ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, ଅଧ୍ୟାପକମାନଙ୍କୁ ଲେଭେଲ୍-୧୨ ଓ ପିଜିଟିମାନଙ୍କୁ ଲେଭେଲ୍-୧୧ ଗ୍ରେଡ୍ ପେରେ ପ୍ରାରମ୍ଭିକ ଦରମା ପ୍ରଦାନ, ଅଧ୍ୟାପକମାନଙ୍କୁ ସରକାରୀ ତୁଲ୍ୟ ୧୮ ବର୍ଷରେ ପ୍ରାଧ୍ୟାପକ ପଦବୀ, ୨୦୧୬ ଜାନୁଆରୀ ୧ରୁ ୨୦୧୭ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୨୧ ମାସର ବକେୟା ଦରମା, ଶିକ୍ଷକ ଓ କର୍ମଚାରୀଙ୍କ ଅବସର ବୟସ ସୀମା ବୃଦ୍ଧି, ବେସରକାରୀ କଲେଜ୍‌ରେ ବନ୍ଦ ଥିବା ୟୁଜିସି ଦରମା ପୁନଃ ପ୍ରଚଳନ, ଭାରପ୍ରାପ୍ତ ଅଧ୍ୟକ୍ଷ ବଦଳରେ ସ୍ଥାୟୀ ଅଧ୍ୟକ୍ଷ ପଦବୀ ସୃଷ୍ଟି, ଅବସରପ୍ରାପ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ଭତ୍ତା ଓ ସ୍ୱାସ୍ଥ୍ୟ ବୀମା ପ୍ରଦାନ ଆଦି ବିଭିନ୍ନ ଦାବି ସହିତ ଶିକ୍ଷକ ଓ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବ ବୋଲି ନିଷ୍ପତ୍ତି ହୋଇଛି।

# କରାଟେ ପଦକ ବିଜେତା ସମ୍ବର୍ଦ୍ଧିତ

ସମ୍ବଲପୁର,୩୧।୧୨(ଭବାନୀ ଶଙ୍କର ଭୋଇ): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ବିଦ୍ୟାଳୟରେ ୨୭ରୁ ୩୦ ଡିସେମ୍ବର ମଧ୍ୟରେ ଆୟୋଜିତ ହୋଇଥିବା ଅଲ ଇଣ୍ଡିଆ କରାଟେ ପ୍ରତିଯୋଗିତାରେ ସମ୍ବଲପୁରର ପ୍ରତିଯୋଗୀମାନେ ୩୬ଟି ପଦକ ହାସଲ କରିଛନ୍ତି। ବୁଧବାର ସମସ୍ତ କୃତୀ ପ୍ରତିଯୋଗୀମାନଙ୍କ ସହ କୋଚ ଭବାନୀ ଶଙ୍କର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ୧୪ଶହ ପ୍ରତିଯୋଗୀ ସାମିଲ ହୋଇଥିବା ବେଳେ ସମ୍ବଲପୁରର ୩୧ଜଣ ପ୍ରତିଯୋଗୀ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା କୋଚ ପଣ୍ଡା ସୂଚନା ଦେଇଥିଲେ। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ୧୦ଟି ସ୍ୱର୍ଣ୍ଣ, ୧୩ଟି ରୌପ୍ୟ ପଦକ, ୧୩ଟି ବ୍ରୋଞ୍ଜ ପଦକ ହାସଲ କରିଥବାରୁ ଉତ୍କଳ କରାଟେର ସମ୍ବଲପୁର ଶାଖା ପକ୍ଷରୁ ପ୍ରତିଯୋଗିମାନଙ୍କୁ ଅଭିନନ୍ଦନ ଜଣାଯାଇଥିଲେ। ପ୍ରତିଯୋଗିତାରେ ସାମିଲ ସିନ୍ଧୁଜା ପଣ୍ଡା, ଶୁଭମ ରାଉତ, ସାଇସ୍ମିତା ସାହୁ, ସାଇଶ୍ରୀ ମିଶ୍ର, ଶ୍ରୀଅଂଶ ମିଶ୍ର, ଶ୍ରୀସ୍ୱର୍ଣ୍ଣ ମିଶ୍ର, ସ୍ୱସ୍ତିକ ପଣ୍ଡା, ସୁଭଶ୍ରୀ ପ୍ରଧାନ, ଦେବାଶିଷ ବାରିକ, ସାଇକୃଷ୍ଣା ମୁଦୁଲି, ଶ୍ରୁତି ଅଗ୍ରୱାଲ, ଆୟୁଷ୍ମାନ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୫ ସ୍ମାର୍ଟ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୩୧।୧୨(ପ୍ରମୋଦ ବହିଦାର)

ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ସର୍ବୋତ୍ତମ ସୋସିଆଲ ଆର୍ଗାନାଇଜେଶନ ମିଳିତ ସହଯୋଗରେ ସମ୍ବଲପୁର ଜିଲାରେ ୫ଟି ସ୍ମାର୍ଟ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସମ୍ବଲପୁର ମହାନଗର ନିଗମ ଓ ଜିଲାର ବିଭିନ୍ନ ବ୍ଲକରେ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳଯୁକ୍ତ କରିବା ଲକ୍ଷ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ପକ୍ଷରୁ ଖେଳ ଉପକରଣ, ସ୍ମାର୍ଟଟିଭି, ଆକ୍ୱାଗାର୍ଡ, ବିଭିନ୍ନ ପ୍ରକାର ପାଠ୍ୟପୁସ୍ତକ ଓ ପାଠ୍ୟ ଉପକରଣ ଆଦି ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଛି। ମଙ୍ଗଳବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରେମେଡ୍, ଗେଙ୍ଗୁଟିପାଲି ତଳିପଡ଼ା ଓ ସାକ୍ଷୀପଡ଼ା ତଥା ଧନକଉଡ଼ା ବ୍ଲକ ଅନ୍ତର୍ଗତ ଯୋଗୀପାଲି, ମାନେଶ୍ୱର ବ୍ଲକ ଅନ୍ତର୍ଗତ ଖଣ୍ଡୁଆଲ ଆଦି ୫ଟି ସ୍ଥାନରେ ସ୍ମାର୍ଟ ଅଙ୍ଗନୱାଡ଼ି କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ), ଅଙ୍ଗନୱାଡ଼ି ସୁପରଭାଇଜର, ଏସ୍‌ବିଆଇ ଆଞ୍ଚଳିକ ଶାଖା ପ୍ରବନ୍ଧକ ମାନସ କୁମାର ପ୍ରଧାନ, ଶାଖା ପରିଚାଳକ ବିଜୟଲକ୍ଷ୍ମୀ ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସର୍ବୋତ୍ତମ ସୋସିଆଲ ଆର୍ଗାନାଇଜେଶନ ସମ୍ପାଦିକା ଶ୍ରାବଣୀ ରାୟ, ଅଞ୍ଜଳି ବେହେରା ପରିଚାଳନା କରିଥିଲେ।



ସ୍ମାର୍ଟ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ କର୍ମୀ ଓ ଅତିଥି।

# ସମ୍ବଲପୁରୀ ଡେରାକୁ ବିକଶିତ କରିବାକୁ ସଙ୍କଳ୍ପ

ସମ୍ବଲପୁର,୩୧।୧୨(ଭବାନୀ ଶଙ୍କର ଭୋଇ)



ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଗୁରୁ ସତ୍ୟନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

■ପୁଣ୍ୟତିଥିରେ ଗୁରୁ ସତ୍ୟନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି
■ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମାଲ୍ୟାର୍ପଣ

ସମ୍ବଲପୁରୀ ସାହିତ୍ୟ ଏବଂ ସଂସ୍କୃତିର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ୪୬ତମ ପୁଣ୍ୟତିଥି ଅବସରରେ ବୁଧବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ଥିବା ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କର ସ୍ମୃତିଚାରଣ କରାଯାଇଛି। ସକାଳେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୁରୁଙ୍କ ନାମରେ ରହିଥିବା ସମ୍ବଲପୁରୀ ଡେରାକୁ ଆହୁରି ବିକଶିତ କରାଯାଇ ସମ୍ବଲପୁରୀ ପ୍ରେମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ଭାବେ ତିଆରି କରାଯିବାକୁ ସଙ୍କଳ୍ପ କରାଯାଇଥିଲା। ସମ୍ବଲପୁରୀ ଡେରାକୁ ସମ୍ବଲପୁରୀର ପ୍ରଚାର ପ୍ରସାରର କେନ୍ଦ୍ରଭାବେ ବିକଶିତ କରିବାକୁ ପ୍ରତି ରବିବାର ସମ୍ବଲପୁରୀ ନାଚ ଗୀତ ଏବଂ ଚିତ୍ରକଳା ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇ ନୃତ୍ୟ ଗୁରୁ ରଞ୍ଜିତ ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆସନ୍ତା ଜାନୁଆରୀ ୧୫ରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯିବା ନେଇ ଗୁରୁ ରଞ୍ଜିତ ସାହୁ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଗୁରୁମାନଙ୍କୁ ସାମିଲ କରାଯାଇ ସମ୍ବଲପୁରୀ ନାଚ ଗୀତକୁ ଆହୁରି ପ୍ରସସ୍ତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ସହଯୋଗରେ ଡେରା ପରିସରରେ ବିଗତ ଦୁଇ ବର୍ଷ ଭିତରେ ଅନେକ ପଦକ୍ଷେପ ନିଆଯାଇଛି । ତେବେ ୨୦୧୭ରୁ ଯୋଜନା ରହିଥିବା ସମ୍ବଲପୁରୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟ ନିର୍ମାଣ ହୋଇପାରିନାହିଁ। ତେଣୁ ନୂତନ ବର୍ଷରେ ସେ ଦିଗରେ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହାସହ ଡେରାର କିଛି ଅଂଶ ବର୍ତ୍ତମାନ ମଧ୍ୟ ଖୋଲା ରହିଥିବା ବେଳେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଦେଖାଦେଇଥିବାରୁ ଯଥାଶୀଘ୍ର ପାଚେରି ବ୍ୟବସ୍ଥା କରିବାକୁ ବୈଠକରେ ଦାବି କରାଯାଇଥିଲା।

ଗୁରୁଙ୍କ ପୁଣ୍ୟତିଥି ଅବସରରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡେରା ପରିସରକୁ ଆସି ବୁଲି ଦେଖିବା ସହ ବିକାଶ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାପରେ ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁରୀ ଧନୁଯାତ୍ରା କମିଟି, ସମ୍ବଲପୁର ଯୋଗ ପରିବାର, ଭାରତୀ ସମାଜ, ନାଟ ନାଟୁଆ, କଳା ଓ କଳାକାର, ନାରୀ ସେବା ସଂଘ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ସମ୍ବଲପୁର କିକ ବକ୍ସିଂ ଆସୋସିଏଶନଙ୍କ ଭଳି ବହୁ ଅନୁଷ୍ଠାନର କର୍ମକର୍ତ୍ତା ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ଦିଗରେ ଗୁରୁଙ୍କ ଅବଦାନ ସମ୍ପର୍କରେ ଆଲେଶଚନା କରିଥିଲେ। ସହରର ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ଡ ପ୍ରମୋଦ ରଥ, ଡ. ପରେଶ ଦାନୀ, ଦୀନବନ୍ଧୁ ପଣ୍ଡା, ଦାମୋଦର କର, କବିତା ପୁରୋହିତ, ସୁରେଖା ସାହୁ, ନାଟୁ ଗୋପାଳ ପାତ୍ର, ସୁରେନ୍ଦ୍ର ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ଅଶୋକ ସାହୁ, ବିରଞ୍ଚି ନାରାୟଣ ନାୟକ, ଅମିତାଭ ମାଝୀ, ରାଜେଶ ସ୍ୱାଇଁ, ବିକାଶ ତ୍ରିପାଠୀ, ପ୍ରଜ୍ଞା ଦୀକ୍ଷିତ, ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଯୋଗେଶ ନନ୍ଦ, ପ୍ରଦୀପ୍ତ ସୁଣାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସିଏସ୍‌ଓ ଅଫିସ୍ ଆଗରେ ଚାଷୀଙ୍କ ଧାରଣା

■ମଣ୍ଡିରେ ଧାନକିଣା ହେଲାନାହିଁ
■ଧାନକିଣା ଅବ୍ୟବସ୍ଥା ଦୂର କରିବା ଛାଡ଼ି ଲୋକ ଉତ୍ସବ ବୈଠକରେ ବସିଥିଲେ ସିଏସ୍‌ଓ

ବଲାଙ୍ଗୀର,୩୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଡିସେମ୍ବର ୩୧ ବର୍ଷର ଶେଷ ଦିନରେ ପୁରୁଣା ବର୍ଷକୁ ବିଦାୟ ଦେବା ଏବଂ ନୂଆବର୍ଷ ୨୦୨୬କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ସ୍ଥାନରେ ଲୋକେ 'ଜିରୋ ନାଇଟ୍ ସେଲିବ୍ରେଶନ୍' ଆୟୋଜନରେ ବ୍ୟସ୍ତ ଥିବାବେଳେ ବଲାଙ୍ଗୀରରେ ବୁଧବାର ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଧାନ ବିକ୍ରି କରି ନ ପାରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବହୁ ଚାଷୀ ବଲାଙ୍ଗୀର ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ)ଙ୍କ ଅଫିସ୍ ବାରଣ୍ଡାରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଅଫିସ୍‌ରେ ସିଏସ୍‌ଓଙ୍କ ଦେଖା ମିଳି ନ ଥିବାବେଳେ ସିଏସ୍‌ଓ ଜିଲାପାଳଙ୍କ ଅଫିସ୍ ଭିତରେ ଲୋକ ଉତ୍ସବ ପ୍ରସ୍ତୁତି ବୈଠକରେ ବସିଥିବା ଜାଣିବାକୁ ପାଇଥିଲେ। ଏହାପରେ ସେଠାରେ ଧାରଣାରେ ବସିଥିବା ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସିଏସ୍‌ଓ ଅଫିସ୍‌ରେ ତାଲା ପକାଇ ବାହାରେ ଧାରଣାରେ ବସିଥିଲେ। ଚାଷୀଙ୍କ ଧାନକିଣା ସମସ୍ୟାର ସମାଧାନ ନ କରି ସିଏସ୍‌ଓ ଲୋକ ଉତ୍ସବରେ କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅନ୍ତର୍ଗତ କୁସମେଲ ପ୍ରାଥମିକ କୃଷି


ବଲାଙ୍ଗୀର ସିଏସ୍‌ଓ ଅଫିସ୍ ବାରଣ୍ଡାରେ ଚାଷୀମାନେ ଧାରଣାରେ ବସିଛନ୍ତି।

ସମବାୟ ସମିତି(ପାକ୍ସ)ର ଚାଷୀମାନେ ବୁଧବାର ବଲାଙ୍ଗୀର ସିଏସ୍‌ଓ ଅଫିସ ବାରଣ୍ଡାରେ ତଳେ ବସି ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ହେଲା ଯେ, ଗତ ଡିସେମ୍ବର ୫ରୁ ଜିଲାରେ ଧାନକିଣା ଆରମ୍ଭ ହୋଇଥିଲେ ମଧ୍ୟ ସେମାନଙ୍କ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। କୁସମେଲ ପାକ୍ସରେ ପଞ୍ଜୀକୃତ ଚାଷୀମାନଙ୍କ ମଧ୍ୟରେ ୨୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ୍ ଏପର୍ଯ୍ୟନ୍ତ ଆସିନାହିଁ। କେଉଁ କାରଣରୁ ଟୋକନ୍ ଆସୁନାହିଁ ବୋଲି ଚାଷୀମାନେ ପାକ୍ସ କର୍ତ୍ତୃପକ୍ଷଙ୍କୁ ପଚାରିଲେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର କି ସୂଚନା ଦେଇନାହାନ୍ତି। ଓଲଟା ବଲାଙ୍ଗୀର ଉପର ଅଫିସ୍‌କୁ ଯାଇ ପଚାରିବାକୁ ଚାଷୀଙ୍କୁ କହିଥିଲେ। ଚାଷୀମାନେ ବାରମ୍ବାର ସିଏସ୍‌ଓ ଅଫିସକୁ ଆସି କେଉଁ କାରଣରୁ ପଞ୍ଜୀକୃତ ଚାଷୀଙ୍କ ଟୋକନ୍ ଆସୁନାହିଁ ବୋଲି ପଚାରିଥିଲେ ମଧ୍ୟ ଅନେକ ସମୟରେ ସିଏସ୍‌ଓ ଅଫିସ୍‌ରେ ନ ଥିବାରୁ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଫଳରେ ବାଧହୋଇ ଚାଷୀମାନେ ବୁଧବାର ଧାରଣାରେ ବସିଥିଲେ।

ଚାଷୀ କୌସ୍ତୁଭ ସାହୁ କହିଛନ୍ତି, ଜିଲା ପ୍ରଶାସନ, ଯୋଗାଣ ବିଭାଗ ଏବଂ ସରକାର ଜାଣିଶୁଣି ଚାଷୀଙ୍କୁ ହଇରାଣ କରୁଛନ୍ତି। ପ୍ରାୟ ୨ ମାସ ପୂର୍ବରୁ ଚାଷୀ ଧାନ ଅମଳ କରିସାରିଛନ୍ତି। ପ୍ରାୟ ୨୫ ଦିନ ହେଲା ଜିଲାରେ ଧାନକିଣା ଆରମ୍ଭ ହେଲା ବୋଲି ପ୍ରଶାସନ ଘୋଷଣା କରିଥିଲା। ହେଲେ ଏପର୍ଯ୍ୟନ୍ତ କୁସମେଲ ପାକ୍ସର ଅନେକ ଚାଷୀଙ୍କ ଟୋକନ୍ ଆସିନାହିଁ। ଫଳରେ ଚାଷୀମାନେ ହଇରାଣ ହେଉଛନ୍ତି। ଅନେକ ଚାଷୀ ବାଧହୋଇ କମ୍ ମୂଲ୍ୟରେ ନିଜର ଧାନ ବିକ୍ରି କରିସାରିଲେଣି। ସିଏସ୍‌ଓ ଅଫିସ୍‌ର ଅଧିକାରୀମାନେ ଚାଷୀଙ୍କ ଧାନ ଅବ୍ୟବସ୍ଥା ସୁଧାରିବା ଛାଡି ଲୋକ ଉତ୍ସବ ବୈଠକରେ ବସି ସମୟ ଗଡ଼ାଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଘୁଙ୍ଗି ଗ୍ରାମର ଚାଷୀ ଶରତ ସାହୁ, ସଞ୍ଜୀବ ନାଏକ ଏବଂ କୁସମେଲ ପାକ୍ସର ଡୋଳାମଣି ସାହୁ କହିଛନ୍ତି, ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ମିଳୁ ନ ଥିବାରୁ ନାନା ସଂଶୟ ଦେଖାଦେଇଛି। ସେମାନଙ୍କ ଟୋକନ୍ ଆସିବ କି ନାହିଁ କେହି କିଛି କହିପାରୁନାହାନ୍ତି। ସିଏସ୍‌ଓ ଅଫିସ୍‌ରେ ଅଧିକାରୀ ରହୁନାହାନ୍ତି। ଏଭଳି ସ୍ଥିତିରେ ଚାଷୀମାନେ ଅଡୁଆରେ ପଡୁଛନ୍ତି। ଏନେଇ ସିଏସ୍‌ଓ ଦେବବ୍ରତ ମହାପାତ୍ରଙ୍କୁ ପଚରାଯିବାରୁ ଲୋକଉତ୍ସବ ପ୍ରସ୍ତୁତି ମିଟିଂ ଥିବାରୁ ସେ ଜିଲାପାଳଙ୍କ ଅଫିସ ଆସିଥିଲେ। ଏବେ ଅଫିସ୍‌କୁ ଯାଇ ଚାଷୀଙ୍କ ଯାହା ବି ସମସ୍ୟା ଅଛି ତାହାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ଅଫିସ୍‌କୁ ଯାଇ ଚାଷୀଙ୍କ ସହ ସିଏସ୍‌ଓ ମହାପାତ୍ର ଆଲୋଚନା କରିବା ସହ ସମସ୍ତ ଚାଷୀଙ୍କ ଟୋକନ ଆସିବ ଏବଂ ସମସ୍ତଙ୍କ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

## କଂସ ଦରବାରରେ ଜଙ୍ଗଲ ସୁରକ୍ଷା ବାର୍ତ୍ତା


ଧନୁଯାତ୍ରାରେ ଶିବ ଧନୁ ପୂଜା କରାଯାଉଛି।

ଲାଠୋର,୩୧।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋରସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ର ନିକଟ ପଡିଆରେ ମା' ବତ୍ରେଇନ ଧନୁଯାତ୍ରା କମିଟି ଆନୁକୂଲ୍ୟରେ ଡିସେମ୍ବର ୨୩ରୁ ଚାଲିଥିବା ୧୭ତମ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ନବମ ଦିନରେ ପହଞ୍ଚିଥିଲା। କମିଟି ସଭାପତି ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖବରଦାତା ଭୁବନେଶ୍ୱର ବାରିକ, ସମ୍ମାନିତ ଅତିଥି ଭାବେ କମିଟି ସହସମ୍ପାଦକ ରୋହିତ ମେହେର ଏବଂ ଭଗବାନ ସେଠ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବାରିକ କହିଛନ୍ତି, ଜଙ୍ଗଲ କ୍ଷୟ ଯୋଗୁ ହାତୀପଲ ଗ୍ରାମ ଭିତରକୁ ପଶିଆସି ଘର ଭାଙ୍ଗିବା ସହ ଜୀବନ ହାନି କରୁଛନ୍ତି। ତେଣୁ ଜଙ୍ଗଲ ସୃଷ୍ଟି ସହ ତାହାର ସୁରକ୍ଷା ଦିଗରେ ସମସ୍ତେ ସଚେତନ ହେବା ଉଚିତ୍। ସେହିପରି ଲାଠୋରରେ ଭଗତ୍ ସିଂ ପାଠାଗାର ଉଦ୍‌ଘାଟନ କରାଗଲେ ଯୁବପିଢି ଉପକୃତ ହେବେ। ଧନୁଯାତ୍ରା କମିଟି ସ୍ଥାନୀୟ ପ୍ରତିଭାଙ୍କୁ ମଞ୍ଚରେ ସମ୍ମାନିତ କରିବା ଏବଂ ଯାତ୍ରାରେ ଏକ ବହି ହାଟର ଆୟୋଜନ କଲେ ବିଦ୍ୟାର୍ଥୀଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଘଟିବ ବୋଲି ସେ କହିଥିଲେ। ନବମ ରଜନୀରେ କଂସଙ୍କ ଶିବଧନୁ ପୂଜା ମଞ୍ଚସ୍ଥ ହୋଇଥିଲା। କଂସ ଭୂମିକାରେ ଅନିଲ କୁମାର ନାଏକ ଅଭିନୟ କରି ଦର୍ଶକଙ୍କ ମନ ମୋହୁଛନ୍ତି। ଧନୁ ପୂଜାରେ କମିଟି ସମ୍ପାଦକ ସଚ୍ଚିକାନ୍ତ ଦାସ ଏବଂ ତାଙ୍କ ପତ୍ନୀ ସୋନାଲି ଦାସ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ଉପସଭାପତି ଜୟଦେବ ଶାଣ୍ଢ, କୋଷାଧ୍ୟକ୍ଷ ବିଦ୍ୟାଧର ଗୁର୍ଲାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ଶ୍ରୀମଦ୍ ଭାଗବତ ଭକ୍ତି ଜ୍ଞାନଯଜ୍ଞ ଉଦ୍‌ଯାପିତ

କଣ୍ଟାବାଞ୍ଜି,୩୧।୧୨(ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜି ମାତା ମନ୍ଦିରଠାରେ ସପ୍ତାହ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଜଗନ୍ନାଥ ଦାସ ଠାକୁର ଏବଂ ତାଙ୍କ ସହଧର୍ମିଣୀ ମଣିକାନ୍ତି ପାଣିଗ୍ରାହୀ ମୁଖ୍ୟଶ୍ରୋତା ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବା ପ୍ରେମାନନ୍ଦ ଦାସ, ପଦ୍ମ କିଶୋର ଠାକୁର, ପଦ୍ମମୁଖ ଶତପଥି, ଜଗଦାନନ୍ଦ ପାଣିଗ୍ରାହୀ, ପ୍ରସନ୍ନ ପଣ୍ଡା, ରାଜକିଶୋର ଖମାରୀ, କୋଦଣ୍ଡଧର ପାଢ଼ୀ, ବିଜୟ କୁମାର ମିଶ୍ର, ଜନାର୍ଦ୍ଦନ ଠାକୁର, ନିକୁଞ୍ଜ ପ୍ରଧାନ, ପୂରଣମଲ ଅଗ୍ରୱାଲ, କୁନୁ ହୋତା, ରମେଶ ପୂଜାହାରୀ, ଦେବେନ୍ଦ୍ର ପଣ୍ଡା, ନରୋତ୍ତମ ପଣ୍ଡା, ଚିନ୍ମୟ ଯୋଶୀ, ଦୁଷ୍ମନ୍ତ ପାଢ଼ୀ, ଦିଲ୍ଲୀପ ଖମାରୀ ଏବଂ ସୋନପୁର ନିବାସୀ ଶ୍ରୀରାମ ପଣ୍ଡା ଯୋଗଦେଇ ଭାଗବତ କଥାମୃତ ସମ୍ପର୍କରେ କହିଥିଲେ। ପ୍ରତ୍ୟହ ବହୁସଂଖ୍ୟକ ଭକ୍ତ ଉପସ୍ଥିତ ରହି ଭାଗବତ କଥାମୃତ ଶୁଣିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଦେଓଗାଁ ଚାମ୍ପିୟନ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ଦେଓଗାଁ,୩୧।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଉପରଝର ମିନିଷ୍ଟାଡିୟମଠାରେ ଆଜାଦ୍ ହିନ୍ଦ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ମା' ପାଟଖଣ୍ଡା କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବଗଡ଼ା ଓ ଦେଓଗାଁ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବଗଡ଼ା ଦଳକୁ ୬୨ ରନ୍‌ରେ ପରାସ୍ତ କରି ଦେଓଗାଁ ଦଳ ଚାମ୍ପିୟନ ହୋଇଛି। ରଞ୍ଜନ କୁମାର ପଧାନ, ମିଳନ ପଧାନ ଓ ମାଧବ ବିଶ୍ୱାଳ ଖେଳ ପରିଚାଳନା କରିଥିବାବେଳେ ମୟ ଜୁଆଳି, ମୁକେଶ ସାହୁ ଓ ବୁଦ୍ଧଦେବ ସାହୁ ସ୍କୋରର ଦାୟୀତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥିଭାବେ ଅସୀମ କୁମାର ଭୋଇ, ଅସିତ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ତର୍କଚନ୍ଦ୍ର ଭୋଇ, ଗୋବର୍ଦ୍ଧନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଓ ରନର୍ ଅପ୍ ଦଳକୁ ପୁରସ୍କାରରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବ୍ ସଭାପତି ରମେଶ ମହାପାତ୍ର, ଉପସଭାପତି ଦେବରାଜ ସାହୁ, ସମ୍ପାଦକ ରାଜା ପଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଶହୀଦ ମାଧୋ ସିଂ ବରିହାଙ୍କ ବୀରତା ଦିବସ ପାଳିତ

ଖପ୍ରାଖୋଲ,୩୧।୧୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଧୀନ ହରିଶଙ୍କରସ୍ଥିତ ମା' ବିନ୍ଧ୍ୟବାସିନୀ ମନ୍ଦିର ପ୍ରାଙ୍ଗଣରେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜ ପକ୍ଷରୁ ଶହୀଦ ମାଧୋ ସିଂ ବରିହାଙ୍କ ବୀରତା ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ସଭାପତି ଚନ୍ଦ୍ରଶେଖର ବାଗ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମାଧୋ ସିଂ ବରିହାଙ୍କ ସ୍ମୃତିଚାରଣ କରାଯାଇଥିଲା। ଦେଶମାତୃକାର ସେବା ପାଇଁ ମାଧୋ ସିଂ ନିଜ ଜୀବନକୁ ବଳିଦାନ ଦେବା ସହିତ ତାଙ୍କ ପୁଅ ଓ ଜ୍ୱାଇଁ ମଧ୍ୟ ଶହୀଦ ହୋଇଥିଲେ। ମାଧୋ ସିଂଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୋଇ ସମାଜସେବା ପାଇଁ ଆଗେଇ ଆସିବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ମାଧୋ ସିଂଙ୍କ ନାମରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ହାତଖର୍ଚ୍ଚ ଯୋଜନା ପ୍ରଣୟନ କରାଯାଉଥିବାବେଳେ କେବଳ ମାଧୋ ସିଂ ଥିବା ହେତୁ ବିଂଝାଲ ସମାଜର ପରିଚିତ ପାଇଁ 'ବରିହା' ଯୋଡିବା ଓ ପାଠ୍ୟ ପୁସ୍ତକରେ ମାଧୋ ସିଂ ବରିହାଙ୍କ ଜୀବନୀ ସ୍ଥାନିତ କରିବାକୁ ଦାବି କରାଯାଇଥିଲା। ଏହି ସଭାରେ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ଜିଲା ଉପସଭାପତି ଅର୍ଜୁନ ବରିହା, ଜିଲା ସମ୍ପାଦକ ଗନ୍ଧର୍ବ ବରିହା, ବ୍ଲକ୍ ଉପସଭାପତି କେଶବ ବରିହା, ଜିଲା ମିଡିଆ ସେଲ୍ ସଂଯୋଜକ ଗୋରେଖନାଥ ବରିହା, କୋଷାଧ୍ୟକ୍ଷ ବିପିନ ବରିହା, ସତ୍ୟବାନ ବରିହା, ତୋଫାନ ବରିହା, ନାରାୟଣ ବରିହା, କାଶୀନାଥ ବରିହା, ପୁଟୁଲ ବରିହା, ଇନ୍ଦ୍ରମଣି ବରିହା, ଅରୁଣ ବରିହା, ଲାଲୁ ବରିହା, ପୂଜକ ଆକାଶ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

ଲୋଇସିଂହା,୩୧।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପୋଷ୍ୟଗ୍ରାମ ସିଂଘାଣୀମୁଣ୍ଡା ଗ୍ରାମରେ ସପ୍ତାହ ବ୍ୟାପୀ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପରମେଶ୍ୱର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅଜିତ କୁମାର ଭୋଇ, ମୁଖ୍ୟବକ୍ତା ସୁଦାମ ପଧାନ, ସମ୍ମାନିତ ଅତିଥି ଭାବେ ସରୋଜ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗ୍ରାମ୍ୟ ରାସ୍ତାଘାଟ, ଦେବାଳୟ, ବିଦ୍ୟାଳୟ ପରିବେଶ ସଫେଇ ସାଙ୍ଗକୁ ସାକ୍ଷରତା ବୃଦ୍ଧି ଅଭିଯାନ, ବାଲ୍ୟବିବାହ ନିରାକରଣ, ପ୍ଲାଷ୍ଟିକ୍ ମୁକ୍ତ ଭାରତ ଓ ଏଡ୍‌ସ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଆଭାସ ରଞ୍ଜନ ସାହୁ ଓ ସୁବ୍ରତ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫେବୃଆରୀ ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ।

ବଲାଙ୍ଗୀର,୩୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ୨୦୨୬ ଫେବୃଆରୀ ୧୦ରୁ ଫାଇଲେରିଆ ନିରାକରଣ ଅଭିଯାନ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ଉଦ୍ଦେଶ୍ୟ, ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ଓ ଅନୁପାଳନ ସୁନିଶ୍ଚିତ କରିବାରେ ଅଂଶଗ୍ରହଣକାରୀ ବିଭାଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଅତିରିକ୍ତ ଜିଲାପାଳ ଆଲୋଚନା କରିଥିଲେ। ଏହି ଅଭିଯାନରେ ବଲାଙ୍ଗୀର ଜିଲାର ପ୍ରଭାବିତ ପୌର ପରିଷଦ ଓ ବ୍ଲକ୍‌କୁ ଅନ୍ତର୍ଭୁକ୍ତ କରାଯାଇଥିବା ସୂଚନା ଦିଆଯାଇଥିଲା। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଆଶାକର୍ମୀ ଓ ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ପ୍ରତି ଘର, ସ୍କୁଲ, କଲେଜ ଓ ଅନ୍ୟ ଅନୁଷ୍ଠାନକୁ ଯାଇ ଚିହ୍ନଟ ବ୍ୟକ୍ତିଙ୍କୁ ଫାଇଲେରିଆ ବଟିକା ଖୁଆଇବା, ଔଷଧ ସେବନ ସୁନିଶ୍ଚିତ କରିବା, ତୃଣମୂଳସ୍ତରରୁ ଲକ୍ଷ୍ୟଭିତ୍ତିକ ଭାବେ କାର୍ଯ୍ୟ କରିବା ପାଇଁ ଅତିରିକ୍ତ ଜିଲାପାଳ ସେଠୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ଡା. ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ମିଶ୍ର, ଜିଲା ଭେକ୍ଟର ବର୍ନ ଡିଜିଜ୍‌ର ପରାମର୍ଶଦାତା ସୁରେଶ ସ୍ୱାଇଁ, ଜୋନାଲ ମୁଖ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଡା. ଶ୍ୟାମବନ୍ଧୁ ରଥ ଯୋଗଦେଇଥିଲେ।

# ୬ରୁ ପାଣି ପଞ୍ଚାୟତ ପକ୍ଷ ପାଳନ

ବଲାଙ୍ଗୀର,୩୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜଳସମ୍ପଦ ବିଭାଗ ପକ୍ଷରୁ ଜାନୁଆରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ଜିଲାପାଳ ଗୌରଭ ଶିବାଜୀ ଈଶଲୱାରଙ୍କ ଅଧ୍ୟକ୍ଷତାରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଦେବଦତ୍ତ ରାୟ ମହାପାତ୍ର ପକ୍ଷ ପାଳନର ନୋଡାଲ ଅଧିକାରୀ ଭାବେ ସଭା ପରିଚାଳନା


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ।

କରିଥିଲେ। ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସହଭାଗୀ ଜଳସେଚନ ମାଧ୍ୟମରେ ତୃଣମୂଳସ୍ତରରେ ଜଳର ଉପଲବ୍ଧତାରେ ଗୁଣାତ୍ମକ ମାନ ବୃଦ୍ଧି ଆଦି ପରିପ୍ରେକ୍ଷୀରେ ଏହି ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ଚଳିତବର୍ଷ ପାଣି ପଞ୍ଚାୟତ ପକ୍ଷ ଜାନୁଆରୀ ୬ରେ ସମସ୍ତ ଡିଭିଜନସ୍ତରରେ ଏବଂ ୧୩ରେ ଜିଲାସ୍ତରରେ ପାଳନ କରାଯିବ। ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ବାର୍ତ୍ତା ନେଇ ସଚେତନତା ରଥ ପରିକ୍ରମା କରିବ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଡିଭିଜନ୍‌ସ୍ତରୀୟ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ପେଣ୍ଟିଂ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବିଭିନ୍ନ ସ୍ତରରେ ପ୍ରଦର୍ଶନୀ ଓ ପାଣି ପଞ୍ଚାୟତ ସମାବେଶ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଚାନ୍ଦିଲି ପାହାଡ଼ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା

ଦେଓଗାଁ,୩୧।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଦେଷଣ୍ଡ ନିକଟସ୍ଥ ପର୍ଯ୍ୟଟନସ୍ଥଳୀ ଚାନ୍ଦିଲି ପାହାଡ ପାଦଦେଶରେ ୫ଦିନ ଧରି ହେବାକୁ ଥିବା ନବମ ଚାନ୍ଦିଲି ପାହାଡ ମହୋତ୍ସବ ପାଇଁ ବୁଧବାର ଅପରାହ୍ଣରେ କଳସ ଓ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା, ପୁରୁଷ ସ୍ଥାନୀୟ ମେହେରକଟାରୁ କଳସ ଶୋଭାଯାତ୍ରାରେ ବାହାରି ଯଜ୍ଞ ଓ ପ୍ରହରୀ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗୁରୁବାରଠାରୁ ମହୋତ୍ସବ ଆରମ୍ଭ ହେବାକୁ ଥିବାବେଳେ ବ୍ରହ୍ମଧ୍ୱନୀ ସ୍ଥାପନ, ରାବଣ ଦରବାର ଆରମ୍ଭ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଏଥିରେ କର୍ତ୍ତା ଭାବେ ଘାସିରାମ ରଣା ଓ ଦମୟନ୍ତୀ ରଣା, ପ୍ରହରୀ କର୍ତ୍ତା ଭାବେ ଯୋଗେଶ୍ୱର ନାଏକ, ପଦ୍ମିନୀ ନାଏକ ରହିଛନ୍ତି।


ଚାନ୍ଦିଲି ପାହାଡ଼ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା।

ଯଜ୍ଞରେ ଯୋଗୀମୁଣ୍ଡାର ଅବଧୂତ ଦେବରାଜ ବାବା ଓ ଭକ୍ତିବାବା ରାଜରତ୍ନ ପାଲ୍ ଯୋଗଦେଇଛନ୍ତି। ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେର, କମିଟି ସଭାପତି ରାଧେଶ୍ୟାମ ମେହେର, ସମ୍ପାଦକ ସ୍ୱୟଂମ୍ବର ମେହେର, ଉପସଭାପତି ଇନ୍ଦ୍ରଜିତ୍ ରାଉତ, ସରପଞ୍ଚ ଯଶୋଦା ମେହେର, ପିଙ୍କୁ ଷଡ଼ଙ୍ଗୀ, ସତ୍ୟନାରାୟଣ ଷଡ଼ଙ୍ଗୀ, ମାଧବଚନ୍ଦ୍ର ପାଣିଗ୍ରାହୀ, ବିରଞ୍ଚି ଷଡ଼ଙ୍ଗୀ, ଦୀନବନ୍ଧୁ ମେହେର, ରଘୁମଣି ରଣା, ଗୁରୁଦେବ ମେହେର, ମନୋରଞ୍ଜନ ନାଏକ, ବନମାଳୀ ମେହେର, ବିଦ୍ୟାଧର ନାଏକ, ତ୍ରିଲୋଚନ ରଣାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ପ୍ରତ୍ୟେକ ବ୍ଲକ୍ ସଦର ମହକୁମାରେ ମାଧୋଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ

ପାଟଣାଗଡ଼,୩୧।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘର ଆହ୍ୱାନକ୍ରମେ ପାଟଣାଗଡ଼ ବ୍ଲକ୍ ବନେଇମୁଣ୍ଡା ପଞ୍ଚାୟତ ରାକ୍ଷୀଉଡ଼ାର ଗ୍ରାମଠାରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାଧୋ ସିଂ ବରିହାଙ୍କ ବୀରତା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଧୋ ସିଂଙ୍କ ସଂଗ୍ରାମ ଲଢ଼େଇ, ବୀରତା, ଧୈର୍ଯ୍ୟ, ସାହସ ବିଷୟରେ ଅନୁକରଣ କରି ତାଙ୍କ ପଥରେ ଆଗେଇ ଯାଇ ଆଦିବାସୀମାନେ ଦେଶର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ବର୍ତ୍ତମାନ ସରକାର ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକେଇବାକୁ, ତାଙ୍କର ଇତିହାସକୁ ପ୍ରଚାର ପ୍ରସାର କରିବା ପାଇଁ ୨୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ଘୋଷଣା କରିଛନ୍ତି। କିନ୍ତୁ ଦୁଃଖର ବିଷୟ


କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

ସେହି ତାଲିକାରେ କେବଳ ମାଧୋ ସିଂ ଲେଖାଯାଇଥିବାବେଳେ ବରିହାକୁ ଛାଡ଼ି ଦିଆଯାଇଛି। ଏହାକୁ ସଂଶୋଧନ କରି ମାଧୋ ସିଂ ବରିହା କରାଯାଉ। ମାଧୋ ସିଂ ବରିହାଙ୍କ ବଳିଦାନ ବିଷୟ ବିଦ୍ୟାଳୟ ପୁସ୍ତକରେ ଲିପିବଦ୍ଧ କଲେ ଛାତ୍ରୀଛାତ୍ର ଇତିହାସ ବିଷୟରେ ଜାଣି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍ ସଦର ମହକୁମାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି ଏହି କାର୍ଯ୍ୟକ୍ରମରେ ଆଲୋଚନା

**ଶହୀଦ ମାଧୋ ସିଂ ବରିହାଙ୍କ ବୀରତା ଦିବସ ପାଳିତ**

ହୋଇଥିଲା। ଭୁବନେଶ୍ୱର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶବର ସମାଜର ଜିଲା ସଭାପତି ସାରଥି ବାଗ, ଜିଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ଭୁବନେଶ୍ୱର କୁଅଁର, ଯୋଗେଶ୍ୱର ଭୋଇ, ଧବଳେଶ୍ୱର ଭୋଇ, ଝସକେତନ ରାଏ, ଦାରା ସିଂ ବରିହା, ଶେଷଦେବ ବେହେରା, ପୂର୍ଣ୍ଣ ବୁଡ଼େକ, ରୋହିତ ବୁଡ଼େକ, ହୀରାଧର ଭୋଇ, ମଦନ ମାଝୀ, ଯଜ୍ଞ ଧରୁଆ, ଭୋଳା ସାଗର ବାରଲେବଡ଼ିଆ ପ୍ରମୁଖ ଯୋଗଦେଇଥିଲେ। ସଂଯୋଜକ ଗୌରାଙ୍ଗ ବରିହା ସଭା ସଂଯୋଜନା ଓ ପିଣ୍ଟୁ ବୁଡ଼େକ ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣା, ଦୁର୍ଘଟଣାଜନିତ ମୃତ୍ୟୁ କମିଛି

## ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ସୋନପୁର,୩୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାନୁଆରୀ ୧ରୁ ୩୧ତାରିଖ ପର୍ଯ୍ୟନ୍ତ ଜିଲାରେ ଜାତୀୟ ସଡ଼କ ସୁରକ୍ଷା ମାସ ଆୟୋଜନ ନେଇ ଆଲୋଚନା ହୋଇଥିଲା। ଏକ ମାସ ଧରି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ନିଷ୍ପତ୍ତି ହୋଇଥିଲା । ପୂର୍ବ ବର୍ଷମାନଙ୍କ ତୁଳନାରେ ୨୦୨୫ ମସିହାରେ ଜିଲାରେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି । ତେବେ ପିକନିକ ଋତୁ ତଥା ଘନ କୁହୁଡ଼ି ଯୋଗୁ ଜାନୁଆରୀ ମାସରେ ସଡ଼କ ଦୁର୍ଘଟଣା ବୃଦ୍ଧି ଆଶଙ୍କା ରହିଛି। ତେଣୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗାଡିମୋଟର ଯାଞ୍ଚକୁ ଅଧିକ କଡାକଡି କରିବାକୁ ବୈଠକରେ ନିଷ୍ପତ୍ତି ହେଇଥିଲା। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ୨୦୨୫ ଜାନୁଆରୀରୁ ନଭେମ୍ବର ପର୍ଯ୍ୟନ୍ତ ଘଟିଥିବା ଦୁର୍ଘଟଣା ତଥ୍ୟ, କାରଣ ବିଷୟରେ ଆଲୋଚନା କରାଯାଇଥିଲା। ୨୦୨୪ ମସିହାରେ ମୋଟ ୪୨ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୪୩ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୫ ମସିହାରେ (ଜାନୁଆରୀରୁ ନଭେମ୍ବର ମାସ ମଧ୍ୟରେ ଏହି ସଂଖ୍ୟା କମି ୨୮ ହୋଇଛି। ସଚେତନତା ଅଭିଯାନ ଓ ଯାନବାହାନ ଚେକିଂ ପାଇଁ ଦୁଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ସମ୍ବଲପୁର-ବୀରମହାରାଜପୁର ରାଜ୍ୟ ରାଜପଥର ରକ୍ସା ଡୁଡୁପାଲି ଛକକୁ ବ୍ଲାକ ସ୍ପଟଭାବେ ଚିହ୍ନଟ କରିବା ପାଇଁ ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ଦୀପକ କୁମାର ମହାପାତ୍ର ଅନୁରୋଧ କରିଥିଲେ। ପ୍ରଦୂଷଣ ସାର୍ଟିଫିକେଟ ଚେକିଂ, ଉଭୟ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ମରାମତି, ପାର୍କିଂ ସମସ୍ୟା, ଉପଯୁକ୍ତ ସଙ୍କେତର ବ୍ୟବହାର ଓ ସଡ଼କ ସୁରକ୍ଷା ନିୟମ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଡକ ସୁରକ୍ଷା ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶୈଳେଶ ଢେଲକି, ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଋଷି ମାଝୀ, ଡ଼ିଆଇପିଆରଓ ଅର୍ଜୁନ ମାଝୀ, ଏସ୍‌ଡିଆଇପିଆରଓ ପ୍ରୀତି ସୁନା, ଡିଆର୍‌ଏମ ଆଇଆରଏଡି ଚିତ୍ତରଞ୍ଜନ ପଟ୍ଟନାୟକ, ଟ୍ରକ ମାଲିକ ସଂଘ ସଭାପତି ସୁମନ ଦାଶ, କମିଟି ସଦସ୍ୟ ମୃତ୍ୟୁଞ୍ଜୟ ଶତପଥୀ, ରେଆର ଅନୁଷ୍ଠାନର ମନୋଜ କୁମାର ସ୍ୱାଇଁ, କନିଷ୍ଠ ମୋଟର ଯାଞ୍ଚ ଅଧିକାରୀ ଦେବବ୍ରତ ପଣ୍ଡା ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ଓ କମିଟି ସଦସ୍ୟବୃନ୍ଦ।

# ଅଟଳବିହାରୀ ବାଜପେୟୀ ଥିଲେ ମହାନ୍ କବି


ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ

ବୀରମହାରାଜପୁର,୩୧।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ବୁଧବାର ଜିଲା ଅଟଳ ବିହାରୀ ସ୍ମୃତି କମିଟି ପକ୍ଷରୁ ଶତବାର୍ଷିକୀ ପାଳିତ ହୋଇଯାଇଛି। ସ୍ମୃତି କମିଟି ଅଧ୍ୟକ୍ଷ ବେଣୁଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ସନ୍ତୋଷ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଟଳ ଜି କେବଳ ଜଣେ ରାଜନେତା ନଥିଲେ, ଜଣେ ମହାନ କବି ଥିଲେ। ଏଣୁ ତାଙ୍କର ଜନ୍ମ ଶତବାର୍ଷିକୀରେ ଶବ୍ଦ ଶବ୍ଦରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଶିଷ୍ଟ କବି ଡ଼କ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ଏକ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି କିଶୋର କୁମାର ହୋତା, ଅକ୍ଷୟ ରାଏ, ଯୁଗଳ କିଶୋର ମିଶ୍ର, ବାସୁଦେବ ରଥ, ରାଧେଶ୍ୟାମ ପୁରୋହିତ, ଦ୍ୱିତୀକୃଷ୍ଣ ପଣ୍ଡା ବାଜପେୟୀଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରୋହିତ ହୋତା, ବିପିନ ବିହାରୀ ପଣ୍ଡା ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀ ଘାଟ ସଫେଇ କଲେ ସ୍ୱେଚ୍ଛାସେବୀ

## ସୁବର୍ଣ୍ଣପୁରରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଅଭିଯାନ

ସୋନପୁର,୩୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସ୍ୱେଚ୍ଛାସେବୀ ମାନେ ସୁବର୍ଣ୍ଣପୁର ସହସ୍ରେର ମହାନଦୀ ଘାଟ ଓ ରାମେଶ୍ୱର ମନ୍ଦିର ପରିସରକୁ ସଫେଇ କରିଛନ୍ତି। ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଙ୍ଗଠନ ପକ୍ଷରୁ ମହାନଦୀ, ତେଲନଦୀ ଓ କର୍ପୁର ନଦୀର ସଙ୍ଗମସ୍ଥଳ ରାମେଶ୍ୱର ତ୍ରିବେଣୀ ସଙ୍ଗମ, ରାମେଶ୍ୱର ମନ୍ଦିର ପରିସର, ମହାନଦୀ ଓ ତେଲାନଦୀ ପଠାକୁ ନୂଆବର୍ଷ ପୂର୍ବରୁ ସ୍ୱଚ୍ଛ ରଖିବା ପାଇଁ ପ୍ରୟାସ କରିଥିଲେ । ସଫେଇ ସହିତ, ପରିବେଶ ସୁରକ୍ଷା ଓ ପଲିଥିନମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ମଧ୍ୟ ଅୟୋଜନ ହୋଇଥିଲା। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସୁବର୍ଣ୍ଣପୁର ଜିଲାକୁ ସ୍ୱଚ୍ଛ ରଖିବା ପାଇଁ ଜନସାଧାରଣଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଡ ସାହୁ କହିଥିଲେ ।

ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ପୌର ପରିଷଦର କାର୍ଯ୍ୟ ନିର୍ବାହ ଅଧିକାରୀ ଋଷି ମାଝି, ଗଞ୍ଜାମ ଜିଲା ବ୍ରହ୍ମପୁରରୁ ଆସିଥିବା ପର୍ଯ୍ୟଟକ, ଆଇନଜୀବୀ ରମା ମହାପାତ୍ର ଓ ପ୍ରତିଭା ରେଙ୍ଗୀ ଯୋଗଦେଇ କେବଳ ପରିବେଶ ନୁହେଁ ମନକୁ ସ୍ୱଚ୍ଛ, ନିଜ ଦାୟିତ୍ୱକୁ ନିଷ୍ଠାର ସହ ପାଳନ କଲେ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ସଫଳ ହେବ ବୋଲି କହିଥିଲେ। ଜିଲାପାଳ, ଏସ୍‌ପି ଓ ସମସ୍ତ ଅତିଥି ସ୍ୱେଚ୍ଛାସେବୀଙ୍କ ସହ ଝାଡୁ ଧରି ମନ୍ଦିର ଓ ମହାନଦୀ ପାର୍ଶ୍ୱ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ମନୋରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଦୀପ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଆଶିଷ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ପୌର ପରିଷଦର ସାନିଟାରୀ ଇନ୍ସପେକ୍ଟର ଅଜୟ କୁମାର ସ୍ୱାଇଁ, ସ୍ୱଚ୍ଛ ଭାରତ ସଙ୍ଗଠନ ସଭାପତି ସୟଦ ଅଲିମୁଲ ଇସଲାମ, ଉପସଭାପତି ଇନ୍ଦୁମତୀ ପୁରୋହିତ, ବୈକୁଣ୍ଠ ଶତପଥୀ, ଲଡ୍ଡୁ କିଶୋର ମଲ୍ଲିକ, ପ୍ରମୋଦ କୁମାର ସାହୁ, ପ୍ରହଲ୍ଲାଦ ମିଶ୍ର, ମଦନ ସୁନ୍ଦର କ୍ଷେତି, ତରଣି ମେହେର, ଡ଼ା ସରୋଜ ପଟେଲ, ଗୋକୁଳ ଠାକୁର, ସୁଶାନ୍ତ ସାହୁ, ପ୍ରଫୁଲ୍ଲ ନାଏକ, ନାରାୟଣ ରଥ ଓ ତ୍ରିଲୋଚନ ତରିଆଙ୍କ ସହିତ ସମସ୍ତ କର୍ମକର୍ତ୍ତା, ସୋନପୁର କଲେଜ ଏନ୍‌ସିସି, ଦିବ୍ୟଉର୍ଯ୍ୟା ଯୋଗ ସମିତି କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।


ନଦୀ ଘାଟକୁ ପରିଷ୍କାର କରାଯାଉଛି।

# ପୁରାତନ ଛାତ୍ର ସଂଘର ଦସ୍ତଖତ ଅଭିଯାନ


ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକରେ ପୁରାତନ ଛାତ୍ର ସଂଘ ପକ୍ଷରୁ କରାଯାଇଥିବା ଦସ୍ତଖତ ଅଭିଯାନ।

## ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବି

ସୋନପୁର,୩୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ସର୍ବ ପୁରାତନ ସୋନପୁର କଲେଜକୁ ସରକାରୀ ମାନ୍ୟତା ପାଇଁ ଦାବି ଯୋର ଧରିଛି। ମଙ୍ଗଳବାର ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ୧୯୬୪ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ପୁରାତନ ମହାବିଦ୍ୟାଳୟକୁ ବ୍ୟାପକ ଅବହେଳା ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନଥିବାରୁ ପୁରାତନ ଛାତ୍ର ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ବିଭିନ୍ନ ଉପାୟରେ ଦାବି ହୋଇଆସୁଛି । କଲେଜର ୧୯୬୯ ମସିହା ଛାତ୍ର ମଧୁସୂଦନ ମିଶ୍ର, ସତ୍ୟନାରାୟଣ ମିଶ୍ର ଓ କଲ୍ୟାଣ ପାଢ଼ୀଙ୍କ ସହିତ ପୁରାତନ ଛାତ୍ର ସଂଘ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଏହାକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପୁରତାନ ଛାତ୍ର ସଂଘ ସମ୍ପାଦକ ଭାରତ ଭୂଷଣ ଦାଶ, ସରୋଜ ପ୍ରଧାନ, ଶ୍ୟାମାଉଁ ପ୍ରସାଦ ମିଶ୍ର, ସୁଧାଂଶୁ ମିଶ୍ର, ସୁଧୀର ପଣ୍ଡା, ଶାଶତ ମିଶ୍ର, ନିଶାନ୍ତ ମହାନ୍ତି, ଅଭିଷେକ ଶର୍ମା, ପ୍ରକାଶ ସାହୁ, ମନୋରଞ୍ଜନ ତ୍ରିପାଠୀ, ସ୍ୱରୂପ ପାତ୍ର ଓ ଗୌରୀ ଶଙ୍କର ରଥ ପ୍ରମୁଖ ସାମିଲ ହୋଇଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ ନୂତନ ଭାବେ ପ୍ରତିଷ୍ଠିତ କଲେଜ ସରକାରୀ ମାନ୍ୟତା ପାଇ ସାରିଥିବା ବେଳେ ପୂରାତନ ସୋନପୁର କଲେଜକୁ ଅଣଦେଖା କରାଯାଇଛି। କଲେଜକୁ ସରକାରୀ ମାନ୍ୟତା ପାଇଁ ଆଗକୁ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକପନ୍ଥା ମଧ୍ୟ ଗ୍ରହଣ କରାଯିବା ପାଇଁ ଏହି ଅବସରରେ ବିଭିନ୍ନ ଛାତ୍ର ନେତା ପ୍ରକାଶ କରିଛନ୍ତି। ଦସ୍ତଖତ ଅଭିଯାନ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ରାତ୍ର ୯ଟା ପର୍ଯ୍ୟନ୍ତ ଚାଲିଥିଲା।

# ଆଡ଼ିବନ୍ଧ ତାଡ଼ିବା ଘଟଣାର ତଦନ୍ତ

## ଅଙ୍ଗନଦୀ ଆଡ଼ିବନ୍ଧକୁ ଜେସିବିରେ ତାଡ଼ିବା ଅଭିଯୋଗ ଘଟଣା

ଡୁଙ୍ଗୁରିପାଲି, ୩୧।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମ ନିକଟରେ ଥିବା ଅଙ୍ଗନଦୀ ଆଡିବନ୍ଧକୁ ଜଣେ ବ୍ୟକ୍ତି ଜେସିବି ଲଗାଇ ତାଡି ଦେଇଛନ୍ତି। ଏ ନେଇ ଦିଗଶିରା ଗ୍ରାମବାସୀ ଡୁଙ୍ଗୁରିପାଲି ଥାନାରେ ଗତ ଶନିବାର ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ କରିବାକୁ ଡୁଙ୍ଗୁରିପାଲି ଥାନା ଅଧିକାରୀ ରୋଜାଲିନ ପଟେଲ ସୋମବାର ତଡା ଯାଇଥିବା ଆଡିବନ୍ଧସ୍ଥଳରେ ପହଞ୍ଚିଥିଲେ। ସେଠାରୁ ଥାନା ଅଧିକାରୀ ପଟେଲ ଆଡିବନ୍ଧ ତିଆରି କରିଥିବା ସୁବର୍ଣ୍ଣପୁର ତେଲ ଜଳ ସେଚନ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ। ପରେ ବିଭାଗୀୟ ଯନ୍ତ୍ରୀ ଅନନ୍ତ ଚରଣ ନାଏକ ସେଠାରେ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଥିଲେ। କାହା ଅନୁମତିରେ ସମ୍ପୃକ୍ତ ବ୍ୟକ୍ତି ଜେସିବି ଲଗାଇ ଆଡି ବନ୍ଧ ତାଡିଛନ୍ତି ବୋଲି ପଚାରି ବୁଝିଥିଲେ। ହେଲେ ଆଡିବନ୍ଧ ତଡାଯିବା ମୁଁ ଏବେ ଜାଣିଲି ବୋଲି ଯନ୍ତ୍ରୀ ନାଏକ କହିଥିଲେ। ଘଟଣାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଏବାବଦରେ ଅଭିଯୋଗ କରିଛନ୍ତି। ପୋଲିସ କିମ୍ବା ବିଭାଗୀୟ ଅଧିକାରୀ ଏହି ଘଟଣାକୁ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନ ନେଇ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।


ବିଭାଗୀୟ ଯନ୍ତ୍ରୀ ଅନନ୍ତଚରଣ ନାଏକ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ମାଓବାଦୀଙ୍କୁ ଧରାଇଲେ ମିଳିବ ପୁରସ୍କାର

## ମାଓବାଦୀ ରହୁଥିବା ଅଞ୍ଚଳରେ ଲାଗିଲା ପୋଷ୍ଟର

ବୌଦ୍ଧ/କନ୍ଧମାଳ,୩୧।୧୨(ଅଜିତ କୁମାର ବାରିକ/ ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲାରେ ମାଓବାଦୀଙ୍କୁ ଦମନ ପାଇଁ ବୌଦ୍ଧ ପୋଲିସର ପ୍ରୟାସ ଆରମ୍ଭ ହୋଇଛି। ମାଓବାଦୀଙ୍କୁ ଧରାଇଲେ ପୁରସ୍କାର ଦିଆଯିବ ବୋଲି ପାଷ୍ଟର ମାଧ୍ୟମରେ ସୁଚିତ କରାଯାଇଛି। ଏ ନେଇ ବୁଧବାର ଜିଲାର ମାଓବାଦୀ ରହୁଥିବା ଅଞ୍ଚଳରେ ପୋଷ୍ଟର ଲଗାଯାଇଛି। ବୌଦ୍ଧ ଜିଲାରେ କେକେବିଏନ ମାଓବାଦୀ ସଙ୍ଗଠନ ପକ୍ଷରୁ ନିଜର ସ୍ଥିତ ଜାହିର କରିଆସୁଥିବା ବେଳେ ବର୍ତ୍ତମାନ କେକେବିଏନ ସଙ୍ଗଠନର ୧୦ ଜଣ ମାଓବାଦୀଙ୍କୁ ଧରାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ଜିଲା ପୋଲିସ ପକ୍ଷରୁ ବୌଦ୍ଧ, କନ୍ଧମାଳ, ମନମୁଣ୍ଡା ଥାନା ଅଞ୍ଚର ସିଗାଡ଼ି, ଶଗଡ଼ା, ତିଲପଙ୍ଗା, ଭଡ଼ାମୁଣ୍ଡା, ମାତାଗାଡ୍ଡୁ, ଖଣ୍ଡିକନପା, ଲୁହାରପଡା, ନଳିକୁମ୍ପା, ନାରାୟଣ ପ୍ରସାଦ, ନୁରୁ, ଲାଦେନ ଆଦି ଗ୍ରାମଗୁଡିକର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଛି। ପୋଷ୍ଟରେ ଉଲ୍ଲେଖ ରହିଛି ହାଡକୋର ମାଓବାଦୀଙ୍କୁ ଧରାନ୍ତୁ, ପୁରସ୍କାର ପାଆନ୍ତୁ। ଯେଉଁ ବ୍ୟକ୍ତି ମାଓବାଦୀଙ୍କୁ ଧରାଇବେ ସେହି ବ୍ୟକ୍ତିଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ। ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ନିର୍ଦ୍ଦେଶରେ ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳରେ ଲଗାଯାଇଛି। ଏହା ସହ ମାଓବାଦୀଙ୍କ ପାଇଁ ମଧ ଆହ୍ୱାନ ରହିଛି ସେମାନେ ଯଦି ଆତ୍ମସର୍ମପଣ କରନ୍ତି ସେମାନଙ୍କୁ ମଧ ପୁରସ୍କାର ରାଶି ପ୍ରଦାନ କରାଯିବ।

# ସଡ଼କ ସୁରକ୍ଷା ସମିତି ବୈଠକ

## ମଦ୍ୟପ ଗାଡ଼ିଚାଳକ ଓ ବିନା ହେଲମେଟ ଉପରେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ବୌଦ୍ଧ,୩୧।୧୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସଡକ ସୁରକ୍ଷା ସମିତି ବୈଠକ ଜିଲାପାଳ ବିଭୂତି ଭୁଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ନାୟକ ମଦ୍ୟପ ଗାଡି ଚାଳକ ଓ ବିନା ହେଲମେଟ ଉପରେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ହେଲମେଟ ପିନ୍ଧିବା ଉପରେ ଗୁରୁତ୍ୱ ଦେବାକୁ କହିବା ସହ ଏହା ଉପରେ କଡାକଡି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ ଦୃଢ ପଦକ୍ଷେପ , ବେଆଇନ ମଦ ବିକ୍ରି ଉପରେ ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଜାତୀୟ ରାଜପଥ ଅଧିକାରୀଙ୍କୁ ଆସନ୍ତା ବୈଠକରେ ଉପସ୍ଥିତ ରହିବାକୁ କହିବା ସହ ତୁରନ୍ତ ଜାତୀୟ ରାଜପଥ ମରାମତି ଓ ହମ୍ପସ, ଖାଲ ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ସଡ଼କ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ, ହେଲମେଟ ପ୍ରଦାନ, ଗଣଦୌଡ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ନିୟମ ଅନୁଯାୟୀ ହମ୍ପସ ନିର୍ମାଣ କରିବାକୁ ବୈଠକରେ କହିଥିଲେ। ବୈଠକରେ ଉପଜିଲାପାଳ ବିନୟ କୁମାର ଭୋଇ, ପରିବହନ ଅଧିକାରୀ ସୁଷମା ସାହୁ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୌଦ୍ଧ ଜିଲା ସଡ଼କ ସୁରକ୍ଷା ସମିତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତା ଅବରୋଧ

- ଜରି ଅଖାରେ ଧାନ ନ ନେବାରୁ ସେବା ସମବାୟ ସମିତି ଆଗରେ ଆନ୍ଦୋଳନ
- ୭ ଘଣ୍ଟା ପରେ ବି ଯୋଗାଣ ବିଭାଗ ଅଧିକାରୀଙ୍କ ଦେଖାନାହିଁ

ହରଭଙ୍ଗା,୩୧।୧୨(ନରେନ୍ଦ୍ର କୁମାର ସାହୁ)

ଜରି ଅଖାରେ ଧାନ ନ ନେବାରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଚାଷୀ ଆନ୍ଦୋଳନ କରିଛନ୍ତି। ସେବା ସମବାୟ ସମିତି ଆଗରେ ଚାଷୀ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। ହରଭଙ୍ଗା ବ୍ଲକରେ ଗତ ୨୩ ତାରିଖଠାରୁ ଧାନ କ୍ରୟର ଶୁଭାରମ୍ଭ ହୋଇଛି। ବୁଧବାର ହରଭଙ୍ଗା ବ୍ଲକର ବାଣୀଭୂଷଣପୁର ସେବା ସମବାୟ ସମିତିରେ ଧାନକିଣା ଆରମ୍ଭ ହୋଇଥିବାବେଳେ ଚାଷୀମାନେ ଟୋକନ ପାଇ ଧାନ ଆଣିଥିଲେ। କିନ୍ତୁ ଚାଷୀମାନେ ଧାନ ସବୁ ଜରି ଅଖାରେ ଭର୍ତ୍ତି କରି ବିକ୍ରି ପାଇଁ ଆଣିଥିଲେ। ସେବା ସମବାୟ ସମିତି ପକ୍ଷରୁ ଜରି ଅଖା ନୁହେଁ,ଝୋଟ ଅଖାରେ ଧାନ ଆଣିଲେ ନିଆଯିବ ବୋଲି କୁହାଯାଇଥିଲା। ଫଳରେ ଚାଷୀମାନେ ଏହାର ପ୍ରତିବାଦରେ ଚାରିଛକ- କୁଶଙ୍ଗ ପୂର୍ତ୍ତ ରାସ୍ତାର କରଞ୍ଜକଟା ଠାରେ ଥିବା ସେବା ସମବାୟ ସମିତି ଆଗରେ ଦିନ ୧୨ଟାରୁ ରାସ୍ତାରେ ଧାନ ବସ୍ତା ରଖି ଅବରୋଧ କରିଥିଲେ। ଚାଷୀଙ୍କ କହିବା କଥା ପ୍ରଶାସନ କାହିଁକି ପୂର୍ବରୁ ସୂଚନା ଦେଇନାହିଁ। ଫଳରେ ଏବେ ଗରିବ ଚାଷୀ ପୁନର୍ବାର ବସ୍ତାରେ ଧାନ ବଦଳ କରିବା ଯୋଗୁ ଅଧିକ ଖର୍ଚ୍ଚାନ୍ତରେ ପଡ଼ିବେ। ଖବରପାଇ ଘଟଣାସ୍ଥଳରେ ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ, ହରଭଙ୍ଗା ଅତିରିକ୍ତ ତହସିଲଦାର ଓ ପୁରୁଣାକଟକ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଚାଷୀମାନେ କେବଳ ଏଥର ଜରି ଅଖାରେ ନିଅନ୍ତୁ, ଆଗକୁ ଝୋଟ ଅଖାରେ ଦେବେ ବୋଲି କହିଥିଲେ। କିନ୍ତୁ ଅଧିକାରୀମାନେ ମଧ୍ୟ ଝୋଟ ଅଖାରେ ଆଣନ୍ତୁ ବୋଲି କହିଥିଲେ। ଏପଟେ ୭ ଘଣ୍ଟାରୁ ଅଧିକ ସମୟ ବିତିଥିଲେ ସୁଧା ଯୋଗାଣ ବିଭାଗ ଅଧିକାରୀମାନେ ପହଞ୍ଚି ନାହାନ୍ତି। ରାସ୍ତା ଅବରୋଧ ଯୋଗୁ ଯାତ୍ରୀମାନେ ଯାତାୟତରେ ଘୋର ଅସୁବିଧା ଭୋଗୁଛନ୍ତି। ଜିଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଫୋନ ଉଠାଇ ନ ଥିଲେ। ଏପଟେ ଚାଷୀମାନେ ରାସ୍ତାରେ ଶୀତକାକରରେ ରାତି ପର୍ଯ୍ୟନ୍ତ ରାସ୍ତାରେ ବସିରହିଥିବା ଜଣାପଡିଛି।


ହରଭଙ୍ଗା ବ୍ଲକରେ ଚାଷୀମାନେ ରାସ୍ତା ଉପରେ ଧାନବସ୍ତା ରଖି ବସିଛନ୍ତି।

## ସଂକ୍ଷେପରେ

### ଆମ ପୋଲିସ କାର୍ଯ୍ୟକ୍ରମ

**ଲହୁଣିପଡ଼ା, ୩୧।୧୨ (ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ପରିସରରେ ମଙ୍ଗଳବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଶ୍ରୀକାନ୍ତ ଖମାରି ଅଧ୍ୟକ୍ଷତା କରିଥିଲେ। ଏଥିରେ ଚାନ୍ଦିପୋଷ ପଞ୍ଚାୟତ ସରପଞ୍ଚ କିଶୋର ଓରାମ୍‌ଙ୍କ ସମେତ ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅଞ୍ଚଳରେ ପୋଲିସ ସମ୍ପର୍କିତ ସମସ୍ୟା ନାଇଟ୍ ପାଟ୍ରୋଲିଂ, ଦୁର୍ଘଟଣା, ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରିବା ସହିତ ତାହାର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ସମସ୍ୟାର ସମାଧାନରେ ଜନସାଧାରଣ ନିର୍ଭୀକଭାବେ ପୋଲିସ ସହ ସୁସମ୍ପର୍କ ସ୍ଥାପନା କରି ସହଯୋଗ କରିବାର ଆବଶ୍ୟକ ଅଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଚାନ୍ଦିପୋଷ ଥାନା ସବ୍‌ଇନ୍ସପେକ୍ଟର ଫଣି ମାହାନ୍ତ, ଏଏସ୍‌ଆଇ ଶିବାଶିଷ ଖିଲାର, ସରୋଜ କୁମାର ଭୋଇ, ଜୟନ୍ତ କୁମାର ଜେନା, ଉମାକାନ୍ତ ମୁଣ୍ଡାଙ୍କ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ ଯୁବକ ମୃତ

**ବୋଡ଼େନ, ୩୧।୧୨ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ବିନୋପୁର ଗ୍ରାମ ନିକଟସ୍ଥ ଫୋରୱେ ରାସ୍ତା ଉପରେ ବୁଧବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଡ଼େନ ଗ୍ରାମର ବିଷ୍ଣୁ ନାଗ (୨୪)। ସକାଳ ସମୟରେ ଏଭଳି ଘଟଣା ଦେଖି ସ୍ଥାନୀୟ ଲୋକେ ଥାନାକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରାସ୍ତା କଡ଼ର ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ମନୋହରପୁର ଗ୍ରାମବାସୀ ଏକାଠି ପାଳିଲେ ନବବର୍ଷ

**ବଡ଼ଗାଁ, ୩୧।୧୨ (ଅଶୋକ ଷଡ଼ଙ୍ଗୀ)**

ଗାଁରେ ଲୋକଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ହେଉ, ସଦ୍‌ଭାବନା ରହୁ, ଏଭଳି ଆଶା ରଖି ୨୦୨୧ ମସିହାରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ଗ୍ରାମର ଗୌନ୍ତିଆ ମନମୋହନ ନାଏକ, ସ୍ଥାନୀୟ ସରପଞ୍ଚ ଶୁକ୍ରୃତା ବିଶ୍ୱାଳ ଓ ଗ୍ରାମର କେତେଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ଆରମ୍ଭ କରିଥିଲେ ବର୍ଷର ଶେଷଦିନରେ ନବବର୍ଷ ପାଳନ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବର୍ଷର ଶେଷଦିବସରେ ଗ୍ରାମବାସୀ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପାଳନ କରିଛନ୍ତି ନବବର୍ଷ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଗଜେନ୍ଦ୍ର ରାଉତ, ସନାତନ ନାଏକ, ଭୁବନେଶ୍ୱର ପୃଷେଟ, ପୂର୍ବତନ ସରପଞ୍ଚ ବିକ୍ରମ ଟପୋ, ସୀତାରାମ କେଶରୀ, ବରଙ୍ଗାକଛାର ଇଓ ସୁଜିତ୍ ଦାସ, ସାହାଜବାହାଲ ଇଓ ପୁଷ୍ପିତା ଗରଡିଆ, ସାହାଜବାହାଲ ସରପଞ୍ଚ ଶୁକ୍ରୃତା ବିଶ୍ୱାଳ, ବରଙ୍ଗାକଛାର ସରପଞ୍ଚ ରାଜେଶ୍ୱରୀ କାଲୋ ଅତିଥିଭାବେ ଯୋଗଦେଇ ଗ୍ରାମବାସୀଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗ୍ରାମରେ ଅଗରୀୟା, ଭୂୟାଁ, କିସାନ, ଗଣ୍ଡ, ଖଡ଼ିଆ, ମୋଚି, ମୁଣ୍ଡା, ଓରାମ ଆଦି ବିଭିନ୍ନ ଜାତି ସମାଜର ୧୭୦ ପରିବାର ବସବାସ କରୁଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ, ସଦ୍‌ଭାବନା ରକ୍ଷା ପାଇଁ ଗାଁର ଗୌନ୍ତିଆ ମନମୋହନ ନାଏକ, ସରପଞ୍ଚ ଶୁକ୍ରୃତା ବିଶ୍ୱାଳ, ଯୁଧିଷ୍ଠିର ସରଳିଆ, ଗୋପୀନାଥ ଭଏସାଲ, ଜନାର୍ଦ୍ଦନ ବିଶ୍ୱାଳ, ପୁରୁଷୋତ୍ତମ ବିଶ୍ୱାଳ, ଗୁନବନ୍ତ ଦେହୁରୀ, ରବିରତ୍ନ ଡିଲା ପ୍ରମୁଖ ବ୍ୟକ୍ତିମାନେ ବୈଠକ କରି ଡିସେମ୍ବର ୩୧ରେ ନବବର୍ଷ ପାଳନ କରିବାକୁ ସ୍ଥିର କରିଥିଲେ। ଗତ ୪ ବର୍ଷ ହେଲା ଗାଁରେ ଗ୍ରାମବାସୀ ହର୍ଷଉଲ୍ଲାସରେ ଇଂରାଜୀ ନବବର୍ଷ ପାଳନ କରିଆସୁଛନ୍ତି। ଏହି ଅବସରରେ ବିଭିନ୍ନ ଜାତି ସମାଜର ପୁରୁଷ, ମହିଳାମାନେ ପାରମ୍ପରିକ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ଏଥିରେ ବୈଷ୍ଣବୀ ନାଏକ, ସ୍ନେହା ଡିଲା, ଟ୍ୱିଙ୍କିଲ ନାଏକ, ରଜନୀ କରସେଲ ଓ ଆକୃତି ଡିଲା ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଗ୍ରାମର ୫୦ ଜଣ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ଦିଆଯାଇଥିଲା।


ନବବର୍ଷ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।



କୁଆଁରମୁଣ୍ଡା ସରବେରଣୀସ୍ଥିତ ଗାୟତ୍ରୀ ଶକ୍ତି ପୀଠରୁ ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ବାହାରିଥିବା କଳସ ଶୋଭାଯାତ୍ରା।

# କୁଆଁରମୁଣ୍ଡା ଲ୍ୟାମ୍ପ୍‌ସର ଧାନମଣ୍ଡି ଉଦ୍‌ଘାଟିତ


କୁଆଁରମୁଣ୍ଡା ଲ୍ୟାମ୍ପ୍‌ସ ଧାନମଣ୍ଡି ଉଦ୍‌ଘାଟନରେ ଉପସ୍ଥିତ ଅତିଥି ଓ ଲ୍ୟାମ୍ପ୍‌ସ କର୍ମଚାରୀ।

**କୁଆଁରମୁଣ୍ଡା, ୩୧।୧୨ (ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଲ୍ୟାମ୍ପ୍‌ସ ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥିଭାବେ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଭାରପ୍ରାପ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ ଓ ସମବାୟ ସଂସ୍ଥାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସରେ ୫ ଟନ୍‌ରୁ ଊର୍ଦ୍ଧ୍ୱ ଧାନ ଚାଷୀଙ୍କଠାରୁ ସଂଗ୍ରହ କରାଯାଇଛି ବୋଲି ଲ୍ୟାମ୍ପ୍‌ସ ପରିଚାଳନା ସମିତି ପରିଚାଳକ (ଏମ୍‌ଡି) ରଣଜିତ୍ ଲାକ୍ରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପ୍‌ସ ଡାଇରେକ୍ଟର ତ୍ରିଲୋଚନ ପରିଡ଼ା, ରବୀନ୍ଦ୍ର ନାରାୟଣ ନନ୍ଦ, ରଞ୍ଜିତ ଦେହୁରୀ, ମନୋଜ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ୩ ଫ୍ଲାଏଆସ୍ ବୋଝେଇ ହାଇୱା ଜବତ

**ବଡ଼ଗାଁ, ୩୧।୧୨ (ଅଶୋକ ଷଡଙ୍ଗୀ)**

### ୧ଲକ୍ଷ, ୪୭ ହଜାର ଟଙ୍କା ଫାଇନ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ଗ୍ରାମ ନିକଟରେ ବେଆଇନ ଫ୍ଲାଏଆସ ଡମ୍ପ କରୁଥିବା ୩ ହାଇୱାକୁ ପୋଲିସ ଜବତ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ସାହାଜବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମନୋହରପୁର ଗ୍ରାମ ନିକଟରେ ବେଆଇନ ଭାବେ ଫ୍ଲାଏଆସ ଡମ୍ପ ହେଉଥିବା ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ ସୂଚନା ପାଇଥିଲେ। ଥାନା ଆଇଆଇସି ମହେନ୍ଦ୍ର ସାହୁ ,ଏଏସଆଇ ବିଜୟ କୁମାର କର ସଦଳବଳେ ଚଢ଼ାଉ କରି ୩ଟି ଫ୍ଲାଏ ଆସ ବୋଝାଇ ହାଇୱା ଟ୍ରକକୁ ଜବତ କରିଛନ୍ତି। ଏନେଇ ପୋଲିସ ସୁନ୍ଦରଗଡ଼ ଆରଟିଓଙ୍କୁ ସୂଚନା ଦେବା ପରେ ଆରଟିଓ ୩ ହାଇୱା ଟ୍ରକକୁ ଏକ ଲକ୍ଷ ୪୭ ହଜାର ୭୬୦ ଟଙ୍କା ଜରିମାନା କରିଛନ୍ତି। ତେବେ ଏହି ହାଇୱା ମଧ୍ୟରେ କେତୋଟି ଗାଡ଼ି ଝାଡ଼ଖଣ୍ଡ ନମ୍ବର ଥିବା ଓ ସେହି ଗାଡ଼ି କିପରି ଓଡ଼ିଶାରେ ବେଆଇନ ଫ୍ଲାଇ ଆସ ଚାଲାଣ କରୁଛି ତାହା ତଦନ୍ତ ସାପେକ୍ଷ ବୋଲି ଆଲୋଚନା ହେଉଛି।

# ଲହୁଣିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଲହୁଣିପଡ଼ା, ୩୧।୧୨ (ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣିପଡା ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ସମ୍ମାନିତ ଅତିଥିଭାବେ ବଣେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ, ଲହୁଣିପଡ଼ା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଚୂଡ଼ାମଣି ସାହୁ, ମୁଖ୍ୟବକ୍ତା ଯଦୁପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନି ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଲତିକା ବେସ୍ରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା କଲ୍ୟାଣୀ ମେହେର ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ସମାଜରେ ଭଲ ମଣିଷ ହେବାକୁ ହେଲେ ଉତ୍ତମ ଛାତ୍ରୀଛାତ୍ର ହେବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଗତବର୍ଷ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରି ଏହି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବିଜ୍ଞାନ ଛାତ୍ରୀ ସୁପ୍ରିୟା ମାହାନ୍ତ, କଳାରେ ଲକ୍ଷ୍ମୀ ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ଅଧ୍ୟାପକ ତେଜରାଜ ହରପାଲ ଧନ୍ୟବାଦ ଅର୍ପଣ କରିଥିଲେ। ରାଜନୀତି ବିଭାଗର ଅଧ୍ୟକ୍ଷ ମୁକେଶ ଭୋଇଙ୍କ ରଚିତ ଏବଂ ଓଡ଼ିଆ ଅଧ୍ୟାପିକା କଲ୍ୟାଣୀ ମେହେର, ଈପ୍‌ସିତା ପ୍ରଧାନଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମାଜିକଧର୍ମୀ କ୍ଷୁଦ୍ର ନାଟକ ଅଶିକ୍ଷିତ ପରିବେଷଣ କରାଯାଇଥିଲା। ଲହୁଣିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ନେତ୍ରାନନ୍ଦ ପ୍ରଧାନ, ନିରଞ୍ଜନ ଓଝା, ଅଧ୍ୟାପିକା ସୋମଦତ୍ତା ପଟ୍ଟନାୟକ, ଫ୍ରେଡ୍ରିକ୍ କୁଜୁର, ମାରିଅମ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ତଥା ଉମାଶଙ୍କର ମାହାନ୍ତ, ସୁରେନ୍ଦ୍ର ମାହାନ୍ତ, ମହେଶ୍ୱର ମାହାନ୍ତ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଶହୀଦ ପ୍ରଦୀପ ପଣ୍ଡାଙ୍କ ଅଷ୍ଟମ ଶ୍ରଦ୍ଧାଞ୍ଜଳି ଦିବସ

**ରାଜଗାଙ୍ଗପୁର, ୩୧।୧୨ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ 'ମା' ତୁଝେ ସଲାମ୍' ସଂଘ ଓ ହରିତ୍ ବସୁଧା ଆନୁକୂଲ୍ୟରେ ବୁଧବାର ରାଷ୍ଟ୍ରୀୟ ବିଦ୍ୟାଳୟରେ ପୁଲ୍‌ୱାମାଠାରେ ଆତଙ୍କବାଦୀଙ୍କ ଗୁଳିରେ ଶହୀଦ ହୋଇଥିବା ରାଜଗାଙ୍ଗପୁରନିବାସୀ କୀର୍ତ୍ତିଚକ୍ର ପ୍ରଦୀପ ପଣ୍ଡାଙ୍କ ୮ମ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ବିଦ୍ୟାଳୟରେ ସ୍ଥାପିତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ଜ୍ଞାନରଞ୍ଜନ ସେନାପତି, ଗୌତମ ମହାରଥି, ରାଷ୍ଟ୍ରୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନୈନା କୁଜୁର, ଉପନଗରପାଳ ମହମ୍ମଦ ଇରଫାନ, ରାଜଗାଙ୍ଗପୁର ଭାଜପା ମଣ୍ଡଳ ସଭାପତି ରାଜନ ସୋନି, ଜିତୁ ଦାସ ପ୍ରମୁଖ ଯୋଗଦେଇ ଶହୀଦ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ପରେ ତାଙ୍କ ସ୍ତ୍ରୀ ମିନତି ପଣ୍ଡାଙ୍କୁ ସମ୍ମାନିତ କରାଯାଇ ସମସ୍ତ ସହଯୋଗର ଆଶ୍ୱାସନା ଦିଆଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ଦାସ ସଭା ପରିଚାଳନା କରିଥିଲେ।


ଶହୀଦ ପ୍ରଦୀପ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ଭାଜପା ପକ୍ଷରୁ ଅଟଳ ସୁଶାସନ ସମ୍ମିଳନୀ

**ସୁନ୍ଦରଗଡ, ୩୧।୧୨ (ଜୟ ନାରାୟଣ ମେଣ୍ଡୁଲି)**

ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଭାଜପା ପକ୍ଷରୁ ଦେଶବ୍ୟାପୀ ସୁଶାସନ ଦିବସ ପାଳିତ ହେଉଛି। ଏହି ଅବସରରେ ମଙ୍ଗଳବାର ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ଅନ୍ତର୍ଗତ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ପକ୍ଷରୁ ତସଲାଡ଼ିହି ସ୍ଥିତ ମିନି ଷ୍ଟାଡିୟମଠାରେ ଅଟଳ ସୁଶାସନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଜିଲା ଭାଜପା ସଭାପତି ଗିରୀଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ପୂର୍ବତନ ସୁନ୍ଦରଗଡ଼ ବିଧାୟିକା ତଥା ଭାଜପା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ, ମଞ୍ଚାସୀନ ଅତିଥି ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ଦ୍ୱୀପ ପ୍ରଜ୍ୱଳନ ଓ ପୁଷ୍ପାଞ୍ଜଳୀ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଜିଲା ସଭାପତି ସାହୁ, ସମ୍ମାନିତ ଅତିଥି ପୂର୍ବତନ ବିଧାୟିକା ତଥା ଉପସଭାନେତ୍ରୀ ଟେଟେ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ, ସ୍ୱଚ୍ଛ ଭାରତ ରାଜ୍ୟ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଜିଲା ସମ୍ପାଦିକା ମିନତୀ ପୁରୋହିତ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପରକ୍ଷିତ ସାହୁ ବାଜପେୟୀଙ୍କ ଜୀବନୀ ଉପରେ କହିଥିଲେ। ବାଜପେୟୀଙ୍କ ନୀତି, ଆଦର୍ଶକୁ ପାଥେୟ କରି ନିଜ ଜୀବନକୁ ନିସ୍ୱାର୍ଥପର ଭାବରେ ରାଷ୍ଟ୍ର ସେବା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ ବୋଲି ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅତିଥିମାନେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଷ୍ଟାଡିୟମ ପରିସରରେ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ସମସ୍ତ ଅତିଥିମାନେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟ କ୍ରମରେ ମଞ୍ଚାସୀନ ଅତିଥିଭାବେ ପୂର୍ବତନ ସୁନ୍ଦରଗଡ଼ ନଗର ମଣ୍ଡଳ ସଭାପତି ମନୋଜ ପୁରୋହିତ, ପୂର୍ବତନ ରାଜ୍ୟ ପରିଷଦ ସଦସ୍ୟା ଅଞ୍ଜନା ପଟେଲ, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁଦାମ ହୋତା, ଟାଙ୍ଗରପାଲି ମଣ୍ଡଳ ଜିଲା ପ୍ରତିନିଧି ଦୁବରାଜ ନାଏକ, ମଣ୍ଡଳ ସଭାପତି ନରେଶ ପୁରୋହିତ, ସୁମନ୍ତ ନାଏକ, ହରିପ୍ରିୟା ପଟେଲ ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ଶତାଧିକ ଦଳର ଜିଲା, ମଣ୍ଡଳ ଓ ବୁଥ ସ୍ତରୀୟ ପଦାଧିକାରୀ, କାର୍ଯ୍ୟକର୍ତ୍ତା ଏବଂ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଜିଲା ସାଧାରଣ ସମ୍ପାଦକ ରୁପେଶ ପଟେଲ ସଭା ପରିଚାଳନା କରିଥିଲେ।


ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ଭାଜପା କାର୍ଯ୍ୟକର୍ତ୍ତା।

# ୫ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କୁଆଁରମୁଣ୍ଡା, ୩୧।୧୨ (ମହେନ୍ଦ୍ର କୁମାର ସାହୁ)**

### ସୁନ୍ଦରଗଡ଼ ଚାମ୍ପିୟନ

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଉସ୍ରା ଫୁଟ୍‌ବଲ ପଡ଼ିଆରେ ସ୍ଥାନୀୟ ମାରୁତି ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୫ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର ଥିଲା ଅନ୍ତିମ ଦିବସ। ଏଥିରେ ସୁନ୍ଦରଗଡ଼ ଓ ସମ୍ବଲପୁର ଟିମ୍ ମଧ୍ୟରେ ଅନ୍ତିମ ପ୍ରତିଯୋଗିତା ହୋଇଥିଲା। ଉଭୟ ଟିମ୍ ରୋମାଞ୍ଚକର ଖେଳ ଖେଳି ସମାନ ଗୋଲ ପରସ୍ପରକୁ ଦେବା ପରେ ଶେଷରେ ଟାଇବ୍ରେକର କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୪-୩ ଗୋଲ ଦେଇ ଚାମ୍ପିୟନ ହୋଇଥିଲା ବେଳେ ସମ୍ବଲପୁର ଟିମ୍ ରନରଅପ୍ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥିଭାବେ ବୀରମିତ୍ରପୁରର ପୂର୍ବତନ ବିଧାୟକ ଶଙ୍କର ଓରାମ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ବରିଷ୍ଠ ଭାଜପା ନେତା ଶଙ୍କର ପୂଝାରୀ, ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର ଓ ଅନ୍ୟମାନେ ଯୋଗଦେଇ ଚାମ୍ପିୟନ ସୁନ୍ଦରଗଡ଼ ଟିମ୍‌କୁ ୨ଲକ୍ଷ ୫୧ ହଜାର ଚେକ୍ ସହ ଟ୍ରଫି ଓ ରନରଅପ୍ ସମ୍ବଲପୁର ଟିମ୍‌କୁ ୧ ଲକ୍ଷ ୫୧ ହଜାର ଟଙ୍କାର ଚେକ୍ ସହ ଟ୍ରଫି ପ୍ରଦାନ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ମୋଟ୍ ୧୬ ଟି ଟିମ୍ ଅଂଶଗ୍ରହଣ କରିଥିଲେ।



ଖେଳାଳିମାନଙ୍କ ଗହଣରେ ଅତିଥିମାନେ।

# ରାଜ୍ୟ ଦୌଡକୁଦ ଚାମ୍ପିୟନଶିପ୍ : ସୁନ୍ଦରଗଡ଼ ଜିଲା ରନରଅପ

**ସୁନ୍ଦରଗଡ, ୩୧।୧୨ (ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା ଦୌଡକୁଦ ସଂଘ ଆନୁକୂଲ୍ୟରେ କଟକ ସ୍ଥିତ ଓଡ଼ିଶା ପୋଲିସର ସିନ୍ଥେଟିକ୍ ଟ୍ରାକ ଖେଳ ପଡିଆଠାରେ ଆୟୋଜିତ ହୋଇଥିବା ୭୧ତମ ରାଜ୍ୟ ଦୌଡକୁଦ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲା ରନରଅପ୍ ହୋଇଛି। ୪ ଦିନ ଧରି ଆୟୋଜିତ ଏହି ଦୌଡକୁଦ ଚାମ୍ପିୟନଶିପ୍‌ରେ ସୁନ୍ଦରଗଡ ଜିଲାର ୩୨ଜଣ ବାଳିକା ଓ ୬୦ଜଣ ବାଳକ ମୋଟ ୯୨ଜଣ ଆଥଲେଟ ଭାଗ ନେଇଥିଲେ। ଜାତୀୟ କୋଚ୍ ଶିବ ପ୍ରସାଦ ମିଶ୍ର ଓ ପ୍ରସନ୍ନ ଠାକୁର ଦଳର କୋଚ୍ ଭାବେ ନେତୃତ୍ୱ ନେଇଥିଲେ। ଉତ୍ତମ ଖେଳ ପ୍ରଦର୍ଶନ କରି ଖେଳାଳିମାନେ୧୫ ସ୍ୱର୍ଣ୍ଣ ପଦକ, ୨୨ଟି ରୌପ୍ୟ ପଦକ, ୭ଟି କାଂସ୍ୟ ପଦକ ମୋଟ ୪୪ଟି ପଦକ ହାସଲ କରି ସର୍ବମୋଟ ୩୩୬ ପଏଣ୍ଟ ପାଇ ରନରଅପ ହୋଇ ସୁନ୍ଦରଗଡ ପାଇଁ ଗୌରବ ଆଣିଛନ୍ତି। ୨୦ ବର୍ଷରୁ କମ୍ ବାଳିକା, ୨୩ବର୍ଷ ରୁ କମ୍ ବାଳିକା ଓ ବାଳକ ବିଭାଗରେ ମଧ ସୁନ୍ଦରଗଡ ଦଳଗତ ଚାମ୍ପିୟନ ହୋଇଛି। ଦଳର ଖେଳାଳୀ ଓ କୋଚ୍ ଶିବ ମିଶ୍ର, ପ୍ରସନ୍ନ ଠାକୁରଙ୍କ ଏହି ସଫଳତା ପାଇଁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ମାଧବ ନାଏକ, ଚିତ୍ତରଞ୍ଜନ ବହିଦାର, ବିମଳ ବୋଷ, ଅଜୟ ବହିଦାର, ପ୍ରଶାନ୍ତ ପଟେଲ, ଅନୀଲ ବହିଦାର, ବିଶ୍ୱରଞ୍ଜନ ହୋତା, ଶିଶିର ପଟେଲ, ସୂରଜ ଭୈଷାଲ, ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି।



ବିଜୟୀ ଖେଳାଳି, କୋଚ୍‌ଙ୍କ ସହିତ ଜିଲା କ୍ରୀଡ଼ା ସଂସଦର କର୍ମକର୍ତ୍ତା।

## ସଂକ୍ଷେପରେ

### ଫାସକୁଦା ଶହୀଦସ୍ଥଳରେ ମଶାଲ ପ୍ରଜ୍ୱଳିତ

ସମ୍ବଲପୁର,୩୧।୧୨(ବି.ଶଙ୍କର)

ଶହୀଦ ମାଧୋ ସିଂହ ସ୍ମୃତି କମିଟି ପକ୍ଷରୁ ବୁଧବାର ରାତିରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଗୋବିନ୍ଦତୋଲା ଛକରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଫାସକୁଦା ଶହୀଦସ୍ଥଳରେ ପହଞ୍ଚିଥିଲା। ମଶାଲ ଯାତ୍ରାରେ କମିଟି ସଭାପତି ଜୟନାରାୟଣ ମିଶ୍ର, ଶୁଭଶ୍ରୀ ମିଶ୍ର, କାବୁରାମ ଶର୍ମା, ଅତିଶ ହୋତା, ଜଗନାଥ ଆଚାର୍ଯ୍ୟ, ଶ୍ରୀନିବାସ ମହାପାତ୍ର, ଶୈଳେନ୍ଦ୍ର ପୁରୋହିତ, ହିତେଶ ଟାଙ୍କ, ରଞ୍ଜିତା ଆଚାର୍ଯ୍ୟ, କାଞ୍ଚନ ଲୁହା, ପୁଷ୍ପାଞ୍ଜଳି ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଯୁବତୀଯୁବକ ସାମିଲ ହୋଇଥିଲେ। ଫାସକୁଦାରେ ପହଞ୍ଚିବା ପରେ ସହୀଦ ମାଧୋ ସିଂହଙ୍କ ସ୍ମୃତିରେ ମଶାଲ ପ୍ରଜ୍ୱଳିତ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୋବିନ୍ଦତୋଲା ଦୁର୍ଗାପୂଜା କମିଟି ସଭାପତି ପ୍ରଦୀପ ପାଢ଼ୀ, ଡା. ବସନ୍ତ କୁମାର ଦାଶ, ଜୟନାରାୟଣ ଶତପଥୀ, ଅଜୟ କୁମାର ସାହୁ ସାମିଲ ଥିଲେ। ଅଧ୍ୟକ୍ଷୀୟ ଭାଷଣରେ ବିଧାୟକ ମିଶ୍ର କହିଥିଲେ, ସହୀଦ ମାଧୋ ସିଂହ ଓ ତାଙ୍କ ସମ୍ପୂର୍ଣ୍ଣ ପରିବାର ଦେଶ ପାଇଁ ଯେଉଁ ବଳିଦାନ ଦେଇଛନ୍ତି ସେହି ବଳିଦାନ ସାରା ଭାରତରେ ବିରଳ। ଫାସକୁଦାକୁ ଜାତୀୟ ସ୍ମାରକ ଭାବେ ଉନ୍ନତ କରିବା, ସହୀଦ ମାଧୋ ସିଂଙ୍କ ବିଶାଳ ମୂର୍ତ୍ତି ନିର୍ମାଣ, ଇତିହାସର ଗବେଷଣା ଓ ହରଡ଼ ଜୋର ଉପରେ ଏକ ବ୍ୟାରେଜ ସହିତ ଆଧୁନିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବା ସମୟ ଆସିଛି। ଇତିହାସରେ ପ୍ରଥମ ଥର ପାଇଁ ୧୮୫୮ ମସିହାରେ ଆଜିର ଦିନରେ ଫାସି ପାଇଥିବା ମହାନ ବିପ୍ଳବୀ ସହୀଦ ମାଧୋ ସିଂହଙ୍କ ବୀରତା ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇ ଫାସକୁଦାର ପବିତ୍ର ଶହିଦ ମାଟିରେ ମଶାଲ ପ୍ରଜ୍ୱଳନ କରାଯାଇଥିଲା।

### ହୋମିଓପାଥି କଲେଜରେ ଅତ୍ୟାଧୁନିକ ନିଦାନ ସେବା ଆରମ୍ଭ

ସମ୍ବଲପୁର,୩୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ସରକାରୀ ହୋମିଓପାଥି ଚିକିତ୍ସା ଓ ଗବେଷଣା ମହାବିଦ୍ୟାଳୟ (ଓଏମ୍‌ସିଏଚ୍‌ଆର୍‌)ରେ ବୁଧବାର ରୋଗୀଙ୍କୁ ନିଃଶୁଳ୍କ ଅତ୍ୟାଧୁନିକ ହୋମିଓପାଥିକ ନିଦାନ ସେବାର ଶୁଭାରମ୍ଭ ହୋଇଛି। କଲେଜ ପରିସରରେ ଅଧ୍ୟକ୍ଷା ଡା. ଦିପ୍ତିକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର ଅତ୍ୟାଧୁନିକ ନିଦାନ ସେବାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ଡା. ସିଂ କହିଥିଲେ, ଚିକିତ୍ସା ପାଇଁ ଏଠାକୁ ଆସୁଥିବା ରୋଗୀ ବିଭିନ୍ନ ପରୀକ୍ଷଣ ଦ୍ୱାରା ଅଯଥା ଖର୍ଚ୍ଚାନ୍ତ ହେଉଥିଲେ। ବିକଳ୍ପ ବ୍ୟବସ୍ଥା ସ୍ୱରୂପ ବିଶେଷ କରି ଗରିବ ଶ୍ରେଣୀର ରୋଗୀଙ୍କୁ ଏଠାରେ ନିଃଶୁଳ୍କ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ କଲେଜର ବିଭିନ୍ନ ସମସ୍ୟା ନେଇ ବିଧାୟକ ପ୍ରତିନିଧି ମିଶ୍ରଙ୍କୁ ଛାତ୍ରସଂସଦ ସଭାପତି ପଳାଶ ରଞ୍ଜନ ପାଲ୍ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ତାଳବ ସରପଞ୍ଚ କନକ ସାହୁ ଉପସ୍ଥିତ ଥିଲେ।

# ୨୪ ଶାଗୁଆନ ଗଛ ଜବତ, ଦୁର୍ବୃତ୍ତ ଫେରାର

କୋଲାବିରା,୩୧।୧୨(ସଞ୍ଜୟ ପୂଜାରୀ)



କଟାଯାଇଥିବା ଗଛ।

କୋଲାବିରା ଫରେଷ୍ଟ ରେଞ୍ଜ୍ ଶିରିଆପାଲି ବନପାଳ ଅଧୀନ ଗୁଡ଼ିଗାଁ ଗ୍ରାମରେ ଗତ ୨୮ ତାରିଖ ରାତିରେ ଦୁର୍ବୃତ୍ତମାନେ ୨୪ଟି ଶାଗୁଆନ ଓ ଗୋଟିଏ ଲିମ୍ବ ଗଛ ଚୋରି କରିଥିବା ଅଭିଯୋଗ ହୋଇଛି। ଗଛ କାଟୁଥିବା ସୂଚନା ପାଇ ବନ ସୁରକ୍ଷା ସମିତି ସଦସ୍ୟ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ବେଳେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେବା ସହ ରାତିସାରା ଗଛକୁ ଜଗିରହିଥିଲେ। ସୋମବାର ସକାଳୁ ଭାରପ୍ରାପ୍ତ ରେଞ୍ଜର ସୁଦାମ ଜଗଦଲା ଓ ଫରେଷ୍ଟର ବୁଧୁରାମ ରୋହିଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କଟାଯାଇଥିବା ଗଛ ଜବତକରି କୋଲାବିରା ରେଞ୍ଜ୍ ଅଫିସ୍‌କୁ ଆଣିଛନ୍ତି। ଗଛକଟାକୁ ନେଇ ଗୁଡ଼ିଗାଁ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଏନେଇ ଗୁଡ଼ିଗାଁ ଜଙ୍ଗଲ ସୁରକ୍ଷା ସମିତି ସଭାପତି ପଦ୍ମଲୋଚନ ପଟେଲ, କିଶୋର ଧୁରୁଆ, ରୋମାଞ୍ଚ ପଟେଲ, ସୁଶାନ୍ତ ପଟେଲ, ଧରଣୀଧର ପଟେଲ, ସରୋଜ ପଟେଲ ପ୍ରମୁଖ ଫରେଷ୍ଟ ରେଞ୍ଜର ଓ କୋଲାବିରା ଥାନାରେ ଲିଖିତ ଅଭିଯୋଗ ଜଣାଇଛନ୍ତି। ଏନେଇ ଫରେଷ୍ଟର ରୋହିଦାସଙ୍କୁ ଯୋଗାଯୋଗ କରାଯିବାରୁ ବନ ସୁରକ୍ଷା ସମିତି ଓ ଗ୍ରାମବାସୀଙ୍କ ନିକଟରୁ ଅଭିଯୋଗ ପାଇବା ପରେ ଗଛସବୁ ଜବତ କରାଯାଇଛି। ବର୍ତ୍ତମାନ ଏହାର ତଦନ୍ତ ଚାଲୁଛି। ଶୀଘ୍ର ଅଭିଯୁକ୍ତଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରୋହିଦାସ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ୫ ପ୍ରକଳ୍ପକୁ ମଞ୍ଜୁରୀ

ଝାରସୁଗୁଡ଼ା,୩୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ଜିଲାସ୍ତରୀୟ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ କୃଷିଭିତ୍ତିକ ଶିଳ୍ପର ପ୍ରସାର ଓ ଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା କରାଯାଇଛି।ଏହି ବୈଠକରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିଭିନ୍ନ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କମିଟି ପକ୍ଷରୁ ମୋଟ୍ ୫ଟି ନୂତନ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି ଏବଂ ସେଗୁଡ଼ିକର କାର୍ଯ୍ୟାରମ୍ଭ ପାଇଁ ଜିଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଜିଲାରେ କୃଷି ଉଦ୍ୟୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ସ୍ଥାନୀୟ ରୋଜଗାର ସୁଯୋଗ ସୃଷ୍ଟି ହେବ। ଜିଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରି ଜିଲାପାଳ ଚହ୍ୱାଣ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଧାର୍ଯ୍ୟଲକ୍ଷ୍ୟ ହାସଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି କୃଷକମାନେ ଯେପରି ସରକାରୀ ଯୋଜନାର ସୁଫଳ ସହଜରେ ପାଇପାରିବେ ଏବଂ ପ୍ରତିଟି କ୍ଷେତ୍ରରେ କିପରି ସଫଳ ରୂପାୟନ ହୋଇପାରିବ, ସେଥିପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ବନଖଣ୍ଡ ଅଧିକାରୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ଜିଲା ବ୍ୟାଙ୍କ ପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ୧୮ରୁ ଉତ୍ସବ ପ୍ରଧାନପାଟ



ବୈଠକରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଦେବଗଡ଼,୩୧।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଉତ୍ସବ ପ୍ରଧାନପାଟ-୨୦୨୬ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନପାଟ ବଡ଼ବଗିଚା ମୁକ୍ତ ରଙ୍ଗମଞ୍ଚରେ ଜାନୁଆରୀ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହେବ। ଉତ୍ସବ ଆୟୋଜନ ନିମନ୍ତେ ଜିଲାର ଲୋକନୃତ୍ୟ ଦଳ ଏବଂ ଅନ୍ୟ ପ୍ରଦେଶର ଲୋକନୃତ୍ୟ, ଜିଲାର ୩ଟି ବ୍ଲକ୍ ଅଞ୍ଚଳରେ ଥିବା ସାଂସ୍କୃତିକ ଦଳକୁ ଯୋଗାଯୋଗ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟମେଳା ଏବଂ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଆୟୋଜନ କରାଯିବ। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଭିନ୍ନ ଭିନ୍ନ ସବ୍ କମିଟି ଗଠନ କରାଯାଇଛି। ଏହି ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲାପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ସହକାରୀ ଜିଲାପାଳ ତାପସ ମହନ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଜିଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ, ଜିଲା ସଂସ୍କୃତି ପରିଷଦ ସଭ୍ୟ ସୁଜିତ୍ ପାତ୍ର, ନିରଞ୍ଜନ ଦ୍ୱିବେଦୀ, ପ୍ରଧାନପାଟ ଉତ୍ସବ କବି ସମ୍ମିଳନୀର ଆବାହକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଉପସ୍ଥିତ ମତାମତ ପ୍ରଦାନ କରିଥିଲେ।

# ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଉଛି:ଏଏସପି

**ପ୍ରବାସୀ ଶ୍ରମିକଙ୍କ ଉପରେ ଆକ୍ରମଣ ଘଟଣା**

ସମ୍ବଲପୁର,୩୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଅଇଁଠାପାଲି ଥାନା ଅନ୍ତର୍ଗତ ଦେହେରିପାଲିରେ ଗତ ୨୪ ତାରିଖ ରାତିରେ କେତେଜଣଙ୍କ ଆକ୍ରମଣରେ ଜଣେ ପ୍ରବାସୀ ବଙ୍ଗାଳି ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ଭିମସାରରେ ଭର୍ତ୍ତି କରାଯାଇଛି। ସମ୍ବଲପୁର ପୋଲିସ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଭଳି ଅପରାଧ ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିବା ସହ ଅନୁରୂପ ଯେକୌଣସି ଅପରାଧକୁ ଦମନ କରିବାକୁ ଜିଲା ପୋଲିସ ସଂକଳ୍ପବଦ୍ଧ। ତେଣୁ ଜିଲାରେ ବିଶେଷକରି ସହରାଞ୍ଚଳରେ ଏଭଳି ଘଟଣା ରୋକିବା ଦିଗରେ, ଏପରିକି ନବବର୍ଷର ଜିରୋ ନାଇଟ ପାଳନ ସମୟରେ ମଧ୍ୟ ଜିଲାର ସମସ୍ତ ଥାନା ପୋଲିସ ତତ୍ପର ରହିଛି। ବିଭିନ୍ନ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି ବୋଲି ଡିଆଇବି ଏଏସପି ଶଶାଙ୍କ ଶେଖର ବେହୁରା ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ବୈଠକ



ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କାର୍ଯ୍ୟକ୍ରମ।

ଝାରସୁଗୁଡ଼ା,୩୧।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଶିଳ୍ପାୟନ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ପାଇଁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଡିସେମ୍ବର ପାଇଁ ୯୬ତମ ଜିଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆସିଥିବା ବିଭିନ୍ନ ନିବେଶ ପ୍ରସ୍ତାବଗୁଡ଼ିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ପ୍ରଶାସନ ପକ୍ଷରୁ ମୋଟ ୫ଟି ପ୍ରମୁଖ ନିବେଶ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ପ୍ରାୟ ୧୪୩.୭୨ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ଦ୍ୱାରା ଜିଲାର ପ୍ରାୟ ୮୩୩ ଜଣ ବ୍ୟକ୍ତିଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅନୁମୋଦିତ ପ୍ରସ୍ତାବଗୁଡ଼ିକ ମଧ୍ୟରେ କେମିକାଲ ଓ ପେଟ୍ରୋକେମିକାଲ, ରିଫ୍ରାକ୍ଟ୍ରି ବ୍ରିକ୍ସ, ପ୍ରି-ଷ୍ଟ୍ରେସଡ କଂକ୍ରିଟ ସ୍ଲିପର୍ ଏବଂ ପଞ୍ଜିକୃତ ଯାନ ସ୍କ୍ରାପିଂ ସୁବିଧା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସାମିଲ ରହିଛି। ଏହି ସମୀକ୍ଷା ବୈଠକରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ, ଇଡ୍‌କୋ ସମ୍ବଲପୁରର ପ୍ରତିନିଧି, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ, ଝାରସୁଗୁଡ଼ା ଓ କୋଲାବିରା ତହସିଲଦାର, ଜିଲା ବ୍ୟାଙ୍କ ପ୍ରବନ୍ଧକ, ଜିଏସ୍‌ଟି ବିଭାଗର ଯୁଗ୍ମ କମିଶନରଙ୍କ ପ୍ରତିନିଧି ଏବଂ ଦୀପା ଟିମ୍‌ର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କ୍ରିକେଟ୍ ଟୁର୍ନାମେଣ୍ଟ: ଝାଡ଼େଶ୍ୱର କ୍ଲବ୍ ଚାମ୍ପିୟନ

ଦେବଗଡ଼,୩୧।୧୨(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ବାରକୋଟ ବ୍ଲକ୍ ସାଲୋହୀସ୍ଥିତ ଉତ୍କଳ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଗତ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଟିମ୍ ଭାଗ ନେଇଥିଲା। ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଉତ୍କଳ କ୍ରିକେଟ୍ କ୍ଲବ୍‌କୁ ୯ ରନରେ ପରାସ୍ତ କରି ସୁନ୍ଦରଗଡ଼ ଜିଲା ଟେଣ୍ଡରାର ଝାଡ଼େଶ୍ୱର କ୍ଲବ୍ ଚାମ୍ପିୟନ ହୋଇଛି। ଅମ୍ପାୟାର ବିକାଶ ପ୍ରଧାନ ଓ ଲକ୍ଷ୍ମୀଧର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅପରାହ୍ନରେ ଉତ୍କଳ କ୍ରିକେଟ୍ କ୍ଲବ୍ ସଭାପତି ଲିପୁନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ଓକିଲ ସଂଘ ସଭାପତି ସଚ୍ଚିକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଦାରୁଆ ଓରାମ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ୍ ସମ୍ପାଦକ ପ୍ରଶାନ୍ତ କିଷାନ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ ଧରଣୀଧର ସାହୁ, ଝସକେତନ ମହାକୁଳଙ୍କ ସମେତ କ୍ଲବ୍ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜାନୁଆରୀ ୧ରୁ 'ଦୁଲ୍‌ଦୁଲି-୨୦୨୬', ପଲ୍ଲିଶ୍ରୀ ମେଳା

ଝାରସୁଗୁଡ଼ା,୩୧।୧୨(ଆଶିଷ ରଞ୍ଜନ ଦାଶ)

**ଲାଗିବ ୩୦ ସ୍ୱଦେଶୀ ଖାଦ୍ୟ ଷ୍ଟଲ୍**

ଜିଲା ପ୍ରଶାସନ ଏବଂ ଓର୍‌ମାସର ମିଳିତ ସହଯୋଗରେ ସ୍ଥାନୀୟ ବିଟିଏମ୍ ପଡ଼ିଆଠାରେ ଜାନୁଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲା ମହୋତ୍ସବ 'ଦୁଲ୍‌ଦୁଲି-୨୦୨୬' ଏବଂ 'ପଲ୍ଲିଶ୍ରୀ ମେଳା' ଆୟୋଜିତ ହେବ। ଏହି ପାଞ୍ଚଦିନିଆ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ ଖାଦ୍ୟର ଏକ ଭବ୍ୟ ପ୍ରଦର୍ଶନୀ ଦେଖିବାକୁ ମିଳିବ। ଏହାକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ମୋଟ ୨୦୦ଟି ଷ୍ଟଲ୍ ସ୍ଥାପନ କରାଯାଇଥିବା ବେଳେ ଓଡ଼ିଶାର ସମସ୍ତ ୩୦ଟି ଜିଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶିଳ୍ପୀମାନେ ଏଥିରେ ସାମିଲ ହେବେ। ଓଡ଼ିଶା ବ୍ୟତୀତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ମଣିପୁର ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରୁ ମଧ୍ୟ କାରିଗରମାନେ ନିଜର ସ୍ୱତନ୍ତ୍ର ହସ୍ତକଳା ସହ ଅଂଶଗ୍ରହଣ କରିବେ। ଏଠାରେ ଗ୍ରାହକମାନେ ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଘରୋଇ ସାମଗ୍ରୀ ସିଧାସଳଖ କିଣିବାର ସୁଯୋଗ ପାଇବେ। ମେଳାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି 'ସ୍ୱଦେଶୀ ମେଳା' ଏବଂ ଲାଇଭ୍ ଡେମୋନ୍‌ଷ୍ଟ୍ରେଶନ। ଏଠାରେ ୩୦ଟି ସ୍ୱଦେଶୀ ଖାଦ୍ୟ ଷ୍ଟଲ୍‌ରେ ଓଡ଼ିଆ ପରମ୍ପରାର ସୁଆଦିଆ ପିଠା ଯଥା ଚକୁଳି, ଏଣ୍ଡୁରି, ମଣ୍ଡା ଏବଂ ଆରିସା ଉପଲବ୍ଧ ହେବ। ଏଥିସହିତ ସମ୍ବଲପୁରୀ ହସ୍ତତନ୍ତ, ଟେରାକୋଟା, ଚାନ୍ଦୁଆ ଏବଂ ବାଉଁଶ ସାମଗ୍ରୀ କିପରି ପ୍ରସ୍ତୁତ କରାଯାଏ, ତାହାର ଜୀବନ୍ତ ପ୍ରଦର୍ଶନୀ ଶିଳ୍ପୀମାନଙ୍କ ଦ୍ୱାରା କରାଯିବ।

# ସନ୍ୟାସୀପାଲି ଫୁଟବଲ ଟୁର୍ନାମେଣ୍ଟ, କୋଲାବିରା ଚାମ୍ପିୟନ

କୋଲାବିରା,୩୧।୧୨(ସଞ୍ଜୟ ପୂଜାରୀ)

କୋଲାବିରା ବ୍ଲକ ଅଧୀନ ସନ୍ୟାସୀପାଲି ଗ୍ରାମରେ ମା ଅନ୍ଧାରୀ ଦେବୀଙ୍କ ପୂଜା ଉପଲକ୍ଷେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏ ଅବସରରେ ବିଧାୟକ ଅନ୍ଧାରୀ ଦେବୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। କୋଲାବିରା ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ଅଞ୍ଜଳି ବାଗ,ଏଥିରେ ଭଜାପା ମଣ୍ଡଳ ସଭାପତି ରାଜେଶ ଦାଶ, ଉପସଭାପତି ସଞ୍ଜୟ ପୂଜାରୀ, ଏମ୍‌ପି ପ୍ରତିନିଧି ସମରେନ୍ଦ୍ର ରାଏ, ଅନିଲ ବେହେରା, ଅବସରପ୍ରାପ୍ତ ସୈନିକ ମହେନ୍ଦ୍ର ସାହୁ ଓ ଛବିଳ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ କୋଲାବିରା ଦଳ ୧-୦ ଗୋଲ ରେ ସନ୍ୟାସୀପାଲି କୁ ପରାସ୍ତ କରି ଚମ୍ପିୟାନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଭାରପ୍ରାପ୍ତ ସରପଞ୍ଚ ଅଞ୍ଜଳି ବାଗ ଓ ବିଜେଡି ର ବ୍ଲକ ଯୁବ ସଭାପତି ପ୍ରବୀଣ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏଥିରେ ଆୟୋଜକ ସନ୍ୟାସୀପାଲି ଫୁଟବଲ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବିଜେତା ଓ ଉପବିଜେତା ଦଳ ସହ ଅତିଥିମାନେ।

# ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲାପାଳ

ଝାରସୁଗୁଡ଼ା,୩୧।୧୨(ଆଶିଷ ରଞ୍ଜନ ଦାଶ)




ଜିଲାପାଳ ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଜିଲାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ରୋଗୀସେବା ବ୍ୟବସ୍ଥାର ଏକ ବ୍ୟାପକ ସମୀକ୍ଷା କରିଛନ୍ତି। ଜିଲାପାଳ ହସ୍ପିଟାଲରେ ପହଞ୍ଚି ପ୍ରଥମେ ସିଟିସ୍କାନ୍ ୟୁନିଟ୍ ଅନୁଧ୍ୟାନ କରିଥିଲେ। ସେଠାରେ ଦୈନିକ ରୋଗୀଙ୍କ ସଂଖ୍ୟା ଏବଂ ସେବା ପ୍ରଦାନର ଗୁଣବତ୍ତା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ସେ ଆଇସିୟୁ ଏବଂ ଡାଏଲିସିସ୍ ୟୁନିଟ୍ ପରିଦର୍ଶନକରି କାର୍ଯ୍ୟରତ କର୍ମଚାରୀଙ୍କ ସହ ଆଲୋଚନା କରିବା ସହ ସେବା ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏହାସହିତ ଜିଲାପାଳ ଓଜି/ଏଲଆର୍ ଅପରେଶନ ଥିଏଟର, ଜେନେରାଲ ଓଟି ଏବଂ ଇଣ୍ଟିଗ୍ରେଟେଡ୍ ପବ୍ଲିକ୍ ହେଲ୍‌ଥ ଲାବ୍‌ର କାର୍ଯ୍ୟକାରିତା ପରଖିଥିଲେ। ବିଶେଷକରି ଲାବ୍ ରିପୋର୍ଟଗୁଡ଼ିକର ଡିଜିଟାଇଜେଶନ ପ୍ରକ୍ରିୟା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚିକିତ୍ସା ସେବା ଯୋଗାଇବାରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିବନ୍ଧକ ବିଷୟରେ ମଧ୍ୟ ସେ ଆଲୋଚନା କରିଥିଲେ। ପରିଦର୍ଶନ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଜିଲାପାଳ ସାଧାରଣ ଜନତାଙ୍କ ସୁବିଧା ଲାଗି ଓପିଡିରେ ଡାକ୍ତରଙ୍କ ନାମ ଏବଂ ସେମାନଙ୍କ ଉପଲବ୍ଧତା ସମୟ ସ୍ପଷ୍ଟ ଭାବେ ପ୍ରଦର୍ଶନ କରାଯିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବା ସହିତ ଚକ୍ଷୁ ଅସ୍ତ୍ରୋପଚାର ନିମନ୍ତେ ତ୍ୟାଧୁନିକ 'ଫାକୋ' ମେଶିନ ଓ ଆନୁଷଙ୍ଗିକ ଯନ୍ତ୍ରପାତି ତୁରନ୍ତ କ୍ରୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଡିଜିଟାଲ ଚିକିତ୍ସା ଯନ୍ତ୍ରପାତିର ସଠିକତା ବଜାୟ ରଖିବା ପାଇଁ ନିୟମିତ ବ୍ୟବଧାନରେ 'କାଲିବ୍ରେଶନ' କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ମଙ୍ଗଳ ବଜାରସ୍ଥିତ ସାଟେଲାଇଟ ହସ୍ପିଟାଲର ସୁପରିଚାଳନା ଓ ସେଠାରେ ସେବା ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମୀକ୍ଷା ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ହସ୍ପିଟାଲର ବରିଷ୍ଠ ପଦାଧିକାରୀ ଓ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ଥିଲେ।



**୨୦୨୫କୁ ବିଦାୟ:** ବୁଧବାର ସୂର୍ଯ୍ୟାସ୍ତ ସମୟରେ ସମ୍ବଲପୁର ମହାନଦୀ ଅଯୋଧ୍ୟା ସରୋବରରେ ଜଣେ ଧୀବର କାର୍ଯ୍ୟ ସାରି ଘରକୁ ବାହୁଡୁଛନ୍ତି ।

# ଅନ୍ତର୍ଜାତୀୟ କବିତା ମହୋତ୍ସବରେ ଯୋଗଦେବେ କଳାହାଣ୍ଡିର ପୁଅ ଜୟଦ୍ରଥ

**ଭବାନୀପାଟଣା,୩୧।୧୨(ଉତ୍ତମ କୁମାର ଦାଶ)**

ନୂଆବର୍ଷ ପ୍ରଥମ ସପ୍ତାହ ଅର୍ଥାତ୍ ଜାନୁଆରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ କୋଲକତାଠାରେ ଆନ୍ତର୍ଜାତୀୟ ଲିଟେରେଚର ଫର୍ ଆର୍ଟ ଆଣ୍ଡ କଲଚର ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ କବିତା ମହୋତ୍ସବ ଆୟୋଜିତ ହେବ। ଏଥିରେ ଦେଶବିଦେଶରୁ ଅନେକ କବି, ଲେଖକ ଓ ବୁଦ୍ଧିଜୀବୀ ସାମିଲ ହେବେ। ମହୋତ୍ସବରେ ଯୋଗଦେବାକୁ ଆମନ୍ତ୍ରିତ ହୋଇଛନ୍ତି କଳାହାଣ୍ଡିର ସର୍ବ ପ୍ରଥମ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବକବି ଜୟଦ୍ରଥ ସୁନା। ୨୦୧୮ରେ ନିଜର ଚର୍ଚ୍ଚିତ କବିତା ସଂକଳନ 'ଶୋଷ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରଦତ୍ତ ଯୁବ ପୁରସ୍କାର ଲାଭ କରି କବି ସୁନା ଜିଲା ପାଇଁ ଗୌରବ ଆଣିଦେଇଥିଲେ। ତାଙ୍କର ଆଉ ଦୁଇଟି କବିତା ସଂକଳନ 'ନିଆଁଧରା' ଓ 'ଲିଭି ଆସୁଥିବା ଚୂଲି' ପ୍ରକାଶିତ ହୋଇ ବେଶ ପାଠକୀୟତା ଲାଭ କରିଛି। କବି ସୁନା ନିଜର ସାହିତ୍ୟ ସାଧନା ପାଇଁ ରାଜ୍ୟର ବହୁ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି।



ଜୟଦ୍ରଥ ସୁନା।

# ଆର୍‌ଏସ୍‌ଏସ୍‌ର ପ୍ରାଥମିକ ବର୍ଗ ଉଦ୍‌ଯାପିତ

**ବୀରମହାରାଜପୁର,୩୧।୧୨(ଯୁଗଳ କିଶୋର ମିଶ୍ର)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସୁବର୍ଣ୍ଣପୁର ଓ ବୌଦ୍ଧର ପ୍ରାଥମିକ ବର୍ଗ ବୀରମହାରାଜପୁର ରଥପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷ୍ୟା ନିକେତନରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ୪୧ ଜଣ ଶିକ୍ଷାର୍ଥୀ ଭାଗନେଇଥିଲେ। ଉକ୍ତ ପ୍ରଶିକ୍ଷଣରେ ଯୋଗାସନ, ବ୍ୟୟାମ ଯୋଗ, ଦଣ୍ଡ ପ୍ରୟୋଗ, ଶାରୀରିକ କୌଶଳ, ଖେଳ, ଘୋଷ ବାଦ୍ୟ, ଶଙ୍ଖ, ବେଣୁ, ପ୍ରଣବ, ଆନକ ଆଦି ବଜାଇବାର ପ୍ରଶିକ୍ଷଣ ଦିଆଯାଇଥିଲା। ଯୋଗ ସହିତ, ଜାତୀୟତାଭାବ ଜାଗ୍ରତ ପାଇଁ ବୌଦ୍ଧିକ କାର୍ଯ୍ୟକ୍ରମ, ଦେଶଭକ୍ତି ଗୀତ, ପ୍ରାର୍ଥନା, ସୁଭାଷିତ, ବକ୍ତୃତା ଆଦିର ପ୍ରଶିକ୍ଷଣ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରାନ୍ତସ୍ତରୀୟ କାର୍ଯ୍ୟକର୍ତ୍ତା ଶଙ୍କର ପଣ୍ଡା, ପ୍ରାନ୍ତ ପ୍ରଚାରକ ସୁରେନ୍ଦ୍ର ପଣ୍ଡା, ପ୍ରଣବ କୁମାର ନାୟକ, ବଲାଙ୍ଗୀର ବିଭାଗ ପ୍ରଚାରକ ଆଶିଷ ମଣ୍ଡଳ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ସନ୍ତୋଷ କୁମାର ରଥ ବର୍ଗର ବର୍ଗାଧିକାରୀ ଦାୟିତ୍ୱ ବହନ କରିଥିଲେ। ପ୍ରତ୍ୟୁଷ ରଞ୍ଜନ ପଣ୍ଡା ମୁଖ୍ୟ ଶିକ୍ଷକର କାର୍ଯ୍ୟ ତୁଲାଇଥିଲେ। ଲୋକେଶ ମହଲା, ମୁକେଶ ମହଲା, କାହ୍ନା ପଧାନ, ମିଥୁନ ସାହୁ, ସୁମନ ପଧାନ, ଅରୁଣ ରଣା ଶିକ୍ଷକ କାର୍ଯ୍ୟ ତୁଲାଇ ଥିଲେ। ସୋନପୁର ଜିଲା ସଂଘଚାଳକ ଦିଲ୍ଲୀପ କୁମାର ତ୍ରିପାଠୀ, କାର୍ଯ୍ୟାବହ ଧର୍ମେନ୍ଦ୍ର କୁମାର ବଡ଼ମାଳି, ସହକାର୍ଯ୍ୟବହ ହୃଷୀକେଶ ଭୋଇ, ବୀରମହାରାଜପୁର ଖଣ୍ଡ କାର୍ଯ୍ୟବାହ ବିଭୂତି ଭୂଷଣ କୁଦେଇ, ମିଥୁନ ଦାସ, ବୀରମହାରାଜପୁର ଖଣ୍ଡ ପ୍ରଚାର ପ୍ରମୁଖ ଯୁଧିଷ୍ଠିର ଖମାରୀ ଚର୍ଚ୍ଚା ବୈଠକ ନେଇଥିଲେ।

# ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

**ସମ୍ବଲପୁର,୩୧।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଧମା ଥାନା ଅନ୍ତର୍ଗତ ଖଣ୍ଟି ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସାନଭାଇଙ୍କ ଟାଙ୍ଗିଆ ଚୋଟରେ ବଡ଼ଭାଇ ପ୍ରଫୁଲ୍ଲ ବିଶି(୪୩)ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ବୁଧବାର ଅଭିଯୁକ୍ତ ସାନଭାଇ ସୁନୀଲ ବିଶି(୪୧) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ନେଇ ଧମା ଥାନାରେ ଏକ ମାମଲା(ନଂ. ୩୦୫/୨୫)ରୁଜୁ କରି ପୋଲିସ ବୁଧବାର ଅଭିଯୁକ୍ତ ସୁନୀଲଙ୍କୁ କୋର୍ଟଚାଲଣ କରିଛି। ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ମଣ୍ଡଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଖୁଣ୍ଟି ଗ୍ରାମରେ ଦୁଇଭାଇ ପ୍ରଫୁଲ୍ଲ ଓ ସୁନୀଲ ତାଙ୍କ ମାତାପିତାଙ୍କ ସହ ରହୁଥିଲେ। ମାତ୍ର ଉଭୟଙ୍କ ପରିବାର ପୃଥକ ଭାବେ ରୋଷେଇ କରୁଥିଲେ। ମାତାପିତା ବଡ଼ଭାଇ ପ୍ରଫୁଲ୍ଲଙ୍କ ସହିତ ରହୁଥିବା ବେଳେ ପିତାଙ୍କ ନାମରେ ଥିବା ଜମିରେ ଚାଷ କରି ଉଭୟେ ନିଜ ନିଜ ପରିବାର ଭରଣ ପୋଷଣ କରୁଥିଲେ। ପ୍ରଫୁଲ୍ଲଙ୍କ ଏକ ତେଜରାତି ଦୋକାନ ରହିଛି। ମଙ୍ଗଳବାର ସୁନୀଲ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ଏହି ସମୟରେ ପ୍ରଫୁଲ୍ଲ ଜଣେ ପଡ଼ୋଶୀଙ୍କ ସହ ଘର ଅଗଣାରେ ବସି ନିଆଁ ପୁଉଁଥିଲେ। ଏହି ସମୟରେ ବିଳମ୍ବିତ ରାତିରେ ଫେରିଥିବା ସୁନୀଲଙ୍କୁ ଦେଖି ଗାଳି ଦେଇଥିଲେ। ଏହାସହ ସଉଦା ବାବଦକୁ ବକେୟା ଥିବା ୨୦ ହଜାର ଟଙ୍କା ମାଗିଥିଲେ। ଏଥିରେ ଉତ୍ତେଜିତ ହୋଇ ସୁନୀଲ ଘର ଭିତରୁ ଏକ କୁରାଢ଼ୀ ଆଣି ପ୍ରଫୁଲ୍ଲଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ତୁରନ୍ତ ଭିମ୍‌ସାର ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଭିମ୍‌ସାରରେ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ରାତିରେ ବ୍ୟବଚ୍ଛେଦ ସମ୍ଭବ ନ ହେବାରୁ ମୃତଦେହ ଶବଗୃହରେ ରଖାଯାଇଥିଲା। ବୁଧବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ସାଇଣ୍ଟିଫିକ୍ ଦଳ ସହିତ ଖୁଣ୍ଟି ଗ୍ରାମରେ ପହଞ୍ଚି ତନାଘନା କରିଥିଲା। ଏହାସହ ଅଭିଯୁକ୍ତ ସୁନୀଲଙ୍କୁ ଧରିବା ପାଇଁ ପୋଲିସ ରାତ୍ରିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପରିଶେଷରେ ନିକଟସ୍ଥ ଗ୍ରାମରେ ଆତ୍ମଗୋପନ କରିଥିବା ବେଳେ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ ସୁନୀଲ ବିଶି।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସକମା ଚାମ୍ପିୟନ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଲୋଇସିଂହା,୩୧।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଗୁର୍ଜିଭଟା ଖେଳପଡିଆରେ ଦ୍ୱିତୀୟ ମହାଦେବ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ସକମା ଓ ଗେର୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ଗେର୍ଡି ଟିମ୍‌କୁ ହରାଇ ସକମା ଟିମ୍ ଚାମ୍ପିୟନ ହୋଇଛି। ଗେର୍ଡି ଟିମ୍‌ର ରାମ କିଶୋର ଅଦାବରିଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସକମା ଟିମ୍‌ର ଲିପୁନ ବଗର୍ତ୍ତି ମ୍ୟାନ୍ ଅଫ୍ ଦ୍ ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବୁର୍ଡା ସରପଞ୍ଚ ସୁଦୀପ ସାହୁ ଓ ବାଦିବାହାଲ ସରପଞ୍ଚ ପ୍ରଶାନ୍ତ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଟିମ୍‌କୁ ପୁରସ୍କୃତ କରିବା ସହିତ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଗୁର୍ଜିଭଟା ଗ୍ରାମବାସୀଙ୍କ ସହଯୋଗରେ ଶିରିଶ ଚନ୍ଦ୍ର ହୋତା ଓ ବିକାଶ ହୋତା ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ବିଜୟ କୁମାର ହୋତା ଧନ୍ୟବାଦ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ସରଗାଡ଼, ସୁଜିଆ, ସକମା, ଆଗଲପୁର, ବଲାଙ୍ଗୀର, ଶାସ୍ତ୍ରୀନଗର, ଲୋଇସିଂହା, ଗେର୍ଡି ଟିମ୍ ଭାଗ ନେଇଥିଲେ।

# ସ୍ୱର୍ଣ୍ଣ ପଦକ ଜିତି ଗୌରବ ଆଣିଲେ ଆକାଶ

**ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ**

**ଭବାନୀପାଟଣା,୩୧।୧୨(ଉତ୍ତମ କୁମାର ଦାଶ)**

ଭୁବନେଶ୍ୱର ଓଲ୍ଡ଼ ଡିଏସ୍‌ୱାଇଏସ୍ ଇଣ୍ଡୋର ଷ୍ଟାଡିୟମରେ ଗତ ୩ ଦିନ ଧରି ଚାଲିଥିବା ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ କଳାହାଣ୍ଡିର ଯୁବ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଆକାଶ ମୁଣ୍ଡ ସ୍ୱର୍ଣ୍ଣ ପଦକ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାକୁ ଓଡିଶା କ୍ରୀଡା ଓ ଯୁବସେବା ବିଭାଗ (ଡିଏସ୍‌ୱାଇଏସ୍) ପକ୍ଷରୁ ଆୟୋଜନ କରାଯାଇଥିଲା। ଏହାକୁ ଓଡିଶା କ୍ରୀଡା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ସୋନାଲି ଚାନ୍ଦ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଅତିଥି ଭାବେ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା କୋଚ୍ ଅମରେନ୍ଦ୍ର ବେହେରା ଓ ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ପ୍ରଶିକ୍ଷକ ଶିବ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ସଫଳତା ପାଇଁ ଜିଲାର ବିଭିନ୍ନ ମହଲରୁ ଆକାଶଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।



# ସ୍ୱାଧୀନ ଚେତନା ଆମର ବୈଭବ



ବୁଧବାର ସମ୍ବଲପୁରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ବୀରତା ଦିବସରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

**ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂହଙ୍କ ବୀରତା ଦିବସ**

**ସମ୍ବଲପୁର,୩୧।୧୨(ବି.ଶଙ୍କର)**

ଓଡ଼ିଶା ସାଂସ୍କୃତିକ ସମାଜ ଓ ସମ୍ବଲପୁର ଜିଲା ପ୍ରଶାସନ ଆୟୋଜନରେ ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂହଙ୍କ ବୀରତା ଦିବସ ଏବଂ ସମ୍ବଲପୁରୀ ଭାଷାବିତ୍ ସତ୍ୟନାରାୟଣ ବହିଦାରଙ୍କ ଶ୍ରାଦ୍ଧ ଦିବସ ବୁଧବାର ରାତି ୮ଟାରେ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସଭାପତି ଡ. ପରେଶ ଦାନୀ ସଭାତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପକାର କିଶୋର ଚନ୍ଦ୍ର ସାହୁ ବକ୍ତାଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ମାଧୋ ସିଂହ ଓ ତାଙ୍କ ପରିବାରର ଅବଦାନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ସମ୍ବଲପୁରୀ ସାହିତ୍ୟର ମେରୁଖମ୍ବ ସତ୍ୟନାରାୟଣ ବହିଦାରଙ୍କ ବାଲ୍ୟକାଳ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସମ୍ବଲପୁରୀ ଭାଷାରେ ସାହିତ୍ୟ ସୃଷ୍ଟି କରି ଏକ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ। ତେଣୁ ସ୍ୱାଧୀନ ଚେତନା ଆମର ବୈଭବ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା ଯୋଗଦେଇ ଦେଶ ପାଇଁ ବଳିଦାନ ଦେଇଥିବା ସହୀଦ ଆଗାମୀ ବଂଶଧରମାନଙ୍କ ପ୍ରେରଣାର ଉତ୍ସ ହେଉ। ପ୍ରକୃତ ପକ୍ଷେ ସମ୍ବଲପୁର ହେଉଛି ବୀର ମାଟି। ତେଣୁ ଏହି ବୀର ମାଟି ସକାଶେ ଦେଶ ଗର୍ବିତ ବୋଲି କହିଥିଲେ। ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି କଳା ସଂସ୍କୃତି ଏବଂ ଦେଶପ୍ରେମ ଜାଗ୍ରତ କରିବା ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ବୋଲି ସୂଚିତ କରିଥିଲେ। ଏହି ଅବସରରେ ଆତଙ୍କବାଦୀଙ୍କ ଦ୍ୱାରା ସହୀଦ ହୋଇଥିବା ଶୌର୍ଯ୍ୟଚକ୍ର ସ୍ୱର୍ଗତ ଦୂର୍ଗା ଚରଣ ଓରାମଙ୍କ ବୀରତା ସମ୍ମାନରେ ତାଙ୍କ ପତ୍ନୀ ଦେଶ୍ୱନ୍ଦ୍ରୀ ଟପ୍ପୋଙ୍କୁ ସମ୍ମାନିତ କରାଯାଇଥିଲା। ସଭାପତିତ୍ୱ ଅଭିଭାଷଣରେ ଡ. ଦାନୀ ମାଧୋ ସିଂହ ଓ ସତ୍ୟନାରାୟଣ ବହିଦାରଙ୍କ ଦେଶ ତଥା ଭାଷା ପାଇଁ ଅବଦାନ ଚିରଦିନ ଏହି ଜାତି ମନେ ରଖିବ ବୋଲି ସୂଚିତ କରିଥିଲେ। ବକ୍ତୃତା ଏବଂ ସତ୍ୟନାରାୟଣ ବହିଦାର ରଚିତ ସମ୍ବଲପୁରୀ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ସୁଶ୍ରୀ ଶ୍ରଦ୍ଧା ମିଶ୍ର ଓ ଭାରତ ନୃତ୍ୟ ପରିବେଷଣ କରିଥିଲେ ବରେଣ୍ୟା ଗୌତମୀ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଖିଳ ରଞ୍ଜନ ପଟ୍ଟନାୟକ। ସକାଳ ୮ଟା ୩୦ରେ ସ୍ଥାନୀୟ ସହିଦ ସ୍ତମ୍ଭ, ମାଧୋ ସିଂହ ଫାଶି ପାଇଥିବା ଫାସ୍ କୁଦାରେ ଏବଂ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, କବିତା ପୁରୋହିତଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଏବଂ ସତ୍ୟନାରାୟଣ ବହିଦାର ରଚିତ ସଙ୍ଗୀତ ଗାନ ପ୍ରତିଯୋଗିତାର କୃତୀ ମୃଣ୍ମୟୀ ପ୍ରଧାନ, ଆର୍ଯ୍ୟାମେଷ ପାଣିଗ୍ରାହୀ ଆକାଂକ୍ଷା ପଣ୍ଡା, ନିରୂପମା ଭୋଇ, ପ୍ରଜ୍ଞାରୂପା ବହିଦାର, ରିୟା ଗୁପ୍ତା, ସାହିଲ ବେହେରା, ମନମୋହନ ବେହେରା, ବରେଣ୍ୟା ଗୌତମୀ, ସୌମ୍ୟ ରଞ୍ଜନ ସାହୁ , ସୁଶ୍ରୀ ଶ୍ରଦ୍ଧା ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

DSPL-450

ଜାତୀୟ ସଡ଼କ ସୁରକ୍ଷା ମାସ- ୨୦୨୬ ଅବସରରେ
ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ବାର୍ତ୍ତା

ଜାନୁୟାରୀ ମାସକୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ଭାବରେ ପାଳନ କରାଯାଉଅଛି । ଚଳିତ ବର୍ଷର ଆହ୍ୱାନ - "ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ" । ଦେଶରେ ତଥା ଆମ ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ଏକ ଚିନ୍ତାର ବିଷୟ ତଥା ଉଦବେଗଜନକ । ସଂପ୍ରତି ସ୍ଥିତିରେ ସୁଧାର ଆଣିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ସଂକଳ୍ପବଦ୍ଧ । ବିଭିନ୍ନ ପଦକ୍ଷେପ ସହ ଛଅଟି 'ଇ' Education, Enforcement, Engineering, Emergency Care, Empathy ଓ Environment ଆଧାରରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରିଛୁ । ଏଥିନିମନ୍ତେ ସାମୂହିକ ଭାଗିଦାରୀର ଆବଶ୍ୟକତା ରହିଛି ।

ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରେ ଅଧିକାଂଶ ଦୁଇଚକିଆ ବ୍ୟବହାରକାରୀ ରହୁଛନ୍ତି । ଏହି ଆହ୍ୱାନର ମୁକାବିଲା ପାଇଁ ଦୁଇ ଚକିଆ ଯାନରେ ଗଲେ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ଗଲେ ସିଟବେଲ୍ଟ ପିନ୍ଧିବା, ଦ୍ରୁତଗତି କିମ୍ବା ନିଶା ସେବନ କରି ଗାଡ଼ି ଚଲାଇବା ନାହିଁ, ଗାଡ଼ି ଚଲାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ନାହିଁ । ସେହିଭଳି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା କରିବାରେ ଆଦୌ ପଛାଇବା ନାହିଁ ।

ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଗୁଡ୍ ସମରିଟାନ୍ ଯୋଜନାରେ ସମ୍ମାନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ର ସରକାର ରାହା-ବୀର୍ ଯୋଜନାରେ ଜୀବନ ରକ୍ଷାର ଏହି ଅଭିଯାନକୁ ବ୍ୟାପକ କରିଛନ୍ତି । 'କ୍ୟାଶଲେସ୍ ଟ୍ରିଟମେଣ୍ଟ ଫର୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍' ବ୍ୟବସ୍ଥାରେ ସମସ୍ତ ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସଂପୂର୍ଣ୍ଣ ନିଃଶୁଳ୍କରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ପ୍ରଥମ ସାତ ଦିନରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାର ଯୋଜନା ହୋଇଛି ।

ସରକାରଙ୍କ ଲକ୍ଷ୍ୟ ହେଉଛି, ଅକାଳରେ ଝଡ଼ିଯାଉଥିବା ଜୀବନକୁ ରକ୍ଷା କରିବା । ଆପଣ ମଧ୍ୟ ଏହି ଅଭିଯାନରେ ସାମିଲ ହୁଅନ୍ତୁ । ସଡ଼କ ସୁରକ୍ଷା ନିୟମ ପାଳନ କରନ୍ତୁ ଓ ସଡ଼କ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ ।

ଶ୍ରୀ ବିଭୂତି ଭୂଷଣ ଜେନା
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି

OIPR-

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

## ଓଡ଼ିଆ ସିନେମା



'ପରୀ' ଫିଲ୍ମର ଏକ ଦୃଶ୍ୟରେ (ବାମରୁ) ଦିବ୍ୟାଂଶୀ, ଜ୍ୟୋତି, ଅନୁରାଧା

ବେଶ୍ କିଛି ଆଶା ନେଇ ପ୍ରସ୍ତୁତ ହୋଇଥିବା ସିନେମାଗୁଡିକ ଏବର୍ଷ ପରଦା ଉପରକୁ ଆସିବାକୁ ଯାଉଛି। ଚଳିତ ବର୍ଷ ମଧ୍ୟ ଓଲିଉଡ୍‌ର ଆଗଧାଡିର ଅଭିନେତା ଅନୁଭବ ମହାନ୍ତି, ସବ୍ୟସାଚୀ ମିଶ୍ର ଏବଂ ବାବୁସାନଙ୍କ ଅଭିନୀତ ଚିତ୍ର ମୁକ୍ତିଲାଭ କରିବାର ଯୋଜନା ରହିଛି। ତେବେ ଏବର୍ଷ ମୁକ୍ତିଲାଭ କରିବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ର ତାଲିକା ମଧ୍ୟ ବେଶ୍ ଲମ୍ବା। ଆଗଧାଡିର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ 'ମନ୍ତ୍ରମୁଗ୍ଧ' ଚଳିତବର୍ଷ ରିଲିଜ ହେବ। ଏହାର ମୁଖ୍ୟ ଭୂମିକାରେ ସନୋଜ କୁମାର, ଦ୍ୱିପନ୍ୱିତ ଦାସ ମହାପାତ୍ର, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ଗତବର୍ଷ 'ଅନନ୍ତା'ରେ ନିଜ ଅଭିନୟ ବଳରେ ପ୍ରଶଂସା ସାଉଁଟି ଥିବା ସବ୍ୟସାଚୀ ଏବେ 'ଲ୍ୟାଣ୍ଡଫଲ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଆଉ ଜଣେ ନବାଗତ ପ୍ରେମ୍ ପରିଜା ପ୍ରଥମ ଥର ପାଇଁ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଏହାର ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ସାହୁ। ସୁଶାନ୍ତ କୁମାର ମହାନ୍ତି ଏକ ସତ୍ୟ ଘଟଣାକୁ ଆଧାର କରି ପ୍ରସ୍ତୁତ କରୁଛନ୍ତି 'ଲାଇନ୍‌ବାଲା'। ଏହାର ଟାଇଟଲ ଭୂମିକାରେ ଅଛନ୍ତି ସମ୍ପିତ ଆଚାର୍ଯ୍ୟ। ଏହାବ୍ୟତୀତ ଦୀପକ-ରିୟା ଯୋଡିକୁ ନେଇ ପ୍ରସ୍ତୁତ, ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ଏବଂ ଏସ.ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ 'ଆସୀକ ଦିୱାନା' ଏବର୍ଷ ରିଲିଜ ହେବାର ଯୋଜନା ରହିଛି। ଏହି ତାଲିକାରେ ରହିଥିବା ଅନ୍ୟ ପ୍ରମୁଖ ଫିଲ୍ମଗୁଡିକ ହେଉଛି- 'ବିନ୍ଦୁସାଗର'(ଦ୍ୱିପନ୍ୱିତ ଦାସମହାପାତ୍ର,ପ୍ରକୃତି ମିଶ୍ର), 'ଲାଡୋ' (ଶୁଭମ ସାଗର, ଆର୍ଲିନ ଅଙ୍କିତା) 'ଚକ୍ରାନ୍ତ'(ଶୁଭାଶିଷ ଶର୍ମା,



'ମନ୍ତ୍ରମୁଗ୍ଧ' ଫିଲ୍ମରେ ଭୂମିକା-ସୂର୍ଯ୍ୟମୟୀ

ଚିତ୍ରଟି ଚଳିତବର୍ଷ ରିଲିଜ ହେବାର ଯୋଜନା ରହିଛି। ସବୁଠାରୁ ଖାସ୍ କଥା ହେଲା, ଅନୁଭବ ମହାନ୍ତିଙ୍କ ଅଭିନୀତ ଦୁଇଟି ସିନେମା-'ଛକି ଶୂନ' ଏବଂ 'ରାବଣ' ଚଳିତ ବର୍ଷ ରିଲିଜ ହେବାର ଯୋଜନା ରହିଛି। ଅନ୍ୟପକ୍ଷରେ ବାବୁସାନ୍ ମଧ୍ୟ ଚଳିତବର୍ଷ ଏକ ନୂଆ ସିନେମା ପ୍ରସ୍ତୁତିରେ ବ୍ୟସ୍ତରେ ଅଛନ୍ତି। ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ଏବଂ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ମଙ୍ଗଳପୁର ଡାଏରୀ'ରେ ଅମ୍ଳାନ କୁମାର ଏବଂ ତୃପ୍ତି ମିରାମ୍ବିକାଙ୍କୁ ଦେଖିବାକୁ ମିଳିବ। ଯୁବ ପ୍ରଯୋଜକ ପ୍ରୀତମ ସାହୁ ତାଙ୍କର ନୂଆ ସିନେମା 'ରାମ ରାଜ୍ୟ'କୁ ନେଇ ଆଶାବାଦୀ ଅଛନ୍ତି। ଏଥିରେ ଭୂମିକା ଦାଶ), 'ଜଙ୍ଗଲ ଜଳୁଛେ' (ସରୋଜ ଭୂୟାଁ, ଶ୍ରଦ୍ଧାଞ୍ଜଳି ମିଶ୍ର), 'ସ୍ୱାଗ ରାଜା' (ସ୍ୱରାଜ ବାରିକ), 'ମିଡ୍ ନାଇଟ୍' (ମନୁ ଦ୍ୱିବେଦୀ), 'ମୁରବୀ'(ଚୌଧୁରୀ ଜୟପ୍ରକାଶ ଦାସ, କୁନା ତ୍ରିପାଠୀ), 'ସପନର ଆର ପାରି ଗାଁ' (ବିଶ୍ୱରୂପ ମିଶ୍ର), 'ପରୀ' (ଜ୍ୟୋତି ନାୟକ,ଡା.ଅନୁରାଧା ପାଣିଗ୍ରାହୀ), 'ଆଫା' (ପ୍ରୀତିରାଜ ଶତପଥୀ, ନୈନା ଦାସ), 'ମୁନ୍ନାଭାଇ ବିବିଏସଆର' (ଦେବରାଜ, ଆର୍ଲିନ ଅଙ୍କିତା), 'ସ୍କୁଲ ଡାଏରୀ' (ପ୍ରେମ୍, ଅକ୍‌ସିତା), 'ବିଧାୟକ', (ପ୍ରଦୀପ), 'ଜୟ ହିନ୍ଦ'(ଆକାଶ ଦାସନାୟକ) ଏବଂ 'ବିର୍ସା ମୁଣ୍ଡା' (ଭ୍ରମିତ)।

ଚଳିତବର୍ଷ କେତୋଟି ସିନେମାକୁ ନେଇ ଏବେ ଠାରୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଅନୁରାଗ ସିଂଙ୍କ ନିର୍ଦ୍ଦେଶିତ 'ବର୍ଡର ୨'ରେ ସନି ଦେଓଲଙ୍କ ଆକ୍ସନ ଧମାକା ଦେଖିବାକୁ ମିଳିବ। ରାଣୀ ମୁଖାର୍ଜୀ ଅଭିନୟ କରୁଥିବା 'ମର୍ଦ୍ଦାନୀ ୩' ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଏ। ୨୦୨୫ରେ ହିଟ୍ ସାବ୍ୟସ୍ତ ହୋଇଥିବା 'ଧୂରନ୍ଧର'ର ସିକୁଏଲ 'ଧୂରନ୍ଧର ୨' ଏବର୍ଷ ରିଲିଜ ହେବ। ସବୁଠାରୁ ଚର୍ଚ୍ଚାରେ ରହିଛି ନୀତେଶ ତିୱାରୀଙ୍କ ନିର୍ଦ୍ଦେଶିତ 'ରାମାୟଣ ପାର୍ଟ ୧'। ଏହାବ୍ୟତୀତ ସଲମାନ ଖାନ୍‌ଙ୍କ 'ବ୍ୟାଟେଲ ଅଫ ଗଲୱାନ୍', 'ପତି ପତ୍ନୀ ଔର ୱ ଦୋ', 'ଆୱାରାପନ୍', 'ରାଜା ଶିବାଜୀ', 'ଏ ଜୱାନୀ ତୋ ଇସ୍କ ହୋନା ହେ' ଏବଂ 'ଦୃଶ୍ୟମ ୩' ବଡ ପରଦାରେ ଭଲ ଇନକମ୍ କରିବାକୁ ପ୍ରଯୋଜନା ସଂସ୍ଥା ଆଶା ବାନ୍ଧି ବସିଛନ୍ତି...



'ଭୂତ ବଙ୍ଗଲା' ଫିଲ୍ମରେ ଅକ୍ଷୟ କୁମାର



ଚଳିତ ବର୍ଷ ପରଦା ଉପରକୁ ଆସିବାକୁ ଥିବା ବଲିଉଡ୍, ଓଲିଉଡ୍ ଏବଂ ହଲିଉଡ୍ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା...

# ଏ ବର୍ଷ ପରଦାରେ

## ହଲିଉଡ୍

ଚଳିତ ବର୍ଷ ରିଲିଜ ହେଉଥିବା ପ୍ରମୁଖ ହଲିଉଡ୍ ଚଳଚ୍ଚିତ୍ର ମଧ୍ୟରେ ରହିଛି-'ଉଇ ବ୍ୟୁରି ଦ ଡେଡ୍ (ଡେଇସି ରିଡଲି, ମାର୍କ କୁଲେସ ସ୍ମିଥ), ଦ ଡଗ୍‌ମ୍ୟାନ୍ (ଆଣ୍ଡ୍ରେ ହଲାଣ୍ଡ,କେଟେ ମାରା), 'ଗ୍ରୀନ୍‌ଲାଣ୍ଡ ୨ : ମାଇଗ୍ରେସନ' (ଗିରାର୍ଡ ବଟଲର,ମୋରେନା ବାକ୍କାରିନ୍), 'ଡେଡ୍ ମ୍ୟାନ୍‌ସ ଓୟାର' (ସ୍କାର୍ସଗାର୍ଡ, ଡାସ୍ରି ମୋଣ୍ଟଗୋମେରି), 'ଆଇ ୱାକ୍ ଏ ଷ୍ଟ୍ରେଞ୍ଜର' (ୟସମିନ୍ ଏଏଲ ମାସ୍ରି, ଓମାର ସି), 'ୱାର୍ଲ୍ଡ ବ୍ରେକର'(ଲ୍ୟୁକ୍ ଇଭାନ୍ସ, ମିଲା ଜୋଭୋଭିଚ୍), ସିଲ୍‌ଭର ଷ୍ଟାର (ଜୋନାଥାନ ଡେଭିସ୍, ଟାମାରା ଫ୍ଲଟ୍ସ), 'ଡ୍ରିମ୍‌ସ'(ଜେସିକା ଚାଷ୍ଟାଇନ, ଆଇଜାକ୍ ହେରନାନ୍‌ଜେଡ୍), 'ଦେ ଉଇଲ କିଲ୍ ୟୁ' (ଜାଜି ବିଟେଜ୍, ହିଥର ଗ୍ରାହାମ), 'ଦ ଡ୍ରାମା' (ରବର୍ଟ ପ୍ୟାଟିନସନ, ମାମୁଡୁ ଆଥି), 'ଦ ମମି' (ଜ୍ୟାକ୍ ରେନର, ଲାଇଲା କୋଷ୍ଟା), 'ଆନିମଲ ଫାର୍ମ'(ସେଥ୍ ରୋଗେନ୍, ଗାଟିନ୍ ମାଟାରାଜୋ), 'ଇଜ୍ ଗଡ୍ ଇଜ୍' (କାରା ୟଙ୍ଗ, ମାଲୋରି ଜନସନ), 'ମିନିୟଅନ୍‌ସ ୩' (ପିରି କୋଫିନ୍), 'ଦ ଡଗ୍ ଷ୍ଟାରସ'(ଜ୍ୟାକବ ଇଲୋରଡି, ମାର୍ଗାନେଟ୍ କ୍ୱାଲେ), 'ଫରଗଟନ୍ ଆଇଲ୍ୟାଣ୍ଡ'(ଲିଜା ସୋଭେରାନୋ, ଡେଭ୍ ଫ୍ରାଙ୍କୋ), 'ଡିଗର' (ଟମ୍ କ୍ରୁଜ୍, ଜେସି ପ୍ଲିମୋନୋସ୍) ଏବଂ 'ଭାୟୋଲେଣ୍ଟ ନାଇଟ୍ ୨' (ଡେଭିଡ୍ ହାରବର, କ୍ରିଷ୍ଟେନ୍ ବେଲ୍)।



'ୱାର୍ଲ୍ଡ ବ୍ରେକର' ଫିଲ୍ମର ଏକ ଦୃଶ୍ୟ



'ଡଗ୍‌ମ୍ୟାନ୍' ଫିଲ୍ମର ଏକ ଦୃଶ୍ୟ

## ବଲିଉଡ୍

**ଜାନୁଆରୀ ୧**
**ଇକ୍କିସ**
ନିର୍ଦ୍ଦେଶନା : ଶ୍ରୀରାମ ରାଘବନ
-ଧର୍ମେନ୍ଦ୍ର, ଅଗସ୍ତ୍ୟା ନନ୍ଦା, ଜୟଦୀପ ଆହାଲାୱାଟ୍
**ରାହୁ କେତୁ**
ନିର୍ଦ୍ଦେଶନା : ଭିପୁଲ ଭିଗ୍
-ପୁଲକିତ ସମ୍ରାଟ, ବରୁଣ ଶର୍ମା, ଶାଲିନୀ ପାଣ୍ଡେ
**ହ୍ୟୁମାନ୍ କୋକେନ୍**
ନିର୍ଦ୍ଦେଶନା : ସରିମ ମୋମିନ୍
-ପୁଷ୍କର ଜୋଗ୍, ଈପସିତା ରାଜ
**ହାପି ପଟେଲ : ଖତରନାକ୍ ଜାସୁସ୍**
ନିର୍ଦ୍ଦେଶନା-ବୀର ଦାସ କବି ଶାସ୍ତ୍ରୀ
-ବୀର ଦାସ, ମୋନା ସିଂ
**ଜାନୁଆରୀ ୧୬**
**ମାୟାସଭା**
ନିର୍ଦ୍ଦେଶନା : ରାହି ଅନୀଲ ବାର୍ଭେ
-ଜାଭେଦ ଜାଫ୍ରି, ମହମ୍ମଦ ସମଦ
**ୱାନ୍ ଟୁ ଚା ଚା ଚା**
ନିର୍ଦ୍ଦେଶନା : ଅଭିଷେକ ରାଜ-ରଜନୀଶ ଠାକୁର
-ଲଳିତ ପ୍ରଭାକର, ଆଶୁତୋଷ ରାଣା, ନ୍ୟାରା ବାନାର୍ଜୀ



'ଚାନ୍ଦ ମେରା ଦିଲ୍' ଫିଲ୍ମରେ ଲକ୍ଷ୍ୟ-ଅନନ୍ୟା

**ଜାନୁଆରୀ ୨୩**
**ବର୍ଡର ୨**
ନିର୍ଦ୍ଦେଶନା : ଅନୁରାଗ ସିଂ
-ସନି ଦେଓଲ, ସୋନମ ବାଜୱା
**ଫେବୃଆରୀ ୬**
**ବଧ୍ ୨**
ନିର୍ଦ୍ଦେଶନା : ଜସପାଲ୍ ସିଂ ସାନ୍ଧୁ
-ସଞ୍ଜୟ ମିଶ୍ର, ନିନା ଗୁପ୍ତା
**ଭାବିଜୀ ଘର ପର୍ ହେଁ : ଫନ୍ ଅଫ ଦ ରନ୍**
ନିର୍ଦ୍ଦେଶନା :ଶଶାଙ୍କ ବାଲି
-ଆସିଫ ଶେଖ, ଶୁଭାଙ୍ଗୀ ଆତ୍ରେ
**ହଣ୍ଟେଡ ଥ୍ରୀଡି : ଗୋଷ୍ଟସ ଅଫ୍ ଦ ପାଷ୍ଟ**
ନିର୍ଦ୍ଦେଶନା : ବିକ୍ରମ ଭଟ୍ଟ
-ମହାଅକ୍ଷୟ ଚକ୍ରବର୍ତ୍ତୀ,ଚେତନା ପାଣ୍ଡେ
**ତୁ ୟା ମେଁ**
ନିର୍ଦ୍ଦେଶନା : ବିଜୟ ନାମ୍ବିଆର
-ଆଦର୍ଶ ଗୌରବ, ସନୟା କପୁର
**ଫେବୃଆରୀ ୧୩**
**ଓ ରୋମିଓ**
ନିର୍ଦ୍ଦେଶନା : ବିଶାଲ ଭରଦ୍ୱାଜ
-ଶାହୀଦ କପୁର, ତ୍ରିପ୍ତି ଡିମରି, ନାନା ପାଟେକର
**ଫେବୃଆରୀ ୨୦**
**ଦୋ ଦିୱାନେ ସହର ମେଁ**
ନିର୍ଦ୍ଦେଶନା : ରବି ଉଦୱାର
-ସିଦ୍ଧାର୍ଥ ଚତୁର୍ବେଦୀ, ମୃଣାଳ ଠାକୁର
**ଫେବୃଆରୀ ୨୭**
**ମର୍ଦ୍ଦାନୀ ୩**
ନିର୍ଦ୍ଦେଶନା :ଅଭିରାଜ ମିନାୱାଲା
-ରାଣୀ ମୁଖାର୍ଜୀ, ଜାନକୀ ବୋଧିୱାଲା
**ମାର୍ଚ୍ଚ ୪**
**ପତି ପତ୍ନୀ ଔର ୱ ଦୋ**
ନିର୍ଦ୍ଦେଶନା : ମୁଦାସର ଅଜିଜ
-ଆୟୁଷ୍ମାନ ଖୁରାନା, ସାରା ଅଲ୍ଲୀ ଖାଁ
**ମାର୍ଚ୍ଚ ୧୩**
**ଗବ୍ରୁ**
ନିର୍ଦ୍ଦେଶନା : ଶଶାଙ୍କ ଉଦପୁରକର
-ସନି ଦେଓଲ, ସୀମରନ୍ ବାଗ୍
**ମାର୍ଚ୍ଚ ୧୯**
**ଡକାଏତ : ଏ ଲଭ୍ ଷ୍ଟୋରି**
ନିର୍ଦ୍ଦେଶନା : ସାନିଏଲ୍ ଦେଓ
-ଆଦିଭି ଶେଷ, ମୃଣାଳ ଠାକୁର
**ମାର୍ଚ୍ଚ ୧୯**
**ଧୂରନ୍ଧର ୨**
ନିର୍ଦ୍ଦେଶନା : ଆଦିତ୍ୟ ଧର୍
ଅଭିନୟରେ : ରଣବୀର ସିଂ, ସଞ୍ଜୟ ଦତ୍ତ, ସାରା ଅର୍ଜୁନ
**ଏପ୍ରିଲ ୨**
**ଭୂତ ବଙ୍ଗଲା**
ନିର୍ଦ୍ଦେଶନା : ପ୍ରିୟଦର୍ଶନ
-ଅକ୍ଷୟ କୁମାର, ତବୁ, ପରେଶ ରାୱଲ
**ଏପ୍ରିଲ ୩**
**ଆୱାରାପନ୍ ୨**
ନିର୍ଦ୍ଦେଶନା : ନୀତିନ କକ୍କର
-ଇମ୍ରାନ ହାସମୀ, ଦିଶା ପଟାନି
**ଏପ୍ରିଲ ୧୦**
**ଚାନ୍ଦ ମେରା ଦିଲ୍**
ନିର୍ଦ୍ଦେଶନା : ବିବେକ ସୋନି
-ଲକ୍ଷ୍ୟ ଲାଲୱାନି, ଅନନ୍ୟା ପାଣ୍ଡେ
**ଏପ୍ରିଲ ୧୪**
**(ଟାଇଟଲ ଦିଆଯାଇ ନାହିଁ)**
ନିର୍ଦ୍ଦେଶନା : ଇମତିୟାଜ୍ ଅଲ୍ଲୀ
-ଦିଲଜିତ ଦୋସାନ୍‌ସ, ଶର୍ବାରୀ, ନାସିରୁଦ୍ଦିନ ଶାହା
**ଏପ୍ରିଲ ୧୭**
**ବ୍ୟାଟେଲ ଅଫ୍ ଗଲୱାନ**
ନିର୍ଦ୍ଦେଶନା : ଅପୂର୍ବ ଲଖିଆ
-ସଲମାନ ଖାନ୍, ଚିତ୍ରାଙ୍ଗଦା ସିଂ
**ମେ ୧**
**ରାଜା ଶିବାଜୀ**
ନିର୍ଦ୍ଦେଶନା : ରିତେଶ ଦେଶମୁଖ
-ରିତେଶ ଦେଶମୁଖ, ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ବିଦ୍ୟା ବଲାନ, ଜେନେଲିଆ ଡିସୌଜା
**ମେ ୧୫**
**ଭାନ୍ : ଫୋର୍ସ ଅଫ୍ ଦ ଫରେଷ୍ଟ**
ନିର୍ଦ୍ଦେଶନା : ଅରୁନବ କୁମାର-ଦୀପକ କୁମାର
-ସିଦ୍ଧାର୍ଥ ମାଲହୋତ୍ରା, ତମନ୍ନା ଭାଟିଆ
**ଜୁନ୍ ୫**
**ହେ ଜୱାନୀ ତୋ ଇସ୍କ ହୋନା ହେ**
ନିର୍ଦ୍ଦେଶନା : ଡେଭିଡ ଧାୱନ
-ବରୁଣ ଧାୱନ, ପୂଜା ହେଗଡେ, ମୃଣାଳ ଠାକୁର, ମୌନି ରୟ
**ଜୁଲାଇ ୩୧**
**ସାଇଡ୍ ହୀରୋଜ**
ନିର୍ଦ୍ଦେଶନା : ସଞ୍ଜୟ ତ୍ରିପାଠୀ
-ଅଭିଷେକ ବାନାର୍ଜୀ, ଅପାରଶକ୍ତି ଖୁରାନା
**ଅଗଷ୍ଟ ୧୪**
**ନାଗଜିଲ୍ଲା**
ନିର୍ଦ୍ଦେଶନା : ମ୍ରିଗଦୀପ ସିଂ ଲାମ୍ବା
-କାର୍ତ୍ତିକ ଆର୍ଯ୍ୟନ
**(ସେପ୍ଟେମ୍ବରରେ କୌଣସି ସିନେମା ରିଲିଜ ହେବାର ସୂଚନା ନାହିଁ)**
**ଅକ୍ଟୋବର ୨**
**ଦୃଶ୍ୟମ ୩**
ନିର୍ଦ୍ଦେଶନା : ଅଭିଷେକ ପାଠକ
-ଅଜୟ ଦେବଗନ, ତବୁ, ଅକ୍ଷୟ ଖାନ୍ନା, ଶ୍ରେୟା ସରନ୍
**ନଭେମ୍ବର ୬**
**ରାମାୟଣ ପାର୍ଟ ୧**
ନିର୍ଦ୍ଦେଶନା : ନିତେଶ ତିୱାରୀ
-ରଣବୀର କପୁର, ୟଶ, ସାଇ ପଲ୍ଲବୀ, ସନି ଦେଓଲ
**ଡିସେମ୍ବର ୨୪**
**ଶକ୍ତିଶାଳିନୀ**
ନିର୍ଦ୍ଦେଶନା : ଅଜିତପାଲ୍ ସିଂ
-ଅନୀତ ପାଡ୍ଡା
**(ସୂତ୍ର : ୱିକିପିଡିଆ)**



'ବର୍ଡର ୨' ଫିଲ୍ମରେ ସନି

# ଓଡ଼ିଶା କ୍ରିକେଟ ଦଳର ନୂଆବର୍ଷ ଭେଟି

**ଭୁବନେଶ୍ୱର, ୩୧।୧୨(ତପନ ସ୍ୱାଇଁ)**



ବିପ୍ଳବ ସାମନ୍ତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଙ୍ଗାଲୁରୁର ଅଲୁରସ୍ଥିତ କେଏସ୍‌ସିଏ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ମ୍ୟାଚ୍‌ରେ ତାରକାଖଚିତ ଦିଲ୍ଲୀକୁ ୭୯ ରନ୍‌ରେ ହରାଇ ପ୍ରଶଂସକଙ୍କୁ ନୂଆବର୍ଷ ଭେଟି ଦେଇଛି ଓଡ଼ିଶା କ୍ରିକେଟ ଦଳ। ଟପ୍‌ରୁ ଆରମ୍ଭକରି ଲୋୟର ଅର୍ଡର ଯାଏ ସମସ୍ତ ଖେଳାଳିଙ୍କ ଉପଯୋଗୀ ଅବଦାନକୁ ପାଥେୟକରି ଓଡ଼ିଶା ୫୦ ଓଭରରେ ୮ ଉଇକେଟ

**ବିଜୟ ହଜାରେ ଟ୍ରଫି**

**ଦିଲ୍ଲୀକୁ ୭୯ ରନ୍‌ରେ ହରାଇ ଶୀର୍ଷକୁ ଉନ୍ନୀତ**

ହରାଇ ୨୭୨ ରନ୍‌ର ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ଜବାବରେ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ ଓଡ଼ିଶା ବୋଲରଙ୍କୁ ମୁକାବିଲା କରି ନ ପାରି ୪୨.୩ ଓଭରରେ ୧୯୩ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଚଳିତ ସିଜନରେ ଏହା ଥିଲା ଓଡ଼ିଶାର ସବୁଠାରୁ ବଡ଼ ବିଜୟ। ମ୍ୟାଚ୍‌ରେ ଏକମାତ୍ର ଅର୍ଦ୍ଧଶତକ ହାସଲକାରୀ ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ(୭୨ ରନ୍) ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ସୌରାଷ୍ଟ୍ରଠାରୁ ହାରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ୩ ମ୍ୟାଚ୍‌ରେ ସର୍ଭିସେସ୍(୪ ଉଇକେଟ), ଆନ୍ଧ୍ରପ୍ରଦେଶ(୬ ଉଇକେଟ) ଓ ଦିଲ୍ଲୀ (୭୯ ରନ୍)କୁ ହରାଇ ବିଜୟରେ ହାଟ୍ରିକ କରିଛି। ୪ ମ୍ୟାଚ୍‌ରୁ ୩ ବିଜୟ ସହ ଦଳ ୧୨ ପଏଣ୍ଟ ପାଇ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଡି'ର ଶୀର୍ଷସ୍ଥାନକୁ ମଧ୍ୟ ଉନ୍ନୀତ ହୋଇଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଜାନୁଆରୀ ୩ରେ ହରିୟାଣା ବିପକ୍ଷରେ ଖେଳିବ।

## ଲୋୟର ଅର୍ଡର ପର୍ଯ୍ୟନ୍ତ ଲଢୁଆ ପ୍ରଦର୍ଶନ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଓପନିଂ ଯୋଡ଼ିରେ ୫୮ ରନ୍ ଯୋଗକରି ଦୃଢ଼ ଭିତ୍ତି ପକାଇଥିଲା। ସବୁଠାରୁ ବଡ଼କଥା ହେଲା ଲୋୟର ଅର୍ଡର ପର୍ଯ୍ୟନ୍ତ ବ୍ୟାଟରମାନେ ଲଢୁଆ ପ୍ରଦର୍ଶନ କରିଥିଲେ। ଫଳରେ ଦିଲ୍ଲୀର ଅଭିଜ୍ଞ ବୋଲରଙ୍କ ଉପସ୍ଥିତି ସତ୍ତ୍ୱେ ଓଡ଼ିଶା ଏକ ସମ୍ମାନ୍‌ଜନକ ସ୍କୋର ଛିଡ଼ା କରିବାରେ ସକ୍ଷମ ହୋଇଥିଲା। ଅଧିନାୟକ ବିପ୍ଳବ ୭୪ ବଲ୍‌ରୁ ୭୨(୩ ଚୌକା, ୪ ଛକା) ରନ୍‌କରି ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମ୍ ଟି. ମୁଣ୍ଡେ ୨୬, ସ୍ୱସ୍ତିକ୍ ସାମଲ ୨୮, ଗୋବିନ୍ଦ ପୋଦ୍ଦାର ୩୫, ସମ୍ବିତ୍ ବରାଳ ୧୭, ରାଜେଶ ମହାନ୍ତି ୧୭* ଓ ୧୦ ନମ୍ବର ବ୍ୟାଟର ଦେବବ୍ରତ ପ୍ରଧାନ ମାତ୍ର ୯ ବଲ୍‌ରୁ ୨୧*(୧ ଚୌକା, ୨ ଛକା) ରନ୍‌ର ଅବଦାନ ରଖିଥିଲେ। ରାଜେଶ ଓ ଦେବବ୍ରତ ଅସମାପ୍ତ ୯ମ ଉଇକେଟରେ ମାତ୍ର ୧୬ ବଲ୍‌ରୁ ୪୩ ରନ୍ ଯୋଗକରି ମୋମେଣ୍ଟମ ବଜାୟ ରଖିଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ହ୍ରିତିକ୍ ଶୋକେନ ୪ଟି, ପ୍ରିନ୍ସ ଯାଦବ ୨ଟି ଓ ନୀତୀଶ ରାଣା ଗୋଟିଏ ଉଇକେଟ ନେଇଥିଲେ। ଦିଶା ହରାଇଥିବା ଦିଲ୍ଲୀ ବୋଲରମାନେ ଅତିରିକ୍ତ ୨୨ ରନ୍ ବ୍ୟୟ କରିଥିଲେ।

## ଓଡ଼ିଶା ବୋଲର ପ୍ରଭାବୀ

୨୭୩ ରନ୍ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ଦିଲ୍ଲୀ କେବେହେଲେ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇପାରି ନ ଥିଲା। ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂକରି ଦିଲ୍ଲୀ ବ୍ୟାଟିଂ ଉପରେ ଅଙ୍କୁଶ ଲଗାଇଥିଲେ। ମାତ୍ର ୬ ରନ୍‌ରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦିଲ୍ଲୀ ୭୫ ରନ୍ ମଧ୍ୟରେ ୬ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତାରକା ଖେଳାଳିଙ୍କ ମଧ୍ୟରେ ଅଧିନାୟକ ରିଷଭ ପନ୍ତ ୨୪, ନୀତୀଶ ରାଣା ୨ ଏବଂ ସମ୍ପ୍ରତି ଚର୍ଚ୍ଚାରେ ରହିଥିବା ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡିଲ ଅର୍ଡରରେ ହର୍ଷ ତ୍ୟାଗି ସର୍ବାଧିକ ୪୩ ଓ ଅଲ୍‌ରାଉଣ୍ଡର ହ୍ରିତିକ ଶୋକେନ ୩୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଓଡ଼ିଶାର ସବୁ ବୋଲର ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଦେବବ୍ରତ ପ୍ରଧାନ ଓ ସମ୍ବିତ୍ ବରାଳ ୩ଟି ଲେଖାଏ, ରାଜେଶ ମହାନ୍ତି ୨ଟି ଏବଂ ବାଦଲ ବିଶ୍ୱାଳ ଗୋଟିଏ ଉଇକେଟ ନେଇଥିଲେ। ଆୟୁଷ ଦୋଷେଜା ୨୮ ରନ୍‌କରି ମୁଣ୍ଡେଙ୍କ ଡାଇରେକ୍ଟ ଥ୍ରୋର ଶିକାର ହୋଇ ରନ୍‌ଆଉଟ ହୋଇଥିଲେ। ଫଳରେ ଆହୁରି ୪୫ ବଲ୍ ବାକିଥାଇ ଦିଲ୍ଲୀ ଇନିଂସ ଶେଷ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୫୦ ଓଭରରେ ୨୭୨/୮ (ବିପ୍ଳବ ସାମନ୍ତରାୟ-୭୨, ଗୋବିନ୍ଦ ପୋଦ୍ଦାର-୩୫, ସ୍ୱସ୍ତିକ ସାମଲ-୨୮, ଓମ୍ ଟି. ମୁଣ୍ଡେ-୨୬, ହ୍ରିତିକ୍ ଶୋକେନ-୪/୨୭, ପ୍ରିନ୍ସ ଯାଦବ-୨/୫୭, ନୀତୀଶ ରାଣା-୧/୪୮)। ଦିଲ୍ଲୀ ୪୨.୩ ଓଭରରେ ୧୯୩/ଅଲ୍‌ଆଉଟ (ହର୍ଷ ତ୍ୟାଗି-୪୩, ହ୍ରିତିକ୍ ଶୋକେନ-୩୨, ଦେବବ୍ରତ ପ୍ରଧାନ-୩/୨୮, ସମ୍ବିତ୍ ବରାଳ-୩/୩୪, ରାଜେଶ ମହାନ୍ତି-୨/୪୨, ବାଦଲ ବିଶ୍ୱାଳ-୧/୧୮)।

# ଫିଫା ବିଶ୍ୱକପ ବର୍ଷକୁ ସ୍ୱାଗତ




ବିଦାୟ ନେଇଛି ୨୦୨୫ କ୍ରୀଡ଼ା ବର୍ଷ। ଏହି ବର୍ଷ ଅନେକ ବଡ଼ ପ୍ରିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ଏକାଧିକ ବିଶ୍ୱକପରେ ବିଜେତା ହୋଇଥିଲେ ଭାରତୀୟ ମହିଳା ଓ ପୁରୁଷ। ଦିନିକିଆ ମହିଳା କ୍ରିକେଟ ବିଶ୍ୱକପରୁ ଆରମ୍ଭ କରି ଦୃଷ୍ଟିବାଧିତ ଟି୨୦ ମହିଳା ବିଶ୍ୱକପ, ମହିଳା କବାଡ଼ି ବିଶ୍ୱକପ, ମହିଳା ଓ ପୁରୁଷ ଖୋ ଖୋ ବିଶ୍ୱକପ, ପୁରୁଷ ଚାମ୍ପିୟନ୍ସ ଟ୍ରଫି କ୍ରିକେଟରୁ ଏହି ଧାରା ମହିଳା ଫିଡେ ବିଶ୍ୱକପରେ ଦିବ୍ୟା ଦେଶମୁଖ ଚାମ୍ପିୟନ ହେବା ପର୍ଯ୍ୟନ୍ତ ଲମ୍ବିଥିଲା। ୨୦୨୬ ହେବାକୁ ଯାଉଛି ମେଗା ଇଭେଣ୍ଟର ବର୍ଷ। ଏହି ବର୍ଷ ସବୁଠାରୁ ଲୋକପ୍ରିୟ ଫିଫା ବିଶ୍ୱକପ ଅନୁଷ୍ଠିତ ହେବ। ଜୁନ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଏହା ପ୍ରଥମଥରପାଇଁ ୩ ଦେଶ ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଅନୁଷ୍ଠିତ ହେବ। ସେହିପରି ଫେବୃଆରୀ ୬ରୁ ୨୨ ପର୍ଯ୍ୟନ୍ତ ଇଟାଲୀର ମିଲାନୋ ଓ କର୍ଟିନାରେ ୱିଣ୍ଟର ଅଲିମ୍ପିକ୍ସ, ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ପୁରୁଷ ଟି୨୦ ବିଶ୍ୱକପ୍, ଜୁନ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡରେ ମହିଳା ଟି୨୦ ବିଶ୍ୱକପ୍, ୨୩ ଜୁଲାଇରୁ ୨ ଅଗଷ୍ଟ ପର୍ଯ୍ୟନ୍ତ ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ପ୍ରତିବର୍ଷ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳ ଆୟୋଜନର ଛାପ ଛାଡୁଥିବା ଓଡ଼ିଶା ମଧ୍ୟ ଏହି ବର୍ଷ ଏକାଧିକ ବଡ଼ ପ୍ରତିଯୋଗିତା ଆୟୋଜନ କରିବ। କଳିଙ୍ଗ ଷ୍ଟାଡିୟମରେ ସର୍ବପ୍ରଥମ ନ୍ୟାଶନାଲ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ମାର୍ଚ୍ଚ ୨୪ ଓ ୨୫ରେ ଆୟୋଜନ ହେବ। ସେହିପରି ଜୁଲାଇ ୮ରୁ ୧୨ ପର୍ଯ୍ୟନ୍ତ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍, ଅଗଷ୍ଟ ୨୨ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଇଣ୍ଡିଆନ ଓପନ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏହା ବ୍ୟତୀତ ହକି ଇଣ୍ଡିଆ ଲିଗ୍, ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ରୋମାଞ୍ଚ ମଧ୍ୟ ଏଠାରେ ଦେଖିବାକୁ ମିଳିବ।

# ଫିଫା ରେଫରି ତାଲିକାରେ ଆଉ ୩ ଭାରତୀୟ

**ନୂଆଦିଲ୍ଲୀ,୩୧।୧୨(ପି.ଟି.)**

ଜଣେ ମହିଳାଙ୍କ ସମେତ ୩ ଭାରତୀୟଙ୍କୁ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ପକ୍ଷରୁ ଫିଫା ରେଫରି ତାଲିକାରେ ସାମିଲ କରାଯାଇଛି। ଏ ନେଇ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାର କୁହାଯାଇଛି। ଗୁଜରାଟର ରଚନା କମାନିଙ୍କୁ ୨୦୨୬ ସିଜନ ପାଇଁ ଫିଫା ମହିଳା ରେଫରିଙ୍କ ମଧ୍ୟରେ ସାମିଲ କରାଯାଇଛି। ପୁଡୁଚେରୀର ଅଶ୍ୱିନ କୁମାର ଓ ଦିଲ୍ଲୀର ଆଦିତ୍ୟ ପୁରକାୟସ୍ଥ ପୁରୁଷ ରେଫରି ତାଲିକାରେ ସାମିଲ ହୋଇଛନ୍ତି। କୁମାର ଓ ଆଦିତ୍ୟ ମାଲେସିଆର କୁଆଲାଲମ୍ପୁରସ୍ଥିତ ଏଏଫ୍‌ସି ରେଫରି ଏକାଡେମୀ କୋର୍ସ ଶେଷ କରିଥିବା ବେଳେ ରଚନା ବର୍ତ୍ତମାନ କୋର୍ସ କରୁଛନ୍ତି। ଏମାନଙ୍କ ବ୍ୟତୀତ ମୁରଲିଧରନ ପଣ୍ଡୁରାଙ୍ଗାନ ଓ ପିଟର କ୍ରିଷ୍ଟଫରଙ୍କୁ ଫିଫା ଆସିଷ୍ଟାଣ୍ଟ ରେଫରିଙ୍କ ମଧ୍ୟରେ ସାମିଲ କରାଯାଇଛି ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ କୁହାଯାଇଛି।




# ୭ ବର୍ଷ ପରେ ଓଡ଼ିଶାର ଦିଲ୍ଲୀ ବିଜୟ

**ଭୁବନେଶ୍ୱର, ୩୧।୧୨(ତପନ ସ୍ୱାଇଁ)**


ଦେବବ୍ରତ ପ୍ରଧାନ


ସମ୍ବିତ ବରାଳ

ବେଙ୍ଗାଲୁରୁର ଅଲୁରଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫିର ଏଲିଟ ଗ୍ରୁପ୍ 'ଡି' ମ୍ୟାଚରେ ଓଡ଼ିଶା ବୁଧବାର ଦିଲ୍ଲୀକୁ ୭୯ ରନ୍‌ରେ ପରାସ୍ତ କରିଛି। ଦୀର୍ଘ ୭ ବର୍ଷ ବ୍ୟବଧାନରେ ଦିଲ୍ଲୀ ବିପକ୍ଷରେ ଓଡ଼ିଶାର ଏହା ପ୍ରଥମ ବିଜୟ। ଶେଷଥର ପାଇଁ ୨୦୧୮ ସେପ୍ଟେମ୍ବର ୨୬ରେ ଦିଲ୍ଲୀଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଘରୋଇ ଦଳ ବିପକ୍ଷରେ ୯ ରନ୍‌ରେ ବିଜୟ ହାସଲ କରିଥିଲା। ସେତେବେଳେ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ନିର୍ଦ୍ଧାରିତ ୪୮ ଓଭରରେ ୪ ଉଇକେଟ ହରାଇ ୨୪୯ ରନ୍ କରିଥିଲା। ରାଜେଶ ଧୂପର ୪୬, ଗୋବିନ୍ଦ ପୋଦ୍ଦାର ୫୬, ବିପ୍ଳବ ସାମନ୍ତରାୟ ୬୩ ରନ୍‌କରି ଆଉଟ ହୋଇଥିବାବେଳେ ଶୁଭ୍ରାଂଶୁ ସେନାପତି ୫୯ ରନ୍‌ରେ ଅପରାଜିତ ରହିଥିଲେ। ୨୫୦ ରନ୍ ବିଜୟ ଲକ୍ଷ୍ୟରେ ଦିଲ୍ଲୀ ୪୮ ଓଭରରେ ୨୪୦ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଓଡ଼ିଶାର ସବୁ ବୋଲର ପ୍ରଭାବୀ ବୋଲିଂ କରିଥିଲେ। ଏହାପରେ ୨୦୧୯ ଅକ୍ଟୋବର ୧୦ରେ ଭଦୋଦରାରେ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ମ୍ୟାଚ୍‌ରେ ଦିଲ୍ଲୀ ୬୩ ରନ୍‌ରେ ବିଜୟୀ ହୋଇଥିଲା। ସେହିପରି ୨୦୧୯ ନଭେମ୍ବର ୧୮ରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟି୨୦ ଟ୍ରଫି ମ୍ୟାଚ୍‌ରେ ଦିଲ୍ଲୀ ୨୦ ରନ୍‌ରେ ବିଜୟ ହାସଲ କରିଥିଲା। ୨୦୨୪ ଫେବୃଆରୀ ୧୬ରୁ ୧୯ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ରଣଜୀ ଟ୍ରଫି ମ୍ୟାଚ୍‌ରେ ଦିଲ୍ଲୀ ୭ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଥିଲା। ୨୦୦୮ରୁ ଏପର୍ଯ୍ୟନ୍ତ ଦୀର୍ଘ ୧୭ ବର୍ଷର ରେକର୍ଡ ଦେଖିଲେ ଓଡ଼ିଶା ଆଉ ଥରେମାତ୍ର ୨୦୧୩ ମାର୍ଚ୍ଚ ୨୮ରେ ଇନ୍ଦୋରରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଦିଲ୍ଲୀକୁ ୭ ଉଇକେଟରେ ହରାଇବାକୁ ସକ୍ଷମ ହୋଇଥିଲା।

ଏବେ ଓଡ଼ିଶାର ଏହି ବିଜୟ ଖେଳାଳିଙ୍କ ମନୋବଳକୁ ବହୁ ପରିମାଣରେ ବଢ଼ାଇ ଦେଇଛି। ଅଧିନାୟକ ବିପ୍ଳବ ସାମନ୍ତରାୟ ୭୨ ରନ୍‌କରି ଅନ୍ୟ ଖେଳାଳିଙ୍କ ସହ ମୂଲ୍ୟବାନ୍ ପାର୍ଟନରଶିପ୍ ଗଢ଼ିବାରୁ ଓଡ଼ିଶା ୫୦ ଓଭରରେ ୮ ଉଇକେଟ ହରାଇ ୨୭୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ବୋଲିଂ ସମୟରେ ୩ ଷ୍ଟ୍ରାଇକ୍ ବୋଲର ଦେବବ୍ରତ ପ୍ରଧାନ(୩/୨୮), ସମ୍ବିତ୍ ବରାଳ(୩/୩୪) ଓ ରାଜେଶ ମହାନ୍ତି(୨/୪୨) ଚମତ୍କାର ପ୍ରଦର୍ଶନ କରି ଦିଲ୍ଲୀକୁ ପରାଜୟ ଭେଟି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

## ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର ମାର୍ଟିନ ଗୁରୁତର

**ବ୍ରିସ୍‌ବେନ,୩୧।୧୨(ଏପି):** ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡାମିଏନ ମାର୍ଟିନ ଗୁରୁତର ଅବସ୍ଥାରେ ଦକ୍ଷିଣ ବ୍ରିସ୍‌ବେନସ୍ଥିତ ଗୋଲ୍ଡକୋଷ୍ଟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଅଷ୍ଟ୍ରେଲିଆନ୍ ଗଣମାଧ୍ୟମରେ ବୁଧବାର ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି। ପୂର୍ବତନ ଡାହାଣହାତୀ ବ୍ୟାଟର ଗତ କିଛିଦିନ ତଳେ ଅସୁସ୍ଥ ହୋଇପଡ଼ିଥିଲେ। ନାଇନ୍ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ସେ ଏବେ କୋମାରେ ଅଛନ୍ତି ଏବଂ ମେନିଙ୍ଗିଟିସ୍ ନାମକ ଏକ ରୋଗ ସହ ସଂଘର୍ଷ କରୁଛନ୍ତି। ୫୪ ବର୍ଷୀୟ ପୂର୍ବତନ କ୍ରିକେଟର ଅଷ୍ଟ୍ରେଲିଆ ପାଇଁ ୬୭ ଟେଷ୍ଟ ଓ ୨୦୮ ଦିନିକିଆ ଖେଳି ପ୍ରାୟ ୧୦ ହଜାର ରନ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଅଷ୍ଟ୍ରେଲିଆ ୧୯୯୯ ଓ ୨୦୦୩ ବିଶ୍ୱକପ୍ ଓ ୨୦୦୬ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା।

## ଇରିଗାସିଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ,୩୧।୧୨(ପି.ଟି.)**

ଦୋହାଠାରେ ଅନୁଷ୍ଠିତ ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଇରିଗାସିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ସଫଳତା ବିଶ୍ୱ ଚେସ୍‌ରେ ଭାରତର ବୃଦ୍ଧି ପାଉଥିବା ପ୍ରଭାବକୁ ଦର୍ଶାଉଛି। ଏଥିପୂର୍ବରୁ ଇରିଗାସି ୱାର୍ଲ୍ଡ ରାପିଡ୍ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ଭାରତର କିମ୍ବଦନ୍ତୀ ଚେସ୍ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ୱାର୍ଲ୍ଡ ବ୍ଲିଜ୍ ପଦକ ଜିତିଛନ୍ତି। "ଚେସ୍‌ରେ ଭାରତର ପ୍ରଗତି ଜାରି ରହିଛି। ଫିଡେ ରାପିଡ୍ ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବା ପରେ ଦୋହାଠାରେ ଫିଡେ ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବାରୁ ଇରିଗାସିଙ୍କୁ ଅଭିନନ୍ଦନ। ତାଙ୍କର ଦକ୍ଷତା, ଧୈର୍ଯ୍ୟ ଓ ଇଚ୍ଛାଶକ୍ତି ଅନୁକରଣୀୟ" ବୋଲି ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରିଛନ୍ତି।

# ସେକ୍ ଜାଇନୁଲ 'ମିଷ୍ଟର ଭୁବନେଶ୍ୱର'


ଜିଲା ସ୍ତରୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୧।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବଡିବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ଜିଲା ସ୍ତରୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଗ୍ୟାରେଜଛକସ୍ଥିତ 'ଦି ୱାର ହାଉସ' ଜିମ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୫୫ରୁ ୯୦ କେଜି ପର୍ଯ୍ୟନ୍ତ ବଡିବିଲ୍ଡିଂ ଏବଂ ୧୬୫ ସେମି ଉଚ୍ଚତା ଓ ମହିଳା ବର୍ଗରେ ଭୁବନେଶ୍ୱରର ବିଭିନ୍ନ ଜିମ୍ନାସିୟମରୁ ୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୭୦ କେଜି ବର୍ଗରେ ପ୍ରଥମସ୍ଥାନ ଅଧିକାର କରିବା ସହିତ ସେକ୍ ଜାଇନୁଲ 'ମିଷ୍ଟର ଭୁବନେଶ୍ୱର' ଟାଇଟଲ ହାସଲ କରିଥିଲେ। ୫୫ କେଜିରେ ଅନିଲ ପାଣି, ୬୦ କେଜିରେ କିରଣ ଜେନା, ୬୫ କେଜିରେ ପ୍ରସନ୍ନ ରାଣା, ୭୫ କେଜିରେ ରଶ୍ମି ରଞ୍ଜନ ଲେଙ୍କା, ୮୦ କେଜିରେ ରଞ୍ଜନ ନାୟକ, ୮୫ କେଜିରେ ଶୁଭମ୍ ମିଶ୍ର ଓ ୯୦ କେଜିରେ ଚିନ୍ମୟ କୁମାର ପଲାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଦ୍ୱିତୀକୃଷ୍ଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ରାଜ୍ୟ ସଂଘ ସମ୍ପାଦକ ପ୍ରସନ୍ନ ମହାସୁଆର, ସହ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ଓ ରାଜ

**ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ**

କିଶୋର ମଲିଆ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିନୋଦ ମହାରଣା ଓ ଭବାନୀ ଶଙ୍କା ସାହୁ ଷ୍ଟେଜ ମାର୍ଶାଲ ଥିଲେ। ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଏବଂ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ପୂର୍ବତନ କର୍ପୋରେଟର ବାବୁଲି ସମର୍ଥା ଓ ବଉଳଗଡ଼ କ୍ଲବର ରାଧାନାଥ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୧୨+୮

DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧/୨୦୨୬ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, January 1/2026 Page 20 | ₹ 7.00 | SAMBALPUR

୫୨ଶ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 39 | ମୂଲ୍ୟ ₹୭/-




LIC HFL
LIC HOUSING FINANCE LTD

Wishing you and your family a Happy New Year 2026

Move from

ONE DAY to DAY ONE



Quick approvals | Loan Repayment up to 30 Years | Simple Documentation | (Limited Period Offer)

Start your home ownership journey with

Home Loans starting @7.15%*

*T&C Apply

Toll Free : 18002091989



ନୂତନ ବର୍ଷ-୨୦୨୬କୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଶ୍ରୀମନ୍ଦିର ପ୍ରଶାସନ କ୍ୟାଲେଣ୍ଡରରେ ତ୍ରୁଟି

**ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇଂଲିଶ ନୂଆବର୍ଷ-୨୦୨୬ର କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉକ୍ତ କ୍ୟାଲେଣ୍ଡର ଲୋକାର୍ପିତ ହୋଇଥିଲା। ତେବେ ଏହି କ୍ୟାଲେଣ୍ଡରରେ ସଙ୍ଗିନ ତ୍ରୁଟି ଦେଖିବାକୁ ମିଳିଛି, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସେହିପରି ଜଗନ୍ନାଥପ୍ରେମୀ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଉକ୍ତ କ୍ୟାଲେଣ୍ଡର ବିକ୍ରିକୁ ସ୍ଥଗିତ ରଖାଯାଇଛି।**

ପୁରୀ,୩୧।୧୨(ଅଜିତ୍ କୁମାର ମହାନ୍ତି)




ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରକାଶିତ ଉକ୍ତ କ୍ୟାଲେଣ୍ଡରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ଯାତ୍ରା ଆଦି ସ୍ଥାନ ପାଇଛି। ଟେବୁଲ କ୍ୟାଲେଣ୍ଡର ସହ ୱାଲ୍ କ୍ୟାଲେଣ୍ଡର ଏବଂ ଡାଏରୀରେ ସ୍ଥାନିତ କରାଯାଇଥିବା ମହାପ୍ରଭୁଙ୍କ ଚିତ୍ରରେ ତ୍ରୁଟି ଥିବା ଦେଖିବାକୁ ମିଳିଛି। ରତ୍ନସିଂହାସନରେ ବିରାଜମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ପ୍ରଭୁ ବଳଭଦ୍ର ଏବଂ ବଳଭଦ୍ରଙ୍କ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ରହିଥିବା ଏକ ପଟ୍ଟଚିତ୍ରରେ ପରିଲକ୍ଷିତ ହୋଇଛି। ସେହିପରି ରତ୍ନସିଂହାସନରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ସ୍ଥାନିତ କରାଯାଇନାହିଁ। ଏହି କ୍ୟାଲେଣ୍ଡରରେ ପ୍ରକାଶିତ ରଥଯାତ୍ରା ଫଟୋରେ ମଧ୍ୟ ତ୍ରୁଟି ରହିଛି। ବଡ଼ଦାଣ୍ଡରେ ରଥଟଣାର ଚିତ୍ର ସ୍ଥାନିତ କରାଯାଇଛି, ଯେଉଁଥିରେ ପ୍ରଥମେ ସୁଭଦ୍ରା, ପରେ ଜଗନ୍ନାଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣାଯାଉଛି। ଏପରି ତ୍ରୁଟିଥିଲେ ମଧ୍ୟ କିପରି ଶ୍ରୀମନ୍ଦିର ପ୍ରଶାସନ ଜାଣିପାରିଲା ନାହିଁ ଏବଂ କ୍ୟାଲେଣ୍ଡର ପ୍ରକାଶ କରାଗଲା ସେ ନେଇ ଜଗନ୍ନାଥପ୍ରେମୀ ପ୍ରଶ୍ନ ଉଠାଇଛନ୍ତି। ମହାପ୍ରଭୁ ଏବଂ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ବିକୃତ କଲାଭଳି ତ୍ରୁଟିକୁ ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ସେବାୟତମାନେ ନାପସନ୍ଦ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ପୃକ୍ତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ତୁରନ୍ତ କ୍ୟାଲେଣ୍ଡରରୁ ତ୍ରୁଟିଯୁକ୍ତ ଚିତ୍ରକୁ ପ୍ରତ୍ୟାହାର କରି ନୂତନ କ୍ୟାଲେଣ୍ଡର ପ୍ରକାଶ କରାଯିବାକୁ ସମସ୍ତେ ମତ ଦେଇଛନ୍ତି। ତେବେ କ୍ୟାଲେଣ୍ଡର ଛପାହେବା ପୂର୍ବରୁ କାହା ☞ପୃଷ୍ଠା-୪

# କ୍ରୀଡ଼ା ପ୍ରତିଯୋଗିତାରେ ଦୌଡୁଥିବା ଛାତ୍ରଙ୍କ ମୃତ୍ୟୁ

ସୁନ୍ଦରଗଡ଼,୩୧।୧୨
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭବାନୀପୁର ଏକଲବ୍ୟ ମଡେଲ ସ୍କୁଲରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଦୌଡୁଥିବା ବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯୁକ୍ତ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଜୟଦୀପସାଗର ବେକ(୧୮)। ଖବରପାଇ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ପୋଲିସ, ପିଏଆଇଟିଡିଏ ଧୀରେନ୍ଦ୍ର କୁମାର ସେଠୀ, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ସନ୍ଧ୍ୟାରେ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଜୟଦୀପସାଗର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ବୁଧବାର ଦୌଡୁଥିବା ବେଳେ ହଠାତ୍ ସେ ଟଳିପଡ଼ିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସଂଘମିତ୍ରା ପାଣିଗ୍ରାହୀଙ୍କ ସମେତ ଶିକ୍ଷକ ଓ ଉପସ୍ଥିତ ନର୍ସ ଛାତ୍ରଙ୍କୁ ସଂଜ୍ଞାହୀନ ଅବସ୍ଥାରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ☞ପୃଷ୍ଠା-୪

# ନୂଆ ସିଏସ୍ ଭାବେ ଦାୟିତ୍ୱ ନେଲେ ଅନୁ ଗର୍ଗ

ଭୁବନେଶ୍ୱର, ୩୧।୧୨(ସୁନିତ୍ ମିଶ୍ର)



ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ଅନୁ ଗର୍ଗ ବୁଧବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ରାଜ୍ୟର ୪୭ତମ ନୂଆ ମୁଖ୍ୟ ଶାସନ ସଚିବ (ସିଏସ୍) ଭାବେ ଏହି ଦାୟିତ୍ୱ ନେଇଛନ୍ତି। ସେ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ। ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ ଆହୁଜାଙ୍କ କାର୍ଯ୍ୟାଳୟ ଶେଷ ହୋଇଛି। ରାଜ୍ୟରେ ଭାଜପା ସରକାର ଆସିବା ପରେ ଆହୁଜା ଜୁଲାଇ ୨୦୨୪ରେ ମୁଖ୍ୟ ସଚିବ ଭାବେ ଓଡ଼ିଶାରେ ଦାୟିତ୍ୱ ପାଇଥିଲେ। ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ତାଙ୍କର କାର୍ଯ୍ୟକାଳ ସରିଥିଲା। ହେଲେ ରାଜ୍ୟ ସରକାର ବର୍ଷକ ପାଇଁ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ବଢ଼ାଇଥିଲେ। ସେହି କ୍ରମରେ ଆହୁଜାଙ୍କ କାର୍ଯ୍ୟକାଳ ବୁଧବାର ଶେଷ ହେବାପରେ ଅନୁ ଗର୍ଗଙ୍କୁ ସେ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଅନୁଙ୍କ କାର୍ଯ୍ୟକାଳ ୨୦୨୯ ମାର୍ଚ୍ଚ ପର୍ଯ୍ୟନ୍ତ ରହିଛି। ଅନୁ ଦାୟିତ୍ୱ ନେବାପରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ଭାବେ ପ୍ରଥମ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହା ଏକ ବହୁ ବଡ଼ ଦାୟିତ୍ୱ। ଏହା ବହୁତ ବଡ଼ ସୁଯୋଗ ☞ପୃଷ୍ଠା-୪

# ମୋହନା-କୋରାପୁଟ ରାସ୍ତା ପ୍ରଶସ୍ତୀକରଣକୁ କେନ୍ଦ୍ରର ମଞ୍ଜୁରୀ

## ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୧୨(ସୁନିତ୍ ମିଶ୍ର)

ମୋହନା ଓ କୋରାପୁଟ ଦେଇ ଯାଇଥିବା ଏନ୍ଏଚ୍-୩୨୬ ରାସ୍ତାର ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣକୁ ବୁଧବାର କେନ୍ଦ୍ର ସରକାର କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଛନ୍ତି। ଇପିସି ମୋଡ୍‌ରେ କାର୍ଯ୍ୟକାରୀ ହେବାକୁଥିବା ଏହିପ୍ରକଳ୍ପ ପାଇଁ ୧୫୨୬.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶ ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। କେନ୍ଦ୍ର କ୍ୟାବିନେଟ୍‌ରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ରାଜପଥ ମନ୍ତ୍ରୀ ନୀତିନ୍ ଗଡକରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦକ୍ଷିଣାଞ୍ଚଳର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତଥା ଅପହଞ୍ଚ ଅଞ୍ଚଳକୁ ସବୁ ପ୍ରକାର ଯୋଗାଯୋଗ ☞ପୃଷ୍ଠା-୪

DADLS-73



ନବ ବର୍ଷ-୨୦୨୬
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି। ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା। ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



ଇଂରାଜୀ ନୂଆବର୍ଷ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ। ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ। ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-

## ମେଷ

ବର୍ଷାରମ୍ଭରୁ ବୃହସ୍ପତି ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ଅପୂରଣୀୟ ଅଭିଳାଷ ପୂରଣ ହେବ। କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସଜାଡ଼ିନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ପ୍ରିୟଜନଙ୍କ ସହାନୁଭୂତି ପାଇବେ। ଅର୍ଥର ପ୍ରାଚୁର୍ଯ୍ୟ ନୂଆ ନୂଆ କାମ ପାଇଁ ଅନୁପ୍ରେରିତ କରିବ। କିନ୍ତୁ ଈର୍ଷା କରୁଥିବା ବ୍ୟକ୍ତିଙ୍କ ପରୋକ୍ଷ ଶତ୍ରୁତା ଯୋଗୁ କାର୍ଯ୍ୟସାଧନରେ ପ୍ରତିବନ୍ଧକ ଦେଖାଦେବ। କ୍ରନିକ୍ ରୋଗରେ ପୀଡ଼ା ସାଙ୍ଗକୁ ବନ୍ଧୁ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇପାରେ। କଳା,ସାହିତ୍ୟ, ମନୋରଞ୍ଜନ,ବାଣିଜ୍ୟ,ବ୍ୟବସାୟ ଦିଗରୁ ସୁଫଳ ପାଇବେ। ଦ୍ୱାଦଶସ୍ଥ ଶନିଙ୍କ ପ୍ରଭାବରେ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ମିଳିବ। ବିଭିନ୍ନ ଯୋଜନା କରି ଅର୍ଥନୈତିକ, ପ୍ରଶାସନିକ, ରାଜନୈତିକ ସମସ୍ୟାର ସମାଧାନ କରିବେ। ଅଶ୍ୱିନୀ ନକ୍ଷତ୍ରର ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ବନ୍ଧୁମିଳନରେ ଘର ପୂରି ଉଠିବ। ନୂତନ କର୍ମନିଯୁକ୍ତି ଓ ମାଲିମକଦ୍ଦମାରେ ସଫଳତା ସଂଘର୍ଷମୟ ଜୀବନର ଅବସାନ ଘଟାଇବ। ବ୍ୟବସାୟିକ ଉନ୍ନତି ସହ ନୂତନ ଗୃହ, ଜମିଜମା, ଯାନବାହନ କ୍ରୟ ପାଇଁ ମନ ବଳାଇବେ। ସାମୟିକ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ ସାମାଜିକ ସ୍ତରରେ ଅଶାନ୍ତି ସୃଷ୍ଟି ହୋଇପାରେ । ଦ୍ୱିଜା ନକ୍ଷତ୍ରର ବର୍ଷର ମଧ୍ୟଭାଗରେ କାର୍ଯ୍ୟହାନି ଜନିତ ମାନସିକ ଓ ଶାରୀରିକ ଅସୁସ୍ଥତା, ବାଦବିବାଦ, ଶିଳ୍ପ ବାଣିଜ୍ୟରେ କ୍ଷତି, ଯାନବାହନ ଦୁର୍ଘଟଣା, ସ୍ଥାନାନ୍ତର ଓ କୃଷି, ପଶୁହାନି ଘଟିବାର ଆଶଙ୍କା ରହିଛି। କିନ୍ତୁ ନୃତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ କ୍ରୀଡ଼ାରୁ ସୁନାମ ଅର୍ଜନ କରିବେ। ଋଣ ପରିଶୋଧର ଯୋଜନା କରିପାରନ୍ତି। କୃତ୍ତିକା ନକ୍ଷତ୍ର–କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ଉଚ୍ଚଶିକ୍ଷା,ଗବେଷଣା ଏବଂ ରଚନାତ୍ମକ କାମରେ ପୁରସ୍କୃତ ହେବେ। ବନ୍ଧୁ ବିଚ୍ଛେଦ, ପାରିବାରିକ କଳହ, ଦ୍ରବ୍ୟହାନି, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, କର୍ମକ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି ହେବ । ରାହୁଙ୍କ ପ୍ରଭାବରୁ ସନ୍ତାନଙ୍କ ବିଶୃଙ୍ଖଳା ସାମୟିକ ମାନସିକ ସ୍ଥିତିକୁ ବିପନ୍ନ କରିପାରେ। କିନ୍ତୁ ଶେଷଭାଗରେ ବହୁତ ଶୁଭଫଳ ପାଇବେ। ପାରିବାରିକ ଶାନ୍ତି,ଚାକିରି ଅଫର,ଦର୍ଶନୀୟସ୍ଥାନ ପରିଦର୍ଶନ ଓ ମନୋରଞ୍ଜନର ମଉକା ମିଳିବ। ଏହାସାଙ୍ଗକୁ ମାନସିକ ଅସ୍ଥିରତା,ବନ୍ଧୁ ବିରୋଧ,ଧନକ୍ଷୟ,ଆକସ୍ମିକ ଦୁର୍ଘଟଣା ଘଟିପାରେ । ମିଥ୍ୟା ଅପବାଦ, କାରଣବିହୀନ ଅଭିଯୋଗରୁ ଭୁଲ୍ ବୁଝାମଣା ସୃଷ୍ଟିହେବ। ବର୍ଷଫଳ ମଧ୍ୟମ ପ୍ରକାରର ରହିବ।

## ବୃଷ

ଜୀବେ ଦ୍ୱିତୀୟେ ଧନଧାନ୍ୟଭୋଗୀ ପରିପ୍ରେକ୍ଷୀରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ପାରିବାରିକ ଜୀବନରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଭୋଗବିଳାସ ଅନୁରାଗୀ ହେବେ। ନୂତନ ବନ୍ଧୁ ସମ୍ପର୍କ,ନୂତନ ଗୃହ, ଯାନବାହନାଦି କ୍ରୟ କରିବାକୁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥାନାନ୍ତର ସ୍ଥଗିତ ରହିଯିବ। ଚତୁଃଗ୍ରହ ଯୋଗଜନିତ ରାଜଯୋଗ ପ୍ରଭାବରେ ଉଚ୍ଚଶିକ୍ଷା, ରଚନାତ୍ମକ କାର୍ଯ୍ୟ,କଳା,ସାହିତ୍ୟ, ସଂସ୍କୃତି,କ୍ରୀଡ଼ା ପ୍ରଭୃତି କ୍ଷେତ୍ରରୁ ସମ୍ମାନିତ ହେବେ। ସାମୟିକ ପ୍ରତିରୋଧ, ପ୍ରତିବନ୍ଧକ,କ୍ରନିକ୍‌ରୋଗର ପ୍ରାଦୁର୍ଭାବ,ପରୋକ୍ଷ ଶତ୍ରୁତାଜନିତ ଉଦ୍ୟମହାନି ଘଟିପାରେ। ବହୁତ ଦିନରୁ ଅଟକି ରହିଥିବା ଆଶା ପୂରଣ ହେଲେ ମଧ୍ୟ ମାନସିକ ଅଶାନ୍ତି ମଧ୍ୟ ପିଛା ଛାଡ଼ିବ ନାହିଁ। କୃତ୍ତିକା ନକ୍ଷତ୍ର ଲେଖାପଢ଼ା, ମକଦ୍ଦମାରେ ବିଜୟ, ଋଣ ପରିଶୋଧ ପୂର୍ବକ ନୂତନ ଉଦ୍ୟୋଗ,ପ୍ରକଳ୍ପାଦି କାମକୁ ପୂର୍ଣ୍ଣାଙ୍ଗ କରିବେ। ସାଂସ୍କୃତିକ କିମ୍ବା ଆନୁଷ୍ଠାନିକ କାମରେ ସମ୍ବର୍ଦ୍ଧିତ ହୋଇପାରନ୍ତି। ପଦାଧିକାରୀ ଓ କମ୍ପାନୀର ବସ୍‌ଙ୍କ ସହ ମତପାର୍ଥକ୍ୟ ଓ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଫଳରେ ଘାତ ପ୍ରତିଘାତ, ବାଧାବିଘ୍ନ ଓ ପ୍ରତିବନ୍ଧକ ଜନିତ ସମସ୍ୟା,ବିଶୃଙ୍ଖଳା ପ୍ରଭୃତି ଦେଖାଦେବାର ଆଶଙ୍କା ରହିଛି। ରୋହିଣୀ ନକ୍ଷତ୍ରର କଠୋର ପରିଶ୍ରମ, ଅକ୍ଲାନ୍ତ ଉଦ୍ୟମ, ଅସୀମ ଧୈର୍ଯ୍ୟ,ଦୃଢ଼ ମନୋବଳ, କର୍ମନିଷ୍ଠା ଦ୍ୱାରା ସମସ୍ୟା ସମାଧାନ କରିପାରିବେ। ଶେୟାର ବଜାରରେ ପୁଞ୍ଜି ଲଗାଣ, କଳକାରଖାନାର ଆଧୁନିକୀକରଣ ,ଶ୍ରମଭିତ୍ତିକ କାର୍ଯ୍ୟରେ ସଫଳତା ମିଳିବ। ବର୍ଷର ଶେଷଭାଗରେ ନବଜାତ ସନ୍ତାନସୁଖ ସାଙ୍ଗକୁ କଳା,କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ରରେ ସୁନାମ ମିଳିବ । ତଥାପି ସ୍ୱାସ୍ଥ୍ୟ ଓ ଧନହାନି, ବନ୍ଧୁ ସମ୍ପର୍କରେ ହ୍ରାସ ଓ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। ମୃଗଶିରା ନକ୍ଷତ୍ରର ଉଚ୍ଚ ସ୍ତରରେ ସମ୍ପର୍କ ପ୍ରତିଷ୍ଠିତ ହେବା ସହ ସାମାଜିକ ସମ୍ମାନ ମଧ୍ୟ ପାଇବେ। କାରବାର ବଢ଼ିବ, ବହୁତ ଦିନରୁ ରହିଥିବା ବକେୟା ପାଉଣା ପାଇବେ। ପ୍ରତିଯୋଗିତାରେ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ ଏବଂ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ନୂତନ ନିଯୁକ୍ତି ଓ କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଏହାସାଙ୍ଗକୁ ପ୍ରତିବନ୍ଧକ,ପରୋକ୍ଷ ଶତ୍ରୁତା,ବନ୍ଧୁବିଚ୍ଛେଦ, କାର୍ଯ୍ୟହାନି ଜମିଜମାବିବାଦ, କଚେରି ମାମଲା,ପାରିବାରିକ ସମସ୍ୟା ଦେଖାଦେଇପାରେ।

## ମିଥୁନ

ଜନ୍ମରାଶିରେ ଦେବଗୁରୁ ଜୁନ୍ ମାସ ପର୍ଯ୍ୟନ୍ତ ଅବସ୍ଥାନକରି ଆପଣଙ୍କୁ ନୂଆ ନୂଆ କାମ ପାଇଁ ପ୍ରେରଣା ପ୍ରଦାନ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ମାର୍ଗଦର୍ଶନ ଏ ଦିଗରେ ସହାୟକ ହେବ। କର୍ମକ୍ଷେତ୍ରରେ ସ୍ଥାନାନ୍ତର, ଉଚ୍ଚପଦାରୂଢ଼ ହେବାର ସୌଭାଗ୍ୟପ୍ରାପ୍ତ ହେବେ। ପରିବାରରେ ନବଜାତ ସନ୍ତାନର କୁଆଁ କୁଆଁ ଧ୍ୱନି ସାଙ୍ଗକୁ ମାଙ୍ଗଳିକ କାର୍ଯ୍ୟର ସାହାନାଇ ମଧ୍ୟ ବାଜି ଉଠିବ। ସାମୟିକ ଦୁର୍ବଳତା, ଚୌରଭୟ, କୃଷିବାଣିଜ୍ୟ ସମସ୍ୟା, ସହକର୍ମୀଙ୍କ ସହ ଯୁକ୍ତିତର୍କ ଓ ବିବାଦ କାରଣରୁ କର୍ମପ୍ରବାହର ଗତିରୋଧ ହୋଇପାରେ। ମୃଗଶିରା ନକ୍ଷତ୍ର ସଭାସମିତିରେ ସମ୍ମାନଲାଭ ଓ ପ୍ରଶଂସିତ ହୋଇପାରନ୍ତି। ସଂଘର୍ଷମୟ ପରିସ୍ଥିତିରେ ମଧ୍ୟ ଲକ୍ଷ୍ୟହାସଲ କରିପାରିବେ। ପ୍ରତିଯୋଗିତାରେ ସଫଳତା ପାଇବେ। ରାଜନୈତିକ ସଙ୍ଗଠନକୁ ଦୃଢ଼ୀଭୂତ କରିପାରନ୍ତି। ଶତ୍ରୁତାର ବିଲୟ ଘଟିବ ଏବଂ ଦୂରେଇଯାଇଥିବା ଆତ୍ମୀୟସ୍ୱଜନ ପାଖେଇ ଆସିବେ। ଋଣ ପରିଶୋଧ କରିବା ସାଙ୍ଗକୁ ନୂତନ ଗୃହାରମ୍ଭ, ଯାନବାହନ ଏବଂ ମୂଲ୍ୟବାନ୍ ବସ୍ତ୍ରାଳଙ୍କାର କ୍ରୟକରିବେ। ବୈଷୟିକ ଅଭିବୃଦ୍ଧି ଘଟିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ଅପଦସ୍ଥ ହେବେ। ଆରଦ୍ରା ନକ୍ଷତ୍ର ବନ୍ଧୁ ପାଇଁ ତ୍ୟାଗ ସ୍ୱୀକାର କରିବେ, ମାତ୍ର ପ୍ରତିଦାନରେ କିଛି ପାଇବେ ନାହିଁ। ପୂର୍ବ ବିବାଦକୁ କେନ୍ଦ୍ରକରି ବନ୍ଧୁ ଅସହଯୋଗ, ବ୍ୟବସାୟରେ କ୍ଷତି, ଯାନବାହନରେ ଖର୍ଚ୍ଚାନ୍ତ, କର୍ମକ୍ଷେତ୍ରରେ ମନସ୍ତାପ, କଚେରି ମାମଲାରେ ହନ୍ତସନ୍ତ ହୋଇପାରନ୍ତି। ଅବଶ୍ୟ ଅଧ୍ୟୟନ, ଅଧ୍ୟାପନା, ବିଦେଶ ଯାତ୍ରା, ତୀର୍ଥାଟନ, ନୂତନ ନିଯୁକ୍ତି ପାଇବା ସୂଚନା ରହିଛି। ଉଚ୍ଚଶିକ୍ଷା, ସନ୍ତାନଙ୍କ ବିଶୃଙ୍ଖଳା ହେତୁକ ମାନସିକ ଦ୍ୱନ୍ଦ୍ୱ ପ୍ରାୟତଃ ଲାଗି ରହିବ। ବର୍ଷର ଶେଷଭାଗରେ ଅଟକି ରହିଥିବା କାମ ସମ୍ପନ୍ନକରି ଆଶ୍ୱସ୍ତି ଲାଭ କରିବେ। ପୁନର୍ବସୁ ନକ୍ଷତ୍ର ଭୋଗବିଳାସ, ଅର୍ଥ, ଦ୍ରବ୍ୟ ଲାଭ, ଆମୋଦ ପ୍ରମୋଦ, ବନ୍ଧୁମିଳନ ଆତ୍ମୀୟମାନଙ୍କ ସହଯୋଗରେ କାମ ହାସଲକରିବେ। ବନ୍ଧୁବିଚ୍ଛେଦ ଓ ଆକସ୍ମିକ ବିବାଦୀୟ ପରିସ୍ଥିତି ମଧ୍ୟରେ ମାନସିକ ଅଶାନ୍ତି ସୃଷ୍ଟିହେବା ଆଶଙ୍କା ରହିଛି। ପବ୍ଲିକେଶନରେ ଉନ୍ନତି, ସତ୍‌ସଙ୍ଗ ଓ ଧାର୍ମିକ, ଆନୁଷ୍ଠାନିକ କ୍ଷେତ୍ରରୁ ସୁନାମ ଅର୍ଜନକରିବେ। ଶନି ଓ ରାହୁଙ୍କ କୁପ୍ରଭାବରୁ ପରୋକ୍ଷ ଶତ୍ରୁତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସମ୍ଭାବନା ରହିଛି।

## କର୍କଟ

କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟର ପ୍ରତିଶ୍ରୁତି ଓ ବନ୍ଧୁମାନଙ୍କ ସହଯୋଗ ଲାଭକରି କାମ ହାସଲକରିବେ। ଆର୍ଥିକ ଅଭିବୃଦ୍ଧି ସହ ନୂତନ କର୍ମ ନିଯୁକ୍ତିର ସମ୍ଭାବନା ରହିଛି। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାଂଗଠନିକ କାମରେ ନେତୃତ୍ୱ ନେବାର ସୌଭାଗ୍ୟ ଅର୍ଜନ କରିବେ। ଚୁକ୍ତିପତ୍ର ସମ୍ପାଦନ, ପ୍ଲଟିଂ କାରବାର ଓ ଶେୟାର ବଜାରରୁ ଆଶାଜନକ ଫଳ ପାଇବେ। ପିଲାମାନଙ୍କ ବାରମ୍ବାର ସ୍ୱାସ୍ଥ୍ୟଖରାପ, ବିଦେଶ ଯାତ୍ରାରେ ସ୍ଥଗିତାଦେଶ, ବନ୍ଧୁମତାନ୍ତର, ଦ୍ରବ୍ୟନଷ୍ଟ ତଥା ପାରିବାରିକ ଦ୍ୱନ୍ଦ୍ୱ ହେତୁ ମନସ୍ତାପ କରିବେ। ପ୍ରତିବନ୍ଧକ ମଧ୍ୟରେ ସ୍ଥଗିତ ରହିଥିବା କାର୍ଯ୍ୟରେ ସିଦ୍ଧଲାଭ ଘଟିବ। ନୂତନ ବନ୍ଧୁସମ୍ପର୍କ ସ୍ଥାପନ, ପାରିବାରିକ ସଦ୍‌ଭାବ ବୃଦ୍ଧି, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, ମକଦ୍ଦମାରେ ବିଜୟ ହାସଲ କରିବାରେ ସମର୍ଥ ହେବେ। ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ନିଜ ପରିସରରେ ପ୍ରତିଷ୍ଠିତ କରାଇବ। ପୁନର୍ବସୁ ନକ୍ଷତ୍ର ବର୍ଷାରମ୍ଭରୁ ନୂତନ ଯୋଜନାରମ୍ଭରେ ସଫଳତା ପାଇବେ। ଯାନବାହନ କ୍ରୟ, ଗୃହଭୂମି ଲାଭ, ଅର୍ଥ, ସନ୍ତାନପ୍ରାପ୍ତି ସାଙ୍ଗକୁ ବୈବାହିକ କର୍ମ ସମ୍ପାଦନ କରିବେ। ଶନିଶ୍ଚରଙ୍କ କୃପାରୁ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଚଳଚ୍ଚିତ୍ର, ଗବେଷଣା, କଣ୍ଟ୍ରାକ୍ଟରି, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି କରିପାରନ୍ତି। ଭୁଲ୍ ବୁଝାମଣା, ପ୍ରତାରଣା, ପ୍ରତିରୋଧ, ବନ୍ଧୁବିଚ୍ଛେଦ, ଅସ୍ଥିରତା, ଦୁର୍ଘଟଣା ପ୍ରତି ସତର୍କ ରହିବା ଭଲ। ନିକଟ ସମ୍ପର୍କୀୟ ମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ପୁଷ୍ୟା ନକ୍ଷତ୍ର ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟ ଜନିତ ମାନସିକ ଶାନ୍ତି କେତେକାଂଶରେ ପାଇ ଖୁସି ରହିବେ। କାର୍ଯ୍ୟହାନି ସାଙ୍ଗକୁ ସନ୍ଦେହ, ଭୁଲ୍‌ବୁଝାମଣା, ସ୍ୱାର୍ଥପରତା, ପାରିବାରିକ ଜୀବନକୁ କଳୁଷିତ କରିପାରେ। ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି ଘଟିବ। ପ୍ରେସ୍, ପ୍ରକାଶନ, ପ୍ରଶାସନ, ଇନ୍ଧନ, ଆୟକର, ଜୀବନ ବୀମା, ଔଷଧ ଓ ଆଇନ ବ୍ୟବସାୟ ଭଲରେ ଚାଲିବ। ଅଶ୍ଳେଷା ନକ୍ଷତ୍ର କଳାସୌନ୍ଦର୍ଯ୍ୟକୁ ଆଦର କରିବେ। ସାମୟିକ ସ୍ଥାନାନ୍ତର ଆକସ୍ମିକ ଘଟିବାର ସୂଚନା ରହିଛି। ଅଭାବ ଅସୁବିଧା ନ ଥିଲେ ମଧ୍ୟ ଋଣ ପରିଶୋଧ କରିବା କାଠିକର ପାଠ ହୋଇପାରେ। ମାଙ୍ଗଳିକ କାର୍ଯ୍ୟ, ନୂତନ ବନ୍ଧୁସମ୍ପର୍କ, ପଡ଼ୋଶୀ ଏବଂ ଆତ୍ମୀୟମାନଙ୍କ ସାହାଯ୍ୟ ସହାନୁଭୂତି ଲାଭକରି ଖୁସି ରହିବେ।

## ସିଂହ

ଦେବଗୁରୁଙ୍କ ଦିବ୍ୟଦୃଷ୍ଟି ଅସଜଡ଼ା ପରିସ୍ଥିତିକୁ ସଜାଡିନେବ ଚଳିତ ବର୍ଷରେ। ଶାରୀରିକ ସୁସ୍ଥତା, ଭ୍ରାତୃସମ୍ପର୍କରେ ଉନ୍ନତି, ସହକର୍ମୀଙ୍କ ସହାନୁଭୂତି, ଆତ୍ମୀୟଙ୍କ ସାହାଯ୍ୟ ପାଇବେ। ହଜିଯାଇଥିବା ବ୍ୟକ୍ତି, ଲଢୁଥିବା କେସ୍, ପାଉ ନ ଥିବା ପ୍ରାପ୍ୟ, ଭାଙ୍ଗିପଡିଥିବା ସମ୍ପର୍କ, ମାଙ୍ଗଳିକକାମ ନିର୍ବିଘ୍ନରେ ସମ୍ପନ୍ନ ହେବ। ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦପଦବୀ ପ୍ରାପ୍ତ ହେବାର ସୁଯୋଗ ଜୁଟିବ। ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ମିଳିବ। ସାମ୍ବାଦିକତା, ରାଜନୀତି ଓ ଆଇନ, ଅଦାଲତ, ସଂଗଠନ ପ୍ରଭୃତିରେ ଦକ୍ଷତା ବୃଦ୍ଧିପାଇବ। ଅଷ୍ଟମସ୍ଥ ଶନିଙ୍କ କର୍ମ ଓ ସନ୍ତାନଭାବ ପ୍ରତି ଅଶୁଭଦୃଷ୍ଟି କର୍ମକ୍ଷେତ୍ରରେ କାର୍ଯ୍ୟରେ ବିଳମ୍ବ ସୃଷ୍ଟି କରିବ। ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ରାହୁଙ୍କ ପ୍ରଭାବରେ ମକଦ୍ଦମା, ଧନହାନି, ଭିଜିଲାନ୍ସ ଚଢ଼ାଉ କିମ୍ବା ରାଜଦଣ୍ଡର ଆଶଙ୍କା ମଧ୍ୟ ରହିଛି। ମଘା ନକ୍ଷତ୍ରର ଶୁଭଫଳ ମଧ୍ୟରେ ନୂତନ ଗୃହ ନିର୍ମାଣ, ଯାନବାହନ ଓ ଯାନ୍ତ୍ରିକ ଜିନିଷ କିଣିବାର ସୁଯୋଗ ମିଳିବ। ରାଜନୈତିକ ପରିସର ଅନୁକୂଳ ରହିବ। ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। କଚେରି ମାମଲାର ରାୟ ସପକ୍ଷରେ ଯିବ। ଶିଳ୍ପ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ। ପୂର୍ବାଫାଲ୍‌ଗୁନୀ ଆନୁଷ୍ଠାନିକ ଓ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ। ପ୍ରତିଯୋଗିତାରେ ବିଜୟ ଏବଂ ପ୍ରଶାସନିକ ସ୍ତରରେ ସଫଳତା ପାଇବେ। ପାରିବାରିକ ସମସ୍ୟାର ସମାଧାନ, ଅର୍ଥ ଦ୍ରବ୍ୟ ଲାଭ, ନୂତନ ମିତ୍ର ବନ୍ଧୁ ମାନଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ଶତ୍ରୁତା କାରଣରୁ ମିଥ୍ୟାପବାଦ, ଘାତପ୍ରତିଘାତ, ପ୍ରତିବନ୍ଧକ ଓ ମନସ୍ତାପ ମଧ୍ୟ ପିଛା ଛାଡ଼ିବ ନାହିଁ। ବନ୍ଧୁବିଚ୍ଛେଦ, ପାରିବାରିକ ଅଶାନ୍ତି, ଧର୍ମକାର୍ଯ୍ୟରେ ବାଧା ଦେଖାଦେଇପାରେ। ଉତ୍ତରାଫାଲ୍‌ଗୁନୀ ସକାଶେ ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସହ ମତାନ୍ତର ଘଟିବ। ବାରମ୍ବାର ସ୍ୱାସ୍ଥ୍ୟ ଖରାପ କାରଣରୁ ମାସିକ ସ୍ଥିତି ବିପନ୍ନ ହୋଇପାରେ। ବ୍ୟବସାୟିକ ପ୍ରତିବନ୍ଧକ, କରଜଦାତାଙ୍କ ଚାପ, ଜମିଜମା ବିବାଦର ସାମ୍ନା କରିବାକୁ ପଡ଼ିପାରେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ସାହିତ୍ୟ ସାଧନା, ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ। ନୂତନ ଯାନବାହନ, ଧାତୁଅଳଙ୍କାର, ଗୃହୋପଯୋଗୀ ଜମି ଲାଭର ସୂଚନା ରହିଛି।

## କନ୍ୟା

ବର୍ଷର ମଧ୍ୟଭାଗରୁ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ବୈଷୟିକ ସୁଖସମ୍ପଦ ପାରିବାରିକ ଜୀବନକୁ ରସାଣିତ କରିବ। ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ କରିବେ। ଶିକ୍ଷାରେ ଉନ୍ନତି, ସନ୍ତାନଙ୍କ କୃତି ଓ କୃତିତ୍ୱ, ନୂତନ କର୍ମନିଯୁକ୍ତି ଓ କାର୍ଯ୍ୟସିଦ୍ଧିରୁ ଖୁସିରହିବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସମ୍ମାନିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ନିର୍ମାଣ, କଣ୍ଟ୍ରାକ୍ଟରି, ଏଜେନ୍ସିପ୍‌ରେ ଶୁଭଫଳ ପାଇବେ। ମିତ୍ରବନ୍ଧୁ ସମାଗମ, ନୂତନ ଗୃହ ଓ ଯାନବାହନ ଓ ସ୍ୱର୍ଣ୍ଣାଦି ଅଳଙ୍କାର ଲାଭ ଯୋଗ ରହିଛି। କିନ୍ତୁ ରାଶିକୁ ଶନିଙ୍କ ପ୍ରତ୍ୟକ୍ଷଦୃଷ୍ଟିଜନିତ ଶାରୀରିକ ଅସୁସ୍ଥତା, କାର୍ଯ୍ୟରେ ବିଳମ୍ବ, ଅପବ୍ୟୟ, ସ୍ଥାନାନ୍ତର, ଭିଜିଲାନ୍ସ ଧରପଗଡ଼ ସାଙ୍ଗକୁ ବହୁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ଜମିବାଡ଼ି କିମ୍ବା ଗୃହ ସମ୍ପର୍କିତ କଳହ, ସନ୍ତାନମାନଙ୍କ କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି, ବନ୍ଧୁ ବିଚ୍ଛେଦଜନିତ ଦୁଃଖ ଓ ଶୋକ ଉତ୍ପନ୍ନହେବା ଆଶଙ୍କା ରହିଛି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅଟକି ରହିଯାଇଥିବା କାମକୁ ସମ୍ପନ୍ନ କରିବେ। ବନ୍ଧୁମାନଙ୍କ ସାହାଯ୍ୟରେ ଅର୍ଥ ଓ ଗୃହ,ଯାନବାହନାଦି ଲାଭହେବ। ତୀର୍ଥାଟନ ସାଙ୍ଗକୁ ନୂତନ ସ୍ଥାନ ପରିଭ୍ରମଣର ସୁଯୋଗ ମିଳିବ। ଆଧ୍ୟାତ୍ମିକତା, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମ କେତେକାଂଶରେ ଶାନ୍ତି ପ୍ରଦାନରେ ସହାୟକ ହେବ। ପାରିବାରିକ ଝଡ଼ଝଞ୍ଜା , ଅପବ୍ୟୟ, ସ୍ଥାନାନ୍ତର, ଭିଜିଲାନ୍ସ ଧରପଗଡ଼ ସାମ୍ନା କରିବେ। ହସ୍ତା ନକ୍ଷତ୍ରର ଉନ୍ନତ ଚିନ୍ତା, ନୂତନ ଯୋଜନା, ଆନୁଷ୍ଠାନିକ କାମ ଓ ସାଙ୍ଗଠନିକ କ୍ଷେତରୁ ସୁନାମ ଅର୍ଜନ କରିବେ। ଶନି ଓ ରାହୁଙ୍କ କୁପ୍ରଭାବରୁ ପରୋକ୍ଷ ଶତ୍ରୁତା, ଅର୍ଥ ଓ ଦ୍ରବ୍ୟହାନି,ବନ୍ଧୁରେ ମତାନ୍ତର ଓ କଳହ ସୃଷ୍ଟି ହୋଇପାରେ। ରେଡିମେଡ୍ ଜିନିଷ ଓ ବିଦ୍ୟୁତ୍ ସରଞ୍ଜାମ ବ୍ୟବସାୟରୁ ଲାଭବାନ୍ ହେବେ। ଚିତ୍ରା ନକ୍ଷତ୍ର ଅଟକି ରହିଯାଇଥିବା କାମକୁ ସମ୍ପନ୍ନ କରିବେ। ଅର୍ଥ ଓ ଗୃହ,ଯାନବାହନାଦି ଲାଭ ହେବ। ତୀର୍ଥାଟନ,ପରିଭ୍ରମଣର ସୁଯୋଗ ମିଳିବ। ଆଧ୍ୟାତ୍ମିକ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମ କେତେକାଂଶରେ ଶାନ୍ତି ପ୍ରଦାନରେ ସହାୟକ ହେବ। ପ୍ରକାଶନ, ପ୍ରଶାସନ, ଆଇନ, ରଚନାତ୍ମକ କାର୍ଯ୍ୟ, ସାମ୍ବାଦିକତା ଏବଂ କଳା, ସଂସ୍କୃତିରେ ସୁଫଳ ପାଇବେ। ସାମୟିକ ଭାବରେ ପାରିବାରିକ ଝଡ଼ଝଞ୍ଜା, ସ୍ୱାମୀ ସ୍ତ୍ରୀ କଳହ ଓ ମତାନ୍ତର, ଜମିଜମା ବିବାଦ ଘଟିପାରେ।

## ତୁଳା

ଅନୁକୂଳ ଗ୍ରହସ୍ଥିତିର ସୁପ୍ରଭାବରେ ବଦଳିଯିବ ଜୀବନଯାତ୍ରା, ହଟିଯିବ ଦୁର୍ଦ୍ଦିନର ଅମା ଅନ୍ଧକାର। ନୂତନ ଯୋଜନାରମ୍ଭ କରି ଆର୍ଥିକ ସ୍ଥିତିକୁ ବଦଳାଇଦେବେ। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ସାଙ୍ଗକୁ ସାମାଜିକସ୍ଥିତି ବେଶ୍ ମଜଭୁତ ରହିବ। ଲୋକ ସମ୍ପର୍କ ବୃଦ୍ଧି ସହ କର୍ମ କ୍ଷେତ୍ରରେ ଯଶ ଓ ସମ୍ମାନଲାଭର ସୌଭାଗ୍ୟ ପ୍ରାପ୍ତହେବ। ତଥାପି ସାମୟିକ ଭାବରେ ବନ୍ଧୁଙ୍କ ମିଥ୍ୟାରୋପ, ଅପପ୍ରଚାର, ଭିଜିଲାନ୍ସ ଚଢାଉ, ସ୍ତ୍ରୀଙ୍କ ସହ ସମ୍ପର୍କ ହାନିର ସୂଚନା ମଧ୍ୟ ରହିଛି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ମାଲିମକଦ୍ଦମା ଫଇସଲା ହୋଇଯିବ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହେବା ସହ ମନୋରଞ୍ଜନ ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଅର୍ଥ ସଂକଟକୁ ବନ୍ଧୁ କିମ୍ବା ଗୁରୁଜନ ଦୂରେଇ ନେଇପାରନ୍ତି । ଚିତ୍ରା ନକ୍ଷତ୍ରର ସାମୟିକ ଉତ୍କର୍ଷ ଓ ସ୍ୱକୀୟ ପ୍ରତିଭାର ବିକାଶ ଓ ଦକ୍ଷତା ହେତୁ ବିଭିନ୍ନ ସ୍ତରରେ ପ୍ରଶଂସା ଓ ସମ୍ମାନ ପାଇବେ। ନୂତନ କର୍ମାରମ୍ଭ, ବନ୍ଧୁସମାଗମର ଯୋଗ ରହିଛି। ବୀମା, ପଲିସି, ସଞ୍ଚୟ ଜମା ମଧ୍ୟ କରିପାରନ୍ତି।ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନୃତ୍ୟବାଦ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରବେ। କୁଟନୀତି ଓ କାଳକ୍ଷେପଣ ପଦ୍ଧତି ଅନୁଯାୟୀ ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ। ସ୍ୱାତୀ ନକ୍ଷତ୍ର ନୂତନ ଗୃହନିର୍ମାଣ, ମାଙ୍ଗଳିକ କାମ, ଯାନ୍ତ୍ରିକ ଜିନିଷ, ଧାତୁ, ଅଳଙ୍କାର ପାଇବେ। ଈର୍ଷା ଓ ଅସୂୟା ମନୋଭାବ ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରୋକ୍ଷ ଶତ୍ରୁତା ସଂଘର୍ଷ ମଧ୍ୟରେ ଦୀର୍ଘ ଦିନର ଆଶା ଓ ଅଭିଳାଷ ପୂରଣ କରିବେ। ପାରିବାରିକ ସମସ୍ୟା, ବନ୍ଧୁମାନଙ୍କ ଶତ୍ରୁତା, ସନ୍ତାନଙ୍କ ବିଶୃଙ୍ଖଳା ଦୁଶ୍ଚିନ୍ତାର କାରଣ ହେବ। ଚୋରି, ଭିଜିଲାନ୍ସ କିମ୍ବା ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ବିଶାଖା ନକ୍ଷତ୍ର କର୍ମକ୍ଷେତ୍ରରେ ନୀତିଗତନିଷ୍ଠା, ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ, ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କ ଦ୍ୱାରା ଆଦୃତି ଲାଭ କରିବେ। ବାଣିଜ୍ୟ ବ୍ୟବସାୟରେ ପ୍ରତିବନ୍ଧକ ଦୂରହେବ। ନୂତନ ଚାକିରି ଅଫର୍ ପାଇପାରନ୍ତି। ତୀର୍ଥାଟନର ସୁଯୋଗ ମିଳିବ। ସଭାସମିତି, ସାଂସ୍କୃତିକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇପାରନ୍ତି। ସଙ୍ଗୀତ ଓ ଯୋଗସାଧନା କ୍ଷେତ୍ରରୁ ସମ୍ମାନିତ ହେବେ।

## ବିଛା

ବର୍ଷାରମ୍ଭରୁ ଅଷ୍ଟମ ବୃହସ୍ପତି ପ୍ରତ୍ୟେକ କାମରେ ବାଧାବିଘ୍ନ ସୃଷ୍ଟି କରିବେ। କିନ୍ତୁ ସମୟାନ୍ତରରେ ଭାଗ୍ୟସ୍ଥ ବୃହସ୍ପତି ଶାରୀରିକ ସୁସ୍ଥତା, ନୂତନ ବନ୍ଧୁସମ୍ପର୍କ, ସନ୍ତାନଙ୍କ ସର୍ବାଙ୍ଗୀନ ଉନ୍ନତି କରିପାରନ୍ତି। ଅଧ୍ୟୟନ, ଅଧ୍ୟାପନା ଏବଂ ରଚନାତ୍ମକ କାମରୁ ସମ୍ମାନିତ ହୋଇପାରନ୍ତି। ଆନୁଷ୍ଠାନିକକ୍ଷେତ୍ରରେ, ଆଧ୍ୟାତ୍ମିକତାରେ, ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ମିଳିବ। ଦୁଃସ୍ଥାନସ୍ଥ ବୃହସ୍ପତିଙ୍କ ଯୋଗୁ ଛୋଟବଡ଼ ସମସ୍ୟା ମଧ୍ୟ ଦେଇ ପାରିବାରିକ ଜୀବନ ଉଠାପକା ମଧ୍ୟରେ ଚାଲିବ। ତଥାପି ଯାନବାହନ, ଭୋଗବିଳାସ, ପ୍ରୀତିଲାଭ, ଅର୍ଥପ୍ରାଚୁର୍ଯ୍ୟ, କାର୍ଯ୍ୟସିଦ୍ଧି, ଆଦୃତି, ସୁଖ ସମ୍ମାନ, ଉଚ୍ଚ ଆଶା ଓ ପରୋପକାର ହେତୁ ପ୍ରଶଂସିତ ହେବେ। ପ୍ରେସ୍, ପବ୍ଲିକେଶନ, ନୂତନ ପ୍ରକଳ୍ପ, କଳକାରଖାନା, କଳା, ସାହିତ୍ୟ, ଚଳଚ୍ଚିତ୍ର, ଟିଭି ଚ୍ୟାନେଲ ପ୍ରଭୃତିରେ ସୁଫଳ ପାଇବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଭଙ୍ଗା ପଡ଼ିଯାଇପାରେ। ବିଶାଖା ନକ୍ଷତ୍ର ଲୋକାଭିମୁଖୀ ଜନକଲ୍ୟାଣ କର୍ମରେ ପ୍ରବେଶକରି ଉଚ୍ଚ ପ୍ରଶଂସିତ ହେବେ। ନୂତନ କର୍ମନିଯୁକ୍ତିର ଅଫର, ବିଦେଶ ଯାତ୍ରାର ସୁଯୋଗ, ମିତ୍ରବନ୍ଧୁଙ୍କ ସମାଦର, ଗୁରୁବର୍ଗଙ୍କ ପ୍ରେରଣା ମିଳିବ। ନୂତନ ସ୍ଥାନ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗ ଲାଭ କରିବେ। ବଡ଼ ଲୋକମାନଙ୍କ ସାନ୍ନିଧ୍ୟରୁ, ଅଧ୍ୟୟନ ଓ ଅଧ୍ୟାପନାରେ, କୃଷି, ବାଣିଜ୍ୟ, ରାଜନୀତିରେ ସଫଳତା ମିଳିବ। ଉଚ୍ଚାଶା ,ସୁଖସମ୍ମାନ, ଅର୍ଥ ଦ୍ରବ୍ୟ ଲାଭ, ଶୁଭଖବର, ଆମୋଦପ୍ରମୋଦ, ଉଚ୍ଚସମ୍ପର୍କରୁ ଖୁସି ରହିପାରନ୍ତି। ଅନୁରାଧା ନୂତନ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବେ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବ। ଭାଙ୍ଗିପଡ଼ିଥିବା ମନ, ଅଟକି ରହିଥିବା କାମ, ପାଉ ନ ଥିବା ଧନ ମାନସିକ ଅଶାନ୍ତିର କାରଣ ହୋଇପାରେ। ସାମାଜିକ ସ୍ତରରେ କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା, ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରୁ ସୁଫଳ ପାଇବେ। ଜ୍ୟେଷ୍ଠା ନକ୍ଷତ୍ର ସ୍ଥଗିତ କର୍ମାରମ୍ଭ, କାର୍ଯ୍ୟସିଦ୍ଧି, କଲ୍ୟାଣମୂଳକ କର୍ମ ସାଙ୍ଗକୁ ଦୀର୍ଘଦିନର ଅଭିଳାଷ ପୂରଣ ହେବ। ଲୋକସମ୍ପର୍କ ବୃଦ୍ଧିପାଇବ। ରାଜନୈତିକ ଓ ସାଙ୍ଗଠନିକ ପ୍ରକ୍ରିୟା ତ୍ୱରାନ୍ୱିତ କରିବେ। ଅର୍ଥନୈତିକ ଓ ସାମାଜିକ ସ୍ଥିତି ଭଲ ରହିବ। କୌଣସି ବିଜାତୀୟ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଋଣ ପରିଶୋଧ କରି ଆତ୍ମତୃପ୍ତି ଲାଭ କରିବେ।

## ଧନୁ

ଯାମିତ୍ର ସଂସ୍ଥେ ବିପୁଳାଚ ଲକ୍ଷ୍ମୀ ପରିପ୍ରେକ୍ଷୀରେ ଆର୍ଥିକ ସ୍ଥିତିରେ ଅଭିବୃଦ୍ଧି ସମସ୍ତ ସୁଖ, ସ୍ୱାଚ୍ଛନ୍ଦ୍ୟର ଭିତ୍ତିଭୂମି ପାଲଟିଯିବ। ଶିକ୍ଷା କ୍ଷେତ୍ରରେ ଉନ୍ନତି, ସନ୍ତାନ ଲାଭ, ପାରିବାରିକ ସୌଖ୍ୟ ଏବଂ ମାଙ୍ଗଳିକ କାମ ସମ୍ପନ୍ନ କରିବେ। ଅପ୍ରତ୍ୟାଶିତ ଭାବେ ସରକାରୀ ସ୍ତରରୁ ଅର୍ଥଲାଭ, ଗୃହୋପଯୋଗୀ ଜମିଜମା ଲାଭ, ଗାଡ଼ିମୋଟର ପରିବହନରୁ ଉପକୃତ ହେବେ। ପ୍ଲଟିଂ କାରବାର, ହୋଟେଲ, ରେଷ୍ଟୁରାଣ୍ଟ ପ୍ରଭୃତିରୁ ଅର୍ଥାଗମ ହେବ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିପାରନ୍ତି। କିନ୍ତୁ ଶନିଙ୍କ କୁପ୍ରଭାବରୁ ପରିବାରରେ ସାମୟିକ ମତପାର୍ଥକ୍ୟ, ଧନହାନି, ଅପବ୍ୟୟ, ପରୋକ୍ଷ ଶତ୍ରୁତାଜନିତ କାର୍ଯ୍ୟହାନି ଘଟିପାରେ। ଆଶା ଓ ଆଶଂକା ଭିତରେ ଚଳିବାକୁ ବାଧ୍ୟ ହୋଇପାରନ୍ତି। ସହକର୍ମୀଙ୍କ ବିରୋଧରୁ, ନୀଚ ସଙ୍ଗରୁ, ମାଦକଦ୍ରବ୍ୟ ସେବନରୁ ସମସ୍ୟା ଆସିପାରେ। ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟ ଭଲ ରହିବ। ମାଙ୍ଗଳିକ କାର୍ଯ୍ୟ, ଉତ୍ସବାନୁଷ୍ଠାନ, ଆନୁଷ୍ଠାନିକ କର୍ମ, ମନୋରଞ୍ଜନର ସୁଯୋଗ ପାଇବେ। ବାଣିଜ୍ୟରେ ଉନ୍ନତି ଓ ବିବାଦରେ ବିଜୟ ଲାଭର ଯୋଗ ରହିଛି। ପାରିବାରିକ ସ୍ତରରେ ସନ୍ତାନ ଲାଭ, ଉଚ୍ଚଶିକ୍ଷା, ବିଦେଶଯାତ୍ରା, ନୂତନ ବନ୍ଧୁ ସମ୍ପର୍କ, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସୁଫଳ ମିଳିବ। ଶତ୍ରୁତାନାଶ, ସତ୍‌ସଙ୍ଗ ପରୋପକାର, ବନ୍ଧୁମିଳନ ସାଙ୍ଗକୁ କର୍ମକ୍ଷେତ୍ରରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବ। ପଦସ୍ଥ ବ୍ୟକ୍ତିମାନଙ୍କ ସଙ୍ଗ ଲାଭ, ପୁରସ୍କୃତ ହେବା ଯୋଗ ରହିଛି। ପୂର୍ବାଷାଢ଼ା ନକ୍ଷତ୍ର ପାଇଁ ଶାରୀରିକ ସୁସ୍ଥତା ସାଙ୍ଗକୁ ଆତ୍ମୀୟ ଓ ସହକର୍ମୀଙ୍କ ସାହାଯ୍ୟ ସହଯୋଗ ଯୋଗୁ କୌଣସି କାମ ଅଟକିବ ନାହିଁ। ପାରିବାରିକ ଜୀବନରେ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ସମସ୍ୟା ସୃଷ୍ଟିହେବ। ସନ୍ତାନମାନଙ୍କ ବିଶୃଙ୍ଖଳା ଦୁଶ୍ଚିନ୍ତା ବଢ଼ାଇଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଅଟକି ରହିପାରେ। ବ୍ୟବସାୟରେ କ୍ଷୟକ୍ଷତି, ମାନସିକ ଦ୍ୱନ୍ଦ୍ୱ, ନୈରାଶ୍ୟ, ବନ୍ଧୁ ବିଚ୍ଛେଦଜନିତ ମନ ଭାରାକ୍ରାନ୍ତ ରହିବ। ଉତ୍ତରାଷାଢ଼ା ନକ୍ଷତ୍ରର ସାମାଜିକ ପ୍ରତିଷ୍ଠା, ନୂତନ ସ୍ଥାନ ପରିଭ୍ରମଣ, ମାଙ୍ଗଳିକ କାମ, ସୁସମ୍ପର୍କ ସ୍ଥାପନ, ସଭାସମିତିରେ ସମ୍ମାନ ପାଇ ଖୁସି ରହିବେ। ଅଚଳ ବ୍ୟବସାୟ ସଚଳ ହେବ। ଏଜେନ୍ସିପ୍, ବେତାର, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, କ୍ଷେତ୍ରରୁ ସୁନାମ ଅର୍ଜନକରିବେ। ଆର୍ଥିକ ଦୁରବସ୍ଥା ସାଙ୍ଗକୁ ପାରିବାରିକ ଅଶାନ୍ତି ଲାଗିରହିପାରେ। ଆତ୍ମୀୟମାନେ ଦୂରେଇରହିପାରନ୍ତି।

## ମକର

କର୍ମସ୍ଥାନରେ ଶୁଭଗ୍ରହଙ୍କ ପ୍ରଭାବରେ ନୂତନ କର୍ମାରମ୍ଭ କରିବା ସହ ବୈଷୟିକ ସୁଖସମୃଦ୍ଧି ପ୍ରାପ୍ତ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ଉଚ୍ଚ ପଦବୀ ପ୍ରାପ୍ତ ହେବେ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା ପାଇବେ। ସରକାରୀ ସାହାଯ୍ୟ ମିଳିବ। ପାରିବାରିକ ସଦ୍‌ଭାବ ବୃଦ୍ଧି ପାଇବ। ଦୀର୍ଘ ଦିନର ଅଭିଳାଷ ପୂରଣ ହୋଇଯିବ। ପୁରୁଣା ଘର କିମ୍ବା ଗାଡ଼ି କିଣି ପାରନ୍ତି। ସାମାଜିକ ସ୍ତରରେ ଗଠନ ମୂଳକ କାମ କରିପାରନ୍ତି। ଋଣ ପରିଶୋଧ କରିବେ। ବିଦେଶ ଯାତ୍ରାର ସୁଯୋଗ ମିଳିପାରେ। ଗୃହରେ ମଙ୍ଗଳଜନକ କାମ କରିବେ। ବିରୋଧାତ୍ମକ ପରିସ୍ଥିତି ଦୂରେଇଯିବ। ସ୍ୱାସ୍ଥ୍ୟ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ପାରିବାରିକ ଜୀବନରେ ଦୁଃଖଦ ଅନୁଭୂତିରୁ ବୈରାଗ୍ୟଭାବ ସୃଷ୍ଟିହେବା ସୂଚନା ରହିଛି। ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧି ଘଟିପାରେ। ମାତ୍ର ଶିକ୍ଷା ଓ ପରୀକ୍ଷାରେ ସଫଳତା, ଶୁଭକାର୍ଯ୍ୟ କରଣ, ଆନୁଷ୍ଠାନିକ କାମରୁ ସୁନାମ ଓ ପ୍ରଶଂସାର୍ଜନ କରିପାରନ୍ତି। ବିଭିନ୍ନ ପ୍ରକାରର ପ୍ରକଳ୍ପ, ଉଦ୍ୟୋଗ ସାଙ୍ଗକୁ ନୂତନ ଯୋଜନାକୁ କାର୍ଯ୍ୟକାରୀ କରିବେ। ବାକି ପଡିଥିବା ଟଙ୍କା ପଇସା ପାଇବେ। **ଶ୍ରବଣା ନକ୍ଷତ୍ର**–ଆରୋଗ୍ୟ ଲାଭ କରିବେ। ଅଭାବ ରହିବନି। ଉତ୍ସବାନୁଷ୍ଠାନରେ ବନ୍ଧୁ ମିଳନରୁ ଆନନ୍ଦିତ ହେବେ। କର୍ମଜୀବୀଙ୍କ ବଦଳି ଆଶଙ୍କା ଦୂରୀଭୂତ ହେବ। ପ୍ରଶାସନିକ ସ୍ଥିରତା ଆସିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ଆସିପାରେ। ନୂତନ ଉତ୍ସାହ ଓ ଉଦ୍ଦୀପନା ନେଇ କର୍ମକ୍ଷେତ୍ରରେ ଆଗକୁ ମାଡି ଚାଲିବେ। ଗୁରୁତ୍ୱପୂର୍ଣ୍ଣ ଆନୁଷ୍ଠାନିକ କାମ, ଶେୟାର ବଜାର୍, ଲଟେରି ପ୍ରଭୃତିରୁ ଲାଭବାନ୍ ହେବେ। **ଧନିଷ୍ଠା ନକ୍ଷତ୍ର** –ବନ୍ଧୁବତ୍ସଳ ହେବେ। ଶାରୀରିକ ଦୁର୍ବଳତା ଦୂରହେବ। ଉପରିସ୍ଥ କର୍ମଚାରୀଙ୍କ ସହାନୁଭୂତି ପାଇବେ। ଉଚ୍ଚ ପଦପଦବୀ ଲାଭ ଯୋଗ ରହିଛି। ପ୍ଲଟିଂ କାରବାର, ଆମଦାନୀ କାରବାର,ବାଣିଜ୍ୟ, ବହିପତ୍ର, କଳକବ୍ଜା, ଯନ୍ତ୍ରାଂଶ, କ୍ରୀଡାସାମଗ୍ରୀ, ଧାତୁ ଅଳଙ୍କାର, ବିଦ୍ୟୁତସାମଗ୍ରୀ, ବ୍ୟବସାୟରୁ ଲାଭବାନ ହେବେ। କଚେରି ମାମଲା, ବୃଥାଭ୍ରମଣ, ଧନହାନି, ଦୈନ୍ୟତାଯୁକ୍ତ ହୋଇପାରନ୍ତି। ପାରିବାରିକ ପରିସ୍ଥିତି ଭଲ ରହିବ।

## କୁମ୍ଭ

ଲକ୍ଷ୍ମୀସ୍ଥାନରେ ଦେବଗୁରୁ ଧନ, ସନ୍ତାନ, ଦାନରେ ପାରିବାରିକ ସୁଖ, ସୌଭାଗ୍ୟ ପ୍ରଦାନ କରିବେ। ଆପଣଙ୍କ ସହଯୋଗ ପ୍ରେରଣାର ଉତ୍ସଭାବରେ ଅବିସ୍ମରଣୀୟ ରହିବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଅଭିଳାଷ ପୂରଣର ମାର୍ଗ ଉନ୍ମୁକ୍ତ ହେବ। ସୁସ୍ଥ ବାତାବରଣ ସୃଷ୍ଟିହେବାରୁ ମାନସିକ ବିଷାଦ ଦୂରେଇଯିବ। କିନ୍ତୁ ଶନିଙ୍କ ପ୍ରଭାବରୁ ଋଣୀ ହେବେ ଏବଂ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ରାହୁଙ୍କ ପ୍ରଭାବରେ କୌଶଳ ଓ କୂଟନୀତି ମାଧ୍ୟମରେ କୌଣସି କାର୍ଯ୍ୟ ଅଟକି ରହିବନାହିଁ। ତଥାପି କୁପ୍ରଭାବରୁ ମାନସିକ ଦୁଃଖ, ଦୈନ୍ୟ ମଧ୍ୟରେ ପାରିବାରିକ ଜୀବନ ଦୁର୍ବିଷହ ହୋଇପଡିବ। ପୁରାତନ ରୋଗର ପ୍ରାଦୁର୍ଭାବ କଷ୍ଟପ୍ରଦ ହୋଇପାରେ। ଯାନବାହନରେ ସାମୟିକ ଆଘାତର ଆଶଙ୍କା ରହିଛି। ଧନିଷ୍ଠା ନକ୍ଷତ୍ରର ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ। ପାରିବାରିକ ଜୀବନ ମନ୍ଦ ହେବନାହିଁ। ଧର୍ମକାର୍ଯ୍ୟ କରିବେ। ଋଣ ପରିଶୋଧ କରିପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶଂସିତ ହେବେ। ପାପଗ୍ରହଙ୍କ କୁପ୍ରଭାବରେ ସାମାଜିକ ସ୍ତରରେ ସନ୍ଦେହ, ଅଜଣାଭୟ ଓ ଆଶଙ୍କା ମନକୁ ଦୋହଲାଇପାରେ। ମିଥ୍ୟାପବାଦ, କଳହ, ଭ୍ରାତୃ ସମ୍ପର୍କହାନି ଯୋଗୁ ଦୁଃଖିତ ହେବାକୁ ପଡ଼ିବାର ସୂଚନା ରହିଛି। ଶତଭିଷା ନକ୍ଷତ୍ର – ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନକରି ଆତ୍ମତୃପ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢିବ। ସନ୍ତାନଙ୍କ କୃତିତ୍ୱରୁ, ବିଦେଶ ଯାତ୍ରା, ସାଂସ୍କୃତିକ ଅନୁଷ୍ଠାନରୁ ପୁରସ୍କୃତ ହୋଇପାରନ୍ତି। ବିବାଦରୁ ଦୂରେଇରହିବା ଭଲ। ଦୂରଭ୍ରମଣ ଓ ଅପବ୍ୟୟ ଯୋଗୁ ଅଶାନ୍ତି ରହିବେ। ଅବଶ୍ୟ ଜମିବାଡ଼ି, ଘର ସୀମାକୁ ନେଇ ଥିବା ବିବାଦର ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ। ପୂର୍ବଭାଦ୍ରପଦ ନକ୍ଷତ୍ର ସାମାଜିକ ସମ୍ମାନ ଓ ଉଚ୍ଚ ପଦପଦବୀର ସୁଯୋଗଲାଭକରି ଖୁସି ରହିବେ। କଳା, ସାହିତ୍ୟ, ସାମ୍ବାଦିକତା ପ୍ରଶାସନ କ୍ଷେତ୍ରରୁ ସୁନାମ ଓ ପ୍ରତିଷ୍ଠା ମିଳିବ। ଉଚ୍ଚାଭିଳାଷ, ଶୁଭକର୍ମ ସମ୍ପାଦନ, ପରୋପକାର, ବନ୍ଧୁବତ୍ସଳ, ପଦୋନ୍ନତି ଓ ପାରିବାରିକ ସୌଖ୍ୟ ମିଳିବ। ସାମୟିକ ଆର୍ଥିକ ଦୁରବସ୍ଥା ସଙ୍ଗକୁ କାର୍ଯ୍ୟହାନି ମନସ୍ତାପର କାରଣ ହୋଇପାରେ। ବନ୍ଧୁବିରୋଧ, ଜମିଜମା ବିବାଦ, ଯାନବାହନରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

## ମୀନ

ଆପଣଙ୍କ ରାଶିରେ ଶନି ଆପଣଙ୍କୁ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟରେ ଭାବୁକ, ନିରୁତ୍ସାହୀ, ଭାବପ୍ରବଣ ଏବଂ ଆଳସ୍ୟପରାୟଣ କରାଇବ। ଗୁରୁଙ୍କ କୃପାରୁ ପାରସ୍ପରିକ ସ୍ନେହ, ଶ୍ରଦ୍ଧା ଓ ସହାନୁଭୂତିର ବାତାବରଣ ମଧ୍ୟରେ ପାରିବାରିକ ଜୀବନ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବ। ବାକ୍‌ପଟୁତା ଏବଂ ସୃଜନୀ ଶକ୍ତିର ଅଭ୍ୟୁଦୟରେ ସାମାଜିକ ଜୀବନ ଋଦ୍ଧିମନ୍ତ ହେବ। ଅଭିନୟ ପ୍ରତି ରୁଚି, ନୂତନ କର୍ମସଂସ୍ଥାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ମକଦ୍ଦମା ଫାଇସଲା, ରାଜନୀତିରେ ଉଚ୍ଚପଦବୀ, ପ୍ରଶାସନିକ ସ୍ତରରେ ସମ୍ମାନ ସାଙ୍ଗକୁ ବିଦେଶ ଯାତ୍ରାର ସୁଯୋଗ ପାଇବେ। ବନ୍ଧୁ ଓ ବୁଦ୍ଧିଜୀବୀଙ୍କ ସହୃଦୟତା ଦ୍ୱାରା ଉତ୍ସବାନୁଷ୍ଠାନରେ ପ୍ରତିଷ୍ଠା ମିଳିବ। କଳା, ସାହିତ୍ୟ, ଆଇନକାନୁନ, ଗବେଷଣା, ଅନୁସନ୍ଧାନ, ରପ୍ତାନି ବାଣିଜ୍ୟ ଏବଂ ଯାନବାହନରୁ ଶୁଭଫଳ ପାଇବେ। ପୂର୍ବଭାଦ୍ରପଦ ନକ୍ଷତ୍ର– କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ପ୍ରତିଷ୍ଠା ଓ ପ୍ରଶଂସା ପାଇବେ। ପାରିବାରିକ ସଦ୍ଭାବ, ରୋଗ,ଋଣ ଓ ଶତ୍ରୁତାର ଅବସାନ, ସତ୍‌ସଙ୍ଗ ଲାଭ, ଧର୍ମକାର୍ଯ୍ୟ କରଣରୁ ଖୁସି ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍ସିପ୍, ଚୁକ୍ତିପତ୍ର, ଜମିଜମା, ନିର୍ମାଣ କାମ ସକାଶେ ବର୍ଷଟି ଭଲ। ଉତ୍ତରଭାଦ୍ରପଦ ନକ୍ଷତ୍ରର ସ୍ୱାସ୍ଥ୍ୟ ଭଲ ରହିବ। ନୂତନ ବନ୍ଧୁ ସମ୍ପର୍କ, ମାଙ୍ଗଳିକ କାମ, ପାରିବାରିକ ଓ ଅର୍ଥନୈତିକ ସମସ୍ୟାର ସମାଧାନ ଘଟିବ। ଆରୋଗ୍ୟ ଲାଭ, ପଦୋନ୍ନତି, ଅର୍ଥନୈତିକ ଅଭିବୃଦ୍ଧି, ପ୍ରକାଶନ, ପ୍ରଶାସନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, କଳା, ସାହିତ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟା ଓ ଧନ ହାନି, ପୈତୃକ ସମ୍ପତ୍ତି ସକାଶେ ବିବାଦ, ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଆଶଙ୍କା ରହିଛି। ରେବତୀ ନକ୍ଷତ୍ର– ଦୈହିକ ସୁସ୍ଥତା, କାର୍ଯ୍ୟସିଦ୍ଧି, ବନ୍ଧୁବତ୍ସଳତା, ମାଙ୍ଗଳିକ କାର୍ଯ୍ୟ, ତୀର୍ଥାଟନର ସୁଯୋଗ ପାଇବେ। ପାରିବାରିକ ଶାନ୍ତି, ଚାକିରି ଅଫର ,ଦର୍ଶନୀୟ ସ୍ଥାନ ପରିଦର୍ଶନ ଓ ମନୋରଞ୍ଜନର ମଉକା ମିଳିବ। ମାନସିକ ଅସ୍ଥିରତା, ବନ୍ଧୁ ବିରୋଧ, ଧନକ୍ଷୟ, ଆକସ୍ମିକ ଦୁର୍ଘଟଣା ଘଟିପାରେ। ମିଥ୍ୟା ଅପବାଦ, କାରଣବିହୀନ ଅଭିଯୋଗରୁ ଭୁଲ୍ ବୁଝାମଣା ସୃଷ୍ଟିହେବ। ବର୍ଷଫଳ ମଧ୍ୟମ ପ୍ରକାର ରହିବ।

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମୋ–୯୭୭୮୦୧୮୫୫ mail: pkmahapatro@gmail.com

# ପିୟୁସି ପ୍ରମାଣପତ୍ର କରାଇବା ଅବଧି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ିଲା

## ଗ୍ରୀନ୍ ଷ୍ଟିକର ପାରିବା ବାଧ୍ୟତାମୂଳକ ନୁହେଁ: ମନ୍ତ୍ରୀ ଜେନା

ଭୁବନେଶ୍ୱର, ୩୧।୧୨ (ସୁନିତ୍ ମିଶ୍ର)

ରାଜ୍ୟବ୍ୟାପୀ ଲୋକମାନେ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ (ପିୟୁସି) ପ୍ରମାଣପତ୍ର କରାଇବା ଲାଗି ଲମ୍ବା ଲାଇନ୍ ଲଗାଇ ଘଣ୍ଟା ଘଣ୍ଟା ପଲ୍ୟୁସନ ଟେଷ୍ଟିଂ ସେଣ୍ଟର ବାହାରେ ଅପେକ୍ଷାକରି ରହୁଛନ୍ତି। କାରଣ ପ୍ରଦୂଷଣ ପ୍ରମାଣପତ୍ର ସରିଯାଇଥିବା ଗାଡ଼ି ଉପରେ ସରକାର ୧୦ ହଜାର ଟଙ୍କାର ଜରିମାନା ଲଗାଉଛନ୍ତି। ସରକାରଙ୍କ ଏଭଳି ଜରିମାନା ଆଦାୟକୁ ପ୍ରବଳ ବିରୋଧ ହେବାପରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଫଳରେ ସରକାର ପ୍ରଥମେ ପିୟୁସି ପ୍ରମାଣପତ୍ର କରାଇବା ଲାଗି ସମୟ ଅବଧି ଫେବୃଆରୀ ପର୍ଯ୍ୟନ୍ତ ବଢ଼ାଇଥିଲେ। ବୁଧବାର ଏହି ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ ଘୋଷଣା କରାଯାଇଛି। ଫଳରେ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବୁଧବାର ପରିବହନ ମନ୍ତ୍ରୀ ଜେନାଙ୍କ ବାସଭବନରେ ପରିବହନ ସଚିବ ଉଷା ପାଢ଼ୀଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଗ୍ରୀନ୍ ଷ୍ଟିକରକୁ ନେଇ ରହିଥିବା ଦ୍ୱନ୍ଦ୍ୱ ମଧ୍ୟ ଦୂର କରାଯାଇଛି। ଗ୍ରୀନ୍ ଷ୍ଟିକର ଲଗାଇବା ବାଧ୍ୟତାମୂଳକ ନୁହେଁ ବୋଲି ମନ୍ତ୍ରୀ ଜେନା ବୈଠକ ପରେ କହିଛନ୍ତି। ଗ୍ରୀନ୍ ଷ୍ଟିକର କେମିତିକା, ତାହା କେଉଁଠାରେ ମିଳିବ ତା'ର ଅବଧି କ'ଣ ରହିବ ଏମିତି ଅନେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। ଏହା ଉପରେ ମତ ରଖି ମନ୍ତ୍ରୀ ଜେନା କହିଛନ୍ତି, ଆର୍‌ଟିଓଗୁଡ଼ିକୁ ଗ୍ରୀନ୍ ଷ୍ଟିକର ଦିଆଯିବ। ଯେଉଁମାନେ ପ୍ରଦୂଷଣ ପ୍ରମାଣପତ୍ର କରିଛନ୍ତି ସେମାନେ ଗ୍ରୀନ୍ ଷ୍ଟିକର ନେଇପାରିବେ। ସେହିପରି ଫେକ୍ ପ୍ରଦୂଷଣ ପ୍ରମାଣପତ୍ର ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଫେକ୍ ପିୟୁସି ସାର୍ଟିଫିକେଟ୍ ଭଳି ଅନିୟମିତତା ଆସିବା ପରେ ୪୨ଟି ଏପିଟି ସେଣ୍ଟରର ଲାଇସେନ୍ସ ବାତିଲ କରାଯାଇଛି। ନୂଆ ସେଣ୍ଟର ପାଇଁ ଆବେଦନ ଆସିଲେ ୨୪ ଘଣ୍ଟାରେ ଅନୁମୋଦନ ମିଳିବ। ପିୟୁସିସି ପାଇଁ ସାରା ରାଜ୍ୟରେ ଲୋକଙ୍କ ପ୍ରବଳ ଭିଡ଼ ଜମିବାରେ ଲାଗିଛି। ଏଥିଲାଗି ଅଳ୍ପ ସମୟ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଅନ୍ୟପଟେ ରାଜ୍ୟରେ ଅନାଦାୟ ୭୭ ଲକ୍ଷ ଇ-ଚାଲାଣରୁ ମାତ୍ର ୫ ଲକ୍ଷ ଆଦାୟ ହୋଇଛି। ବାକି କେମିତି ଆଦାୟ ହେବ ତାକୁ ନେଇ ବି ପ୍ରଶ୍ନ ଉଠିଛି। ସେପଟେ ପିୟୁସିସି ନ ଥିଲେ ପେଟ୍ରୋଲ ଦିଆ ନ ଯିବା ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ଯୁବ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ୪୯ ପୋଲିସ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର,୩୧।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବୁଧବାର ୪୯ ଜଣ ଓଡ଼ିଶା ପୋଲିସ ସେବା(ଓପିଏସ୍) ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ଏନେଇ ବିଭାଗ ପକ୍ଷରୁ ଦୁଇଟି ପୃଥକ୍ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ଅତିରିକ୍ତ ଗଜପତି ଏସ୍‌ପି ସୁନୀଲକାନ୍ତ ମହାନ୍ତି ଏବଂ ରାୟଗଡ଼ା ପୋଲିସ ମୁଖ୍ୟାଳୟର ଗୁଣପୁର ଅତିରିକ୍ତ ଏସ୍‌ପି ଅମୂଲ୍ୟ କୁମାର ଧରଙ୍କୁ ସୁପରଟାଇମ୍ ସ୍କେଲ୍‌କୁ ପଦୋନ୍ନତି ଦିଆଯାଇଛି। ସେହିପରି ଅନ୍ୟ ଏକ ବିଜ୍ଞପ୍ତିରେ ଭୁବନେଶ୍ୱର ପୋଲିସ କମିଶନର ଅଞ୍ଚଳର ଏସିପି ସତ୍ୟରଞ୍ଜନ ମଲ୍ଲିକ ଓ ଅନ୍ୟ ୪୬ ଜଣଙ୍କୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ପାହ୍ୟାରୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

# ନବବର୍ଷରେ ଅଘଟଣ ଏଡ଼ାଇବାକୁ ଆର୍‌ଡିସିଙ୍କ ନିର୍ଦ୍ଦେଶ

କଟକ,୩୧।୧୨(କାର୍ତ୍ତିକ ସାହୁ)

ଇଂଲିଶ୍ ନବବର୍ଷ ପାଳନ ପରିପ୍ରେକ୍ଷୀରେ ଲୋକମାନେ ବିଭିନ୍ନ ଅଘଟଣର ଶିକାର ହୋଇଥାନ୍ତି। ରାତି ପାହିଲେ ନବବର୍ଷ ଉତ୍ସବ ପାଳନ କରିବାକୁ ଯାଉଥିବା ଲୋକମାନେ ଯେପରି ସୁରକ୍ଷିତ ରହିବେ, ସେନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଗୁହା ପୁନମ ତାପସ କୁମାର ଗୁରୁତ୍ୱାରୋପ କରିଛନ୍ତି। ସୂଚନାନୁସାରେ, ନବବର୍ଷ ପାଳନ ପାଇଁ କେନ୍ଦ୍ରାଞ୍ଚଳ ଅଧୀନ ସମସ୍ତ ଜିଲାରେ ଅବସ୍ଥିତ ପ୍ରମୁଖ ଧାର୍ମିକସ୍ଥଳି, ମନ୍ଦିର, ପର୍ଯ୍ୟଟନ କେନ୍ଦ୍ର, ପିକ୍‌ନିକ୍ ସ୍ପଟ, ଜଳ ଭଣ୍ଡାର, ଜଳାଶୟ, ନଦୀକୂଳ, ଜଳପ୍ରପାତ, ବେଳାଭୂମି ଆଦିରେ ପ୍ରବଳ ଜନସମାଗମ ଓ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି କୌଣସି ଅଘଟଣ ପରିସ୍ଥିତି ଏଡ଼ାଇବା ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଜିଲାପାଳମାନଙ୍କୁ ସଜାଗ ରହିବା ଦିଗରେ ନିର୍ଦ୍ଦେଶ ଦେଇଛନ୍ତି। ଆର୍‌ଡିସି ସରକାରୀ ପତ୍ର ଜରିଆରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧୀନ ସମସ୍ତ ଜିଲାପାଳଙ୍କୁ ଏ ଦିଗରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀମାନଙ୍କ ସୁରକ୍ଷାକୁ ଲକ୍ଷ୍ୟ ରଖି ଉକ୍ତ ସ୍ଥାନଗୁଡ଼ିକରେ ଦଳାଚକଟା ରୋକିବା ଓ ଭିଡ଼ ନିୟନ୍ତ୍ରଣ ନିମନ୍ତେ ସୁରକ୍ଷା ବାହିନୀ ମୁତୟନ, ବିପଦସଙ୍କୁଳ ସ୍ଥାନରେ ସୂଚନା ଫଳକ ସ୍ଥାପନ, ବେଳାଭୂମି ଓ ନଦୀଘାଟ ଆଦିରେ ତାଲିମପ୍ରାପ୍ତ ବୁଡ଼ାଳିଙ୍କୁ ନିୟୋଜନ, ଦମକଳ ବାହିନୀଙ୍କୁ ସଜାଗ ରଖାଯିବା, ଆମ୍ବୁଲାନ୍ସ ସେବା ତୁରନ୍ତ ଉପଲବ୍ଧ ଆଦି ଉପରେ ଜିଲାପାଳମାନେ ଅଧିକ ଗୁରୁତ୍ୱ ଦେବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି।






# ଜାରି ହେଲା ପୁରୀ ମହାନଗର ବିଜ୍ଞପ୍ତି | ୨ ବ୍ଲକ୍, ୯ ପଞ୍ଚାୟତର ୩୪ ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ

ଭୁବନେଶ୍ୱର,୩୧।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ପୁରୀ ମହାନଗର ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟ ମହାନଗର ପ୍ରଶାସନ ନିର୍ଦ୍ଦେଶକଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ୯ଟି ଗ୍ରାମପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମକୁ ନେଇ ପୁରୀ ମହାନଗର ଭାବେ ଘୋଷଣା କରାଯାଇଛି। ଏନେଇ ପୂର୍ବରୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଚିଠା ପ୍ରସ୍ତାବ ଜାରି ହୋଇଥିଲା ଏବଂ ଲୋକଙ୍କ ମତାମତ ମଧ୍ୟ ଲୋଡ଼ାଯାଇଥିଲା। ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା ବିଧିବଦ୍ଧ ଭାବେ ଶେଷହେବା ପରେ ପୁରୀ ମହାନଗରର ସୀମା ନିର୍ଦ୍ଧାରଣ କରାଯାଇଛି। ଏଥିରେ ପୁରୀ ସଦର ବ୍ଲକର ବାଲିଗୁଆଳି ପଞ୍ଚାୟତର ବାଲୁଖଣ୍ଡ ରାଜସ୍ୱ ଗ୍ରାମ, ସମଙ୍ଗରା ପଞ୍ଚାୟତର ସମଙ୍ଗରା ରାଜସ୍ୱ ଗ୍ରାମ, ବେଲଦଳ ପଞ୍ଚାୟତର ମୋହିନିପୁର, ଆଳତୁଙ୍ଗ, ଆଳଙ୍ଗ, ଗୋପୀନାଥପୁର ପଞ୍ଚାୟତର ଅଠରନଳା, ଅଠରନଳା ସମଙ୍ଗ-ଗୋପୀନାଥପୁର, ରାଉତରାପୁର ରହିଛି। ସେହିପରି କାଶୀହରିପୁର ପଞ୍ଚାୟତର କାଶୀହରିପୁର, ସିରେଇକୋଣାପାଟଣା, ଭାରତୀପୁର, କଦଳୀବାଡ଼ିପାଟଣା, ଆଳିକିଆ, ଚକ୍ରବର୍ତ୍ତୀ, ଅଠରନଳା, ଜିତିକର ମୁଦୁଲିପାଟଣା, ବାସ୍ତୁ ରାଜସ୍ୱ ଗ୍ରାମ ରହିଥିବାବେଳେ ବୀରହରେକୃଷ୍ଣପୁର ପଞ୍ଚାୟତର ହରେକୃଷ୍ଣପୁର, ରାହାଙ୍ଗିରିଆ, ଜଗନ୍ନାଥପୁରବଲ୍ଲଭ, ବାଟଗାଁ, ଉତ୍ତରସରପଡ଼ା, ରେଣୁଆ, ପୁରୁଷୋତ୍ତମବଲ୍ଲଭ, ସମଙ୍ଗ ପଞ୍ଚାୟତର ସମଙ୍ଗ, ଖଡିପଦା, ରେବତିରମଣ, ଶଙ୍କରପୁର, ସୁନାମୁହିଁ, କାଶୀଜଗନ୍ନାଥପୁର, ଶାସନ ଦାମୋଦରପୁର ପଞ୍ଚାୟତର ଉତ୍ତରକୋଣ, ସିରେଇକଣ, ଗଧିଆପଟଣା, ନରସିଂହବଲ୍ଲଭ ଏବଂ ଗୋରୁଆଳ ପଞ୍ଚାୟତର ସିପସରୁବାଲି ରାଜସ୍ୱ ଗ୍ରାମ ରହିଛି। ସେହିପରି ପୁରୀ ମହାନଗରର ଉତ୍ତରରେ ମାଳତିପାଟପୁର ବସ୍ତଷ୍ଟାଣ୍ଡ ଦର୍ଶାଯାଇଥିବାବେଳେ ପୂର୍ବରେ ବେଲଦଳ, ଉର ଏବଂ ଦୋହିତଖଣ୍ଡ, ଦକ୍ଷିଣରେ ବଙ୍ଗୋପସାଗର ଏବଂ ପଶ୍ଚିମରେ ଗୋରୁଆଳ ଥିବା ମହାନଗର ପ୍ରଶାସନ ନିର୍ଦ୍ଦେଶକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି। ଏ ହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଅନ୍ୟ ଏକ ପୃଥକ୍ ବିଜ୍ଞପ୍ତି ଜାରି ହୋଇଛି। ସେଥିରେ ପୌର ପ୍ରଶାସନ ନିର୍ଦ୍ଦେଶକ ଭାରତୀୟ ସମ୍ବିଧାନର ଧାରା ୨୪୩-କ୍ୟୁ ଏବଂ ଓଡ଼ିଶା ପୌର ଆଇନ-୧୯୫୦ ଅନୁଯାୟୀ, ପୁରୀ ପୌର ପରିଷଦର ଜନସଂଖ୍ୟା, ଜନସଂଖ୍ୟାର ସାନ୍ଦ୍ରତା, ସ୍ଥାନୀୟ ପ୍ରଶାସନ ନିମନ୍ତେ ସଂଗ୍ରହ ହେବାକୁଥିବା ରାଜସ୍ୱ, ଅଣ କୃଷିକ୍ଷେତ୍ରରେ ନିୟୋଜିତ ବ୍ୟକ୍ତିମାନଙ୍କର ଶତକଡା ହାର ଓ ଉକ୍ତ କ୍ଷେତ୍ରର ଅର୍ଥନୈତିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାର ବୃହତ୍ ପରିସୀମା ନିର୍ଦ୍ଦିଷ୍ଟ କରିଛନ୍ତି। ଉପରୋକ୍ତ ଚିଠା ଅଧିସୂଚନାରେ 'ବୃହତ୍ ସହରାଞ୍ଚଳ' ରୂପେ ବିନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକରେ ଯେଉଁ ବ୍ୟକ୍ତିମାନେ ପ୍ରଭାବିତ ହେବାର ସମ୍ଭାବନା ରହିଛି, ସେହି ବ୍ୟକ୍ତିମାନଙ୍କଠାରୁ ବିଜ୍ଞପ୍ତି ଜାରି ହେବାର ୩୦ ଦିନ ମଧ୍ୟରେ ଲିଖିତ ମତାମତ ନେବାକୁ ଅନୁରୋଧ କରାଯାଇଛି। ଯେଉଁ ଆପତ୍ତି ଓ ପରାମର୍ଶଗୁଡ଼ିକ ପୁରୀ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଜରିଆରେ ଉପରୋକ୍ତ ସମୟ ମଧ୍ୟରେ ମିଳିବ ତାହାକୁ ବିଚାରକୁ ନିଆଯିବ ବୋଲି ନିର୍ଦ୍ଦେଶକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।












## ୨ ମାସ ବଢ଼ିଲା ଇ-କେୱାଇସି ଅବଧି: ମନ୍ତ୍ରୀ

ଭୁବନେଶ୍ୱର, ୩୧।୧୨ (ସୁନିତ୍ ମିଶ୍ର)

ଇ-କେୱାଇସି ଅବଧିକୁ ରାଜ୍ୟ ସରକାର ଅଧିକ ୨ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଡିସେମ୍ବର ୩୧ ତାରିଖ ଇ-କେୱାଇସି କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ହେଲେ ରାଜ୍ୟରେ ଆହୁରି ସାଢେ ୧୩ ଲକ୍ଷରୁ ଅଧିକ ହିତାଧିକାରୀ ଇ-କେୱାଇସି କରି ନ ଥିବାବେଳେ ସରକାର ଏହାକୁ ଗୁରୁତ୍ୱର ସହ ବିଚାରକରି ସମୟ ଅବଧି ବୃଦ୍ଧି କରିଛନ୍ତି। ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନଙ୍କୁ ସରକାର ଫେବୃଆରୀ ଶେଷ ପର୍ଯ୍ୟନ୍ତ ସମୟ ଦେଲେ। ଜଣେ ହେଲେ ହିତାଧିକାରୀ ଯେପରି ଇ-କେୱାଇସି କାରଣରୁ ରାଶନକାର୍ଡରୁ ବଞ୍ଚିତ ନ ହୁଅନ୍ତି ସରକାର ଏହା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ପାତ୍ର ଆହୁରି କହିଛନ୍ତି, ରାଜ୍ୟର ପ୍ରାୟ ୯୬ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରିସାରିଲେଣି। ଏହା ଭାରତରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ସର୍ବାଧିକ। ଯେଉଁ ୪ ପ୍ରତିଶତ ଲୋକ ଇ-କେୱାଇସି କରିନାହାନ୍ତି ସେମାନଙ୍କ ମଧ୍ୟରେ ଉପକୂଳ ଅଞ୍ଚଳରୁ ଅଧିକ ଅଛନ୍ତି ବୋଲି ସେ କହିଛନ୍ତି। ମନ୍ତ୍ରୀଙ୍କ ଏହି ପ୍ରତିକ୍ରିୟା ପରେ ଇ-କେୱାଇସି କରି ନ ଥିବା ହିତାଧିକାରୀମାନେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। କାରଣ ସରକାର ଇ-କେୱାଇସି କରି ନ ଥିଲେ ରାଶନ ସାମଗ୍ରୀ ମିଳିବ ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ରାଜ୍ୟର ସବୁ ହିତାଧିକାରୀଙ୍କୁ ଇ-କେୱାଇସି କରିବାକୁ ସରକାର ବାଧ୍ୟତାମୂଳକ କରିଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟର ୩ କୋଟି ୨୫ ଲକ୍ଷ ୫୧ ହଜାର ୭୭୩ ଜଣ ରାଶନକାର୍ଡ ହିତାଧିକାରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩ କୋଟି ୧୨ ଲକ୍ଷ ଲୋକ ଇ-କେୱାଇସି କରିସାରିଛନ୍ତି। ଇ-କେୱାଇସି କରିବାକୁ ରାଜ୍ୟ ସରକାର ଲଗାତର ଭାବେ ଅବଧି ବୃଦ୍ଧି କରିଚାଲିଛନ୍ତି।


DSPL-448



## ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆଜି ଇଂରାଜୀ ନବବର୍ଷର ପ୍ରଥମ ଦିନ। 'ଜାତୀୟ ସଡ଼କ ସୁରକ୍ଷା ମାସ - ୨୦୨୬' ର ମଧ୍ୟ ପ୍ରଥମ ଦିନ। ଜାନୁଆରୀ ପହିଲାରୁ ୩୧ ଜାନୁଆରୀ ଯାଏ ପାଳନ ହେବାକୁ ଥିବା ଏହି ମାସରେ ଦେଶବାସୀଙ୍କ ନିମନ୍ତେ ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସନ୍ଦେଶ ରହିଛି "ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ"।

ସଡ଼କ ଦୁର୍ଘଟଣା ଆମ ସମସ୍ତଙ୍କ ଆଗରେ ଏକ ଗମ୍ଭୀର ଚିନ୍ତାର ବିଷୟ ଭାବରେ ଉଭା ହୋଇଛି। ଆମ ସମସ୍ତଙ୍କୁ ମିଳିତ ଭାବରେ ଏହାର ମୁକାବିଲା କରି ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା କମ୍ କରିବାକୁ ହେବ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଆମ ସରକାର ସଂକଳ୍ପ ନେଇଛନ୍ତି। ବିକଶିତ ଓଡ଼ିଶା ନିର୍ମାଣରେ ସମୃଦ୍ଧ, ସୁଦୃଢ଼ ତଥା ସୁରକ୍ଷିତ ପରିବହନର ଏକ ବିଶେଷ ଭୂମିକା ରହିବ।

ଦୈନନ୍ଦିନ ସଡ଼କ ଦୁର୍ଘଟଣାରେ କାହାର ନା କାହାର ମୃତ୍ୟୁ ଖବର ମୋତେ ବିବ୍ରତ କରେ। ମୁଁ ଜାଣେ, କାହାର ଅକାଳ ମୃତ୍ୟୁ ସହ ତାହାର ପୁରା ପରିବାର ବି ଉଜୁଡ଼ିଯାଏ। ଏହାକୁ ରୋକିବାକୁ ସମସ୍ତ ଉଦ୍ୟମ କରିବାକୁ ଆମ ସରକାର ନିଷ୍ଠାର ସହ ପ୍ରୟାସ କରୁଛନ୍ତି।

ଗତଥର ମୁଁ ଆହ୍ୱାନ ଦେଇଥିଲି, ଆମେ ଘରୁ ବାହାରି ଗଲେ ସୁରକ୍ଷିତ ଭାବରେ ପୁଣି ଫେରିବା ପାଇଁ ଯତ୍ନବାନ ହେବା। ସ୍ଲୋଗାନ୍ ଥିଲା ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁ। ଆଉ ଏହି ଅଭିଯାନକୁ ଆଗକୁ ବଢ଼ାଇବାକୁ ମାତୃଶକ୍ତିଙ୍କୁ ନିବେଦନ କରିଥିଲି। ମୁଁ ବହୁତ୍ ଖୁସି, ଏହି ଆହ୍ୱାନ ଏକ ଜନ ଅଭିଯାନର ରୂପ ନେଇସାରିଛି।

ଚଳିତ ଥର ମୋର ନିବେଦନ ଆମ ସମାଜର ବରିଷ୍ଠ ବର୍ଗଙ୍କୁ ରହିବ। ଆପଣମାନେ ହେଉଛନ୍ତି ଆମର ମୁରବୀ, ମାର୍ଗଦର୍ଶକ। ଜୀବନ ରକ୍ଷାର ଏହି ଅଭିଯାନକୁ ଆପଣମାନେ ଯୁବପିଢ଼ିଙ୍କୁ ବୁଝାନ୍ତୁ। ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଶିକ୍ଷା ଦିଅନ୍ତୁ ଏବଂ ଯୁବପିଢ଼ି ମଧ୍ୟ ଜୀବନର ମୂଲ୍ୟକୁ ଜାଣନ୍ତୁ।

ଇଂରାଜୀ ନୂଆବର୍ଷ ତଥା ସଡ଼କ ସୁରକ୍ଷା ମାସରେ ଆମର ସଂକଳ୍ପ ହେଉ, ଆମେ ସଡ଼କ ସୁରକ୍ଷାକୁ ଜୀବନର ଏକ ଅଂଶ କରିବା। ସଡ଼କ ଦୁର୍ଘଟଣା ମୃତ୍ୟୁ ହ୍ରାସ ଅଭିଯାନରେ ସହଭାଗୀ ହେବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

## ଶ୍ରୀମନ୍ଦିର ପ୍ରଶାସନ...

ପ୍ରଥମ ପୃଷ୍ଠାରୁ

ପରାମର୍ଶରେ ଶ୍ରୀମନ୍ଦିର ପ୍ରଶାସନ ଏଭଳି ତ୍ରୁଟିପୂର୍ଣ୍ଣ ଫଟୋ କ୍ୟାଲେଣ୍ଡରରେ ସ୍ଥାନ ଦେଇଛି, ତାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ବରିଷ୍ଠ ସେବାୟତ ଶରତ ମହାନ୍ତି କହିଛନ୍ତି, ମଣିଷ ମାତ୍ରକେ ତ୍ରୁଟି ହୋଇଥାଏ। ତେବେ ତ୍ରୁଟିକୁ ସ୍ୱୀକାରିବା ଆବଶ୍ୟକ। ତେଣୁ ତ୍ରୁଟିଥିବା କ୍ୟାଲେଣ୍ଡରକୁ ନଷ୍ଟ କରି ଉଚିତ ନୂତନ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଉ। ସେହିପରି ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସମହାପାତ୍ର କହିଛନ୍ତି, ପୂର୍ବରୁ ପ୍ରକାଶ କରାଯାଉଥିବା କ୍ୟାଲେଣ୍ଡରରେ ତ୍ରୁଟି ଦେଖିବାକୁ ମିଳୁନଥିଲା। ତେବେ କେଉଁ ସ୍ଥାନରେ ଭୁଲ୍ ଓ ସମନ୍ୱୟ ଅଭାବରୁ ଏଭଳି ଘଟଣା ଘଟିଛି ତା'ର ତଦନ୍ତ ସହ ପଦକ୍ଷେପ ନିଆଯିବା ଆବଶ୍ୟକ। ତ୍ରୁଟିପୂର୍ଣ୍ଣ ଚିତ୍ର ସ୍ଥାନିତ ହେବା ଦ୍ୱାରା ଭକ୍ତଙ୍କ ଭାବାବେଗକୁ ଆଘାତ ହେବା ଯଦି ତାଳପତ୍ରର ଚିତ୍ର ସ୍ଥାନିତ ହୋଇଛି, ତେବେ ସମ୍ପୃକ୍ତ ଶିଳ୍ପୀଙ୍କ ନାମ, କେବେ ହୋଇଥିଲା, କିଏ ସ୍ଥାନ ଫଟୋ ଆଦି ତଥ୍ୟ ଉଲ୍ଲେଖ ରହିଥାଆନ୍ତା, ତା'ପରେ ବିବାଦ ଉପୁଜି ନ ଥାଆନ୍ତା। ଶ୍ରୀମନ୍ଦିର ପ୍ରଶାସନ ଉପରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ତେଣୁ ପ୍ରଶାସନର ଏପରି କାର୍ଯ୍ୟ ଠିକ୍ ନୁହେଁ। ଯେପରି ଭବିଷ୍ୟତରେ ଏଭଳି ତ୍ରୁଟିର ପୁନରାବୃତ୍ତି ନ ହେବ, ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଧ୍ୟାନ ଦେବା ଉଚିତ ବୋଲି ଦାସ ମହାପାତ୍ର କହିଛନ୍ତି। ତ୍ରୁଟିକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେବାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ବହୁ ବର୍ଷ ତଳର ଏହା ଏକ ଚିତ୍ରକର କଳାକୃତି ଏହି ତାଳପତ୍ରରେ ଅଙ୍କିତ ଫଟୋଚିତ୍ରକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରୁ ସଂଗ୍ରହ କରାଯାଇ ନବବର୍ଷ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି। ଏହା ସାମ୍ପ୍ରତିକ ସ୍ଥିତି ନୁହେଁ। ଏହା ସେତେବେଳର ଜଣେ ଶିଳ୍ପୀଙ୍କ ଚିତ୍ରକଳା। ଏହାକୁ ଜଗନ୍ନାଥପ୍ରେମୀ ଭୁଲ୍ ବୁଝିବେ ନାହିଁ ବୋଲି ଆଶା। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଡ. ପାଢ଼ୀ କ୍ଷମା ପ୍ରାର୍ଥନା କରିବା ସହ କ୍ୟାଲେଣ୍ଡରଗୁଡ଼ିକର ବିକ୍ରି ସ୍ଥଗିତ ରଖାଯାଇଥିବା ପ୍ରକାଶ କରିଛନ୍ତି।

## କ୍ରୀଡ଼ା ପ୍ରତିଯୋଗିତାରେ...

ଅନୁସାରେ, ମଙ୍ଗଳବାର ମଧ୍ୟ ଉଦୟଦାସପୁରରେ ଦୌଡ଼ୁଥିବା ବେଳେ ପଡ଼ି ସଂଜ୍ଞାହୀନ ହୋଇଥିଲେ। ଅଧ୍ୟକ୍ଷ ଓ ଅନ୍ୟାନ୍ୟ ଶିକ୍ଷକ ତାଙ୍କୁ ... ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସର ପଡ଼ିଆରେ ମଙ୍ଗଳବାର ଓ ବୁଧବାର ଥିଲା। ଉଦୟଦାସପୁରରେ ବୁଧବାର ୨୦୦ ମିଟର ରିଲେ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗୋଟିଏ ରାଉଣ୍ଡ ୧୦୦ ମିଟର ଦୌଡ଼ିବା ପରେ ସେ ହଠାତ୍ ବସିପଡ଼ିଥିଲେ। ପରେ ତଳେ ପଡ଼ିଯାଇଥିଲେ। ଫଳରେ ତୁରନ୍ତ ତାଙ୍କୁ ନିକଟସ୍ଥ ସୁଜନପୁର ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରିଜିଲା ମଙ୍ଗଳ ଅଧିକାରୀ ଘାଗାରାମ୍ଭ ପରେ କହିଛନ୍ତି, ବ୍ୟବହୃତ ରିପୋର୍ଟ ଆସିବା ପରେ ମୃତ ଛାତ୍ରଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ।

## ମୋହନା-କୋରାପୁଟ...

ବଢ଼ାଇବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ହେବ। ଏହାଦ୍ୱାରା ସେହି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ ସହ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ଆର୍ଥିକ କାରବାର ବୃଦ୍ଧି ଦିଗରେ ମଧ୍ୟ ଏହି ପ୍ରକଳ୍ପ ଅଧିକ ସହାୟକ ହେବ। ସଡ଼କ ସୁରକ୍ଷା ଦିଗରେ ଏହା ସହାୟକ ହେବା ସହ ରାଜ୍ୟର ମଧ୍ୟ ବିକାଶ ଏହାଦ୍ୱାରା ଯଥେଷ୍ଟ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। କ୍ୟାବିନେଟ୍‌ରେ ଏହି ପ୍ରସ୍ତାବ ପାରିତ ହେବା ପରେ କେନ୍ଦ୍ର ସରକାର କହିଛନ୍ତି, ଗଜପତି, ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲା ଏହାଦ୍ୱାରା ଉପକୃତ ହେବେ। ଜାତୀୟ ରାଜପଥ (ଏନ୍‌ଏଚ୍-୩୨୬)ର ମୋହନା-କୋରାପୁଟ ସେକ୍ସନ ବର୍ତ୍ତମାନ ସବ୍-ଷ୍ଟାଣ୍ଡାର୍ଡ ଜ୍ୟାମେଟ୍ରି ସ୍ଥିତିରେ ରହିଛି। ବର୍ତ୍ତମାନ ରାସ୍ତା ଯେପରି ରହିଛି ସେଥିଯୋଗୁ ଉପକୂଳବର୍ତ୍ତୀ ବନ୍ଦର ଏବଂ ଶିଳ୍ପ କେନ୍ଦ୍ର ପର୍ଯ୍ୟନ୍ତ ମାଲ ପରିବହନ ହ୍ରାସ ପାଉଛି।

ଏବଂ ସମସ୍ୟା ଦୂରକରିବା ଲାଗି କରିଡରକୁ ୨ ଲେନ୍ ଅପ୍‌ଗ୍ରେଡ୍ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗଜପତି, ରାୟଗଡ଼ା ଏବଂ କୋରାପୁଟ) ଦେଇ ଯିବ ଏବଂ ଏହା ଯାନବାହନ ଚଳାଚଳକୁ ଦ୍ରୁତ ଓ ସୁରକ୍ଷିତ କରି ଶିଳ୍ପ ଓ ପର୍ଯ୍ୟଟନ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଆକାଂକ୍ଷୀ ଏବଂ ଆଦିବାସୀ ଅଞ୍ଚଳରେ ସେବା ଉପଲବ୍ଧତାକୁ ଉନ୍ନତ କରିବ। ଏହା ସହ ଆନ୍ତଃ ରାଜ୍ୟ ଏବଂ ରାଜ୍ୟ ଭିତରେ ସଂଯୋଗୀକରଣରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହାଦ୍ୱାରା ୨.୫ରୁ ୩.୦ ଘଣ୍ଟାର ଆନୁମାନିକ ଯାତ୍ରା ସମୟ ହ୍ରାସ ପାଇବ। ମୋହନା ଏବଂ କୋରାପୁଟ ମଧ୍ୟରେ ୧୨.୪୬ କିଲୋମିଟର ଦୂରତା ମଧ୍ୟ ହ୍ରାସ ପାଇବ। ଏହି ପ୍ରକଳ୍ପ କାମକୁ ଇପିସି ମୋଡ୍‌ରେ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି।

## ନୂଆ ସିଏସ୍...

ମଧ୍ୟ ରହିଛି। ଆଇଏଏସ୍ ଭାବେ ଜଣେ ଚାକିରି କଲେ ସମସ୍ତଙ୍କର ସ୍ୱପ୍ନ ଥାଏ କିପରି ରାଜ୍ୟର ବିକାଶ ଏବଂ ପ୍ରଗତି କରିପାରିବେ। ରାଜ୍ୟ ପାଇଁ ଏକ ବହୁତ ଭଲ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି। ୨୦୩୬ରେ ଓଡ଼ିଶା ଏବଂ ୨୦୪୭ରେ ଭାରତ କିପରି ଦେଖାଯିବ। ବିକଶିତ ଓଡ଼ିଶା ଗଠନ ଲାଗି ଯେଉଁ ଲକ୍ଷ୍ୟ ରହିଛି ତାକୁ ପୂରଣ କରାଯିବ। ବହୁ ଚ୍ୟାଲେଞ୍ଜ ରହିଛି ହେଲେ, ତାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ। ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ସମୟରେ ସମସ୍ତଙ୍କ ସହଯୋଗ ଥିଲା। ସାଧାରଣ ଲୋକଙ୍କଠାରୁ ବହୁ ପ୍ରସ୍ତାବ ପୋର୍ଟାଲ ମାଧ୍ୟମରେ ଗ୍ରହଣ କରାଯାଇଥିଲା। ଯେତେବେଳେ ଭିଜନ ଡକ୍ୟୁମେଣ୍ଟ କ୍ରିୟାନ୍ୱୟନ ହେବ ସମସ୍ତଙ୍କ ସହଯୋଗ ମିଳିବ ବୋଲି ଆଶାବାଦୀ। କେବଳ ମହିଳା ନୁହେଁ, ଯୁବ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟର ପର୍ଯ୍ୟଟନର ବିକାଶ ସହ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍‌କୁ କିପରି ଆଗକୁ ନେଇ ହେବ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯିବ। ତୃଣମୂଳସ୍ତରରେ ଠିକ୍‌ଭାବରେ ହୋଇପାରୁ ନ ଥିବା କାର୍ଯ୍ୟ ଠିକ୍ ଢଙ୍ଗରେ କ୍ରିୟାନ୍ୱୟନ କରିବାକୁ ଚେଷ୍ଟା କରାଯିବ ବୋଲି ଅନୁ କହିଛନ୍ତି। ଦାୟିତ୍ୱ ନେବାପରେ ନୂଆ ଶାସନ ସଚିବଙ୍କୁ ଅଭିନନ୍ଦନ ଜଣାଇବା ଲାଗି ତାଙ୍କ କାର୍ଯ୍ୟାଳୟ ବାହାରେ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, ପୂର୍ବରୁ ଅନୁ ଗର୍ଗ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନ ସଚିବ ଭାବେ ଶ୍ରୀ ଏବଂ ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ରହିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ କମିଶନର ତଥା ସଚିବ ଭାବେ ୨୦୦୮ରୁ ୨୦୧୨ ଯାଏ ଦାୟିତ୍ୱ ତୁଲାଇଥିଲେ। ୧୯୯୨ରୁ ୨୦୦୩ ପର୍ଯ୍ୟନ୍ତ ସେ ବିଭିନ୍ନ ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ବରଗଡ଼ ଏବଂ ସମ୍ବଲପୁର ଜିଲାପାଳ ଥିଲେ। ସେହିପରି ଝାରସୁଗୁଡ଼ା ଏବଂ କଳାହାଣ୍ଡିରେ ଅତିରିକ୍ତ ଜିଲାପାଳ ଭାବେ ସେ ଦାୟିତ୍ୱରେ ରହିଥିଲେ। କେନ୍ଦ୍ର ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କେନ୍ଦ୍ରରେ ବଦନ ବିଷୟ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ, ପ୍ରଧାନମନ୍ତ୍ରୀଙ୍କ ଯୁଗ୍ମ ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଏହାସହ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦାୟିତ୍ୱ ତୁଲାଇଥିଲେ। ଅତ୍ୟପଟେ ଆୟୁଷ୍ମାନ ଭାରତ ଯୋଜନା ଭବନରେ ବିପ୍ରାଧିକାରୀ ସମର୍ଥନ ଦିଆଯାଉଥିବା ବେଳେ ତାଙ୍କ ଶ୍ରୀ ଆରୋଗ୍ୟ ଆୟୁଷ୍ମା ଏହି ଅବସରରେ ଉପସ୍ଥିତ ଥିଲେ। ଆୟୁଷ୍ମ ଗଣମାଧ୍ୟମଙ୍କୁ ତାଙ୍କ ବିଦ୍ୟାୟକାଳୀନ ପ୍ରତିକ୍ରିୟା ଦେଇ କହିଥିଲେ, ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେବାପରେ ସମସ୍ତଙ୍କ ସହଯୋଗ ମିଳିଥିଲା। ସେତେବେଳେ ରାଜ୍ୟରେ ସରକାର ନୂଆ ଆସିଥିବାରୁ ବହୁ ନୂଆ ଚ୍ୟାଲେଞ୍ଜ ଥିଲା। ଲୋକଙ୍କ ସରକାର ଗଠନର ଲକ୍ଷ୍ୟ ଥିଲା। ଶାସନ ଓ ପ୍ରଶାସନ ମିଳିତ ଭାବେ ଗୋଟିଏ ଟିମ୍ ହୋଇ କେମିତି କାମ କରିବେ ସେନେଇ ଲକ୍ଷ୍ୟ ରହିଥିଲା। ଲକ୍ଷ୍ୟ ଥିଲା ବର୍ଷେରୁ ୨ ବର୍ଷ ପାଇଁ ସ୍ଥାୟୀ ସରକାର ଗଠନ କରିବା, ନୂଆ ଯୋଜନାଗୁଡ଼ିକ ଠିକ୍ ଭାବରେ ଲୋକଙ୍କ ନିକଟରେ ପହଞ୍ଚାଇବା।

---

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

e-mail: serwsbd2003@yahoo.com

Letter No. 6811 | **2nd Corrigendum** | Date: 23.12.2025

No. O-1893: In continuation to this office Bid Identification No. CCERWCSBD-Online-25/2025-26 invited vide this office Notice No. 5935 Dtd.15.11.2025, partial modification of NCB has been made as follows:

1. Availability of tender online for bidding extended upto Dtd.15.01.2026 at 5.00 P.M.
2. Date and Time of seeking tender clarification if any on or before Dtd.13.01.2026 upto 2.00 P.M.
3. Date & Time of opening of tender (Technicla Bid) on Dtd.16.01.2026 at 11.00 A.M.
4. Date & Time of opening of tender (Price Bid) will be intimated later.

All other terms and conditions will remian unaltered.

Sd./- Chief Construction Engineer
Rural Works Circle, Sunabeda

OIPR-25182/11/0132/2526

---

### OFFICE OF THE PANCHAYAT SAMITI, KOLNORA

DIST.- RAYAGADA, PIN CODE - 765017, ODISHA
E-mail ID: ori-kolnara@nic.in
**INVITATION FOR BIDS (I.F.B.)**
e-Procurement Notice
IDENTIFICATION No. PS-KOL No.04 of 2025-26

Tender Notification No. 4999 | Dated 28.12.25

No.i-443:- The Block Development Officer, Kolnora, Rayagada invites Percentage Rate bid in Single cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N.) from the eligible class of contractors.

1) No. of works : 09 (Nine) No.
2) Estimated Cost : Rs.24.81 lakhs to Rs.25.23 lakhs
3) Cost of Tender paper : Rs.6000/- (Rupees Six Thousand) only for each work
4) Class of Contractor : "D & C" CLASS
5) Date of Time of available in website & receipt online : **11.00 Hrs. of 01.01.2026 to 17.00 Hrs. of 15.01.2026**
6) Date of opening of Technical Bid : **11.30 hrs. of 16.01.2026**

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
Any Corrigendum/Addendum will be displayed in the website https://tendersodisha.gov.in only.

OIPR-19053/11/0004/2526 | Sd./- Block Development Officer, Kolnora

---

### ZILLA PARISHAD OFFICE, BALANGIR

Panchayati Raj
Dist.: Balangir, Odisha, PIN - 767001
E-mail: ori-dbolangir.odisha.gov.in, Ph.: 06652-232863

Notice No. 7416 | Date: 26.12.2025

**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER RURAL HOUSING SCHEME**

No. CAD-2850: Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad, Office and 14 Blocks. The bid should reached the undersigned by Speed Post or Registered Post only. The last date of submission of tender is 17.01.2026 upto 5.30 P.M.

The details of Request for Proposal can be viewed in the district website i.e. **https://balangir.odisha.gov.in**. Further the bid documents can be downloaded from the same website from 26.12.2025 to 17.01.2026.

1. Opening of RFP documents: 20.01.2026 at 11.30 A.M. (Technical Bid)
2. Opening of RFP documents: 22.01.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of Rs.10,000/- (Rupees Ten thousand) only in shape of Account Payee Demand Draft in favour of the C.D.O.-cum-Executive Officer, Zilla Parishad, Balangir payable at Balangir from any of the Scheduled Commercial Bank along with the Proposal in Technical Bid. In absence of such document (Cost of Tender fee) the RFP will be rejected.

Sd./- C.D.O.-cum-E.O.
Zilla Parishad, Balangir

OIPR-19367/11/0006/2526

---

### OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)

NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
**Bid Identification No. S.E.E.C. (R&B) 24/2025-26**

No. 4578 | Date: 17.12.2025

No. B-858: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from Dt.03.01.2026 at 05.00 P.M. to Dt.17.01.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.19.01.2026 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum/Corrigendum, if required, will be available only in the website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0064/2526

---

### ପଞ୍ଚସଖା ଶିକ୍ଷା ସେତୁ ସଂଗଠନ

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଦ୍ୟମ

### Panchasakha Shikhya Setu Sangathan

A-1 Block, 6th Floor, Toshali Bhawan,
Satya Nagar, Bhubaneswar, Odisha-751007

**Request For Proposal (RFP)**

RFP No.1934/PSSS/25 | Date:30.12.25

No.n-220: Sealed quotations are invited for the selection of agency for Designing and Preparation of Tableaux for Republic Day Celebration 2026 under Panchasakha Shikhya Setu Sangathan. A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha- 751007. The last date of submission of quotation is 14.01.2026 before 5.00 P.M. For more details, please visit https://Pss.odisha.gov.in.

By the Order of Member Secretary
Panchasakha Shikhya Setu Sangathan

OIPR-27178/11/0030/2526

---

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୮୩ | **ବିଜ୍ଞାପନ** | ତା:୧୯।୧୨।୨୦୨୫

No. CAD-2852: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ରେହେନା ଖାତୁନ<br>ସ୍ୱାମୀ: ୰ଅବଦୁଲ ଅଲି<br>ସା: ମୋତିଝରନ୍<br>ପୋ./ଥାନା/ଜିଲ୍ଲା: ସମ୍ବଲପୁର | ଘର ନଂ.: ଏଚ.ଆଇ.ଜି.–(ଡି)ସି–୧୧୭, (HIG(D)C-117)<br>ବରମୁଣ୍ଡା,<br>ଭୁବନେଶ୍ୱର,<br>ଜିଲ୍ଲା: ଖୋର୍ଦ୍ଧା | ୧. କିଶ୍ୱର ଇକବଲ୍ ହେନା (କନ୍ୟା)<br>୨. ମହମ୍ମଦ କୌସାର ଇକବାଲ (ପୁତ୍ର)<br>୩. ମହମ୍ମଦ କାଇସାର ଇକବାଲ ଅଲ୍ଲୀ (ପୁତ୍ର) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/1051/2526

---

### OFFICE OF THE NOTIFIED AREA COUNCIL, ATHGARH
### E-PROCUREMENT NOTICE

Tender Reference No.ATH-NAC-03/2025-26
Notice No.2517, Dt.29.12.2025

No.C-1923: The Athgarh NAC invites online bid in single cover system through e-procurement.

1. Type of Works : Civil Construction works as in the D.T.C.N.
2. Total No.of Works : 19 (Nineteen) Nos. of Projects
3. Estimated Cost : **Rs.1,86,295/- to Rs.12,32,569/-**
4. Period of Completion of Work : 30 days to 60 days
5. Date and time of availability of bid : From dt.01.01.2026 at 10.00 AM to dt.09.01.2026 at 5.00 P.M.
6. Last date and time for receipt of Bid in Portal : 09.01.2026 upto 5.00 P.M.
7. Date and Time of Opening of the Bid : From 12.01.2026 at 11.00 AM to onwards
8. Class of Contractor : "C" & "D" Class Regd. Contractors.

Further details can be seen from the E-Procurement portal **www.tendersorissa.gov.in.**

Sd./- Executive Officer
NAC, Athgarh

OIPR-13149/11/0019/2526

---

ଓଡ଼ିଶା ସରକାର

### GOVERNMENT OF ODISHA
### OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, JEYPORE & NABARANGPUR

At: Plot No. 127, Old LIC Office Building, Pujariput, Koraput

No. 1450 | Dated: 26.12.2025

**Corrigendum - I of Quotation Call Notice No. 01/2025-26**

No. AA-51: In continuation to this office Quotation Call Notice No. 01/2025-26 dated 18.11.2025, it is hereby notified the amendments for the information to all concerned that the last date for submission of sealed quotation/tender documents for hiring of private building for accommodation of office of the SE-cum-DEI, Jeypore & Nabarangpur and AEE-cum-AEI, JED & NED, Jeypore has been extended upto 28.01.2026 at 03.00 P.M. and shall be opened on the same day at 04.00 P.M. in presence of the bidders or their authorized representatives.
All other terms and conditions of the original quotation call notice No. 01/2025-26 dated 18.11.2025 shall remain unchanged.

Sd./- Superintending Engineer-cum-DEI
Jeypore & Nabarangpur

OIPR-04096/11/0002/2526

---

### GOVERNMENT OF ODISHA
No.O-1894
### OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

No.6835/ RWDBNJ/Dated 24.12.2025
**1st CORRIGENDUM TO TENDER CALL NOTICE**
IDENTIFICATION NO.21/RWDBNJ/2025-2026 T.O.LETTER NO.6076 DATED 09.12.2025

The following modifications to the Online Tender/21/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date of opening of Technical BID |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per Office order | | | |
| Superintending Engineer, Rural Works Division, Bhanjanagar | Online Tender/ 21/ RWDBNJ/ 2025-2026 | 22.12.2025 At 10.00 A.M. | 05.01.2026 Upto 5.00 P.M. | 03.01.2026 upto 3.00 P.M. | 07.01.2026 at 12.30 P.M. |
| | | As per 1ST Corrigendum | | | |
| | | 31.01.2025 at 10.00 AM | 12.01.2026 upto 5.00 PM | 10.01.2026 Upto 3.00 P.M. | 13.01.2026 at 12.30 P.M. |

All other terms and conditions of the said tender call notice shall remain unchanged.

OIPR-25174/11/0059/2526 | Sd./- Executive Engineer, Rural Works Division, Bhanjanagar

---

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT-CHANDIKHOL, PO-SUNGUDA, JAJPUR- 754296, Tel.No.0671-2444488, Email:serw_kpd@yahoo.com

Letter No.5015, | **1st Corrigendum Notice** | Date:29.12.25

**1st Corrigendum to Bid Identification No. Tender Online RCK-24/25 invited by this Office vide Letter No.4261, Dt.15.12.2025.**
**No.O-1900:** The changes as detailed below are hereby made in the above N.I.T.:-
**1. Clause No.-06 of NIT modified below:-**

| Procure-ment Officer | Bid Identification No. | Availability of tender On-line for bidding | | Last date & Time of seek-ing Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previ-ously fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender RCK-24/25 | From 22.12.2025 at 11.00 AM to 08.01.2026 upto 05.00 PM | From 08.01.2026 at 11.00 AM to 21.01.2026 upto 05.00 PM | 08.01.2026 upto 02.00 PM | 21.01.2026 upto 02.00 PM | 09.01.2026 at 11.00 AM | 22.01.2026 at 11.00 AM | Will be Intimated Later | Will be Intimated Later |

**All other conditions of NIT remain unaltered.**

Sd./- Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0082/2526

---

### OFFICE OF THE EXECUTIVE ENGINEER (AGRIL.), AGRIL ENGG. DIVISION, NAYAGARH

E-mail ID- eeagril.nayagarh@gmail.com
**INVITATIONS FOR BIDS THROUGH e-Procurement**
**Bid Identification No./e-Procurement Notice No.1135/2025/Agril. Date-29.12.2025**
**E.E. (AGRIL.), NAYAGARH-06/2025-26**

No.L-150: The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites **Percentage Rate** bids in **Single Cover** system for the works as detailed in table below.

| Sl. No. | Name of the Work | Approximate Estimated Cost put to tender (Excluding G.S.T.) (Rs.) | Cost of Bid Documents (in Rs.) | EMD (in Rs.) | Agency | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Supply and Installation of Work station and additional cubicles for Directorate of Agriculture and Food Production, Odisha in Krushi Bhawan | 16,31,606.00 | 6000.00 | 16,400.00 | Reputed Manufactur-er/ Registered Firms/ Suppliers/Agencies/ Dealers of Approved Godrej Make | 03 (Three Calendar Months) |

The bidders have to participate in ONLINE bidding only. The website for ONLINE BIDDING is **http://tendersodisha.gov.in**. Bid documents will be available in above website from **Dt.31.12.2025 at 11.00 AM to Dt.12.01.2026 upto 5.00 PM** for "ONLINE BIDDING". **Date of original bid documents submission from Dt.31.12.2025 at 11.00 AM to Dt.13.01.2026 upto 5.00 PM**. Bids shall be opened at 11.00 AM on Dt.15.01.2026. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e-Procurement website **www.tendersodisha.gov.in.**
**N.B:Subsequent corrigendum/addendum if required shall be available in the website as indicated above.**

OIPR-01449/11/0013/2526 | Sd./- Executive Engineer (Agril.), Nayagarh Division, Nayagarh

---

### ODISHA HYDRO POWER CORPORATION LIMITED

OHPC
(A GOVT. OF ODISHA UNDERTAKING)
CIN: U40101OR1995SGC003963
Regd. Office: OHPC, Corporate Office: Bhoi Nagar, Janpath, Bhubaneswar - 751022
Phones: 91-0674-2542983, 2542802, 2545526, Fax: 2542102
E-Mail: ohpc.co@gmail.com

No. OHPC: TECH: C&P: 26/2024-25/10755 | Date: 26.12.2025

**NOTICE INVITING TENDER - 06/2025-26**

No. CAD-2848: Sealed tenders are invited in two part i.e. (i) Techno Commercial Bid & (ii) Price bid in separate sealed envelopes from the reputed firms/service provider having PAN and GST Registration Certificate for the works as mentioned below:

| Description of Services | Cost of tender papers (Non-refundable) in Rs. | EMD (Refundable) in Rs. |
|---|---|---|
| Providing Photocopying Service of OHPC Documents for One Year at OHPC Corporate Office, Bhubaneswar | 2000.00 + 18% (GST) = 2360.00/- | 4500/- |

For details of the tender documents, Terms & Conditions and Corrigendum etc. please visit our website **www.ohpcltd.com** from Dt.02.01.2026.

OIPR-04088/11/0005/2526 | Sd./- C&P Head

---

### Regional Plant Resource Centre
FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA

NAYAPALLI, BHUBANESWAR-751015, ODISHA,INDIA, PHONE: 91 674 2557925
E-mail: rprcbbsr@gmail.com. Website: www.rprcbbsr.in

R&D: 34/2025 Letter No. 2203 /RPRC. | Date: 30.12.2025

**WALK-IN-INTERVIEW FOR PROJECT FELLOW**

No. MM-447:- Eligible candidates may attend a walk-in-interview at 10.30 A.M. onward on **7th January, 2026** (Registration/Reporting strictly from 9.30 A.M to 10.30 A.M) at Regional Plant Resource Centre (RPRC) for temporary positions of Project Fellow, under External Funded Project for the year 2025-26. No T.A./D.A is permissible for attending the interview. Prescribed Application Form & other details can be obtained from RPRC website(www.rprcbbsr.in)/ RPRC Notice Board.

OIPR-08004/11/0055/2526 | Sd./- Administrative Officer

---

### OFFICE OF THE PANCHAYAT SAMITI, KALYANSINGHPUR

DIST.- RAYAGADA, PIN CODE - 765016, ODISHA
E-mail ID: ori-kalyansinghpur@nic.in
**INVITATION FOR BIDS (I.F.B.)**
e-Procurement Notice
IDENTIFICATION No. PS-KAL No.02 of 2025-26

Tender Notification No. 3605 | Dated 29.12.25

No.i-444:- The Block Development Officer, Kalyansinghpur, Rayagada invites Percentage Rate bid in Single cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N.) from the eligible class of contractors.

1) No. of works : 02 (Two) Nos.
2) Estimated Cost : Rs.24.02 lakhs to Rs.24.17 lakhs
3) Cost of Tender paper : Rs.6000/- (Rupees Six Thousand) only for each work
4) Class of Contractor : "D & C" CLASS
5) Date of Time of available in website & receipt online : **11.00 Hrs. of 02.01.2026 to 17.00 Hrs. of 16.01.2026**
6) Date of opening of Technical Bid : **11.30 hrs. of 17.01.2026**

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
Any Corrigendum/Addendum will be displayed in the website https://tendersodisha.gov.in only.

OIPR-19432/11/0003/2526 | Sd./- Block Development Officer, KALYANSINGHPUR

---

### OFFICE OF THE CHIEF DISTRICT MEDICAL OFFICER: KEONJHAR
(DISTRICT PUBLIC HEALTH UNIT)
**TENDER CALL NOTICE**

Advt. Lt.No.2493 | Date:30.12.2025

No.E-634: Sealed TENDERs are invited from the Travel Agencies/ Individuals for hiring of vehicles on monthly hire basis for IDSP-DPHO O/o. CDMO, Keonjhar. The detail TENDER documents may be downloaded from district NIC website i.e. www.kendujhar.nic.in. The TENDER document must be submitted to the O/o- CDMO, Keonjhar-758001 through Regd. Post/ Speed Post/ Courier only. The bidder should subscribe "Tender for hiring of vehicle for IDSP-DPHO, Keonjhar on the top of the envelope.

Last date of submission of TENDER : 15.01.2026 till 03.00 P.M.
Date of Opening of TENDER : 15.01.2026 at 04.00 P.M.

The authority reserves the right to accept or reject any proposals without assigning any reason there off.

Sd./-
CDMO-cum-Dist. Mission Director
Keonjhar

OIPR-10033/11/0059/2526

---

### ପଞ୍ଚସଖା ଶିକ୍ଷା ସେତୁ ସଂଗଠନ

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଦ୍ୟମ

### Panchasakha Shikhya Setu Sangathan

A-1 Block, 6th Floor, Toshali Bhawan,
Satya Nagar, Bhubaneswar, Odisha-751007

**Request For Proposal (RFP)**

RFP No.1932/PSSS/25 | Date:30.12.25

No.n-221: Sealed quotations are invited for the selection of agency for providing Event Management services for MUKHYAMANTRI SHIKHYA PURASKAR under Panchasakha Shikhya Setu Sangathan, A-1, Block 6th Floor, Toshali Bhawan, Satya Nagar, Bhubaneswar, Odisha- 751007. The last date of submission of quotation is **14.01.2026** before **5.00 PM** For more details, please visit- **https://Pss.odisha.gov.in.**

By the Order of Member Secretary
Panchasakha Shikhya Setu Sangathan

OIPR-27178/11/0029/2526

---

### OFFICE OF THE MUNICIPAL COUNCIL: KHORDHA

H&UD Department, Govt. of Odisha, Khordha-752055
e-Mail:khurda_municipality@yahoo.co.in, Phone No.06755-220674
**"e" Procurement Notice**
No.8081/Date 29.12.2025

No.C-1921:Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Tender Reference No. : KMPLTY/07/2025-26
2. Name of the Work : Civil Construction works as mentioned in DTCN
3. No. of Works : 4 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date 01.01.2026 at 11.00 AM
8. Last date & time for receipt of bids in the portal : Date 09.01.2026 upto 05.30 PM
9. Bids received online shall be opened on : Date 13.01.2026 from 11.00 AM
10. Name and address of the Officer Inviting Bid : O/o.- Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

Sd./- Executive Officer
Khordha Municipality

OIPR-13082/11/0051/2526

---

### ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

**ନୋଟିସ୍**

**ଆଦେଶ-୫, ନିୟମ-୨୦, ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ**

**ଏଲ.ଏ. କେସ୍. ନଂ.- ୩୨୫/୨୦୨୨**

**ମଣ୍ଡଳ ଅଧିକାରୀ, ମଣ୍ଡଳ ନଂ.-୩,**
**ଆର.ଆର.ସି.ଏସ୍., ଢେଙ୍କାନାଳ ........... ଆବେଦନକାରୀ**

**ବନାମ**

**୧. ଗଙ୍ଗାଧର ସ୍ୱାଇଁ, ୨. ନେପାଳ ସ୍ୱାଇଁ, ୩. ପଦ୍ମଚରଣ ସ୍ୱାଇଁ, ପିତା- ଲକ୍ଷ୍ମଣ ସ୍ୱାଇଁ, ସା- ରାଜବଲ୍ଲଭପୁର, ପୋ- ଗୋବରା, ଥାନା- ଗୁରୁଡ଼ିଝାଟିଆ, ଜିଲ୍ଲା-କଟକ, ପିନ୍- ୭୫୪୦୨୮ ........... ବିରୋଧୀ ପକ୍ଷମାନେ**

No. III-09:- ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ରେଙ୍ଗାଲି ଜଳସେଚନ ଯୋଜନା ଅନ୍ତର୍ଗତ ଦର୍ପଣୀ ଶାଖା କେନାଲ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁର ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ ସି.ବି-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ.-୩୨୬/୨୦୨୨ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ, ଯଥା- ମୌଜା- ରାଜବଲ୍ଲଭପୁର, ଖାତା ନଂ.-୨୨, ପ୍ଲଟ୍ ନଂ.- ୪୨୮, ମୋଟ ରକବା- ଏ.୧.୮୬୮ ଡ଼ି.ରୁ ଅଧିଗୃହୀତ ରକବା- ଏ.୦.୨୦୦ ଡ଼ି., କିସମ- ଶାରଦ ଅଣଜଳସେଚିତ- ୩ ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା- ୨୬.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ସ୍ୱାକ୍ଷର/– ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24379/14/0001/2526

# ୨ ଯୁବକଙ୍କୁ ହାତୁଡ଼ିରେ ପିଟି ହତ୍ୟା

■ଗ୍ୟାରେଜ ମାଲିକ ଗିରଫ
■ଲୁହା ହାମର, ପାଣି ବାଲ୍ଟି, ଦଉଡ଼ି ଜବତ

ମଙ୍ଗୁଳି-ଜଗତପୁର,୩୧।୧୨ (ମାନସ ସାମଲ)




ମୃତକ ୨ ଯୁବକ ମହମ୍ମଦ ସହେବ ଓ ପ୍ରଶାନ୍ତ କୁମାର ଜେନା।



ପୋଲିସ ଘଟଣାସ୍ଥଳ ଯାଞ୍ଚ କରୁଛି।

କଟକ ଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ବୁଧବାର ୨୦୨୫ ବର୍ଷର ଶେଷ ଦିନରେ ଏକ ହତ୍ୟାକାଣ୍ଡ ଘଟିଛି। ଟାଙ୍ଗୀ ଥାନା ୧୬ ନମ୍ବର ଜାତୀୟ ରାଜପଥ ନିର୍ଗୁଣ୍ଡି ନିକଟରେ ଥିବା ଏକ ପୋକ୍ଲିନ ଗ୍ୟାରେଜରେ ୨ଜଣ ଯୁବକଙ୍କୁ ଲୁହା ହାତୁଡ଼ିରେ ପିଟି ହତ୍ୟା କରାଯାଇଛି। ମୃତ ୨ ଯୁବକ ହେଲେ ଟାଙ୍ଗୀ ଥାନା ଅଧୀନ ବିଲତେରୁଆଁ ଗ୍ରାମର ମହମ୍ମଦ ସହେବ (୨୩) ଓ ଅନ୍ୟ ଜଣେ ହେଲେ ଚୌଦ୍ୱାର ରୂପଯାତ୍ରା ପଡିଆର ପ୍ରଶାନ୍ତ କୁମାର ଜେନା (୨୧)। ପୋଲିସ ଗ୍ୟାରେଜ ମାଲିକ ନେମାଳ ଥାନା କୋଲିଳ ଗ୍ରାମର ଦିଲୀପ ନାୟକଙ୍କୁ ଗିରଫ କରିଛି। ଘଟଣାସ୍ଥଳରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଏସ୍‌ପି, ଟାଙ୍ଗୀ ଥାନା ଅଧିକାରୀ ବିକାଶ ସେଠୀ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ହାତୁଡ଼ି, ପାଣି ବାଲ୍ଟି ଏକ ଦଉଡି, ମୃତକଙ୍କ ପ୍ୟାଣ୍ଟ ଶାର୍ଟ ଜବତ କରିଛି।

ପ୍ରାଥମିକ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ପୋଲିସ ସ୍ପଷ୍ଟ କରିଛି। ମୃତକ ମହମ୍ମଦ ସହେବଙ୍କ ମାମୁ ଅବଦୁଲ ମୁସଲିମ୍ ଖାନ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ. ୪୬୬/୨୫) ରୁଜୁ କରିଛି। ଏହି ହତ୍ୟାକାଣ୍ଡ ଘଟଣାରେ ଏକାଧିକ ଗ୍ୟାରେଜ କର୍ମଚାରୀ ସାମିଲ ଅଛନ୍ତି। ବାଲେଶ୍ୱର ଅଞ୍ଚଳରୁ ଜଣେ ଗ୍ୟାରେଜ କର୍ମଚାରୀଙ୍କୁ ପୋଲିସ ଉଠାଇ ଆଣି ପଚରାଉଚରା କରୁଛି ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।

ସୂଚନା ମୁତାବକ, ୨ଜଣ ଯୁବକ ମଙ୍ଗୁଳି ନିକଟରେ ଏକ ମେଡିସିନ ଗୋଦାମରେ ବର୍ଷେ ହେବ ରାତିରେ କାମ କରି ଆସୁଥିଲେ। ସବୁଦିନ ପରି ମଙ୍ଗଳବାର ସନ୍ଧ୍ୟାରେ ଘରୁ କାମକୁ ଯାଇ ଫେରି ନ ଥିଲେ। ବୁଧବାର ସକାଳୁ ହଠାତ୍ ପ୍ରଶାନ୍ତଙ୍କ ଘରକୁ ଖବର ଯାଇଥିଲା କି ପୁଅର ମୃତଦେହ ନିର୍ଗୁଣ୍ଡି ନିକଟସ୍ଥ ଏକ ପୋକ୍ଲିନ ଗ୍ୟାରେଜରେ ପଡ଼ିଛି। ଖବର ପାଇ ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିଛି ସମୟ ପରେ ପୋଲିସ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ମାଲିକଙ୍କୁ ପଚରାଉଚରା କରିଥିଲା। ମାଲିକଙ୍କ କଥାରେ ତାଳମେଳ ନ ରହିବାରୁ ସନ୍ଦେହ ହେବାରୁ ଗ୍ୟାରେଜ ଘର ଖୋଲିଲା ବେଳକୁ ଭିତରେ ମହମ୍ମଦଙ୍କ ମୃତଦେହ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଉଭୟଙ୍କ ରାତି ସାରା ପ୍ୟାଣ୍ଟ ଶାର୍ଟ ଖୋଲି ହାତ ଓ ଗୋଡ ବାନ୍ଧି କେବଳ ଚଡି ପିନ୍ଧାଇ ପ୍ରବଳ ପାଣି ଢଳାଯାଇଥିଲା। ସେତିକିରେ ତାଙ୍କ ମନ ବୁଝି ନ ଥିଲା, ନୃଶଂସ ଭାବେ ଲୁହା ହାତୁଡ଼ିରେ ନିର୍ଘୁନ୍ଦ ମାଡ ମରାଯାଇଥିଲା। ଫଳରେ ଉଭୟଙ୍କ ଗୋଡ଼ ହାତ ଭାଙ୍ଗିବା ସହ ଦେହସାରା ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଓ ଉତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରିବା ସହ ତୁରନ୍ତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ହ୍ରାସ ପାଇଥିଲା। ପୋଲିସ ହତ୍ୟାକାଣ୍ଡ ଘଟିଥିବା ସ୍ଥାନ ସହ ଆଖପାଖରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଇଛି ବୋଲି ଟାଙ୍ଗୀ ଥାନା ଅଧିକାରୀ ବିକାଶ ସେଠୀ ସୂଚନା ଦେଇଛନ୍ତି।

# କୋଟିପତି ଅତିରିକ୍ତ ତହସିଲଦାର ଗିରଫ



ଭୁବନେଶ୍ୱର,୩୧।୧୨(ସତ୍ୟଜିତ ରାଉତ)

କଟକ ଜିଲା ବାରଙ୍ଗ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୨୯୮ ପ୍ରତିଶତ ଅଧିକ ବୋଲି ହିସାବରୁ ଜଣାଯାଇଛି। ତେବେ ଏହି ସମ୍ପତ୍ତି ସମ୍ପର୍କରେ ଜିତେନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା (ନଂ.୧୨/୨୦୨୫) ପଞ୍ଜୀକୃତ କରାଯାଇଛି। ତେବେ ସମ୍ପତ୍ତି ଅର୍ଜନ କରିବାକୁ ପ୍ରୋତ୍ସାହନ ଦେବା ଅଭିଯୋଗରେ ଜିତେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି।

## ୨୯୮% ଆୟ ବହିର୍ଭୂତ ସମ୍ପତ୍ତି ଠାବ

ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ଜିତେନ୍ଦ୍ରଙ୍କ ୪ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଜିତେନ୍ଦ୍ରଙ୍କ ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ଗୋପାଳୁଣୀ ନଗରରେ ଏକ ୩ମହଲା କୋଠା, ବଡ଼ଗଡ ବ୍ରିଟ୍ କଲୋନୀରେ ଅନ୍ୟ ଏକ ୩ ମହଲା କୋଠା, ଉତ୍ତରାରେ ଏକ ୨ ବିଏଚ୍‌କେ ଫ୍ଲାଟ୍, ଖୋର୍ଦ୍ଧା ସାନପାଳରେ ଏକ ୨ ମହଲା କୋଠା ଏବଂ ୪ ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିଲା। ଏଥିସହ ଘରୁ ନଗଦ ୭୩.୬୬ ଲକ୍ଷ ଟଙ୍କା ଓ ୫୬୦ ଗ୍ରାମ ସୁନା ଅଳଙ୍କାର ମଧ୍ୟ ଠାବ କରାଯାଇଥିଲା। ସେହିପରି ଜିତେନ୍ଦ୍ର ୩୬.୯୭ ଲକ୍ଷ ଟଙ୍କା ବ୍ୟାଙ୍କ ଓ ଜୀବନବୀମାରେ ଜମା ରଖିଥିବାବେଳେ ୧୬ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ୨୩.୪୧ ଲକ୍ଷ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଏବଂ ୪ଟି ଦୁଇ ଚକିଆ ଯାନ ଠାବ କରାଯାଇଛି।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର, ପିଅନ




ଭିଜିଲାନ୍ସ ଅଧିକାରୀଙ୍କ ହେପାଜରେ ଥିବା ଅତିରିକ୍ତ ତହସିଲଦାର ଓ ପିଅନ।

ଛେଣ୍ଡିପଦା,୩୧।୧୨(ଅଜିତ ଧଳ)

## ଜମି ମ୍ୟୁଟେଶନ ପାଇଁ ଲାଞ୍ଚ ନେବା ଅଭିଯୋଗ

ଜମି ଦାଖଲ ଖାରଜ(ମ୍ୟୁଟେଶନ) ମାମଲା ଫଇସଲା ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ଓ ପିଅନ କାହ୍ନା ସାହୁ ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଉଭୟଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଅଟକ ରଖିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଅନୁଗୋଳର ଓମ୍ ପ୍ରକାଶ ଅଗ୍ରୱାଲଙ୍କ ୩ଟି ମ୍ୟୁଟେଶନ କେସ୍ ଛେଣ୍ଡିପଦା ତହସିଲରେ ରହିଥିଲା। ଏ ନେଇ ତାଙ୍କ ଓକିଲ ବାରମ୍ବାର ତହସିଲକୁ ଦୌଡୁଥିଲେ। ଏହାର ସମାଧାନ ପାଇଁ ଅତିରିକ୍ତ ତହସିଲଦାର ନାୟକ ୯ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ଓମ୍ ପ୍ରକାଶଙ୍କ ଓକିଲ ଅନୁଗୋଳ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଉକ୍ତ ଅର୍ଥ ଦେବା ପାଇଁ ବୁଧବାର ଓମ୍ ପ୍ରକାଶଙ୍କ ଓକିଲ ତହସିଲକୁ ଆସିଥିଲେ। କିନ୍ତୁ ଅତିରିକ୍ତ ତହସିଲଦାର ଲାଞ୍ଚ ଟଙ୍କା ପିଅନ କାହ୍ନା ସାହୁଙ୍କୁ ଦେବା ପାଇଁ କହିଥିଲେ। କାହ୍ନା ୯ ହଜାର ଟଙ୍କା ଓକିଲଙ୍କଠାରୁ ନେଉଥିବା ବେଳେ ପୂର୍ବରୁ ସେଠାରେ ଜଗି ରହିଥିବା ଅନୁଗୋଳ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ସ୍ୱସ୍ତିକ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ପିଅନ ସାହୁଙ୍କୁ ଧରିବା ସହ ତାଙ୍କଠାରୁ ୯ ହଜାର ଟଙ୍କା ଜବତ କରିଥିଲା। ଏହାପରେ ଭିଜିଲାନ୍ସ ଟିମ୍ ଅତିରିକ୍ତ ତହସିଲଦାର ନାୟକ ଓ ପିଅନ ସାହୁଙ୍କୁ ଅଟକ ରଖି ତହସିଲ ଅଫିସ ସହିତ ସରକାରୀ ବାସଭବନରେ ଚଢ଼ାଉ କରିଥିଲା। ପିଅନ କାହ୍ନା ସାହୁଙ୍କ ପୋଡ଼ାପଡ଼ାସ୍ଥିତ ଘରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଅତିରିକ୍ତ ତହସିଲଦାରଙ୍କ ତାଳଚେରସ୍ଥିତ ଭଡ଼ା ଘର ଓ ଆଠମଲ୍ଲିକଠାରେ ଥିବା ପୈତୃକ ବାସଭବନରେ ଚଢ଼ାଉ କରାଯିବ ବୋଲି ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି। ଏହି ଚଢ଼ାଉରେ ଅନୁଗୋଳ ଭିଜିଲାନ୍ସ ଡିଏସ୍‌ପି ପି.କେ. ସାମଲ, ଇନ୍ସପେକ୍ଟରଙ୍କ ସମେତ ପ୍ରାୟ ୧୦ ଜଣ ସାମିଲ ଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ବିଭାଗରେ ନଂ. ୩୯/୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ଗୁଡ଼ି ମାଞ୍ଜାସୂତା ଲାଗି ପିଉସୀ, ପୁତୁରା ଆହତ



କଟକ ସଦର,୩୧।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମରେ ବୁଧବାର ସକାଳେ ଅଭାବନୀୟ ଘଟଣା ଘଟିଛି। ବାଇକ୍‌ରେ ପିଉସୀ ଓ ପୁତୁରା ଯାଉଥିବା ବେଳେ ଗୁଡ଼ି ମାଞ୍ଜା ସୂତା ଆସି ଗୁଡ଼ାଇ ହୋଇଯାଇଥିଲା। ଏଥିରେ ବାଇକ୍ ଚାଳକ ତଥା ପୁତୁରା ଦେବୀ କଲ୍ୟାଣ ଆଚାର୍ଯ୍ୟ (୩୦) ଗୁରୁତର ହୋଇଥିବା ବେଳେ ପିଉସୀ ଆଶାଲତା ଆଚାର୍ଯ୍ୟ ସାମାନ୍ୟ ଆହତ ହୋଇଥିଲେ। ପ୍ରଥମେ ଉଭୟଙ୍କୁ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପିଉସୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା ବେଳେ ପୁତୁରାଙ୍କ ରକ୍ତସ୍ରାବ କମି ନ ଥିଲା। କାରଣ ସୂତା ଆସି ତାଙ୍କ ବେକରେ ଗୁଡ଼ାଇ ହୋଇଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଆଗାମୀ ମକର ସଂକ୍ରାନ୍ତି ପାଇଁ ପ୍ରତ୍ୟେକ ଦିନ ଶହ ଶହ ଗୁଡ଼ି ମାଞ୍ଜା ଲାଗିଥିବା ବ୍ୟବହାର କରାଯାଉଛି। ସ୍ଥାନୀୟ ପୋଲିସ ଏହା ଉପରେ ଗୁରୁତ୍ୱ ଦେଇଥିଲେ ହୁଏତ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଆହତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ୪୨ ମୌଜା ଅଞ୍ଚଳରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ପୂର୍ବରୁ ୱେବ୍‌ସାଇଟ : http://www.ireps.gov.in ରେ ଅପ୍‌ଲୋଡ ହୋଇସାରିଛି।

ସଂ. MCS/Stores/E-Procure/Tender Notice/ Bogie Frame Assly/431, ତା.23.12.2025ରିଖ

ଟେଣ୍ଡର ସଂଖ୍ୟା : 92256047

ବିବରଣୀ : RCF's ର Drg. No. LW03007 alt. g କିମ୍ବା ନୂତନ ଅନୁଯାୟୀ LHB କୋଚ୍ ପାଇଁ ବଗି ଫ୍ରେମ ଆସେମ୍ବଲି। ମ୍ୟାଟ୍. ସଂଖ୍ୟା MDTS 213 Rev.-04 କିମ୍ବା ନୂତନ ଅନୁଯାୟୀ। [ୱାରେଣ୍ଟି ଅବଧି: ବିତରଣ ତାରିଖରୁ 84 ମାସ] [ନିରୀକ୍ଷଣ ସଂସ୍ଥା: TPI, ଷ୍ଟେଜ୍ ନିରୀକ୍ଷଣ: ନାହିଁ, ଷ୍ଟେଜ୍: 0], [UVAM ଲିଙ୍କିଂ: ଆଇଟମ୍: 2400021, କଏଲ୍ ସ୍ପ୍ରିଙ୍ଗ୍ ସହିତ ଫିଏଟ୍ ବଗି ଫ୍ରେମ୍, ସବ୍ ଆଇଟମ୍: କଏଲ୍ ସ୍ପ୍ରିଙ୍ଗ୍ ସହିତ ଫିଏଟ୍ ବଗି ଫ୍ରେମ୍, ଆଇଟମ୍ ପ୍ରକାର: ସାମଗ୍ରୀ (ଯୋଗାଣ)

ପରିମାଣ : 15 ଗୋଟି।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.01.2026 ରିଖ 1500 ଘଟିକାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-957/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 51-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ନର୍ଥ ସେକ୍ସନ ଅଧିନରେ ଭିନ୍ନ-ଭିନ୍ନ ଷ୍ଟେସନରେ ପାଣି ବୁଥ ଏବଂ ପ୍ରିକାଷ୍ଟ RCC ବେଞ୍ଚର ବ୍ୟବସ୍ଥା ସହିତ 7ଟି ଅଲଗା ଷ୍ଟେସନ ତଥା ପାସେଞ୍ଜର ହଲ୍ଟ ଯେପରି କପାଳି ରୋଡ଼, କେନ୍ଦୁଆପଦା, ଯାଜପୁର କେନ୍ଦୁଝର ରୋଡ଼, ଜେନାପୁର, ସୁକିନ୍ଦା ରୋଡ଼ ଏବଂ ଦୁଲାଖପାଟଣା, ବ୍ରାହ୍ମଣୀ (PH)ରେ ପ୍ଲାଟଫର୍ମର ସମ୍ପ୍ରସାରଣ ଓ ପାଣି ର ସୁବିଧା ସମ୍ବନ୍ଧୀୟ OHE ସଂଶୋଧନ।

ବିଜ୍ଞାପିତ ମୂଲ୍ୟ (₹): 77,95,187.83, EMD (₹) : 1,55,900.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.01.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.01.2026 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-954/Q/25-26

**BHOUMIK DEVTA VAASTU CONSULTANTS & CIVIL ENGINEERS**

Experts in Devta with 25 years of Vaastu Application for Design & Remedies of Residential Villas and Flats, Shops, Industries & Commercial Buildings. We Provide Satwik Remedies without any Demolition.

Email : info@bhoumikvaastu.com
Website : www.bhoumikvaastu.com

**MANOJ KADAM**
+91 8320159531 / +91 7506497649

**ସି' ସ୍କିଲ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍**
କେ୩-୭୮୩, ମହେଷ୍ଟଳ, ଦକ୍ଷିଣ ପରଗଣା, ପଶ୍ଚିମବଙ୍ଗ - ୭୦୦୧୪୧
ଫୋନ୍ ନଂ. - ୯୨୨୯୦୨୪୮୦୦, www.niniedu.in

**ଟେଣ୍ଡର ବିଜ୍ଞପ୍ତି**

ନଂ. ଏନ୍‌ଆଇଏନ୍‌ଆଇ/ଏସ୍‌ଏସ୍‌ଏସ୍‌ପିଏଲ୍/ଫାସିଲିଟେସନ୍/ସିଟିଆଇ/୨୦୨୫-୨୬

ସି' ସ୍କିଲ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏସ୍‌ଏସ୍‌ପିଏଲ୍), ଜାତୀୟ ଅନ୍ତର୍ଦ୍ଦେଶୀୟ ନୌ-ପରିବହନ ଅନୁଷ୍ଠାନ (ଏନ୍‌ଆଇଏନ୍‌ଆଇ), ପାଟନା ଓଡ଼ିଶା ମାରିଟାଇମ୍ ଏକାଡେମି (ଓଏମ୍‌ଏ), ପାରାଦୀପ, ଓଡ଼ିଶା-୭୫୪୧୪୨ଠାରେ ନିର୍ମିତ ହେବାକୁ ଥିବା/ଯୋଗାଣ କରାଯିବାକୁ ଥିବା ନିମ୍ନଲିଖିତ ସାମଗ୍ରୀ ପାଇଁ କୋଟେସନ୍/ଟେଣ୍ଡର ଅନୁରୋଧ କରୁଛି ।

| କ୍ର.ସଂ. | ସବିଶେଷ ବିବରଣୀ | ଅଟକଳ ମୂଲ୍ୟ ଟଙ୍କାରେ (ଆନୁମାନିକ) |
|---|---|---|
| ୧. | ମଡ୍ୟୁଲାର ଫାୟାର୍ ଫାଇଟିଂ ମକ୍-ଅପ୍ ଡ୍ରିଲ୍ ଷ୍ଟ୍ରକ୍ଚର୍ ଓ ଇକ୍ୱିପମେଣ୍ଟ | ୪୪.୦୦ ଲକ୍ଷ |

ଟେଣ୍ଡର ଦସ୍ତାବିଜ ବିକ୍ରୟର ଶେଷ ତାରିଖ: ୧୯।୦୧।୨୬, ଟେଣ୍ଡର ଦାଖଲର ଶେଷ ତାରିଖ: ୧୯।୦୧।୨୬, ୧୫.୦୦ ଘଟିକା ପର୍ଯ୍ୟନ୍ତ, ଟେକ୍ନିକାଲ୍ ବିଡ୍ ଖୋଲାଯିବା ତାରିଖ: ୨୦।୦୧।୨୬, ୧୫.୩୦ ଘଟିକା । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଟ.୫୦୦/- । ଉପରୋକ୍ତ ମୂଲ୍ୟଗୁଡ଼ିକରେ ସମସ୍ତ ଟିକସ/ଅବକାରୀ ଶୁଳ୍କ ଅନ୍ତର୍ଭୁକ୍ତ ଏବଂ ତାହା ଓଏମ୍‌ଏ/ଏନ୍‌ଆଇଏନ୍‌ଆଇ ଭିତ୍ତି ପାଇଁ । ଟେଣ୍ଡର ଦସ୍ତାବିଜ ଇ-ମେଲ୍ info@niniedu.in ଦ୍ୱାରା କିମ୍ବା ଏନ୍‌ଆଇଏନ୍‌ଆଇ, ଗାଇଘାଟ, ଗୁଲଜାରବାଗ, ପାଟନାରୁ କାର୍ଯ୍ୟାଳୟ ସମୟରେ ହାତରେ ହାସଲ କରାଯାଇପାରିବ ।

ଏସ୍‌ଏସ୍‌ଏସ୍‌ପିଏଲ୍

**ଭାରତୀୟ କପା ନିଗମ ଲିମିଟେଡ୍**
ଭା.କ.ନି. CCI
ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ- ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୩୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ୨୦୨୫ ଠାରୁ ୧୬ ଜାନୁଆରୀ ୨୦୨୬କୁ ବୃଦ୍ଧି କରାଯାଇଛି ।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି ।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

**ସ୍ୱା./-ଶାଖା ପ୍ରମୁଖ**

**Jharkhand Education Project Council**
JSCA, Stadium Road, Sector-3, Dhurwa, Ranchi – 834004
Phone : 0651-2444501, 2444502, Fax – 2444506, e-mail: jepcranchi1@gmail.com

Letter. No.: JEPC/ QU/40/121/2025/6608 Date: 30/12/2025

**e-Procurement Notice**

Jharkhand Education Project Council invites Request for Proposal (RFP) for **Selection of Agency for Implementation of Science & Maths Circle activities /Exposure visit within and outside the state/Career Guidance and counselling under PM-SHRI and Science Exhibition /Quiz Competition / Exposure visit outside the state /School Mentoring by HEI (Secondary) under Rashtriya Aviskar Abhiyan (RAA) under Samagra Shiksha Abhiyan.** Bidders can download bid documents from GeM Portal from 31.12.2025 onwards. Last date for receipt of bids through GeM Portal is 19.01.2026. The pre-bid meeting will be held on 06.01.2026. Tender document can be seen in the website https://gem.gov.in/ only. Interested bidder can submit their bid through the portal https://gem.gov.in/.

Sd/-
(Shashi Ranjan)
State Project Director

PR 369762 Jharkhand Education Project Council(25-26)#D

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(A Government of Jharkhand Undertaking)
JUIDCO Bhawan, Kutchery Chowk, Ranchi – 834001, Jharkhand
Phone: +91 651 2225878 | Email: juidcolimited@gmail.com

**Name of Work:** Resurfacing / Refurbishing work of Road from Hinoo Chowk to Birsa Chowk in Ranchi, Jharkhand
**NIT No.:** JUIDCO/NIT/H to B/Road/RNC/671
**Tender ID:** 2025_UDD_105981_1
**PR No.:** 364300

**TENDER CANCELLATION NOTICE**

It is hereby informed that the minimum required number of technically responsive bids could not be received against the above-mentioned tender, accordingly, the present call of tender is hereby cancelled.

The bidders are requested to await further communication, if any, regarding the tender for the said work.

Sd/-Project Director (Technical) JUIDCO Ltd.

PR 369798 (Urban Development)25-26*D

**GOVERNMENT OF JHARKHAND**
**Office of the Executive Engineer**
**Irrigation Division Godda,Camp-Mahagama**

**e-Procurement Tender Notice**

Tender Reference No-WRD/MAHAGAMA/02SBD/2025-26, Dt-31.12.2025

| | | |
|---|---|---|
| 1. | Name of Work | Construction of BRIDGES at RD 66.25, ESCAPE REGULATOR at RD 90.19 , CD at RD 90.19 , RCC BARREL from RD 77.40 TO 77.95 & from RD 78.10 TO 78.45, OUTLET at RD 48.70, 52.80, 55.00,58.40,62.25/64.00,65.21,68.45/66.90,72.20,75.15/72.50,77.25/78.60,79.10 and Brick Lining of Gap portion of main canal under Bateshwar Asthan Ganga Pump Canal scheme for year 2025-26. |
| 2. | Estimated Cost(Rs.) | 9,44,87,785.32(Rupees Nine Crore forty-Four lakh EightySeven Thousand Seven Hundred Eighty Five and Thirty Two Paisa)Only |
| 3. | Time of Completion | 540 Days(18 Months) |
| 4. | Last Date & Time for Receipt of Bids Online | 08.01.2026 to 27.01.2026 Up to 5:00P.M. |
| 5. | Date of Publication of Tender on website online | 08.01.2026 Up to 11:00 A.M. |
| 6. | Date of Tender Opening online | 28.01.2026,3:00 P.M |
| 7. | Earnest money and cost of tender paper | http://jharkhanders.gov.in.Cost of bidding document(For a non-refundable fee) & Bid security as indicated shall be payable online through http://jharkhanders.gov.in . adherence to the order issued vide memo no-120,date-03.10.2023 of Information Technology &e-Government Department,Govt of Jharkhand |
| 8. | Name & address of Office Inviting tender | Executive Engineer, Irrigation Division Godda,Camp-Mahagama,PinCode-814154 |
| 9. | Contact no of Procurement officer | 9801343072 |
| 10. | Helpline Nubber of e-Procurement cell | 06432-232477 |

Note:-Only e-Tender Will be accepted Estimated Cost may vary Futher details can be seen on website http://jharkhanders.gov.in.

Executive Engineer,
Irrigation Division Godda,
Camp-Mahagama,

PR 369788 Irrigation(25-26)#D



Summon for settlement of issues
(Order 5, Rule 20 CPC)

**In the court of Senior Civil Judge, Rourkela**
C. S. No 146 of 2018
**State Bank of India .... Plaintiff**
Versus
**Sanjaya Kumar Das .... Defendant**

To
**Sri Sanjaya Kumar Das**, aged about 50, son of Sri Daitari Das, Prop- Maa Tarini Fabrication, At-Balijodi, P.O.-Sonaparbat, P.S.- Tangarpali, Rourkela-769016, District-Sundargarh, Odisha, Occupation-Business, PAN- **CLMPD3949Q**, Aadhaar - 9951 2326 2741

Whereas, **State Bank of India, SMECCC**, At-Sector-17, Rourkela -3, has instituted a suit against you for recovery of **Rs. 2,18,742.00 (Rupees two lakh eighteen thousand seven hundred forty-two)** only with interest and cost. You are hereby summoned to appear in this court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **9th day of January, 2026 at 10.30** O'clock in the fore noon, to answer the claims and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **29th day of October of 2025.**

**Senior Civil Judge, Rourkela**

Summon for settlement of issues
(Order 5, Rule 20 CPC)

**In the court of Civil Judge Senior Division, Rourkela**
C. S. No 159 of 2017
**State Bank of India .... Plaintiff**
**Versus**
**Mamata Samasi .... Defendant**

To
**Mamata Samasi**, aged about 41 years, daughter of Biswasar Tanti, wife of Aljenda Samasi, Occupation-Business, Prop- M.M. Paper plate, shop no at B/74, Sector-18 market, resident of H-125, Sector-15, Rourkela-769003, P.S.-Sector-15, Dist - Sundargarh permanent resident of Bhumijtola, Po/Ps/-Bisra, Dist-Sundargarh

Whereas, **State Bank of India, SMEC** now **RASMEC**, At-Sector-17, Rourkela-3, has instituted a suit against you for recovery of **Rs.1,61,031 (Rupees one lakh sixty-one thousand thirty-one only)** with interest and cost. You are hereby summoned to appear in this court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **20th day of January, 2026 at 10.30 O'clock** in the fore noon, to answer the claims and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence.
Given under my hand and the seal of the court, this **11th day of November of 2025.**

**Civil Judge Senior Division (Commercial Court), Rourkela**

Summon for settlement of issues
(Order 5, Rule 20 CPC)

**In the court of Civil Judge (Senior Division)**
**( Commercial Court, Rourkela**
C. S. No 22 of 2018
**State Bank of India .... Plaintiff**
Versus
**Archana Agarwal .... Defendant**

To
**ARCHANA AGARWAL** aged about 34, Wife of Amit Agarwal Prop. of M/s- Vinayak Industries at Plot No. 61 Lal Gate, Opposite Pahadi Weigh Bridge, At/Ps: Brahmani Tarang, District- Sundargarh, Permanent Resident of B[4]/4, Civil Township, Rourkela-769004, Dist: Sundargarh, Occupation-Business, PAN- **AHIPB3373Q**

Whereas, **State Bank of India, SMEC**, Branch (Now RASMEC) At-Sector-17, Rourkela-3, has instituted a suit against you for recovery of **Rs. 7, 63, 290 . 00 (Rupees Seven lakh Sixty Three thousand Two hundred Ninty)** only. You are hereby summoned to appear in this court in person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **7th day of January, 2026 at 10.30** O'clock in the fore noon, to answer the claims [ and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **9th day of December of 2025.**

**Civil Judge (Senior Division) (Commercial Court) Rourkela**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଅଦ୍ୱୈତ ଚରଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୬ରେ ଡିଫେନ୍ସ ସେକ୍ଟର ହେବ ମାର୍କେଟ କିଙ୍ଗ୍

ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା)



ଭାରତୀୟ ସଶସ୍ତ୍ର ବାହିନୀର ଆଧୁନିକୀକରଣ ଦିଗରେ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ପ୍ରାୟ ୭୯ ହଜାର କୋଟି ଟଙ୍କା ମୂଲ୍ୟର ଅସ୍ତ୍ରଶସ୍ତ୍ର ଏବଂ ଉପକରଣ କ୍ରୟକୁ ଅନୁମୋଦନ କରିଛି। ସମଗ୍ର ବର୍ଷର ବଜେଟକୁ ଦେଖିଲେ ଏପର୍ଯ୍ୟନ୍ତ ପ୍ରାୟ ୩.୩ ଲକ୍ଷ କୋଟି ଟଙ୍କା ମୂଲ୍ୟର ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହି ପରିମାଣ ପ୍ରତିରକ୍ଷା ପାଇଁ ଆବଣ୍ଟିତ ୧.୮ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବଜେଟରୁ ବହୁ ଅଧିକ। ଏଥିରୁ ଜଣାପଡୁଛି, ୨୦୨୬ ଓ ଆଗାମୀ ବର୍ଷଗୁଡ଼ିକରେ ଦେଶର ସଶସ୍ତ୍ର ବାହିନୀ ପାଖରେ ସ୍ୱଦେଶୀ କ୍ଷେପଣାସ୍ତ୍ର, ରାଡାର, ନିରୀକ୍ଷଣ ପ୍ରଣାଳୀ ଏବଂ ଆଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀ ରହିବ। ଯଦିଓ ଏହି ଅନୁମୋଦନ ତୁରନ୍ତ କାର୍ଯ୍ୟକାରୀ ହୋଇ ନ ପାରେ ମାତ୍ର ପ୍ରମୁଖ ପ୍ରତିରକ୍ଷା କମ୍ପାନୀଗୁଡ଼ିକର ଭବିଷ୍ୟତକୁ ସୁରକ୍ଷିତ ରଖାଯାଇଛି। ବ୍ରୋକ୍‌ରେଜ୍ ଫାର୍ମ ମୋତିଲାଲ ଓସ୍‌ୱାଲଙ୍କ ଏକ ରିପୋର୍ଟରେ ଦର୍ଶାଯାଇଛି, ଏହି ସରକାରୀ ନିଷ୍ପତ୍ତି ଦ୍ୱାରା ବର୍ଷ ବର୍ଷ ଧରି ଭାରତୀୟ ସାମରିକ ବାହିନୀର ମେରୁଦଣ୍ଡ ହୋଇ ରହିଥିବା କମ୍ପାନୀଗୁଡ଼ିକ ସବୁଠାରୁ ଅଧିକ ଲାଭବାନ୍ ହେବେ। ଭାରତ ଇଲେକ୍ଟ୍ରୋନିକ୍ସ (ବିଏଚ୍‌ଇ) ରାଡାର ସିଷ୍ଟମ, ଡ୍ରୋନ୍ ଚିହ୍ନଟ ଏବଂ ଯୋଗାଯୋଗ ଉପକରଣରେ ପ୍ରମୁଖ ଭୂମିକା ତୁଲାଉଥିବାବେଳେ ଏହା ନିକଟରେ 'ସକ୍ଷମ' କାଉଣ୍ଟର-ଡ୍ରୋନ୍ ସିଷ୍ଟମ ପାଇଁ ଏକ ଅର୍ଡର ପାଇଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହାର ଷ୍ଟକ୍ ୫୦୦ ସ୍ତରକୁ ପହଞ୍ଚିପାରେ। ସେହିପରି ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ତେଜସ୍ ଲଢୁଆ ଜେଟ୍ ପାଇଁ ଏକ ସିମୁଲେଟର ହେଉ କିମ୍ବା ଆଷ୍ଟ୍ରା କ୍ଷେପଣାସ୍ତ୍ରକୁ ସଂଯୁକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। କମ୍ପାନୀ ଏବେ ଆଫ୍ରିକା ଏବଂ ଦକ୍ଷିଣ ପୂର୍ବ ଏସିଆ ଭଳି ବଜାରରେ ଏହାର ହେଲିକପ୍ଟର ଏବଂ ବିମାନ ବିକ୍ରୟ କରିବାକୁ ପ୍ରସ୍ତୁତ ହେଉଛି। ଅନ୍ୟପଟେ ଆକାଶ-ଏନ୍‌ଜି କ୍ଷେପଣାସ୍ତ୍ର ପ୍ରଣାଳୀର ସଫଳ ପରୀକ୍ଷଣ ପରେ ଭାରତ ଡାଇନାମିକ୍ସ (ବିଡିଏଲ୍) ଏବେ ଏକ ପ୍ରମୁଖ ଉତ୍ପାଦନ ଚୁକ୍ତି ପାଇଁ ଆଶା କରୁଛି। ବ୍ରାଜିଲ ଏବଂ ଭିଏତ୍‌ନାମ ଭଳି ଦେଶ ମଧ୍ୟ ଏହି କ୍ଷେପଣାସ୍ତ୍ର ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଏହା ସହ ମାଜାଗନ ଡକ୍ (ଏମ୍‌ଡିଏଲ୍) ଏବଂ କୋଚିନ ଶିପ୍‌ୟାର୍ଡ (ସିଏସ୍‌ଏଲ୍) ଭଳି କମ୍ପାନୀଗୁଡ଼ିକ ଜାହାଜ ଏବଂ ଟଗ ନିର୍ମାଣ ପାଇଁ ନୂତନ ସୁଯୋଗ ପାଇବେ। ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୨୦୨୦ ମସିହାରେ ଆରମ୍ଭ ହୋଇଥିବା 'ଜରୁରିକାଳୀନ କ୍ରୟ' ପାଇଁ ସମୟସୀମାକୁ ଏବେ ୨୦୨୬ ଜାନୁଆରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ସେନାର ଉପମୁଖ୍ୟଙ୍କୁ ସେମାନଙ୍କ ଆବଶ୍ୟକତା ପାଇଁ ତୁରନ୍ତ ୩୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଚୁକ୍ତିନାମା ଅନୁମୋଦନ କରିବାକୁ କ୍ଷମତା ପ୍ରଦାନ କରେ। ଏହା କାଗଜପତ୍ର କାରବାର ହ୍ରାସ କରିବ ଏବଂ ସେନାର ଯୁଦ୍ଧ କ୍ଷମତା ସର୍ବଦା ପ୍ରସ୍ତୁତ ରହିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଡିଆର୍‌ଡିଓ ଆକାଶ-ଏନ୍‌ଜି ସିଷ୍ଟମର ବ୍ୟବହାରକାରୀ ପରୀକ୍ଷଣ ସମାପ୍ତ କରିଛି, ଯାହା ସେନାରେ ଏହାର ପ୍ରବେଶ ପାଇଁ ପଥ ପ୍ରଶସ୍ତ କରିଛି। କ୍ୟୁଆର୍‌ଏସ୍‌ଏମ୍ ଏବଂ ଭିଏସ୍‌ଓଆର୍‌ଏଡିଏସ୍ ପରି କ୍ଷେପଣାସ୍ତ୍ର ବ୍ୟବହାରକରି ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳ (ଏନ୍‌ସିଆର୍)କୁ ସୁରକ୍ଷା ଦେବା ପାଇଁ ସ୍ୱଦେଶୀ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ମଧ୍ୟ ନିୟୋଜନ କରାଯାଉଛି। କେବଳ ସରକାରୀ କମ୍ପାନୀ ନୁହେଁ, ବରଂ ଏଲ୍ ଆଣ୍ଡ ଟି, ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଏବଂ ଆଷ୍ଟ୍ରା ମାଇକ୍ରୋୱେଭ ଭଳି ଘରୋଇ କମ୍ପାନୀଗୁଡ଼ିକ ମଧ୍ୟ ଏହି ଦୌଡ଼ରେ ଅଛନ୍ତି। ରାଡାର ଏବଂ ସାଟେଲାଇଟ ପ୍ରଯୁକ୍ତିବିଦ୍ୟା ଉପରେ କାମ କରିବା ପାଇଁ ଆଷ୍ଟ୍ରା ମାଇକ୍ରୋୱେଭ ଓ ଭାରତ ଇଲେକ୍ଟ୍ରୋନିକ୍ସ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଜେନ୍ ଟେକ୍ନୋଲୋଜି ଭଳି କମ୍ପାନୀଗୁଡ଼ିକ ତାଲିମ ସିମୁଲେଟର କ୍ଷେତ୍ରରେ ସେମାନଙ୍କର ପ୍ରାଧାନ୍ୟ ବଜାୟ ରଖିଛନ୍ତି।

# ବ୍ୟବସାୟ ସୁଦୃଢ଼ କରୁଛି ରିଲାଏନ୍ସ ରିଟେଲ

ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା)

ଇଶା ଅମ୍ବାନୀଙ୍କ ନେତୃତ୍ୱରେ ରିଲାଏନ୍ସ ରିଟେଲ ୨୦୨୫ ବର୍ଷରେ ଏହାର ବ୍ୟାପକ ସମ୍ପ୍ରସାରଣ ଜାରି ରଖିଛି। ବର୍ଷ ଶେଷ ସୁଦ୍ଧା ରିଲାଏନ୍ସ ରିଟେଲ ୭,୦୦୦ରୁ ଅଧିକ ସହରରେ ପ୍ରାୟ ୨୦,୦୦୦ ଷ୍ଟୋର ପରିଚାଳନା କରିଛି, ଯାହା ଏହାକୁ ଦେଶର ସବୁଠାରୁ ବଡ଼ ରିଟେଲ ଉପସ୍ଥିତି ପ୍ରଦାନ କରିଛି। ଡିଜିଟାଲ ସେବା ବିସ୍ତାର ହେଉଥିଲେ ମଧ୍ୟ ଷ୍ଟୋର ରିଟେଲର ନିରନ୍ତର ଗୁରୁତ୍ୱ ଉପରେ ଆଲୋକପାତ୍‌କରି କମ୍ପାନୀର ବାର୍ଷିକ ସାଧାରଣ ବୈଠକରେ ଇଶା ଅମ୍ବାନୀ କହିଥିଲେ, ଷ୍ଟୋରଗୁଡ଼ିକ ଆମର ରିଟେଲ ବ୍ୟବସାୟର ମେରୁଦଣ୍ଡ ହୋଇ ରହିଛି ଏବଂ ସହର ଓ ନଗରଗୁଡ଼ିକରେ ଆମର ବିସ୍ତାର ଲଗାତର ଜାରି ରହିଛି। ଏହି ବର୍ଷ ମଧ୍ୟରେ ଗ୍ରାହକଙ୍କ ସମ୍ପୃକ୍ତି ଏହି ନେଟ୍‌ୱର୍କର ବ୍ୟାପକତାକୁ ପ୍ରତିଫଳିତ କରିଥିଲା। ଏହାର ଷ୍ଟୋର ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମଗୁଡ଼ିକରେ ରିଲାଏନ୍ସ ରିଟେଲ ଏକ ବିଲିୟନରୁ ଅଧିକ ଗ୍ରାହକ କାରବାର ପରିଚାଳନା କରିଥିଲା। ସେହିପରି ଜିଓମାର୍ଟ ଏବଂ ମିଲ୍କବାସ୍କେଟ ଭଳି ପ୍ଲାଟ୍‌ଫର୍ମଗୁଡ଼ିକ ଗ୍ରାହକମାନଙ୍କୁ ଶୀଘ୍ର ସାମଗ୍ରୀ ଯୋଗାଣଠାରୁ ଆରମ୍ଭକରି ସୂଚୀବଦ୍ଧ ଏବଂ ସବ୍‌ସ୍କ୍ରିପ୍‌ସନ-ଆଧାରିତ ସେବା ଯାଏଁ ବିକଳ୍ପ ପ୍ରଦାନ କରିଥିଲା।

# ଡ୍ରିମ୍ସ ଅଧ୍ୟକ୍ଷଙ୍କୁ ସମ୍ମାନିତକଲେ ଗଜପତି



ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା)

ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା 'ଗୁରୁକୃପା ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ନାଉଗାଁ ବ୍ଲକ୍ ମା' ଜାଗୁଲାଇଙ୍କ ପୀଠରେ ବିଶ୍ୱ ସନାତନ ଯୁବସେବା ସଂଘ ଓ ଗୁରୁକୃପା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୫ଦିନ ବ୍ୟାପୀ ବ୍ୟକ୍ତିତ୍ୱ ବିକାଶ ଶିବିର, ଶ୍ରୀଜଗନ୍ନାଥ କଥାମୃତ ଓ ସନାତନ ଧର୍ମ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଡ. ରଥଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ସଂଘର ସଭାପତି ବାବା ସତ୍ୟାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପରମହଂସ ପ୍ରଜ୍ଞାନାନନ୍ଦ ସରସ୍ୱତୀ, ମାଧବାନନ୍ଦ ସରସ୍ୱତୀ, ଜଗଦୀଶାନନ୍ଦ ସରସ୍ୱତୀ, ପୁରୀ ରାଧାବଲ୍ଲବ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ । ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପ୍ରମୁଖ ଯୋଗଦେଇଥିଲେ।

# କମିଲା ସୁନାରୁପା ଦର

ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା)

ବିବାହ ଋତୁ ଲଗାତାର ସୁନା ଓ ରୁପା ଦର ବୃଦ୍ଧି ଗ୍ରାହକଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିବାବେଳେ ବୁଧବାର ଉଭୟ ସୁନା ଓ ରୁପା ଦର ଖସିଛି। ଦିନକରେ ସୁନାଦର ୯୨୦ ଟଙ୍କା ହ୍ରାସ ପାଇଥିବାବେଳେ ରୁପାଦର କିଲୋଗ୍ରାମ ପ୍ରତି ୧୩ ହଜାରରୁ ଅଧିକ ଖସିଛି। ମଙ୍ଗଳବାର ୨୪ କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୧,୩୭,୧୩୦ଟଙ୍କା ଥିବାବେଳେ ବୁଧବାର ୯୨୦ ଟଙ୍କା କମି ୧,୩୬, ୨୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ୧୦ ଗ୍ରାମପ୍ରତି ୧,୩୨,୮୫୯ ଟଙ୍କା, ୨୦ କ୍ୟାରେଟ ସୁନା ଦର ୧,୧୩,୫୦୮ ଟଙ୍କା ଓ ୧୮ କ୍ୟାରେଟ୍ ସୁନା ମୂଲ୍ୟ ୧,୦୨,୧୫୮ ଟଙ୍କା ରହିଛି। ଅନ୍ୟପଟେ ରୁପାଦର କିଲୋଗ୍ରାମ ପ୍ରତି ୧୩,୪୧୦ ଟଙ୍କା କମିଛି। ମଙ୍ଗଳବାର ରୁପାଦର କିଲୋଗ୍ରାମ ପ୍ରତି ୨,୫୧,୪୯୦ ଟଙ୍କା ଥିବାବେଳେ ବୁଧବାର ଏହା ୨,୩୮,୦୮୦ ଟଙ୍କା ରହିଛି।


## ଜନ୍ମଦିନ ଶୁଭେଚ୍ଛା



**ଅଦ୍ୱୈତ ଚରଣ ବିଶ୍ୱାଳ**
କାର୍ଯ୍ୟକାରୀ ସଭାପତି
ଆପଣ ଆଜି ୮୫ ବର୍ଷରେ ପଦାର୍ପଣ କରୁଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା। ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ସୁସ୍ଥ ଓ ସୁରକ୍ଷିତ ରଖିଥାନ୍ତୁ।
-:ଶୁଭେଚ୍ଛା ସହ:-
ସୁନୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ତଥା ଅଗ୍ରଣୀ ସିନିୟର ସିଟିଜେନ୍ସ ୱେଲ୍‌ଫେୟାର ଫୋରମ ବମିଖାଲ ସଭ୍ୟବୃନ୍ଦ।
ଧ-୬୭୪୩୭


# ରାମରାଜ୍ କଟନର ପ୍ରିମିୟମ ଅଫରିଂ

ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା)

ରାମରାଜ୍ କଟନ ରଙ୍ଗର ସ୍ଥାୟିତ୍ୱ, ଗୁଣବା ଏବଂ ଫିନିଶିଂ ସହ କୌଣସି ବୁଝାମଣା ନ କରି ଏହି ବ୍ରାଣ୍ଡ ସମ୍ପୃକ୍ତ ଶିଳ୍ପ ଜଗତରେ ସବୁଠାରୁ ବଡ଼ ଧଳା ଫାବ୍ରିକ୍ ପୋର୍ଟଫୋଲିଓ ପ୍ରଦାନ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ୫୦୦ରୁ ଅଧିକ ପ୍ରକାର କପଡ଼ା ଅନ୍ତର୍ଭୁକ୍ତ ସହ ଏହା ୧୦୦% କଟନ, ଗିଜାବ୍ଲେଣ୍ଡ, ଲିନିନ କଟନ ତଥା ପଲି ଭିସ୍‌କୋଷ ସହିତ ୧୦୦% ଗିଜା କଟନ, ଶୁଦ୍ଧ ଲିନିନ, ପେପର ଫିନିଶ କଟନ ଏବଂ ୧୦୦% ସୁପିମା କଟନ ଆଦି ରହିଛି। ଏହି ନୂତନ ଫାବ୍ରିକ ସମ୍ଭାର ବିଷୟରେ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରାମରାଜ କଟନ କହିଛନ୍ତି, ରାମରାଜ କଟନରେ ଆମେ ସର୍ବଦା ପାରମ୍ପରିକ ବୟନ ଶିଳ୍ପ ସହ ଜଡ଼ିତ ରହି ବିଶ୍ୱସ୍ତରୀୟ ପ୍ରିମିୟମ କପା କିସମ ସହିତ ଆମର ଉତ୍ପାଦକୁ କ୍ରମାଗତ ଭାବେ ଉନ୍ନତ କରିପାରିଛୁ। ଯେତେବେଳେ ଲୋକମାନେ ଶୁଦ୍ଧ କପା କିମ୍ବା ଧଳା କପଡ଼ା ବିଷୟରେ ଚିନ୍ତା କରନ୍ତି, ସେମାନଙ୍କ ମନକୁ ସ୍ୱାଭାବିକ ଭାବେ ରାମରାଜର ନାମ ଆସିଥାଏ।

# ଖୋର୍ଦ୍ଧାରୋଡ୍ ଡିଭିଜନରେ ୩ ଟ୍ରେନ୍ ବାତିଲ୍



ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା)

ଯାତ୍ରୀ ସୁରକ୍ଷା ବୃଦ୍ଧି କରିବା ଏବଂ ରେଳ ଭିତ୍ତିଭୂମିର ବିଶ୍ୱସନୀୟତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ଜାନୁଆରୀ ୨୦୨୬ ମଧ୍ୟରେ ଖୋର୍ଦ୍ଧାରୋଡ୍ ଡିଭିଜନରେ ଜରୁରୀ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବ। ଏଥିପାଇଁ କେତେକ ଟ୍ରେନ୍ ବାତିଲ ହୋଇଥିବାବେଳେ ଅନ୍ୟ କିଛି ଟ୍ରେନ୍‌ର ସମୟ ଓ ଗତିପଥ ପରିବର୍ତ୍ତନ କରାଯାଇଛି। ୬୮୪୧୯ ଭୁବନେଶ୍ୱର - ପଲାସା ପାସେଞ୍ଜର ଜାନୁଆରୀ ୧, ୪, ୫, ୬, ୮, ୧୧, ୧୨, ୧୩, ୧୫, ୧୮, ୧୯, ୨୦, ୨୨, ୨୫, ୨୬, ୨୭ ଏବଂ ୨୯ ତାରିଖରେ ବାତିଲ ରହିବ । ୬୮୪୨୦ ପଲାସା-ଭୁବନେଶ୍ୱର ପାସେଞ୍ଜର ଜାନୁଆରୀ ୨, ୫, ୬, ୭, ୯, ୧୨, ୧୩, ୧୪, ୧୬, ୧୯, ୨୦, ୨୧, ୨୩, ୨୬, ୨୭, ୨୮ ଏବଂ ୩୦ ତାରିଖରେ ବାତିଲ ରହିବ । ସେହିଭଳି ଜାନୁଆରୀ ୧, ୨, ୫, ୬, ୮, ୯, ୧୨, ୧୩, ୧୫, ୧୬, ୧୯, ୨୦, ୨୨, ୨୩, ୨୬, ୨୭, ୨୯ ଏବଂ ୩୦ ତାରିଖରେ ବାତିଲ ହେବାକୁ ଥିବା ଟ୍ରେନ୍‌ଗୁଡିକ ମଧ୍ୟରେ ୧୮୦୨୧/୧୮୦୨୨ ଖଡ଼ଗପୁର-ଖୋର୍ଦ୍ଧାରୋଡ୍-ଖଡ଼ଗପୁର ଏକ୍ସପ୍ରେସ୍ ଓ ୬୮୪୨୪/୬୮୪୨୩ କଟକ-ଭଦ୍ରକ-କଟକ ମେମୁ ରହିଛି। ୧୨୭୦୩ ହାଓଡା-ସିକନ୍ଦରାବାଦ ଫାଲ୍‌କନୁମା ଏକ୍ସପ୍ରେସ୍, ୧୨୮୪୦ ଏମ୍‌ଜିଆର୍ ଚେନ୍ନାଇ ସେଣ୍ଟ୍ରାଲ -ହାଓଡା ଏକ୍ସପ୍ରେସ୍, ୨୨୮୯୬ ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ସମୟ ପୁନଃ ନିର୍ଦ୍ଧାରଣ କରାଯାଇଛି । ଯାତ୍ରୀମାନେ ସରକାରୀ ରେଳପଥ ତଦନ୍ତ ପ୍ରଣାଳୀ, ୱେବ୍‌ସାଇଟ କିମ୍ବା ହେଲ୍ପଲାଇନ ମାଧ୍ୟମରେ ଅପଡେଟ୍ ହୋଇଥିବା ଟ୍ରେନ୍ ବିବରଣୀ ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି।

## ମନେ ପଡ଼ନ୍ତି


୧୯ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶକୁନ୍ତଳା ତ୍ରିପାଠୀ
ତିରୋଧାନ: ୩୧।୧୨।୨୦୦୬
ପଟିଆ ଗଡ଼, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ବନ୍ଧୁବାନ୍ଧବ ଓ ସପରିବାର।
ଧ-୨୯୯୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ରମାମଣି ରଥ
ପ୍ଲଟ୍ ନଂ.- ୪୭, ଶାସ୍ତ୍ରୀ ନଗର, ୟୁନିଟ୍- ୪, ଭୁବନେଶ୍ୱର
ଆବିର୍ଭାବ: ଅଗଷ୍ଟ ୧୯୪୪ ମସିହା
ତିରୋଧାନ: ପୌଷ ମାସ ଶୁକ୍ଳପକ୍ଷ ତୃତୀୟା, ୨୦୧୯
ବୋଉ, ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ- ଜୟନ୍ତ, ପ୍ରଶାନ୍ତ, ଝିଅ, ଜ୍ୱାଇଁ, ବୋହୂ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୩୦୦୧


# Classified Everyday

0674-2580101, 9692975378

## AFFIDAVIT

By virtue of an affidavit sworn before **Notary Public, Cuttack,** dated- **17.12.2025**, I, **Rajalakshmi Acharya**, aged about 64 years, resident of Village- Santarapur, P.O.- Kishorenagar, P.S.- Kishorenagar, Dist.- Cuttack, State- Odisha, PIN- 754131 declare that I have changed my surname from **'Nayak' to 'Acharya'**. Henceforth, I shall be known as **Rajalakshmi Acharya** for all purposes.
D-2999

By virtue of an affidavit sworn before **Notary Public, Cuttack,** dated- **06.12.2025**, I, **Susri Nibedita Acharya**, aged about 37 years, resident of Village- Oleipada, P.O.- Sardola, P.S.- Tirtol, Dist.- Jagatsinghpur, State- Odisha, PIN- 754136 declare that I have changed my surname from **'Nayak' & 'Grahacharya' to 'Acharya'**. Henceforth, I shall be known as **Susri Nibedita Acharya** for all purposes.
D-3000

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Notary Public, Baripada, dated- 20.12.2025, I, DEBENDRA KUMAR MOHANTA, Address: At/P.O.- Halda, P.S.- Rairangpur, Dist.- Mayurbhanj, PIN- 757045 declare that I have changed my name from DEBENDRA MOHANTA to DEBENDRA KUMAR MOHANTA. Henceforth, I shall be known as DEBENDRA KUMAR MOHANTA for all purposes.
Debendra Kumar Mohanta
D-2996

By virtue of an affidavit sworn before Executive Magistrate, Bhubaneswar, dated- 23.12.2025, I, BIJAYALAXMI BISWAL, Address: At- Qtr. No. 2RB- 37, Road- 5, Unit- 9, P.O.- Bhoinagar, Bhubaneswar- 751022, Dist.- Khurda declare that I have changed my name from Bijya Laxmi Biswal to BIJAYALAXMI BISWAL. Henceforth, I shall be known as BIJAYALAXMI BISWAL for all purposes.
Bijayalaxmi Biswal
D-2997

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

I, Bibekananda Dehury, S/o.- Rasananda Dehury, Village- Kankalanda, P.O.- Mahimagadi, P.S.- Gondia, District- Dhenkanal, Odisha- 759014 declare that I have changed my name from VIVEKANANDA DEHURI to BIBEKANANDA DEHURY & DOB from 13.01.2003 to 01.04.2002, before Executive Magistrate, Dhenkanal, dtd.- 31.12.2025.
Bibekananda Dehury
D-2995

By virtue of an affidavit before Notary Public, Jeypore, bearing No.- 222 on 17.01.2025, I, Smt. Daita Khemundu, W/o.- Late Khagapati Khemundu a resident of At- Konagaon, P.O.- Lamtaput, P.S.- Machhkund, Dist.- Koraput that I am the deponent of this affidavit my daughter Papul Khemundu actual name Papul Khemundu as per birth certificate No.- 3002/2018 and as per Aadhaar card No.- xxxx xxxx 6941, my daughter surname wrongly mentioned as Khara instead of as Khemundu in her Postal passbook a/c No.- 95141 and address wrongly mentioned At- Kenduguda, P.O./P.S.- Mathili, Dist.- Malkangiri. I do hereby declared that Papul Khara and Papul Khemundu are one and same person.
D-2998

## LEGAL NOTICE

Letter No. 4070, dated- 31.12.25

ରିଭିଜନ୍ ଅଦାଲତ ନମ୍ବର- ୪,
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୫୩୫/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀମତୀ ଉଷାରାଣୀ ପୃଷ୍ଟି .... ବାଦୀ
ବନାମ
ସଞ୍ଜୟ କୁମାର ସାହୁ ଏବଂ ଅନ୍ୟମାନେ ......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ୧. ସଞ୍ଜୟ କୁମାର ସାହୁ, ଏମ୍.ଡି, କୋଣାର୍କ ହାଉସିଂ ସୋସାଇଟି ଲିମିଟେଡ୍, ଏସ୍.ଡି.-୨. ଭି.ଏସ୍.ଏସ୍ ନଗର, ପୋଷ୍ଟ- ରସୁଲଗଡ଼, ଭୁବନେଶ୍ୱର, ୪. ଲକ୍ଷ୍ମୀଧର ଦାସ, ପିତା- ବୃନ୍ଦାବନ ଦାସ, କୁମରଅଜୟପୁର, ଜିଲ୍ଲା- କଟକ।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୨।୦୨।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା ନଂ.୨୫, ମୌଜା- ଗାଡ଼କଣ, ୟୁନିଟ- ୩୯ ସାବକ: ଖାତା ନମ୍ବର- ୬୦୬, ପ୍ଲଟ୍ ନମ୍ବର- ୧୧୧୯, କିସମ- ସାରଦ-୩, ରକବା- ମୋଟ ଏ.୦.୩୪ ଡେସିମିଲରୁ ଏ.୦.୦୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୪୦୭୦, ପ୍ଲଟ୍ ନମ୍ବର- ୩୮୮୯, କିସମ- ସାରଦ ଅଣଜଳସେଚିତ, ରକବା- ମୋଟ ଏ.୦.୧୪ ଡେସିମିଲରୁ ଏ.୦.୦୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୨୬.୧୨.୨୦୨୫ — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା/- କୋର୍ଟ ଅଫିସର
ଧ-୨୯୫୧


ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Letter No.- 4062, dtd.- 30.12.25

ମାନ୍ୟବର ଅତିରିକ୍ତ ଆୟୁକ୍ତ ରିଭିଜନ ଅଦାଲତ ନଂ.- ୪, ଭୁବନେଶ୍ୱର,
ଶ୍ରୀ ପି.କେ. ନାୟକ (ଭା.ପ୍ର.ସେ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ,
ୟୁନିଟ୍ ନଂ.- ୫, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ.ଏସ. ମୋକଦ୍ଦମା ନମ୍ବର-୧୪୦୦/୨୦୧୫

ଶ୍ରୀ ମନୋଜ କୁମାର ଘୋଷାଲ .........ବାଦୀ
ବନାମ
ଦେବରାଜ ସାହୁ ଏବଂ ଅନ୍ୟମାନେ ..........ପ୍ରତିବାଦୀମାନେ

ଇସ୍ତାହାର ମାଧ୍ୟମରେ ସୂଚନା ଆଦେଶ ୫ ଏବଂ ନିୟମ ୨୦ ଅଧିନିୟମ (୧- କ)
ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା-
୧) ପ୍ରତିବାଦୀ ନଂ.- ୧(ଏ), ଶ୍ରୀ ଅମର କୁମାର ସାହୁ, ପିତା- ସ୍ୱର୍ଗତ ଦେବାରାଜ ସାହୁ, ୨) ପ୍ରତିବାଦୀ ନଂ.-୨, ସୁରେନ୍ଦ୍ର ନାଥ ସାହୁ, ପିତା- ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହୁ, ୩) ପ୍ରତିବାଦୀ ନଂ ୩, ନରେନ୍ଦ୍ର ନାଥ ସାହୁ, ପିତା- ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହୁ, ଉପରଲିଖିତ ସମସ୍ତ ପ୍ରତିବାଦୀଙ୍କ ଠିକଣା ଗ୍ରାମ/ପୋ- ବରମୁଣ୍ଡା, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ଉପରଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ ନିମନ୍ତେ ମାନ୍ୟବର ଆୟୁକ୍ତ ରିଭିଜନ ଅଦାଲତ ନଂ.-୪ଙ୍କ ଅଦାଲତରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରତିବାଦୀ ନଂ.- ୨ଙ୍କର ମୃତ୍ୟୁ ହୋଇଯାଇଥିବାରୁ ଫେରସ୍ତ ଆସିଅଛି, ସେହିପରି ପ୍ରତିବାଦୀ ନଂ-୧ (ଏ) ଏବଂ ୩ ବିଭିନ୍ନ କାରଣ ଦର୍ଶାଇ ନୋଟିସ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଆୟୁକ୍ତ ରିଭିଜନ ଅଦାଲତ ନଂ.- ୪ଙ୍କ ଅଦାଲତରେ, ୟୁନିଟ୍- ୫, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୦୯।୦୨।୨୦୨୬ ରିଖ ଦିବା ୧୧.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ନିଉ କ୍ୟାପିଟାଲ, ମୌଜା- ଶିରିପୁର ସାବକ: ଖାତା ନମ୍ବର- ୧୧୭, ପ୍ଲଟ୍ ନମ୍ବର- ୪୯୬, କିସମ- ଶାରଦ-୨, ରକବା- ଏ୦.୪୬୦ଡି. ସ୍ୱଧରୁ ଏ୦.୦୩୦ଡି., ସ୍ୱତ୍ୱ- ସ୍ଥିତିବାନ୍।
ହାଲ୍
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ନିଉ କ୍ୟାପିଟାଲ, ମୌଜା-ଭୁବନେଶ୍ୱର ସହର, ୟୁନିଟ୍- ୨୦ ଜାଗମରା ଖାତା ନମ୍ବର- ୬୬୮, ପ୍ଲଟ୍ ନମ୍ବର- ୧୨୩୨, କିସମ- ଶାରଦ- ୧, ରକବା- ଏ୦.୦୯୦ଡି. ସ୍ୱଧରୁ ଏ୦.୦୩୦ଡି., ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ୨୯।୧୨।୨୦୨୫ — ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା/- କୋର୍ଟ ଅଫିସର
ଧ-୨୯୯୪

# ବିଦାୟୀ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଅବସରରେ ମନୋଜ ଆହୁଜାଙ୍କ ସହ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର କର୍ମଚାରୀମାନେ।

ଭୁବନେଶ୍ୱର,୩୧।୧୨(ସୁଚିସ୍ମିତା ସାହୁ)

ବିଦାୟୀ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବିଭାଗ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ବିଦାୟୀ ମୁଖ୍ୟ ଶାସନ ସଚିବ ଆହୁଜାଙ୍କ କାର୍ଯ୍ୟଶୈଳୀ, ପ୍ରଶାସନିକ ଦକ୍ଷତା, ବ୍ୟକ୍ତିତ୍ୱ ଓ ମାନବୀୟ ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ ଅବସରକାଳୀନ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି। ଏହି ଅବସରରେ ଆହୁଜା ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତାଙ୍କର କାର୍ଯ୍ୟକାଳ ସମୟରେ ସହଯୋଗ ପାଇଁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାରୁ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ନିଜକୁ ସୁସ୍ଥ ଓ ସକ୍ଷମ ରଖିବା ସହିତ ସରକାରୀ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ସାମ୍ବାଦିକଙ୍କୁ ନବୀକରଣ ଅଧିସ୍ୱୀକୃତି ପତ୍ର ପ୍ରଦାନ

ଭୁବନେଶ୍ୱର,୩୧।୧୨(ସୁଚିସ୍ମିତା ସାହୁ)

ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ସାମ୍ବାଦିକଙ୍କୁ ୨୦୨୬ ବର୍ଷ ପାଇଁ ସେମାନଙ୍କର ନବୀକରଣ ଅଧିସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ବୁଧବାର ବିଭାଗୀୟ କାର୍ଯ୍ୟାଳୟରେ ସମ୍ପୃକ୍ତ ସାମ୍ବାଦିକଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି। ଏହି ଅବସରରେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଭାଗବତ ତ୍ରିପାଠୀ, ଗୁରୁ କଲ୍ୟାଣ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର ପ୍ରମୁଖ ସେମାନଙ୍କ ନବୀକରଣ ଅଧିସ୍ୱୀକୃତ ପତ୍ର ଗ୍ରହଣ କରିଛନ୍ତି।

ଗତବର୍ଷ ୧୯୩ଜଣ ଜିଲା ଓ ରାଜ୍ୟସ୍ତରୀୟ ସାମ୍ବାଦିକ ସେମାନଙ୍କ ଅଧିସ୍ୱୀକୃତ ପତ୍ର ନବୀକରଣ କରିଥିଲେ। ୨୦୨୬ ବର୍ଷ ପାଇଁ ଏହାକୁ ନବୀକରଣ କରିବା ପାଇଁ ସମ୍ପୃକ୍ତ ସାମ୍ବାଦିକଙ୍କଠାରୁ ସବିଶେଷ ବିବରଣୀ ସହ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏହି ମର୍ମରେ ସାମ୍ବାଦିକମାନେ ସେମାନେ କାର୍ଯ୍ୟ କରୁଥିବା ଗଣମାଧ୍ୟମ ସଂସ୍ଥାର ସମ୍ପାଦକ କିମ୍ବା ମୁଖ୍ୟ ପରିଚାଳକଙ୍କଠାରୁ ସୁପାରିଶ ପତ୍ର, ପୂର୍ବରୁ ପାଇଥିବା ଅଧିସ୍ୱୀକୃତି ପତ୍ରର ନକଲ ସଂଲଗ୍ନ କରି ସୂଚନା ଓ ଲୋକସମ୍ପର୍କ ବିଭାଗରେ ଦରଖାସ୍ତ ଦାଖଲ କରିଥିଲେ। ଅଧିସ୍ୱୀକୃତ ଫ୍ରିଲାନ୍ସ ଜର୍ନାଲିଷ୍ଟଙ୍କୁ ଦରଖାସ୍ତ ସହିତ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ସେମାନଙ୍କ ଲେଖାର ଅବିକଳ ନକଲ ଓ ସାମ୍ବାଦିକ କାର୍ଯ୍ୟକଳାପରୁ ହୋଇଥିବା ଆୟର ପ୍ରମାଣପତ୍ର ଦାଖଲ କରିବାକୁ ବିଭାଗ ପକ୍ଷରୁ ଜାରି ପତ୍ରରେ ଉଲ୍ଲେଖ ରହିଥିଲା।



ନବୀକୃତ ଅଧିସ୍ୱୀକୃତି ପତ୍ର ଗ୍ରହଣ କରିବା ଅବସରରେ ବରିଷ୍ଠ ସାମ୍ବାଦିକମାନେ।

# ଅରବିନ୍ଦ, ସୁଶୀଲଙ୍କୁ ଏସିଏସ୍ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୩୧।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଡ. ଅରବିନ୍ଦ କୁମାର ପାଢ଼ୀଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୧୯୯୬ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅରବିନ୍ଦ ଏବଂ ୧୯୯୫ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ସୁଶୀଲ କୁମାର ଲୋହାନୀଙ୍କୁ ଆପେକ୍ସ ଗ୍ରେଡ୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଅରବିନ୍ଦ ଏବେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟନିର୍ବାହ କରୁଥିବାବେଳେ ସୁଶୀଲ କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି। ସେହିପରି ସାଧାରଣ ପ୍ରଶାସନ ବିଭାଗର ଅନ୍ୟ ଏକ ବିଜ୍ଞପ୍ତି ଅନୁଯାୟୀ, ୨୦୦୧ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ତଥା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ଆର୍. ସନ୍ଥ ଗୋପାଳନଙ୍କୁ ପ୍ରମୁଖ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏହାସହିତ କେନ୍ଦ୍ରୀୟ ଡେପୁଟେଶନରେ ଥିବା ୨୦୦୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶାଳିନୀ ପଣ୍ଡିତ ଏବଂ ଡୋଡା ଭେଙ୍କଟସ୍ୱାମୀଙ୍କୁ ମଧ୍ୟ ପ୍ରମୁଖ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

### ସନ୍ଥ, ଶାଳିନୀ ଏବଂ ଡୋଡାଙ୍କୁ ପ୍ରମୁଖ ସଚିବ ପାହ୍ୟା

# ବିଦ୍ୟୁତ୍ ଆଘାତରେ ବୃଦ୍ଧ ମୃତ

**ବଡ଼ଚଣା,୩୧।୧୨(ଦିଲୀପ କୁମାର ମହାନ୍ତି):** ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଧାଳ ଗାଁର ଜଣେ ବୃଦ୍ଧଙ୍କ ବୁଧବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ଦେବେନ୍ଦ୍ର ବାରିକ(୬୦)। ସକାଳେ ସେ ନିଜ ଘରେ ଥିବା ସୁଇଚ୍‌ବୋର୍ଡରେ ହାତମାରି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦର୍ପଣ ତହସିଲଦାର ମାନସ ତ୍ରିପାଠୀ ତାଙ୍କ ଘରେ ପହଞ୍ଚି ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ସାହାୟତ ପ୍ରଦାନ କରିଥିଲେ। ବିଧାୟକ ଅମର ନାୟକ ମୃତକଙ୍କ ପରିବାର ସହ ଯୋଗାଯୋଗ କରି ଆବଶ୍ୟକ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।


































ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧/୨୦୨୬ Bhubaneswar, Thursday, January 1/ 2026



ଇଣ୍ଡୋନେସିଆର ବାଲିସ୍ଥିତ ଡେନ୍‌ପାସାରରେ ନବବର୍ଷ ଅବ୍ୟବହିତ ପୂର୍ବରୁ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ନାଶିକ୍‌-ସୋଲାପୁର-ଅକ୍କାଲକୋଟ ଏନ୍‌ଏଚ୍‌ ପାଇଁ ୧୯,୧୪୨ କୋଟି




କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। (ଫଟୋ-ଚମନ ଗୌତମ)

## ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

ନୂଆଦିଲ୍ଲୀ,୩୧।୧୨

କେନ୍ଦ୍ର କ୍ୟାବିନେଟ୍ ବୁଧବାର ମହାରାଷ୍ଟ୍ରର ନାଶିକ୍-ସୋଲାପୁର-ଅକଲାକୋର୍ଟ ଜାତୀୟ ରାଜପଥକୁ ମଞ୍ଜୁରୀ ପ୍ରଦାନ କରିଛି। ଏହା ୬ ଲେନ୍ ବିଶିଷ୍ଟ ରାସ୍ତା ହେବାକୁ ଯାଉଛି। ଏହି କରିଡରରେ ୧,୯୧୪୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ରେଳ, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଟୋଲ୍ ମୋଡ୍‌ରେ ନିର୍ମାଣ ହେବାକୁ ଥିବା ୩୭୪ କି.ମି. ସଡ଼କ ପାଇଁ ୧୯,୧୪୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ ନାଶିକ୍, ଅହିଲ୍ୟାନଗର, ସୋଲାପୁର ଭଳି ସହରଗୁଡ଼ିକୁ କୁର୍ନୋଲ ସହ ଯୋଡ଼ିବ।

# ଚଳନ୍ତା କାର୍‌ରେ ଗଣବଳାତ୍କାର

ଫରିଦାବାଦ,୩୧।୧୨

ରାତିରେ ରାସ୍ତାକଡ଼ରେ ଟ୍ୟାକ୍ସିକୁ ଅପେକ୍ଷା କରିଥିଲେ ଜଣେ ମହିଳା। ଦୁଇଜଣ ବ୍ୟକ୍ତି ଏକ କାର୍‌ରେ ଆସି ମହିଳାଙ୍କୁ ତାଙ୍କ ଗନ୍ତବ୍ୟସ୍ଥଳରେ ଛାଡ଼ିଦେବେ ବୋଲି କହିଥିଲେ। ଦୁହେଁ ତାଙ୍କୁ କାର୍‌ରେ ବସାଇ ବଳାତ୍କାର କରିଥିଲେ। ଏତିକିରେ ସରି ନ ଥିଲା ସେମାନଙ୍କ ବର୍ବରତା। କାର୍‌ଟି ଘଣ୍ଟା ପ୍ରତି ୯୦ କି.ମି. ବେଗରେ ଗତି କରୁଥିବାବେଳେ ଭୋର ୩ଟାରେ ସେମାନେ ମହିଳାଙ୍କୁ ରାସ୍ତା ଉପରେ ଫିଙ୍ଗି ଦେଇଥିଲେ। ହରିୟାଣାର ଫରିଦାବାଦରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫରିଦାବାଦ ପୋଲିସ ଦ୍ୱାରା ସଂଗୃହୀତ ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ, ୨୮ ବର୍ଷୀୟା ବିବାହିତା ମହିଳା ଜଣକ ରାତି ପର୍ଯ୍ୟନ୍ତ ଘରକୁ ଫେରିପାରି ନ ଥିଲେ। ତାଙ୍କୁ ଏକୁଟିଆ ଦେଖି ଦ୍ରୁତଗତିରେ ମାଡ଼ିଆସିଥିଲା ଏକ କାର୍। ଉକ୍ତ କାର୍‌ରୁ ୨ ଜଣ ଯୁବକ



ପ୍ରତୀକାତ୍ମକ ଚିତ୍ର

### ପୀଡ଼ିତାଙ୍କୁ ରାସ୍ତାରେ ଫିଙ୍ଗିଦେଲେ ୨ ଅଭିଯୁକ୍ତ

ବାହାରି ମହିଳାଙ୍କୁ ତାଙ୍କ ଘରେ ଛାଡ଼ିଦେବେ ବୋଲି କହିଥିଲେ। ସେମାନେ ତାଙ୍କୁ ଘରେ ଛାଡ଼ିବା ପରିବର୍ତ୍ତେ ଗୁରୁଗ୍ରାମ ଆଡ଼କୁ ନେଇ ଯାଇଥିଲେ। ଚଳନ୍ତା କାର୍‌ରେ ଦୁହେଁ ତାଙ୍କୁ ଅଢ଼େଇ ଘଣ୍ଟା ଧରି ବଳାତ୍କାର କରିଥିଲେ। ଭୋର ପ୍ରାୟ ୩ଟାରେ ପୁଣି ଫରିଦାବାଦର ରାଜା ଛକକୁ ଫେରି ମହିଳାଙ୍କୁ ରାସ୍ତା ଉପରକୁ ଠେଲିଦେଇଥିଲେ। ରକ୍ତ ଜୁବୁବୁବୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ହସ୍ପିଟାଲକୁ ନେଇଥିଲେ। ପୀଡ଼ିତାଙ୍କ ମୁହଁରେ ୧୦-୧୨ଟି ଷ୍ଟିଚ୍ ପଡ଼ିଛି। ମହିଳାଙ୍କ ଭଉଣୀ କହିଛନ୍ତି, ସେ ସୋମବାର ରାତି ୮ଟା ୩୦ରେ ତାଙ୍କୁ ଫୋନ୍ କରିଥିଲେ। ମା'ଙ୍କ ସହ କୌଣସି କଥାକୁ ନେଇ ଯୁକ୍ତିତର୍କ ହେବାରୁ ସେ ସେକ୍ଟର ୨୩ରେ ରହୁଥିବା ନିଜ ସାଙ୍ଗ ଘରକୁ ଯାଉଛନ୍ତି ଏବଂ ୩ ଘଣ୍ଟା ପରେ ଘରକୁ ଫେରିବେ ବୋଲି ଜଣାଇଥିଲେ। ଘଟଣା ପରେ ପୀଡ଼ିତା ପୁଣି ନିଜ ଭଉଣୀକୁ ଫୋନ୍ କଲ୍ କରି ସବୁକଥା ଜଣାଇଥିଲେ। ଭଉଣୀ ସେଠାରେ ପହଞ୍ଚି ବାଦ୍‌ଶାହ ଖାନ୍ ସିଭିଲ୍ ହସ୍ପିଟାଲକୁ ନେଇଥିଲେ।

ମହିଳା ଜଣକ ବିବାହିତା, ତାଙ୍କର ୩ ପିଲା ଅଛନ୍ତି। ଘରୋଇ ବିବାଦଯୋଗୁ ସେ ସ୍ୱାମୀଙ୍କଠାରୁ ଅଲଗା ରହୁଛନ୍ତି। ଇତିମଧ୍ୟରେ ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜଣେ ଅଭିଯୁକ୍ତ ଉତ୍ତର ପ୍ରଦେଶର ହୋଇଥିବାବେଳେ ଅନ୍ୟ ଜଣକ ମଧ୍ୟପ୍ରଦେଶ ବାସିନ୍ଦା। ଉଭୟେ ପୀଡ଼ିତାଙ୍କୁ ପୂର୍ବରୁ ଜାଣିଥିଲେ। ପୋଲିସ ତାଙ୍କ ବୟାନ ରେକର୍ଡ କରିନାହିଁ। ଟିଆଇ ପରେଡ୍ ପରେ ସେମାନଙ୍କ ପରିଚୟ ପ୍ରଘଟ କରାଯିବ ବୋଲି ପୋଲିସ କହିଛି। ସେମାନଙ୍କ କାର୍‌କୁ ମଧ୍ୟ ଜବତ କରାଯାଇଛି।

## କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟରେ ପିଆଇଏଲ୍

### ଉତ୍ତରପୂର୍ବାଞ୍ଚଳ ଲୋକଙ୍କ ପ୍ରତି ଜାତିଆଣ ହିଂସା



ନୂଆଦିଲ୍ଲୀ,୩୧।୧୨(ପି.ଟି.)

ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଏବଂ ଅନ୍ୟାନ୍ୟ ସୀମାନ୍ତ ଅଞ୍ଚଳର ନାଗରିକମାନଙ୍କ ପ୍ରତି ହେଉଥିବା ଜାତିଆଣ ଭେଦଭାବ ଏବଂ ହିଂସାକୁ ରୋକିବାରେ ସାମ୍ବିଧାନିକ ବିଫଳତା ଲାଗିରହିଛି। ଏହାର ସମାଧାନ ଦିଗରେ ନ୍ୟାୟିକ ହସ୍ତକ୍ଷେପ ପାଇଁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଗତ ୨୭ ତାରିଖରେ ତ୍ରିପୁରାର ଏମ୍‌ବିଏ ଛାତ୍ର ଆଞ୍ଜେଲ୍ ଚକ୍‌ମାଙ୍କୁ ଡେରାଡୁନ୍‌ରେ ବୀଭତ୍ସ ହତ୍ୟା ଘଟଣା ପରିପ୍ରେକ୍ଷୀରେ ୨୮ ତାରିଖରେ ଏହି ପିଆଇଏଲ୍ ଦାଏର ହୋଇଛି।

ତ୍ରିପୁରା ଉନାକୋଟି ଜିଲା ମାଚମାରା ଗ୍ରାମର ଆଞ୍ଜେଲ ଅଗରତାଲାର ହୋଲି କ୍ରସ୍ ସ୍କୁଲରୁ ସ୍ନାତକ ଶେଷ କରି ଏମ୍‌ବିଏ କରିବା ପାଇଁ ଡେରାଡୁନ୍ ଯାଇଥିବାବେଳେ ସାନଭାଇ ସମ୍ମୁଖରେ ତାଙ୍କୁ ଛୁରିଭୁସି ହତ୍ୟା କରାଯାଇଥିଲା। ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ଆଞ୍ଜେଲଙ୍କ ପରିବାର ଲୋକେ ଦାବି କରିଛନ୍ତି। ଦିଲ୍ଲୀର ଆଇନଜୀବୀ ଅନୁପ ପ୍ରକାଶ ଅୱସ୍ଥି ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିବାବେଳେ ଏଥିରେ କେନ୍ଦ୍ର, ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷ କରିଛନ୍ତି।

## ନିମେସୁଲାଇଡ୍ ପେନ୍‌କିଲର ବ୍ୟାନ୍

ନୂଆଦିଲ୍ଲୀ,୩୧।୧୨

ନିମେସୁଲାଇଡ୍ ପେନ୍‌କିଲର୍‌ର ଉତ୍ପାଦନ, ବିକ୍ରି ଓ ବିତରଣକୁ କନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଯନ୍ତ୍ରଣାରୁ ତତ୍କାଳ ମୁକ୍ତି ପାଇଁ ସେବନ କରାଯାଉଥିବା ନିମେସୁଲାଇଡ୍ ପେନ୍‌କିଲରରେ ୧୦୦ରୁ ଅଧିକ ଏମ୍‌ଜି ଫର୍ମୁଲେଶନ୍ ରହୁଛି, ଯାହାକି ମଣିଷ ସ୍ୱାସ୍ଥ୍ୟ ଲାଗି ହାନିକାରକ ବୋଲି ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହାର ବିକଳ୍ପ ଔଷଧ ବଜାରରେ ଉପଲବ୍ଧ ଥିବାରୁ ତାକୁ କିଣି ସେବନ କରିବା ପାଇଁ ଏଥିରେ ପରାମର୍ଶ ଦିଆଯାଇଛି। ୧୯୪୦ରେ ପ୍ରଣୀତ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆଇନର ଧାରା ୨୬ଏ ଅନୁସାରେ ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡ ସହ ଆଲୋଚନା ପରେ ଏହି ବ୍ୟାନ୍ ତତ୍କାଳ ଲାଗୁ ହୋଇଥିବା ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଗୁଣି ସନ୍ଦେହ: ଦମ୍ପତିଙ୍କୁ ଜାଳିଦେଲେ

ଗୁଆହାଟୀ,୩୧।୧୨

ଆସାମରେ ଏକ ଦମ୍ପତିଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରେ ଉଭୟଙ୍କୁ ଘରେ ନିଆଁ ଲଗାଇ ଜୀବନ୍ତ ଜାଳିଦେଇଥିବା ଅଭିଯୋଗ ହୋଇଛି। କରବି ଆଙ୍ଗଲୋଙ୍ଗସ୍ଥିତ ହାୱ୍‌ଡ଼ାଘାଟ ଅଞ୍ଚଳର ବେଲୋଗୁରି ମୁଣ୍ଡା ଗ୍ରାମରେ ମଙ୍ଗଳବାର ଘଟିଛି ଏହି ଅଭାବନୀୟ ଘଟଣା। ମୃତକ ଦ୍ୱୟ ହେଲେ ଗର୍ଦ୍ଧି ବିରୋୱା (୪୩) ଓ ତାଙ୍କ ସ୍ତ୍ରୀ ମୀରା ବିରୋୱା। ପୋଲିସ ସବୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆସାମରେ ଗତ ୧୦ ବର୍ଷ ମଧ୍ୟରେ ଗୁଣି ସନ୍ଦେହରେ ଶତାଧିକ ଲୋକଙ୍କୁ ହତ୍ୟା କରାଯାଇଥିଲା। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ୨୦୧୫ରେ ନୂଆ ଆଇନ ଆଣିଥିଲେ।

# ଭାରତ ୪ର୍ଥ ବୃହତ୍ ଅର୍ଥନୀତି

ନୂଆଦିଲ୍ଲୀ,୩୧।୧୨

ଜାପାନକୁ ଟପି ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିର ପରିଚୟ ହାସଲ କରିଛି। ଏହାର ଅର୍ଥନୀତି ୪.୧୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିବାବେଳେ ୨୦୩୦ ସୁଦ୍ଧା ଜର୍ମାନୀକୁ ଟପି ତୃତୀୟ ବୃହତ୍ ଅର୍ଥନୀତି ହେବାର ଲକ୍ଷ୍ୟ ରଖିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିକାରୀ ଅର୍ଥନୀତି ରହିଆସିଛି। ୨୦୨୫-୨୬ ବର୍ଷର ପ୍ରଥମ ତ୍ରୈମାସିକରେ ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୮ ପ୍ରତିଶତ ଥିବାବେଳେ ଦ୍ୱିତୀୟ ତ୍ରୈମାସିକରେ ୮.୨ ପ୍ରତିଶତ ହୋଇଛି। ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭.୪% ଥିଲା। ଆଗାମୀ ୨.୫ରୁ ୩ ବର୍ଷ ମଧ୍ୟରେ ଭାରତ ଜର୍ମାନୀକୁ ଟପି ତୃତୀୟ ଅର୍ଥନୀତି ହେବା ସହ ୨୦୩୦ ସୁଦ୍ଧା ୭.୩ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ପୂର୍ବାନୁମାନ କରାଯାଇଛି। ଆମେରିକା ବିଶ୍ୱର ସର୍ବବୃହତ୍ ଅର୍ଥନୀତି ଥିବାବେଳେ ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ପୂର୍ବାନୁମାନ ଅନୁଯାୟୀ ୨୦୨୬ରେ ଭାରତର ଅର୍ଥନୀତି ୪.୫୧ ଟ୍ରିଲିୟନ ଡଲାର ହେବାକୁ ଥିବାବେଳେ ଜାପାନର ଅର୍ଥନୀତି ୪.୪୬ ଟ୍ରିଲିୟନ ଡଲାର ରହିବ। ୨୦୨୬ରେ ଭାରତର ଅଭିବୃଦ୍ଧି ୬.୫% ରହିବ ବୋଲି ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିଥିବାବେଳେ ୬.୪% ରହିବା ନେଇ ମୁଡିସ୍ ଆଶାବ୍ୟକ୍ତ କରିଛି।

### ଫୁର୍‌ସତ୍

# କନ୍ୟା ନୁହନ୍ତି, ବର ଯାଆନ୍ତି ଶାଶୁଘର

ଭାରତରେ ଜାତି, ଧର୍ମ, ବର୍ଣ୍ଣ ସମେତ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପରମ୍ପରା ରହିଛି। ଏହି ଅନନ୍ୟ ପରମ୍ପରା ଭାରତକୁ ଅନ୍ୟ ଦେଶଠାରୁ ସ୍ୱତନ୍ତ୍ର କରେ। ଭାରତରେ ବିଭିନ୍ନ ସଂସ୍କୃତିର ଲୋକମାନେ ରୁହନ୍ତି। ସେମାନଙ୍କର ପୋଷାକ, ଖାଦ୍ୟପେୟ ଏବଂ ବିଶ୍ୱାସ ମଧ୍ୟ ଭିନ୍ନ। ଆଜି ଏମିତି ଏକ ଜନଜାତି ବିଷୟରେ କହିବୁ ଯେଉଁଠାରେ ବିବାହ ପରେ କନ୍ୟା ବର ଘରକୁ ଯାଏ ନାହିଁ; ବରଂ ବର କନ୍ୟା ସହିତ ରହିବାକୁ ଆସିଥାନ୍ତି। ଏହି ପ୍ରଥା ମେଘାଳୟର ଖାସି ଜନଜାତି ଅନୁସରଣ କରନ୍ତି। ଏହା ଏକ ମାତୃକୈନ୍ଦ୍ରିକ ସମାଜ, ଯେଉଁଠାରେ ବଂଶ ମା'ଙ୍କ ନାମରେ ଉତ୍ତରାଧିକାରୀ ଭାବରେ ପ୍ରାପ୍ତ ହୁଏ। ଏହି ସମ୍ପ୍ରଦାୟରେ ମହିଳାମାନଙ୍କର ସେମାନଙ୍କ ମାତାପିତାଙ୍କ ସମ୍ପତ୍ତି ଉପରେ ପ୍ରାଥମିକ ଅଧିକାର ଅଛି। ପୁଅ ଏବଂ ଝିଅ ଉଭୟଙ୍କୁ ସେମାନଙ୍କର ଜୀବନସାଥୀ ବାଛିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଖାସି ସମ୍ପ୍ରଦାୟରେ କୌଣସି



ଯୌତୁକ ପ୍ରଥା ନାହିଁ, ଯାହା ଏହି ସମ୍ପ୍ରଦାୟର ଏକ ଅନନ୍ୟ ବୈଶିଷ୍ଟ୍ୟ। ମହିଳାମାନେ ନିଜ ଇଚ୍ଛାରେ ଯେକୌଣସି ସମୟରେ ସେମାନଙ୍କର ବିବାହ ଭାଙ୍ଗି ପାରିବେ। ସାନ ଝିଅ ସବୁଠାରୁ ବଡ଼ ଦାୟିତ୍ୱ ବହନ କରେ ଏବଂ ଘରର ସମ୍ପତ୍ତିର ମାଲିକାଣୀ।

ଖାସି ଲୋକଙ୍କ ସଂଖ୍ୟା ପ୍ରାୟ ୯୦୦୦୦୦। ସେମାନଙ୍କ ମଧ୍ୟରୁ ଅଧିକାଂଶ ମେଘାଳୟରେ ରୁହନ୍ତି, ଏବଂ ଆସାମ, ମଣିପୁର ଏବଂ ପଶ୍ଚିମବଙ୍ଗରେ ମଧ୍ୟ ଏକ କମ୍ ଜନସଂଖ୍ୟା ବାସ କରନ୍ତି। ଏହି ସମ୍ପ୍ରଦାୟ ସ୍ଥାପିତ ଚାଷ ମାଧ୍ୟମରେ ନିଜର ଜୀବିକା ଅର୍ଜନ କରନ୍ତି। ସେମାନଙ୍କର ସଙ୍ଗୀତ ସହିତ ଏକ ଦୃଢ଼ ସମ୍ପର୍କ ଅଛି। ସେମାନେ ଗୀଟାର, ବଂଶୀ ଏବଂ ଡ୍ରମ ଭଳି ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇଥାନ୍ତି। ଏହି ଲୋକମାନେ ମୂଳତଃ ମ୍ୟାନ୍‌ମାରରେ ରହୁଥିଲେ। ତା'ପରେ ସେମାନେ ସେଠାରୁ ସ୍ଥାନାନ୍ତରିତ ହୋଇ ଭାରତର ପୂର୍ବ ଆସାମରେ ବସତି ସ୍ଥାପନ କଲେ। ଧିରେ ଧିରେ ସେମାନଙ୍କର ଜନସଂଖ୍ୟା ମେଘାଳୟରେ ବସତି ସ୍ଥାପନ କରିବାକୁ ଲାଗିଲା। ଏହି ଜନଜାତିର ଭାଷା ହେଉଛି ଖାସି। ଖାସି ଜନଜାତି ବ୍ୟତୀତ, ମେଘାଳୟର ଅନ୍ୟ ଦୁଇଟି ଜନଜାତି (ଗାରୋ ଏବଂ ଜୈନ୍ତିଆ) ମଧ୍ୟ ସମାନ ପ୍ରଥା ପାଳନ କରନ୍ତି। ଏହି ଦୁଇଟି ଜନଜାତି ମଧ୍ୟ ସମାନ ପ୍ରଥା ପାଳନ କରନ୍ତି। ବିବାହ ପରେ ବର ତାଙ୍କ ଶାଶୁଘରକୁ ଚାଲିଯାଆନ୍ତି। ସାଧାରଣତଃ, ଭାରତରେ, ପୁଅ ଜନ୍ମକୁ ଅଧିକ ଆନନ୍ଦରେ ପାଳନ କରାଯାଏ, ଯେତେବେଳେ ଖାସି ଜନଜାତିରେ, ଝିଅ ଜନ୍ମକୁ ଅଧିକ ଆନନ୍ଦରେ ପାଳନ କରାଯାଏ।



# ଆକ୍ସନରେ ନୟନତାରା

ମୁମ୍ବାଇ

ପ୍ରଶଂସକମାନେ ୟଶଙ୍କ ଫିଲ୍ମ 'ଟକ୍ସିକ'ର ମୁକ୍ତିଲାଭ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ନୂଆବର୍ଷ ପୂର୍ବରୁ ପ୍ରଶଂସକଙ୍କୁ ବଡ଼ ଉପହାର ଦେଇଛନ୍ତି ଏହି ଫିଲ୍ମର ନିର୍ମାତା। ଫିଲ୍ମରେ ନୟନତାରାଙ୍କ ପ୍ରଥମ ଲୁକ ରିଲିଜ ହୋଇଛି। ନୟନତାରାଙ୍କ ପୋଷ୍ଟର ସୋସିଆଲ ମିଡିଆରେ ଚର୍ଚ୍ଚା ସୃଷ୍ଟି କରିଛି। ଅଭିନେତ୍ରୀ ନିଜର ଶକ୍ତିଶାଳୀମ ଲୁକ ସହିତ ଅନେକଙ୍କୁ ପ୍ରଭାବିତ କରିଛନ୍ତି। ପୋଷ୍ଟରରେ ନୟନତାରାଙ୍କ ଏକ ଶକ୍ତିଶାଳୀ ଅବତାରରେ ନଜର ଆସିଛନ୍ତି। ପୂର୍ବରୁ, ୟଶ, କିୟାରା ଆଡଭାନୀ ଏବଂ ହୁମା କୁରେଶୀଙ୍କ ପ୍ରଥମ ଲୁକ ମଧ୍ୟ ରିଲିଜ ହୋଇଛି। ନୟନତାରା ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ 'ଟକ୍ସିକ'ର ତାଙ୍କର ପ୍ରଥମ ଲୁକ ଶେୟାର କରିଛନ୍ତି, ଏଥିରେ ସେ ଏକ ଶକ୍ତିଶାଳୀ ପୋଜ୍‌ରେ ଦେଖାଯାଇଛନ୍ତି। ସେ ଏକ କଳା ପୋଷାକ ପିନ୍ଧି ବନ୍ଧୁକ ଧରିଛନ୍ତି। ଫିଲ୍ମରେ ନୟନତାରାଙ୍କ ଚରିତ୍ରର ନାମ ଗଙ୍ଗା। ପୋଷ୍ଟରରୁ ସୂଚିତ ହୋଇଛି ଯେ, ନୟନତାରା ଫିଲ୍ମରେ କିଛି ଆକ୍ସନ ଦୃଶ୍ୟ ମଧ୍ୟ ପ୍ରଦର୍ଶନ କରିବେ।

ହୁମା କୁରେଶୀ, ୟଶ ଏବଂ କିୟାରା ଆଡଭାନୀଙ୍କ ଅଭିନୀତ 'ଟକ୍ସିକ: ଏ ଫେଇରୀ ଟେଲ ଫର୍ ଗ୍ରୋନ-ଅପ୍ସ'ରେ ଏଲିଜାବେଥଙ୍କ ଭୂମିକାକୁ ଜୀବନ୍ତ କରିବାକୁ ପ୍ରସ୍ତୁତ। ଚଳଚ୍ଚିତ୍ର ନିର୍ମାତାମାନେ ନିକଟରେ ଏଲିଜାବେଥ ଭୂମିକାରେ ହୁମାଙ୍କ ଏକ ପୋଷ୍ଟର ରିଲିଜ କରିଛନ୍ତି। 'ଟକ୍ସିକ' ୧୯ ମାର୍ଚ୍ଚ, ୨୦୨୬ରେ ସିନେମା ହଲରେ ମୁକ୍ତିଲାଭ କରିବ। ୟଶ ଏବଂ ରଣବୀର ସିଂଙ୍କ ମଧ୍ୟରେ ଏକ କଡ଼ା ବକ୍ସ ଅଫିସ ପ୍ରତିଯୋଗିତା ହେବ। କାରଣ ରଣବୀରଙ୍କ ଆକ୍ସନ ଡ୍ରାମା ଫିଲ୍ମ ଧୁରନ୍ଧର ୨ ମଧ୍ୟ ସେହି ଦିନ ମୁକ୍ତିଲାଭ କରୁଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ